# ଧରିତ୍ରୀ DHARITRI

ବ୍ରହ୍ମପୁର, ଶୁକ୍ରବାର, ସେପ୍ଟେମ୍ବର ୨୦/୨୦୧୯ (୨୦ ପୃଷ୍ଠା) | Berhampur, Friday, September 20/2019 | ★★★

୧୫ଶ ଭାଗ ୨୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ଆଈ ହେଲେ ରବିନା**

ବଲିଉଡ୍ ଅଭିନେତ୍ରୀ ରବିନା ଟଣ୍ଡନ ଏବେ ଆଈ ହୋଇଛନ୍ତି। ତାଙ୍କ ପାଳିତ କନ୍ୟା ଛାୟା ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି।

୧୪

୧୮

**ବଜରଙ୍ଗଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା**

ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପରାଜୟ ସତ୍ତ୍ୱେ ଭାରତର ବଜରଙ୍ଗ ପୁନିଆ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।



### ଭାରତୀୟ ଅର୍ଥନୀତିର ମାନ୍ଦାବସ୍ଥାକୁ ନେଇ କ୍ରେଡିଟ୍ ସୁଇସ୍ ରିପୋର୍ଟ

# ସାଂଘାତିକ ହେବ ଏଫ୍‌ଏମ୍‌ସିଜି ସେକ୍ଟର

ନୂଆଦିଲ୍ଲୀ,୧୯-୯

ମାନ୍ଦାବସ୍ଥାର ପ୍ରଭାବ ଦେଶର ଅର୍ଥନୀତିକୁ ଏଭଳି ଘେରିଛି ଯେ, ଆର୍ଥିକ ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଫାଷ୍ଟ ମୁଭିଂ କଞ୍ଜ୍ୟୁମର ଗୁଡ୍ସ(ଏଫ୍‌ଏମ୍‌ସିଜି) ସେକ୍ଟରର ପ୍ରଦର୍ଶନ ସାଂଘାତିକ ହେବ। ଏହାର ଚଳିତବର୍ଷ ଏହାର ପ୍ରଦର୍ଶନ ୧୫ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିବ। ସୁଇଜରଲାଣ୍ଡର ମଲ୍ଟିନ୍ୟାଶନାଲ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ କ୍ରେଡିଟ୍ ସୁଇସ୍ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ କରି ଏ ସମ୍ପର୍କରେ ଚେତାବନୀ ଦିଆଯାଇଛି।

କ୍ରେଡିଟ୍ ସୁଇସ୍ କହିଛି ଯେ, ବଜାରରେ ନଗଦର ଅଭାବ, କୃଷି କ୍ଷେତ୍ରରେ ଆୟ ହ୍ରାସ ପାଇବା ଯୋଗୁ ପ୍ରମୁଖ କଞ୍ଜ୍ୟୁମର ଗୁଡ୍ସ ନିର୍ମାଣ କରୁଥିବା କମ୍ପାନୀଙ୍କ



ରାଜସ୍ୱ ଆୟ ପ୍ରଭାବିତ ହେଉଛି। ଜିଏସ୍‌ଟି ଲାଗୁ ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧି ପରେ କମ୍ପାନୀଗୁଡ଼ିକର ଅପରେଟିଂ ବା କାର୍ଯ୍ୟକାରୀ ଲାଭ ହ୍ରାସ ପାଇବାରେ ଲାଗିଛି। ରିପୋର୍ଟରେ କୁହାଯାଇଛି ଯେ, ଜିଏସ୍‌ଟି ବାବଦରେ ସଞ୍ଚୟ କରି ଏବଂ ତେଲ ଦର ହ୍ରାସର ଲାଭ ଉଠାଇ ଏଫ୍‌ଏମ୍‌ସିଜି କମ୍ପାନୀଗୁଡ଼ିକ ମାନ୍ଦାବସ୍ଥା ସତ୍ତ୍ୱେ ଆର୍ଥିକବର୍ଷ ୨୦୧୬-୧୯ ମଧ୍ୟରେ ସେମାନଙ୍କ ଆୟ ବଢ଼ାଇବାରେ ସକ୍ଷମ ହୋଇଛନ୍ତି। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ଓ ତୃତୀୟ ତ୍ରୈମାସରେ ରାଜସ୍ୱ ଅଭିବୃଦ୍ଧି ହ୍ରାସ ପାଇବ ଏବଂ ଏହା ହାରାହାରି ୫% ରହିବ ବୋଲି ଆଶା କରାଯାଉଥିବା ରିପୋର୍ଟରେ ଦର୍ଶାଯାଇଛି। ଫଳସ୍ୱରୂପ ଆର୍ଥିକବର୍ଷ ୨୦୨୦ ଏଫ୍‌ଏମ୍‌ସିଜି ସେକ୍ଟର ପାଇଁ ୧୫ ବର୍ଷ ଭିତରେ ସବୁଠାରୁ ଧିମା ବର୍ଷ ପ୍ରମାଣିତ ହେବ। ୨୦୦୦-୦୩ ମଧ୍ୟରେ ଶେଷ ଥର ପାଇଁ ଏହି କ୍ଷେତ୍ରରେ ଏଭଳି ଧିମାପଣ ଦେଖାଯାଇଥିଲା।

ସେହିଭଳି ହଂକଂସ୍ଥିତ ଇନ୍‌ଭେଷ୍ଟମେଣ୍ଟ କମ୍ପାନୀ ସିଏଲ୍‌ଏସ୍‌ଏ ପକ୍ଷରୁ ସମାନ ରିପୋର୍ଟ ପ୍ରକାଶ କରାଯାଇଛି। ଏଥିରେ କୁହାଯାଇଛି ଯେ, ଆଗାମୀ ଦିନରେ ଉକ୍ତ ସେକ୍ଟରର ପ୍ରାୟ ସମସ୍ତ ଶ୍ରେଣୀରେ ଅଭିବୃଦ୍ଧି ଆହୁରି ହ୍ରାସ ପାଇବ ବୋଲି ହିନ୍ଦୁସ୍ତାନ ୟୁନିଲିଭରର ଶୀର୍ଷ ଅଧିକାରୀଗଣଙ୍କ ସହ ଆଲୋଚନା ପରେ ହୃଦ୍‌ବୋଧ ହୋଇଛି। ଗ୍ରାମାଞ୍ଚଳରେ ଏଫ୍‌ଏମ୍‌ସିଜି ସେକ୍ଟରର ଅଭିବୃଦ୍ଧି ଚାପରେ ରହିଥିବା ବେଳେ ସହରାଞ୍ଚଳରେ ଏହାର ବିକାଶ ହାର ପଛେଇବାରେ ଲାଗିଥିବା ରିପୋର୍ଟରେ କୁହାଯାଇଛି। ଦେଶର ସାମଗ୍ରିକ ଅର୍ଥବ୍ୟବସ୍ଥା ଠିକ୍ ସ୍ଥିତିରେ ନାହିଁ। ମୌସୁମୀ ବର୍ଷା ଏବଂ ବଜେଟରେ ନିଆଯାଇଥିବା ପଦକ୍ଷେପର ଫଳାଫଳ ଅନୁଭବ ହେବାକୁ ସମୟ ଲାଗିବ ବୋଲି ଉଲ୍ଲେଖ କରି ସିଏଲ୍‌ଏସ୍‌ଏ କହିଛି ଯେ, ଦ୍ୱିତୀୟ ତ୍ରୈମାସରେ ମଧ୍ୟ ଏଫ୍‌ଏମ୍‌ସିଜି ସେକ୍ଟରରେ ଅଭିବୃଦ୍ଧି ଆହୁରି ହ୍ରାସ ପାଇବ ବୋଲି ଅନୁମାନ କରାଯାଉଛି।

## ବିଦ୍ୟୁତ୍ ଆଘାତରେ ମା',ପୁଅ ମୃତ

ଖଲ୍ଲିକୋଟ,୧୯।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ବାକୁଟଗାଁରେ ଗୁରୁବାର ଅପରାହ୍ଣରେ ଏକ ଦୁଃଖଦ ଘଟଣା ଘଟିଛି। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛଟପଟ ହେଉଥିବା ପୁଅଙ୍କୁ ଉଦ୍ଧାର କରିବାକୁ ଯାଇ ମା' ପୁଅଙ୍କ ଜୀବନ ଯାଇଛି। ମୃତକ ହେଲେ ମା' ସଜନୀ ନାହାକ (୫୫) ଓ ପୁଅ ନାରାୟଣ (୩୦)।

ପ୍ରକାଶ ଯେ, ନାରାୟଣ ଅପରାହ୍ଣ ପ୍ରାୟ ୩ଟାବେଳେ ଘରେ ବିଦ୍ୟୁତ୍ ତାର ସଜାଡୁଥିବାବେଳେ କୌଣସି କାରଣରୁ ଏହାର ସଂସ୍ପର୍ଶରେ ଆସି ଯାଇଥିଲେ। ତାରରେ ଲାଗି ଛଟପଟ ହେଉଥିବା ଦେଖି ମା' ସଜନୀ ଉଦ୍ଧାର କରିବାକୁ ଯାଇ ନାରାୟଣଙ୍କୁ ଧରି ପକାଇଥିଲେ। ଫଳରେ ସେ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯାଇଥିଲେ। ନାରାୟଣଙ୍କ ସ୍ତ୍ରୀ ପହଞ୍ଚି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ସହ ପାଖ ଲୋକଙ୍କୁ ଡାକିଥିଲେ। ପରେ ମା' ଓ ପୁଅଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡ଼ାକ୍ତର ପ୍ରଦୀପ ଗନ୍ତାୟତ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଭେଜିପୁଟ ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ନଂ.୨/୧୯ ଓ ୩/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଦୁଇଟିକୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇ ତଦନ୍ତ ଚଳାଇଛନ୍ତି। ସାମାନ୍ୟ ଅସାବଧାନତାରୁ ମା' ପୁଅଙ୍କ ମୃତ୍ୟୁକୁ ନେଇ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି।

## ଟ୍ରେନ୍ ଧକ୍କାରେ ୬୦ରୁ ଉର୍ଦ୍ଧ୍ୱ ଛେଳିମେଣ୍ଢା ମୃତ

ଖଲ୍ଲିକୋଟ,୧୯।୯(ଡି.ଏନ୍.ଏ.): ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଓଡିଆ ଆଲପୁର ପଞ୍ଚାୟତ ଗୁରାପଲ୍ଲୀ ଗ୍ରାମ ନିକଟସ୍ଥ ରେଲଧାରଣାରେ ଫାଲକ୍‌ନାମା ଏକ୍ସପ୍ରେସ ଧକ୍କାରେ ଗୁରୁବାର ଅପରାହ୍ଣରେ ୬୦ରୁ ଉର୍ଦ୍ଧ୍ୱ ଛେଳିମେଣ୍ଢାଙ୍କ ମୃତ୍ୟୁ ଘଟିଛି। ଏନେଇ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିବାବେଳେ ଖବର ଲେଖାହେବା ସୁଦ୍ଧା ପୋଲିସ କିମ୍ବା ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ନାହାନ୍ତି। ପ୍ରକାଶ ଯେ, ଗୁରାପଲ୍ଲୀ ଗ୍ରାମ ପାଖ ଦେଇ ପୂର୍ବତଟ ରେଳ ଲାଇନ ଯାଇଛି। ଏହି ଗ୍ରାମରେ ଗୋଲା ସମ୍ପ୍ରଦାୟର ଲୋକେ ବସବାସ କରୁଥିବାବେଳେ ଛେଳି ମେଣ୍ଢା ପାଳନ କରି ଗୁଜରାଣ ମେଣ୍ଟାଇଥାନ୍ତି। ଅପରାହ୍ଣ ପ୍ରାୟ ସାଢେ ୪ଟାରେ ଛେଳି ମେଣ୍ଢା ପଲ ଟ୍ରେନ୍ ଲାଇନ ପାରି ହେଉଥିବାବେଳେ ଦ୍ରୁତଗତିରେ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଫାଲକ୍‌ନାମା ଏକ୍ସପ୍ରେସ ସେମାନଙ୍କ ଉପରେ ଚଢି ଚାଲିଯାଇଥିଲା। ଟ୍ରେନ୍ ଲାଇନ ରକ୍ତ ରଞ୍ଜିତ ହୋଇ ପଡିଥିବାବେଳେ ବହୁ ଛେଳିମେଣ୍ଢା କଟିଯାଇଥିଲେ। ଗ୍ରାମର ବି. ଗଣପତି ପାତ୍ର ଓ ଏସ୍. ଭରତ ପାତ୍ରଙ୍କ ବହୁ ଛେଳିମେଣ୍ଢା ମରିଥିବା ଜଣାପଡ଼ିଛି।

# ଜେଲ ଗଲେ ଆଶୀର୍ବାଦ, କମଳାକାନ୍ତ

ଭୁବନେଶ୍ୱର, ୧୯।୯(ବ୍ୟୁରୋ)

ବହୁଚର୍ଚ୍ଚିତ ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ଓ ହୋଟେଲ ସୋଲାନ୍ ଇନ୍‌ର ମାଲିକ କମଳାକାନ୍ତ ଦାସଙ୍କୁ ଗୁରୁବାର ସକାଳେ ସିବିଆଇ ଗିରଫ କରିଛି। ଉଭୟଙ୍କୁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ଉଭୟଙ୍କ ଜାମିନ ଆବେଦନ ଖାରଜ କରିଦେବା ସହ ଅକ୍ଟୋବର ୧ ପର୍ଯ୍ୟନ୍ତ ବିଚାରବିଭାଗୀୟ ଜେଲ୍ ହାଜତକୁ ପଠାଇ ଦେଇଛନ୍ତି। ଏହାପରେ ସେମାନଙ୍କୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ଝାରପଡ଼ା ଜେଲ୍‌କୁ ନିଆଯାଇଥିଲା। ତେବେ ଆଶୀର୍ବାଦଙ୍କୁ ରିମାଣ୍ଡରେ ଅଣାଯିବ ନାହିଁ ବୋଲି ସିବିଆଇ ଏସ୍‌ପି ଜୟନାରାୟଣ ରାଣା କହିଛନ୍ତି।

**ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ଠକେଇ ମାମଲା**



ଭୁବନେଶ୍ୱର କୋର୍ଟକୁ ଆଶୀର୍ବାଦ ବେହେରାଙ୍କୁ ନିଆଯାଉଛି।

- ଗିରଫ ପରେ ଉଭୟଙ୍କୁ ସ୍ୱତନ୍ତ୍ର କୋର୍ଟରେ ହାଜର କରିଥିଲା ସିବିଆଇ
- ଅକ୍ଟୋବର ୧ ପର୍ଯ୍ୟନ୍ତ ବିଚାରବିଭାଗୀୟ ହାଜତରେ ରହିବେ
- ପ୍ରତିକ୍ରିୟା ରଖିଲେ ଆଶୀର୍ବାଦଙ୍କ ପୁଅ ସଞ୍ଜୟ

ତାଙ୍କ ସୂଚନାନୁସାରେ, କୋର୍ଟଙ୍କ ଏନ୍‌ବିଡବ୍ଲ୍ୟୁ ବଳରେ ଉଭୟଙ୍କୁ ଗିରଫ କରାଯାଇଛି। ସକାଳେ ସିବିଆଇର ୧୪ ଜଣିଆ ଟିମ୍ ଆଶୀର୍ବାଦଙ୍କ କଟକସ୍ଥିତ ବାସଭବନରେ ଚଢ଼ାଉ କରିଥିବାବେଳେ କମଳାକାନ୍ତଙ୍କୁ ଭୁବନେଶ୍ୱରସ୍ଥିତ ବାସଭବନରୁ ଗିରଫ କରିଥିଲା। ପ୍ରଥମେ ☞ପୃଷ୍ଠା-୪




**ପିଆଜ ଜ୍ୱାଳାରେ ଲୋକେ ଛଟପଟ**

# ଦର ଛୁଇଁଲାଣି ୪୫

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ଅତ୍ୟାବଶ୍ୟକ ସାମଗ୍ରୀ ପିଆଜ ଦର ବୃଦ୍ଧି ଗରିବ, ନିମ୍ନ ମଧ୍ୟବିତ୍ତ ପରିବାର ମୁଣ୍ଡରେ ଚଡ଼କ ପକାଇଛି। ପ୍ରତିଦିନ ଦର ବଢ଼ି ବଢ଼ି ଚାଲିଛି । ବଜାରରେ ଏହାର ଖୁଚୁରା ଦର ୪୫ ଟଙ୍କା ଛୁଇଁଲାଣି। ଘରଖର୍ଚ୍ଚ ପାଇଁ କିଲୋ ଜାଗାରେ ଅଢ଼େଇଶ କିମ୍ବା ଅଧା କେ.ଜି.ରେ କାମ ଚଳାଇବାକୁ ପଡୁଛି। ଆସନ୍ତା ନଭେମ୍ବର ଯାଏ ବଜାରରେ ପିଆଜ ଦର କମିବା ଆଶା କ୍ଷୀଣ ବୋଲି ପିଆଜ ଆମଦାନୀ କରୁଥିବା ବ୍ୟବସାୟୀମାନେ କହିଲେଣି । ଏହି ଦର ବୃଦ୍ଧିକୁ ନେଇ ସାଧାରଣ ଖାଉଟି ହନ୍ତସନ୍ତ ହେଉଛନ୍ତି।

- କାମ ଦେଉନି ପ୍ରାଇସ୍ ଷ୍ଟାବିଲାଇଜେଶନ ଫଣ୍ଡ
- ନଭେମ୍ବର ଯାଏ ଦର କମିବା ସମ୍ଭାବନା କ୍ଷୀଣ



ସରକାରୀ ଉଦାସୀନତା ମଧ୍ୟ ଅବସ୍ଥାକୁ ଆହୁରି ଜଟିଳ କରିଛି। ଖୁଚୁରା ବ୍ୟବସାୟୀଙ୍କ ଉପରେ ନିୟନ୍ତ୍ରଣ ନ ଥିବାରୁ ମନଇଚ୍ଛା ଦର ବଢ଼ାଇ ଗ୍ରାହକଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି।

ଓଡ଼ିଶାକୁ ମୁଖ୍ୟତଃ ମହାରାଷ୍ଟ୍ରର ନାସିକରୁ ପିଆଜ ଆମଦାନୀ ହୋଇଥାଏ। ଏହାଛଡ଼ା ଆନ୍ଧ୍ର ଏବଂ କର୍ଣ୍ଣାଟକର ବାଙ୍ଗାଲୋରରୁ ମଧ୍ୟ ପିଆଜ ରାଜ୍ୟକୁ ଆସିଥାଏ। ପ୍ରବଳ ବର୍ଷା ଯୋଗୁ ମହାରାଷ୍ଟ୍ରରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏଥିଯୋଗୁ ରାଜ୍ୟରେ ପିଆଜ ଦର ଅହେତୁକ ଭାବେ ବୃଦ୍ଧି ପାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଫେଇ ଦେଉଛି। ଏହି ଅତ୍ୟାବଶ୍ୟକ ସାମଗ୍ରୀ ପିଆଜ ଦରକୁ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବାକୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଅବଗତ କରାଇଛନ୍ତି। ବାହାର ରାଜ୍ୟ ଉପରେ ନିର୍ଭର କରୁଥିବାରୁ ପିଆଜ ଦର ବୃଦ୍ଧି ☞ପୃଷ୍ଠା-୪


ଭୁବନେଶ୍ୱର ରେଳ ଷ୍ଟେଶନ ହେବ ମଲ୍ଟି ମୋଡାଲ ହବ୍

୫


**ଆଜିର ସମ୍ପାଦକୀୟ**

ଗଳାବାଟ ବନ୍ଦ

**ଆଜିର ମନ୍ତବ୍ୟ**

"ଭାଜପାର ଆର୍ଥିକ ନୀତିଗୁଡ଼ିକ ଏପରି ଯେ ତାହା ଉପରେ କାହାର ବିଶ୍ୱାସ ନାହିଁ।

– ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ନେତା

**କିଛି ତଥ୍ୟ**

୨୦୧୭-୧୮ ଆର୍ଥିକ ବର୍ଷରେ ଦେଶରୁ ୪୫ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମତ୍ସ୍ୟ ଓ ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ରପ୍ତାନି ହୋଇଛି।

– ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 19.09.2019 | Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 71 | 120 | 130 |
| CTC | 71 | 120 | 130 |
| DKL | 71 | 120 | 130 |
| BDK | 72 | 122 | 132 |
| BLS | 74 | 124 | 134 |
| ANG | 71 | 120 | 130 |
| BHM | 67 | 115 | 125 |

*Conditions Apply

Eggs Retail Price- 48/-Dozen

Issued in the Interest of Consumers


### ସାଲେପୁର ନାବାଳିକା ବଳାତ୍କାର, ହତ୍ୟା ମାମଲା

# ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ

କଟକ ଅଫିସ/ନିଶ୍ଚିନ୍ତକୋଇଲି, (ଡି.ଏନ୍.ଏ.),୧୯।୯

ବହୁଚର୍ଚ୍ଚିତ ସାଲେପୁର ନାବାଳିକା ବଳାତ୍କାର ଓ ହତ୍ୟା ମାମଲାର ଅଭିଯୁକ୍ତ ମହମ୍ମଦ ମୁସ୍ତାକଙ୍କୁ କଟକ ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ପୋକ୍‌ସୋ ଅଦାଲତ ଦୋଷୀ ସାବ୍ୟସ୍ତ କରି ଗୁରୁବାର ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ବନ୍ଦନା କର ସମସ୍ତ ତଥ୍ୟ ଓ ପ୍ରମାଣ ଆଧାରରେ ମୁସ୍ତାକଙ୍କୁ ଭାରତୀୟ ପିଙ୍ଗଳ କୋଡ୍(ଆଇପିସି) ଦଫା ୩୭୬(ଏ)(ବି),୩୦୨ ଓ ପୋକ୍‌ସୋ ଆଇନର ଦଫା ୬ ଅନୁଯାୟୀ ଅଭିଯୁକ୍ତଙ୍କୁ ଏହି ଦଣ୍ଡ ଶୁଣାଇଛନ୍ତି। ଏହି ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ ଆଇପିସି ଦଫା ୩୬୪(ଏ) ପ୍ରମାଣିତ ହୋଇ ନ ଥିବାରୁ ଅଦାଲତ ତାଙ୍କୁ ଏଥିରୁ ମୁକ୍ତ କରିଛନ୍ତି। ବୁଧବାର ଅଦାଲତ ମୁସ୍ତାକଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅକ୍ଷୟ କୁମାର ନାୟକ ମାମଲା ପରିଚାଳନା କରୁଥିଲେ। ଏହି ମାମଲାକୁ ମିଶାଇ ଗତ ଦୁଇମାସ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲାର ପୋକ୍‌ସୋ ଅଦାଲତ ୪ଜଣ ନାବାଳିକା ବଳାତ୍କାରୀଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି।

**୨ମାସରେ ୪ଜଣଙ୍କୁ ଫାଶୀ**

ମିଳିଥିବା ସୂଚନା ଅନୁଯାୟୀ, ୨୦୧୮ ଏପ୍ରିଲ ୨୧ ସନ୍ଧ୍ୟାରେ ସାଲେପୁର ଥାନା ଅଞ୍ଚଳର ଜଣେ ୬ ବର୍ଷୀୟା ନାବାଳିକା ତାଙ୍କ ଭାଇଙ୍କ ସହ ଖେଳୁଥିଲେ। ମୁସ୍ତାକ ପହଞ୍ଚି ନାବାଳିକାଙ୍କୁ ଚକୋଲେଟ୍ ଦେବା ବାହାନାରେ ଏକ ଅନ୍ଧାରୁଆ ସ୍ଥାନକୁ ଟେକି ନେଇଥିଲେ। ସେଠାରେ ବଳାତ୍କାର କରିବା ପରେ ତାଙ୍କ ମୁଣ୍ଡକୁ ପଥରେ ଛେଚି ଦେଇଥିଲେ। ନାବାଳିକା ଜଣଙ୍କ ମରିଗଲେ ବୋଲି ଭାବି ମୁସ୍ତାକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ନାବାଳିକାଙ୍କୁ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଅନ୍ଧାରୁଆ ସ୍ଥାନରେ ନାବାଳିକାଙ୍କୁ ମୁମୂର୍ଷୁ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ଚିକିତ୍ସାଲାଗି ତାଙ୍କୁ ପ୍ରଥମେ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ଏସ୍‌ସିବି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ୧୩ଜଣିଆ ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା କରିଥିଲେ। ମାତ୍ର ଡାକ୍ତରଙ୍କ ଶତଚେଷ୍ଟା ସତ୍ତ୍ୱେ ଚିକିତ୍ସାଧୀନ ଅବସ୍ଥାରେ ଏପ୍ରିଲ୍ ୨୯ରେ ନାବାଳିକାଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ଘଟଣାଦିନ ରାତିରେ ଫେରାର ହେବାକୁ ଉଦ୍ୟମ କରୁଥିବା ମୁସ୍ତାକଙ୍କୁ ସାଲେପୁର ପୋଲିସ ମାଳହାଟ ଅଞ୍ଚଳରୁ ଗିରଫ କରି ଆଇପିସି ଦଫା ☞ପୃଷ୍ଠା-୪





ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ ଅକ୍ଟୋବର ୩ ପର୍ଯ୍ୟନ୍ତ ତିହାର ଜେଲରେ ରହିବେ। ତଦନ୍ତ ପ୍ରକ୍ରିୟା ଜାରି ରହିଥିବାରୁ ତାଙ୍କ ହାଜତ ମିଆଦକୁ ଗୁରୁବାର ଦିଲ୍ଲୀର ଏକ ଅଦାଲତ ଅକ୍ଟୋବର ୩ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଦିଲ୍ଲୀ ହାଇକୋର୍ଟରେ ଚିଦାମ୍ବରମ ପୂର୍ବରୁ ଜାମିନ ପାଇଁ ଆବେଦନ କରିସାରିଛନ୍ତି। ଏବେ ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ସ୍ୱତନ୍ତ୍ର ବିଚାରପତି ଅଜୟ କୁମାର କୁହର କହିଛନ୍ତି।

# ପାକିସ୍ତାନ ବିଛାଇଛି କୁହୁକ ଜାଲ

## ଟାର୍ଗେଟରେ ଭାରତୀୟ ଯବାନ, ସରକାରୀ ଅଧିକାରୀ

**ନୂଆଦିଲ୍ଲୀ,୧୯।୯(ଆଇଏଏନ୍‌ଏସ୍)**

### ଆଇଏସ୍‌ଆଇର ହନିଟ୍ରାପ୍ ଚକ୍ରବ୍ୟୂହ

- ଭାରତୀୟ ମହିଳାଙ୍କ ସିମ୍ କାର୍ଡ ଜବତ କରୁଛି ପାକ୍‌ର କଷ୍ଟମ୍ସ ବିଭାଗ
- ଭାରତୀୟ ଯୁବତୀଙ୍କ ନାମରେ ଜାଲ୍ ଆକାଉଣ୍ଟ ଖୋଲି ସୋସିଆଲ ମିଡିଆରେ ବ୍ୟବହାର
- ସେନା ଯବାନ, ଅଧିକାରୀଙ୍କୁ ଫସାଇ ସମ୍ବେଦନଶୀଳ ତଥ୍ୟ ହାସଲ କରୁଛି
- ଝେଲମ ସହରରେ ଚାଲିଛି ଆଇଏସ୍‌ଆଇର କଲ୍ ସେଣ୍ଟର



ପାକିସ୍ତାନର ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ପକ୍ଷରୁ ଚାଲିଥିବା ଏକ 'କଲ୍ ସେଣ୍ଟର'ର ପର୍ଦ୍ଦାଫାଶ କରିବାରେ ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକୁ ବଡ଼ ସଫଳତା ମିଳିଛି। ଏହି କଲ୍ ସେଣ୍ଟରରୁ ଆଇଏସ୍‌ଆଇ ହନିଟ୍ରାପ୍ ବିଛାଇ ଭାରତୀୟ ଯବାନଙ୍କୁ ଫସାଉଥିଲା ବୋଲି ଜଣାପଡ଼ିଛି। ପାକିସ୍ତାନର ରାଜଧାନୀ ଇସ୍‌ଲାମାବାଦଠାରୁ ୧୧୬ କି.ମି. ଦୂର ଝେଲମ ସହରରେ ରହିଛି କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ତଥାକଥିତ କଲ୍ ସେଣ୍ଟର। ସେଠାରୁ ଭାରତୀୟ ସେନା ଓ ସରକାରୀ ଅଧିକାରୀମାନଙ୍କୁ ଜାଲରେ ଛନ୍ଦି ସମ୍ବେଦନଶୀଳ ତଥା ଗୋପନୀୟ ତଥ୍ୟ ହାସଲ କରୁଛି। ଏଥିରେ ଆଇଏସ୍‌ଆଇକୁ ପାକିସ୍ତାନ ଟେଲିକମ୍ୟୁନିକେଶନ କମ୍ପାନୀ ଲିମିଟେଡ୍ (ପିଟିସିଏଲ୍) ପୂରା ସହଯୋଗ କରୁଛି। ସେଠାରେ ଭାରତୀୟ ସିମ୍‌କାର୍ଡଗୁଡ଼ିକୁ ବ୍ୟବହାର କରାଯାଉଛି, ଯାହାକି ପାକିସ୍ତାନରେ ଥିବା ସମ୍ପର୍କୀୟଙ୍କ ଘରକୁ ଯାଇଥିବାବେଳେ ଭାରତୀୟ ଯାତ୍ରୀ ବିଶେଷକରି ମହିଳାଙ୍କଠାରୁ ସେଠାର କଷ୍ଟମ୍ସ ବିଭାଗ ଜବତ କରିଥାଏ। ଦିଲ୍ଲୀ ଓ ଅନ୍ୟ କେତେକ ରାଜ୍ୟର ପୋଲିସ ଏକ ଚାଞ୍ଚଲ୍ୟକର ହନିଟ୍ରାପ୍ ସ୍କାଣ୍ଡାଲ ନେଇ ଦେଶବ୍ୟାପୀ ତନାଘନା କରିବା ପରେ ୧୦୦ରୁ ଊର୍ଦ୍ଧ୍ୱ ଭାରତୀୟ ସିମ୍‌କାର୍ଡ ଠାବ କରିଛନ୍ତି। ସୀମାନ୍ତରେ ଅବସ୍ଥିତ କଲ୍ ସେଣ୍ଟରଗୁଡ଼ିକରେ କାର୍ଯ୍ୟରତ ପାକିସ୍ତାନୀ ମହିଳାମାନଙ୍କ ପରିଚୟ ଲୁଚାଇବା ପାଇଁ ଭାରତୀୟ ମହିଳା ଯାତ୍ରୀଙ୍କ ସିମ୍‌କାର୍ଡଗୁଡ଼ିକୁ ବ୍ୟବହାର କରାଯାଉଛି। ଭାରତୀୟ ସିମ୍‌କାର୍ଡ ଓ ଫେସ୍‌ବୁକ୍‌ରେ ସଙ୍ଗୀତା ମିଶ୍ର, ଆୟେଶା ରୟ, ନୀତା ସିଂ ଭଳି ନାମରେ ଜାଲ ଆକାଉଣ୍ଟ ଖୋଲାଯାଇ ପାକିସ୍ତାନୀ ଯୁବତୀମାନଙ୍କୁ ନିୟୋଜିତ କରାଯାଇଛି। ସେଠାରେ କାର୍ଯ୍ୟରତ ଯୁବତୀମାନେ ଉତ୍ତର ଭାରତୀୟଙ୍କ ଭଳି ଅନର୍ଗଳ ହିନ୍ଦୀ କହିପାରୁଛନ୍ତି। ଆଇଏସ୍‌ଆଇ ହ୍ୟାଣ୍ଡଲର୍ସଙ୍କ ସହାୟତାରେ ସେହି ଯୁବତୀମାନେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଭାରତୀୟ ଯବାନମାନଙ୍କୁ ସର୍ଚ୍ଚ କରୁଛନ୍ତି। ପରେ ସେମାନେ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇ ଚାଟିଂ କରୁଛନ୍ତି। ଫେସ୍‌ବୁକ୍‌ରେ ଭିଡିଓ କଲ୍ କରି ତାକୁ ରେକର୍ଡ କରୁଛନ୍ତି। ସମ୍ପର୍କକୁ ଅଧିକ ନିବିଡ଼ କରିବା ପାଇଁ ସେମାନେ ହ୍ୱାଟ୍ସଆପ୍‌ରେ ପ୍ରାଇଭେଟ ଚାଟିଂ ପାଇଁ ଯବାନମାନଙ୍କୁ ଅନୁରୋଧ କରୁଛନ୍ତି। ଏଥିଯୋଗୁ ଯବାନମାନେ ସେମାନଙ୍କୁ ଭାରତୀୟ ଯୁବତୀ ମନେକରି ସେମାନଙ୍କ ସହ ପ୍ରେମାଳାପ କରିବା ପରେ ଜାଲରେ ଫସିଯାଉଛନ୍ତି। ଦିଲ୍ଲୀର ଜଣେ ଯୁବତୀଙ୍କୁ ଦିଲ୍ଲୀ ପୋଲିସ ଜେରା କରିବା ପରେ ଏହି ତଥ୍ୟ ସାମ୍ନାକୁ ଆସିଛି। ୩୦ ବର୍ଷୀୟା ଯୁବତୀ ପ୍ରଘଟ କରିଛନ୍ତି ଯେ, ସେ ପାକିସ୍ତାନ ଯାଇଥିବାବେଳେ ସେଠାକାର କଷ୍ଟମ୍ସ ବିଭାଗ ଅଧିକାରୀମାନେ ତାଙ୍କ ସିମ୍‌କାର୍ଡ ଓ ଫୋନ୍‌କୁ ଜବତ କରିନେଇଥିଲେ। ଦିଲ୍ଲୀ ମୋବାଇଲ ନମ୍ବର ଥିବା ସିମ୍‌କାର୍ଡକୁ ଝେଲମ୍ ସହରସ୍ଥିତ ଆଇଏସ୍‌ଆଇ କଲ୍ ସେଣ୍ଟରରେ ପିଟିସିଏଲ୍ ବ୍ୟବହାର କରୁଥିବା ଅଧିକ ତଦନ୍ତରୁ ଜଣାପଡ଼ିଛି। ସୁରକ୍ଷା କାରଣରୁ ପାକିସ୍ତାନ ମାଟିରେ କୌଣସି ଭାରତୀୟ ସିମ୍‌କାର୍ଡ କିମ୍ବା ମୋବାଇଲ ଫୋନ୍‌କୁ ଅନୁମତି ଦିଆଯିବ ନାହିଁ କହି ପାକିସ୍ତାନୀ କର୍ତ୍ତୃପକ୍ଷ ସେଗୁଡ଼ିକୁ ଭାରତୀୟ ଯାତ୍ରୀଙ୍କଠାରୁ ଜବତ କରିନେଉଥିବା ସମ୍ପୃକ୍ତ ମହିଳାଙ୍କୁ ପଚରାଉଚରା ବେଳେ ଜଣାପଡ଼ିଛି। ଭାରତୀୟ ସେନାର ଯବାନ ଓ ସରକାରୀ ଅଧିକାରୀମାନଙ୍କୁ ହନିଟ୍ରାପ୍‌ରେ ଫସାଇ ଦେଶର ଗୋପନୀୟ ତଥ୍ୟ ହାସଲ କରିବା ପାଇଁ ଆଇଏସ୍‌ଆଇ ଏଭଳି ଚକ୍ରବ୍ୟୂହ କରିଥିବା ସ୍ପଷ୍ଟ ହୋଇଛି।

ଚଳିତବର୍ଷ ଉତ୍ତରପ୍ରଦେଶର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଫେସ୍‌ବୁକ୍‌ରେ ୧୨୫ ଆଇଡି ଚିହ୍ନଟ କରିଥିଲା। ଆଇଏସ୍‌ଆଇ ସେହି ଆଇଡିଗୁଡ଼ିକ ଜରିଆରେ ଯବାନ ଓ ଅଧିକାରୀମାନଙ୍କୁ ଜାଲରେ ଛନ୍ଦିବା ପାଇଁ ଉଦ୍ୟମ କରୁଥିବାବେଳେ ଗୋଇନ୍ଦା ବ୍ୟୁରୋ ଓ ସାମରିକ ସଂସ୍ଥାଗୁଡ଼ିକ ସେଗୁଡ଼ିକର ପର୍ଦ୍ଦାଫାଶ କରିଥିଲେ। କିନ୍ତୁ ସେତେବେଳ ଯାଏ କେତେଜଣ ଯବାନ ହନିଟ୍ରାପ୍‌ରେ ଫସିସାରିଥିଲେ। ବ୍ରହ୍ମୋସ୍ ଏରୋସ୍ପେସ୍ ଇଞ୍ଜିନିୟର ନିଶାନ୍ତ ଅଗ୍ରୱାଲ ଏବଂ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଯବାନ ଅଚ୍ୟୁତାନନ୍ଦ ମିଶ୍ର ଗତବର୍ଷ ଅକ୍ଟୋବରରେ ଆଇଏସ୍‌ଆଇ ହନିଟ୍ରାପ୍‌ରେ ଫସିବା ପରେ ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ଏହି ତଥ୍ୟ ଅନ୍ୟ ରାଜ୍ୟ ପୋଲିସ ସହ ଶେୟାର କରିଥିଲେ। ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍ ଭଳି ସାମାଜିକ ଗଣମାଧ୍ୟମରେ ପାକିସ୍ତାନୀ ଝିଅ ଏବେ ବି ଭାରତୀୟ ସୁରକ୍ଷା ବଳ ଯବାନଙ୍କୁ ଏପରି ଜାଲରେ ଛନ୍ଦି ତଥ୍ୟ ସଂଗ୍ରହ ଉଦ୍ୟମ ଚଳାଇଥିବା କୁହାଯାଉଛି। ଯବାନଙ୍କ ଫ୍ରେଣ୍ଡ ଲିଷ୍ଟରେ ଆଇଏସ୍‌ଆଇ ତାଲିମପ୍ରାପ୍ତ ଶତାଧିକ ଯୁବତୀଙ୍କ ଉପସ୍ଥିତିକୁ ସ୍କାନିଂ କରୁଛନ୍ତି ୟୁପି ଏଟିଏସ୍ ଏବଂ ଦିଲ୍ଲୀ ପୋଲିସ।

# ନେତାନ୍ୟାହୁଙ୍କୁ ନିର୍ବାଚନୀ ଝଟ୍‌କା



ବେନ୍‌ୟାମିନ୍ ନେତାନ୍ୟାହୁଙ୍କ ସହ ହାତ ମିଳାଉଛନ୍ତି ପ୍ରତିଦ୍ୱନ୍ଦ୍ୱୀ ବେନି ଗାଂଜ (ଡାହାଣ)।

**ଜେରୁଜେଲମ୍,୧୯।୯**

- ଇସ୍ରାଏଲ୍‌ରେ ୫ ମାସରେ ଦ୍ୱିତୀୟ ସାଧାରଣ ନିର୍ବାଚନ
- ଏଥର ବି କାହାକୁ ମିଳିଲାନି ସଂଖ୍ୟାଗରିଷ୍ଠତା
- ମେଣ୍ଟ ସରକାର ଗଠନ ଲାଗି ନେତାନ୍ୟାହୁଙ୍କ ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କଲେ ବେନି ଗାଂଜ

ପଞ୍ଚମଥର ପାଇଁ କ୍ଷମତାସୀନ ହେବାକୁ ଅଣ୍ଟାଭିଡ଼ିଥିବା ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେନ୍‌ୟାମିନ୍ ନେତାନ୍ୟାହୁଙ୍କୁ ଗୁରୁବାର ନିର୍ବାଚନୀ ଝଟ୍‌କା ଲାଗିଛି। ନିର୍ବାଚନରେ ନେତାନ୍ୟାହୁଙ୍କ ନେତୃତ୍ୱାଧୀନ ଦକ୍ଷିଣପନ୍ଥୀ ଶାସକ ଦଳ ଲିକୁଡ୍ ପାର୍ଟିକୁ ୩୧ ଆସନ ମିଳିଛି। ଅନ୍ୟପକ୍ଷରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ବେନି ଗାଂଜଙ୍କ ଦଳ ବ୍ଲୁ ଆଣ୍ଡ ହ୍ୱାଇଟ୍ ପାର୍ଟିକୁ ୩୩ ଆସନରେ ସଫଳତା ମିଳିଛି। ଉଭୟ ଶାସକ ଓ ବିରୋଧୀ ଦଳକୁ ସଂଖ୍ୟାଗରିଷ୍ଠତା ମିଳି ନ ଥିବାରୁ ଦେଶରେ ରାଜନୈତିକ ଅଚଳାବସ୍ଥା ଓ ଝୁଲା ପାର୍ଲାମେଣ୍ଟ ସ୍ଥିତି ସୃଷ୍ଟି ହୋଇଛି। ତୃତୀୟ ଥର ନିର୍ବାଚନ ନ କରାଇବା ସପକ୍ଷରେ ଥିବା ନେତାନ୍ୟାହୁ ରାଜନୈତିକ ସଙ୍କଟ ଟାଳିବା ପାଇଁ ବେନି ଗାଂଜଙ୍କୁ ମିଳିତ ସରକାର ଗଠନ ସକାଶେ ନିମନ୍ତ୍ରଣ କରିଛନ୍ତି।
ଇସ୍ରାଏଲ୍‌ରେ ଏପ୍ରିଲ ୯ରେ ସାଧାରଣ ନିର୍ବାଚନ ହୋଇଥିଲା। ଏଥିରେ ୧୨୦ ଆସନ ବିଶିଷ୍ଟ ନେସେଟ୍ (ପାର୍ଲାମେଣ୍ଟ)ରେ ଉଭୟ ଲିକୁଡ୍ ଏବଂ ବ୍ଲାକ୍ ଆଣ୍ଡ ହ୍ୱାଇଟ୍‌କୁ ୩୫ଟି ଲେଖାଏ ଆସନ ମିଳିଥିଲା। କୌଣସି ଦଳକୁ ସଂଖ୍ୟାଗରିଷ୍ଠତା ନ ମିଳିବାରୁ ଗତ ମଙ୍ଗଳବାର ପୁଣି ନିର୍ବାଚନ କରାଯାଇଥିଲା। ଏଥିରେ ମଧ୍ୟ କାହାକୁ ସରକାର ଗଠନ ପାଇଁ ଜନାଦେଶ ମିଳିନାହିଁ। ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଏକ ଭିଡିଓ ମେସେଜ୍‌ରେ ପରାଜୟ ସ୍ୱୀକାର କରିଛନ୍ତି। ସେ ଅନ୍ୟ ଦକ୍ଷିଣପନ୍ଥୀ ଓ ଅତି-ରକ୍ଷଣଶୀଳ ଦଳଗୁଡ଼ିକର ସହଯୋଗ ବିନା ମେଣ୍ଟ ସରକାର ଗଠନ କରିପାରିବେ ନାହିଁ ବୋଲି ମାନିଛନ୍ତି। ଏହାସହ ଗାଂଜଙ୍କ ସହଯୋଗ ଲୋଡ଼ିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ସେନାମୁଖ୍ୟ ଗାଂଜ ଦୁର୍ନୀତି ଅଭିଯୁକ୍ତ ନେତାନ୍ୟାହୁଙ୍କ ସହ ମିଶି ସରକାର ଗଠନ ପାଇଁ ଆଗ୍ରହୀ ନୁହନ୍ତି କହି ତାଙ୍କ ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଏହାସହ ନିଜେ ପ୍ରଧାନମନ୍ତ୍ରୀ ହେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।

# ସୁପର ୩୦ ପ୍ରତିଷ୍ଠାତା ଆମେରିକାରେ ପୁରସ୍କୃତ

**ୱାଶିଂଟନ,୧୯।୯(ପି.ଟି.)**

ସୁପର ୩୦ର ପ୍ରତିଷ୍ଠାତା ଆନନ୍ଦ କୁମାରଙ୍କୁ ଆମେରିକାରେ ପୁରସ୍କୃତ କରାଯାଇଛି। ପ୍ରତିବର୍ଷ ୩୦ ଜଣ ଗରିବ ଛାତ୍ରୀଛାତ୍ରଙ୍କୁ ମାଗଣାରେ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ଆଇଆଇଟି ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ କରୁଥିବା ଏହି ଖ୍ୟାତନାମା ଗଣିତଜ୍ଞଙ୍କୁ ଆମେରିକାର ଫାଉଣ୍ଡେଶନ୍ ଫର୍ ଏକ୍ସେଲେନ୍ସ ପକ୍ଷରୁ 'ଏଜୁକେଶନ ଏକ୍ସେଲେନ୍ସ ଆୱାର୍ଡ'ରେ ସମ୍ମାନିତ କରାଯାଇଛି। କାଲିଫର୍ଣ୍ଣିଆର ସାନ୍ ଜୋସ୍‌ଠାରେ ସଂଗଠନର ୨୫ତମ ବାର୍ଷିକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଦେଶର ସବୁ ସମସ୍ୟା ବିରୋଧରେ ଲଢ଼େଇ ପାଇଁ ଶିକ୍ଷାକୁ ସବୁଠୁ ଶକ୍ତିଶାଳୀ ଅସ୍ତ୍ର ଭାବେ ବ୍ୟବହାର କରିବା ନିମନ୍ତେ ସହାୟତା କରିବାକୁ ଏହି ଅବସରରେ ଆନନ୍ଦ କୁମାର ଆମେରିକା ଓ ସାରା ବିଶ୍ୱରେ ବସବାସ କରୁଥିବା ଭାରତୀୟମାନଙ୍କୁ ଅନୁରୋଧ କରିଥିଲେ। ସମସ୍ତଙ୍କୁ ଉନ୍ନତମାନର ଶିକ୍ଷା ଉପଲବ୍ଧ ହୋଇପାରିଲେ ଦାରିଦ୍ର୍ୟ, ବେରୋଜଗାରୀ, ଜନସଂଖ୍ୟା ବିସ୍ଫୋରଣ, ପରିବେଶ ଆଦି ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ କହିଥିଲେ।



# ତେଜସ୍‌ରେ ଉଡ଼ିଲେ ରାଜନାଥ



**ବେଙ୍ଗାଲୁରୁ,୧୯।୯(ପି.ଟି.)**

### ଏଲ୍‌ସିଏରେ ଉଡ଼ିବାରେ ପ୍ରଥମ ପ୍ରତିରକ୍ଷାମନ୍ତ୍ରୀ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଗୁରୁବାର ବେଙ୍ଗାଲୁରୁସ୍ଥିତ ହାଲ୍ (ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍) ବିମାନବନ୍ଦରରୁ ତେଜସ୍ ଯୁଦ୍ଧବିମାନରେ ଉଡ଼ିଛନ୍ତି। ସେ ଦେଶର ପ୍ରଥମ ପ୍ରତିରକ୍ଷା ମନ୍ତ୍ରୀ, ଯିଏ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହାଲୁକା ଲଢ଼ୁଆ ବିମାନ (ଏଲ୍‌ସିଏ)ରେ ଉଡ଼ିବାର ସୁଯୋଗ ପାଇଛନ୍ତି। ଯୁଦ୍ଧବିମାନରେ ଉଡ଼ିବାର ଅନୁଭୂତି ରୋମାଞ୍ଚକର ଥିଲା ଏବଂ ଏହା ତାଙ୍କ ଜୀବନର ସବୁଠୁ ସ୍ମରଣୀୟ ଘଟଣା ହୋଇ ରହିବ ବୋଲି ୩୦ ମିନିଟ୍‌ର ଉଡ଼ାଣ ପରେ ରାଜନାଥ କହିଛନ୍ତି। ଜି ସୁଟ୍, ହେଲ୍‌ମେଟ ଏବଂ ଏଭିଏଟର ଗ୍ଲାସ୍‌ରେ ରାଜନାଥ ଯୁଦ୍ଧବିମାନ ପାଇଲଟ ଭଳି ଦେଖାଯାଉଥିଲେ। ସେ ନିଜେ ମଧ୍ୟ ୨ ମିନିଟ ବିମାନକୁ ନିୟନ୍ତ୍ରଣ କରିବା ସହ ଉଡ଼ାଇଥିଲେ। ଭାରତ ଯୁଦ୍ଧବିମାନ ରପ୍ତାନି କରିବା ସ୍ତରରେ ପହଞ୍ଚିପାରିଥିବାରୁ ଏଥିପାଇଁ ସେ ହାଲ୍ ଏବଂ ଡିଆର୍‌ଡିଓ ତଥା ଏଥିସହିତ ଜଡ଼ିତ ଅନ୍ୟ ସଂସ୍ଥାକୁ ଅଭିନନ୍ଦନ ଜଣାଇଥିଲେ। ଦକ୍ଷିଣପୂର୍ବ ଏସିଆର କେତେକ ଦେଶ ତେଜସ୍ ଯୁଦ୍ଧବିମାନ କିଣିବାକୁ ଆଗ୍ରହ ପ୍ରକାଶ କରିଛନ୍ତି।
ରାଜନାଥଙ୍କ ସହ ଏୟାର ଭାଇସ୍ ମାର୍ଶାଲ ଏନ୍. ତିୱାରୀ ଏବଂ ପାଇଲଟ ଥିଲେ। ତିୱାରୀ ଏରୋନଟିକ୍ସ ଉନ୍ନୟନ ସଂସ୍ଥା (ଏଡିଏ)ର ଜାତୀୟ ଉଡାଣ ପରୀକ୍ଷା କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ମଧ୍ୟ ଅଛନ୍ତି। ତେଜସ୍ ଯୁଦ୍ଧବିମାନ ବାୟୁସେନାରେ ସାମିଲ ହୋଇଥିଲା ବେଳେ ଏହାର ନାଭାଲ ଭର୍ସନ ନୌସେନା ପାଇଁ ନିର୍ମାଣ ଚାଲିଛି। ଯୁଦ୍ଧଜାହାଜରେ ଅବତରଣ କରିବା ପୂର୍ବରୁ ଗତ ଶୁକ୍ରବାର ଗୋଆ ବେଳାଭୂମିରେ ତେଜସ୍ ନାଭାଲ ଭର୍ସନ ସଫଳତାର ସହ ଆରେଷ୍ଟେଡ୍ ଲ୍ୟାଣ୍ଡିଂ କରିଥିଲା।

# ରାକେଶ ଭଦୌରିଆ ହେବେ ବାୟୁସେନା ମୁଖ୍ୟ

**ନୂଆଦିଲ୍ଲୀ,୧୯।୯(ପି.ଟି.):** ଏୟାର ମାର୍ଶାଲ ରାକେଶ କୁମାର ସିଂ ଭଦୌରିଆ ଭାରତୀୟ ବାୟୁସେନା (ଆଇଏଏଫ୍)ର ପରବର୍ତ୍ତୀ ମୁଖ୍ୟ ହେବାକୁ ଯାଉଛନ୍ତି। ହାଲୁକା ଲଢ଼ୁଆ ବିମାନ ତେଜସ୍‌ର ପରୀକ୍ଷାମୂଳକ ଉଡାଣ ସହ ସମ୍ପୃକ୍ତ ଥିବା ରାକେଶଙ୍କର ୨୬ଟି ଲଢ଼ୁଆ ବିମାନ ଓ ପରିବହନ ବିମାନ ଉଡ଼ାଇବା ଅଭିଜ୍ଞତା ରହିଛି। ବର୍ତ୍ତମାନ ଆଇଏଏଫ୍‌ର ଉପାଧ୍ୟକ୍ଷ ଥିବା ରାକେଶ ଅକ୍ଟୋବର ୧ରେ ଏୟାର ଚିଫ୍ ମାର୍ଶାଲ ବି.ଏସ୍. ଧନୋଆଙ୍କ ଉତ୍ତରାଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିବେ। ଧନୋଆ ଚଳିତ ମାସ ୩୦ରେ ଅବସର ଗ୍ରହଣ କରିବାକୁ ଯାଉଛନ୍ତି।
ନ୍ୟାଶନାଲ ଡିଫେନ୍ସ ଏକାଡେମୀର ପୂର୍ବତନ ଛାତ୍ର ରାକେଶଙ୍କୁ 'ସୋର୍ଡ ଅଫ ଅନର' ପ୍ରଦାନ କରାଯାଇଥିଲା। ସେ ୧୯୮୦ ଜୁନ୍‌ରେ ଆଇଏଏଫ୍‌ରେ ସାମିଲ ହୋଇଥିଲେ। ବିଭିନ୍ନ ଯୁଦ୍ଧବିମାନ ଉଡ଼ାଣରେ ତାଙ୍କର ପାରଦର୍ଶିତା ରହିଥିବାବେଳେ ସେ ବିଭିନ୍ନ ବିମାନର ପରୀକ୍ଷାମୂଳକ ଉଡ଼ାଣ କରିଥାନ୍ତି। ରାକେଶ କ୍ୟାଟ୍ 'ଏ' ଯୋଗ୍ୟତାସମ୍ପନ୍ନ ଉଡ଼ାଣ ପ୍ରଶିକ୍ଷକ।



# ରାଜୀବ କୁମାରଙ୍କୁ ଗିରଫ ଲାଗି ସିବିଆଇର ତନାଘନା

**ନୂଆଦିଲ୍ଲୀ/ କୋଲକାତା,୧୯।୯(ପି.ଟି.)**



ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ସମ୍ପୃକ୍ତ କୋଲକାତାର ପୂର୍ବତନ ପୋଲିସ କମିଶନର ରାଜୀବ କୁମାରଙ୍କୁ ଗୁରୁବାର ସିବିଆଇ ସାନି ନୋଟିସ ଜାରି କରି ୨୦ ତାରିଖରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛି। କୋଲକାତାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ତାଙ୍କୁ ନ ପାଇବା ପରେ ଗିରଫ ପରୱାନା ଜାରି ପାଇଁ ସିବିଆଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏହା ପୂର୍ବରୁ ସିବିଆଇ ଟିମ୍ ଆଲିପୁରସ୍ଥିତ ଆଇପିଏସ୍ ଅଫିସରଙ୍କ ମେସ୍ ଏବଂ ଇଏମ୍ ବାଇପାସ୍‌ରେ ଥିବା ପଞ୍ଚତାରକା ହୋଟେଲରେ ଖୋଜାଖୋଜି କରିଥିଲା। ପଶ୍ଚିମବଙ୍ଗ ପୋଲିସ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖି ତଦନ୍ତକାରୀ ସଂସ୍ଥା ରାଜୀବ କୁମାରଙ୍କ ଫୋନ ନମ୍ବର ମାଗିଥିବା ଜଣାପଡିଛି।
୧୯୮୯ ବ୍ୟାଚ୍‌ର ଆଇପିଏସ୍ ଅଫିସର ରାଜୀବ କୁମାରଙ୍କୁ ଖୋଜି ବାହାର କରିବା ଲାଗି ସିବିଆଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ଗତ ଶୁକ୍ରବାର କୋଲକାତା ହାଇକୋର୍ଟ ରାଜୀବଙ୍କୁ ଗିରଫଦାରିରୁ ସୁରକ୍ଷା ଦେବାକୁ ମନା କରିଦେବା ପରେ ସିବିଆଇ ତାଙ୍କୁ ଜେରା ପାଇଁ ନୋଟିସ ଜାରି କରିଥିଲା। ତେବେ ସେ ସିବିଆଇରେ ହାଜର ନ ହୋଇ ନୋଟିସକୁ ଏଡ଼ାଇଯାଇଥିଲେ।

# ଶାହଙ୍କୁ ଭେଟିଲେ ମମତା

**ନୂଆଦିଲ୍ଲୀ, ୧୯।୯(ପି.ଟି.)**
ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କୁ ଭେଟି ଆସାମ ଏନ୍‌ଆର୍‌ସି ନେଇ ଆଲୋଚନା କରିଛନ୍ତି। ବହୁ ବେଙ୍ଗଲୀ, ବିହାରୀ, ଗୋର୍ଖା ଓ ଆସାମୀ ସମ୍ପ୍ରଦାୟର ଲୋକେ ଆସାମ ଏନ୍‌ଆର୍‌ସିରୁ ବାଦ୍ ପଡ଼ିଥିବା ସେ ଅବଗତ କରାଇଛନ୍ତି। ଏଥିରେ ହସ୍ତକ୍ଷେପ କରି ସେମାନଙ୍କ ଦୁଃଖ ବୁଝିବାକୁ ସେ ଶାହଙ୍କୁ ଅନୁରୋଧ କରିଛନ୍ତି। ତେବେ ମମତାଙ୍କଠାରୁ ସବୁ ଶୁଣିବା ପରେ ଏ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶାହ ମତ ଦେଇଛନ୍ତି।

# କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋ ହଟହଟା


**କୋଲକାତା,୧୯।୯(ପି.ଟି.):** ଏବିଭିପି ପକ୍ଷରୁ ଆୟୋଜିତ ଏକ ସେମିନାରରେ ଉଦ୍‌ବୋଧନ ଦେବାକୁ ଯାଇଥିବା କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋଙ୍କୁ ଯାଦବପୁର ବିଶ୍ୱବିଦ୍ୟାଳୟରେ ହଟହଟା ହେବାକୁ ପଡ଼ିଛି। ଗୋଟିଏ ଛାତ୍ରଗୋଷ୍ଠୀ ତାଙ୍କୁ କଳାପତାକା ଦେଖାଇ ଠେଲାପେଲା କରିଥିଲେ। ଘଟଣାସ୍ଥଳରେ ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ଜଗଦୀପ ଧନ୍‌ଖର ମଧ୍ୟ ଉପସ୍ଥିତ ଥିଲେ। ବାମଦଳ ସମର୍ଥିତ ଦୁଇ ଛାତ୍ର ସଂଗଠନ ଭାରତୀୟ ଛାତ୍ର ସଂଘ ଏବଂ ଆର୍ଟ ଫାକଲ୍ଟି ଛାତ୍ରସଂସଦ (ଏଏଫ୍‌ଏସ୍‌ୟୁ)ର ସଦସ୍ୟମାନେ ତାଙ୍କୁ କ୍ୟାମ୍ପସ୍ ବାହାରେ ଦେଢ଼ଘଣ୍ଟା ଧରି ଅଟକ ରଖିଥିଲେ। 'ବାବୁଲ ସୁପ୍ରିୟୋ ଫେରିଯାଅ' ବୋଲି ସେମାନେ ସ୍ଲୋଗାନ ଦେଇଥିଲେ। ଅପରାହ୍ନ ୫ଟାରେ ସେ କ୍ୟାମ୍ପସ୍ ଛାଡୁଥିବାବେଳେ ପୁଣିଥରେ ବିରୋଧର ସମ୍ମୁଖୀନ ହୋଇଥିଲେ। ବିକ୍ଷୋଭକାରୀ ଛାତ୍ରଗୋଷ୍ଠୀ ରାସ୍ତା ଅବରୋଧ କରି ତାଙ୍କ ଚୁଟି ଟାଣିବା ସହ ଠେଲାପେଲା କରିଥିବା ମନ୍ତ୍ରୀ କହିଛନ୍ତି। ସେମାନେ ନିଜକୁ ନକ୍ସଲ ବୋଲି ଖୋଲାଖୋଲି କହୁଥିଲେ। ଫାସୀବାଦୀ ଶକ୍ତିକୁ କ୍ୟାମ୍ପସରେ ପୂରାଇ ଦିଆଯିବ ନାହିଁ ବୋଲି ଏଏଫ୍‌ଏସ୍‌ୟୁ ନେତା ଦେବରାଜ ଦେବନାଥ କହିଥିଲେ। ସେ ରାଜନୀତି କରିବାକୁ ଆସି ନ ଥିଲେ। ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ବ୍ୟବହାରରେ ସେ ଦୁଃଖିତ ବୋଲି ବାବୁଲ ଖବରଦାତାମାନଙ୍କୁ କହିଛନ୍ତି।



ଯାଦବପୁର ବିଶ୍ୱବିଦ୍ୟାଳୟରେ କଳା ପତାକା ଦେଖାଇ ଠେଲାପେଲା

# ମହାରାଷ୍ଟ୍ରରେ ନିର୍ବାଚନୀ ବିଗୁଲ୍ ବଜାଇଲେ ମୋଦି

**ନାଶିକ୍,୧୯।୯(ପି.ଟି.):** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଆସନ୍ତା ମାସରେ ହେବାକୁ ଯାଉଥିଲାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସେଠାରେ ଭାଜପା ପାଇଁ ପ୍ରଚାରର ଶୁଭାରମ୍ଭ କରିଛନ୍ତି। ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କ ପାକିସ୍ତାନ ସପକ୍ଷବାଦୀ ମନ୍ତବ୍ୟ ପାଇଁ ପ୍ରଧାନମନ୍ତ୍ରୀ ତାଙ୍କ ଉପରେ ବର୍ଷିଥିଲେ। ଅତୀତରେ ରାଜନୈତିକ ଅସ୍ଥିରତା ପାଇଁ ରାଜ୍ୟ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲା। ଭାଜପା ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ପାଇ ନ ଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ୫ ବର୍ଷର ସ୍ଥିର ସରକାର ଦେଇପାରିଥିବାରୁ ପ୍ରଧାନମନ୍ତ୍ରୀ ତାଙ୍କର ଉଚ୍ଚପ୍ରଶଂସା କରିଥିଲେ।
ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ସମ୍ପର୍କରେ ମୋଦି କହିଥିଲେ, ଏହା ୧୩୦ କୋଟି ଭାରତୀୟଙ୍କ ଇଚ୍ଛା ଥିଲା। କଶ୍ମୀରକୁ ନୂଆ ସ୍ୱର୍ଗରେ ପରିଣତ କରିବା ତାଙ୍କର ସ୍ୱପ୍ନ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ କହିବା ସହ ଏଥିପାଇଁ ଅନ୍ୟମାନଙ୍କ ସହଯୋଗ ଲୋଡ଼ିଥିଲେ। କଶ୍ମୀରୀମାନଙ୍କୁ ହିଂସା, ଆତଙ୍କ ଓ ବିଚ୍ଛିନ୍ନତାବାଦରୁ ସୁରକ୍ଷା ଦେବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ପୂର୍ବର କଂଗ୍ରେସ ନେତୃତ୍ୱାଧୀନ କଂଗ୍ରେସ ସରକାରଙ୍କ ଭୁଲ୍ ନିଷ୍ପତ୍ତି ଯୋଗୁ କଶ୍ମୀରୀବାସୀ ୪୦ ବର୍ଷ ହେଲା ଦୁର୍ଦ୍ଦଶା ଭୋଗିଆସୁଥିଲେ ଓ ୪୨ ହଜାର ଲୋକ ଜୀବନ ଦେଇଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ୩୭୦ ଉଚ୍ଛେଦ ନିଷ୍ପତ୍ତି ପାଇଁ ବିରୋଧୀ ଦଳ ସରକାରଙ୍କୁ ସମର୍ଥନ କରିବା ପରିବର୍ତ୍ତେ ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି ସମାଲୋଚନା କରୁଛନ୍ତି। କଶ୍ମୀର ନିଷ୍ପତ୍ତିକୁ ନେଇ ସାରା ଦେଶ ଏକ ହୋଇଥିବାବେଳେ କଂଗ୍ରେସ ଏବଂ ଏନ୍‌ସିପି ନେତା ସହଯୋଗ କରୁନାହାନ୍ତି। ରାହୁଲ ଗାନ୍ଧୀଙ୍କ ନାଁ ନ ନେଇ ମୋଦି କହିଥିଲେ, କଂଗ୍ରେସ ନେତାଙ୍କ ମନ୍ତବ୍ୟକୁ ଅନ୍ୟ ଦେଶ ଓ ଆତଙ୍କବାଦୀ ସଂଗଠନ ଭାରତ ବିରୋଧରେ ବ୍ୟବହାର କରୁଛନ୍ତି। ପାୱାରଙ୍କ ଭଳି ଅଭିଜ୍ଞ ନେତା ଭୋଟ ପାଇଁ ଭୁଲ୍ ମନ୍ତବ୍ୟ ଦେବା ତାଙ୍କୁ ଦୁଃଖିତ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।



- କଶ୍ମୀରକୁ ନୂତନ ସ୍ୱର୍ଗରେ ପରିଣତ କରିବାକୁ ସହଯୋଗ ଲୋଡ଼ିଲେ
- ପାକିସ୍ତାନ ମନ୍ତବ୍ୟ ପାଇଁ ପାୱାରଙ୍କ ଉପରେ ବର୍ଷିଲେ

ଅଯୋଧ୍ୟା ଜମି ବିବାଦ ମାମଲା ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଥିବାରୁ ଏହା ଉପରେ ମନ୍ତବ୍ୟ ପ୍ରଦାନରୁ ଦୂରେଇ ରହିବାକୁ ପ୍ରଧାନମନ୍ତ୍ରୀ ରାଜନେତାମାନଙ୍କୁ ପରାମର୍ଶ ଦେଇଛନ୍ତି। ସେ କାହା ନାଁ ନେଇ ନ ଥିଲେ ହେଁ ଶିବସେନାକୁ ଲକ୍ଷ୍ୟ କରି ଏହା କହିଥିବା ଚର୍ଚ୍ଚା ହେଉଛି। କୁହାଳିଆ ନେତାମାନେ ରାମମନ୍ଦିରକୁ ନେଇ ମନଇଚ୍ଛା ମନ୍ତବ୍ୟ ଦେଉଥିବାରୁ ଏହା ତାଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହାର ବିଚାର ସର୍ବୋଚ୍ଚ ଅଦାଲତରେ ଚାଲିଥିବାରୁ ନ୍ୟାୟିକ ବ୍ୟବସ୍ଥା ଉପରେ ଆସ୍ଥା ରଖିବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି। ତୁରନ୍ତ ରାମମନ୍ଦିର ନିର୍ମାଣ ପାଇଁ ଶିବସେନା ଦାବି କରିଆସୁଛି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ଭଳି ରାମମନ୍ଦିର ନିର୍ମାଣ ଲାଗି ମୋଦି ସରକାର ସାହସିକ ପଦକ୍ଷେପ ନେବାକୁ ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେ ଗତ ସୋମବାର କହିଥିଲେ।




## ଆର୍‌କେଭିୱାଇ ସମୀକ୍ଷା ବୈଠକ
# ଧାର୍ଯ୍ୟ ସମୟରେ ପ୍ରକଳ୍ପ ସାରିବା ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୧୯।୯(ବ୍ୟୁରୋ)**

ରାଜ୍ୟ କୃଷି ଉତ୍ପାଦନ କମିଶନର(ଏପିସି) ପ୍ରଦୀପ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା(ଆର୍‌କେଭିୱାଇ) ସମ୍ପର୍କିତ ପ୍ରକଳ୍ପ ସ୍କ୍ରିନିଂ କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନରେ ଆୟୋଜିତ ଏହି ବୈଠକରେ କୃଷି ଏବଂ ଏହାର ଆନୁଷଙ୍ଗିକ କ୍ଷେତ୍ରରେ ଜାରି ରହିଥିବା ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଆଲୋଚନା ହୋଇଥିଲା। ଧାର୍ଯ୍ୟ ସମୟରେ ଏହି ପ୍ରକଳ୍ପଗୁଡ଼ିକ ସାରିବା ପାଇଁ କମିଶନର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିଟି ପ୍ରକଳ୍ପର ସମୀକ୍ଷା କରିବା ସହ ଆସନ୍ତା ଅକ୍ଟୋବର ଶେଷସୁଦ୍ଧା କେନ୍ଦ୍ର ସରକାରଙ୍କଠାରୁ ଦ୍ୱିତୀୟ କିସ୍ତି ଟଙ୍କା ପାଇବା ପାଇଁ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ କୁହାଯାଇଛି। ସେହିପରି କୃଷି ବିଭାଗ ପ୍ରମୁଖ ସଚିବ ଡକ୍ଟର ସୌରଭ ଗର୍ଗ ଆରକେଭିୱାଇ ଯୋଜନାରେ ରହିଥିବା ଅର୍ଥକୁ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଛନ୍ତି।




## ■ ନର୍ସ ନୀହାରିକା ହତ୍ୟା ମାମଲା
# ଅଭିଯୁକ୍ତଙ୍କ ଗିରଫ ଦାବି କଲା ଭାଜପା ମହିଳା ମୋର୍ଚ୍ଚା

**ବିରିଡ଼ି/ବାଲିଆ,୧୯।୯ (ଡି.ଏନ.ଏ.)**

ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅନ୍ତର୍ଗତ ବିଲୁଆଖାଇ ନଦୀପଠାରୁ ନର୍ସ ନୀହାରିକା ପାତ୍ରଙ୍କ ମୃତଦେହ ଉଦ୍ଧାର ହେବା ଘଟଣା ୩ ଦିନ ପରେ ମଧ୍ୟ ରହସ୍ୟମୟ ହୋଇରହିଛି। ଏହି ମାମଲାରେ ଅଦ୍ୟାବଧି ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିପାରିନାହିଁ। ତେଣୁ ଘଟଣାର ଉପଯୁକ୍ତ ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ଗୁରୁବାର ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ ପ୍ରଭାତି ପରିଡ଼ା, ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ପ୍ରତିଭା ଶତପଥୀ, ମହିଳା ମୋର୍ଚ୍ଚାର ରାଜ୍ୟ ଉପସଭାନେତ୍ରୀ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ, ସ୍ମୃତି ପଟ୍ଟନାୟକ, ମହିଳା ମୋର୍ଚ୍ଚା ରାଜ୍ୟ ସମ୍ପାଦିକା ରଶ୍ମିରେଖା ଦାସ, ମିଡିଆ ସେଲ ସଂଯୋଜିକା କସ୍ତୁରୀ ମିଶ୍ର, ଜଗତ୍‌ସିଂହପୁର ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କ୍ରିଷ୍ଣା ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଅନିତା ଦାସ ପ୍ରମୁଖ ନୀହାରିକାଙ୍କ ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନ ବିଲୁଆଖାଇ ନଦୀ ପଠାକୁ ଯାଇ ଅନୁଧ୍ୟାନ କରିଥିଲେ। ଏହି ଘଟଣାରେ ସେମାନେ ରାଜ୍ୟ ସରକାର ଓ ପୋଲିସକୁ କଡ଼ା ସମାଲୋଚନା କରିଛନ୍ତି। ସେମାନେ କହିଲେ ଯେ, କର୍ମଜୀବୀ ତଥା ସ୍ୱାବଲମ୍ବୀ ମହିଳାମାନଙ୍କୁ ଏ ସରକାର ସୁରକ୍ଷା ଦେଇପାରୁନାହିଁ। ରାଜ୍ୟରେ ମହିଳା ଓ ଶିଶୁ ବିଭାଗ, ମହିଳା କମିଶନ, ଘରୋଇ ବିଭାଗ ରହିଥିଲେ ମଧ୍ୟ ସବୁ ସ୍ଥାଣୁ ପାଲଟିଯାଇଛି। ସରକାର କେବଳ ନିଜ ଦଳୀୟ ମହିଳାଙ୍କୁ ସୁରକ୍ଷା ଦେଉଛନ୍ତି। ସେହିପରି ନୀହାରିକା ଗତ ୮ ତାରିଖରୁ ନିଖୋଜ ହେବା ଏବଂ ୩ ଦିନ ତଳେ ତାଙ୍କ ମୃତଦେହ ନଦୀପଠାରୁ ଏକ ଅଖା ମଧ୍ୟରୁ ହାତଗୋଡ଼ ବନ୍ଧା ଅବସ୍ଥାରେ ମିଳିବା ଘଟଣାରେ ସ୍ଥାନୀୟ ପୋଲିସ କିଛି ଜାଣି ନ ପାରିବାକୁ ସେମାନେ ନିନ୍ଦା କରିଥିଲେ। ଏହି ଅବସରରେ ସେମାନେ ଜଗତ୍‌ସିଂହପୁର ଏସଡିପିଓ ପ୍ରକାଶ ଚନ୍ଦ୍ର ପାଲଙ୍କୁ ଭେଟି ମାମଲାର ତଦନ୍ତ ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରିବାକୁ ସେମାନେ ଦାବି କରିଥିଲେ। ପରେ ମହିଳା ମୋର୍ଚ୍ଚା କର୍ମକର୍ତ୍ତାମାନେ ମୃତ ନୀହାରିକାଙ୍କ କୁଲକଇଜଙ୍ଗାସ୍ଥିତ ମାମୁ ଘରକୁ ଯାଇ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ସେମାନଙ୍କ ସହ ଯାଜ୍ଞସେନୀ ଜେନା, କଳ୍ପନା ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ସାହୁ, କୁମୁଦିନୀ ସେଠୀ, ଜୟଲକ୍ଷ୍ମୀ ମହାନ୍ତି, ସାଇଦା ଖାତୁନ୍ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରାଜ୍ୟ ମାନବିକ ଅଧିକାର ଆୟୋଗ ସଦସ୍ୟ ଅମୀୟ ଅଶିମ ଅମିତାଭ ଦାଶ ନୀହାରିକାଙ୍କ ମୃତଦେହ ଉଦ୍ଧାର ହୋଇଥିବା ବିଲୁଆଖାଇ ନଦୀପଠାକୁ ଯାଇ ସରଜମିନ ତଦନ୍ତ କରିଥିଲେ। ଘଟଣାର ନିରପେକ୍ଷ ତଦନ୍ତ କରାଯିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି।




# 'ଭାରତକୁ ୫ ଟ୍ରିଲିୟନ ଅର୍ଥନୀତିରେ ପହଞ୍ଚାଯିବ'

**ଭୁବନେଶ୍ୱର,୧୯।୯(ବ୍ୟୁରୋ)**

ଭାରତକୁ ୫ ଟ୍ରିଲିୟନ ଅର୍ଥନୀତିରେ ପହଞ୍ଚାଇବା ପାଇଁ ସମସ୍ତେ ମିଳିମିଶି କାମ କରିବାର ଆବଶ୍ୟକତା ରହିଛି। ନୂଆଦିଲ୍ଲୀଠାରେ ଗୁରୁବାର ଆୟୋଜିତ ତୃତୀୟ ଅନ୍ତର୍ଜାତୀୟ ଜିଙ୍କ୍ ଗାଲଭାନାଇଜିଂ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଭାରତକୁ ୫ ଟ୍ରିଲିୟନ ଅର୍ଥନୀତିରେ ପରିଣତ କରିବା କେବଳ ଗୋଟିଏ ସ୍ଲୋଗାନ ନୁହେଁ ,ଏହି ଲକ୍ଷ୍ୟକୁ ବାସ୍ତବରେ ପୂରଣ କରିବା ପାଇଁ ସମସ୍ତେ ମିଳିମିଶି କାମ କରିବାର ଆବଶ୍ୟକତା ରହିଛି। ଇସ୍ପାତ ଶିଳ୍ପଗୁଡିକୁ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିର ଗୁରୁତ୍ୱକୁ ବୁଝି ଭାରତକୁ ବିଶ୍ୱ ଶକ୍ତି ହେବା ଦିଗରେ ଆଗକୁ ଅଗ୍ରସର କରାଇବା ପାଇଁ ନିଜର ରଣନୀତି ମଧ୍ୟ ନିର୍ଣ୍ଣୟ କରିବାକୁ ହେବ। ଭାରତରେ କଞ୍ଚାମାଲର ଉପଲବ୍ଧତା, ମାନବସମ୍ବଳ ଶକ୍ତି, ବିଶାଳ ସମୁଦ୍ରତଟ ଏବଂ ଏକ ବୃହତ୍ ବଜାର ଆଶୀର୍ବାଦ ସ୍ୱରୂପ ପ୍ରାପ୍ତ ହୋଇଛି । ଦୁନିଆର ସର୍ବଶ୍ରେଷ୍ଠ ବେଞ୍ଚମାର୍କ ପ୍ରତିଷ୍ଠା ପାଇଁ ଭାରତ ପାଖରେ ସବୁ ଯୋଗ୍ୟତା ଅଛି। ସାଧାରଣ ଲୋକଙ୍କ ଜୀବନଶୈଳୀ ସହ ଇସ୍ପାତ୍ ଶିଳ୍ପକୁ ଜଡିତ ହେବାର ଆବଶ୍ୟକତା ରହିଛି। ଏ ଦିଗରେ ଗାଲଭାନାଇଜଡ୍ ଇସ୍ପାତ୍ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇପାରିବ । ଏହି ସମ୍ମିଳନୀ ଇସ୍ପାତ ଶିଳ୍ପ ପାଇଁ ରଣନୀତି ପ୍ରସ୍ତୁତ କରିବାରେ ଏକ ଲମ୍ବା ରାସ୍ତା ତିଆରି କରିବ ବୋଲି ଧର୍ମେନ୍ଦ୍ର ଆଶାବ୍ୟକ୍ତ କରିଛନ୍ତି ।

## ■ ନନ୍ଦନକାନନରେ ହାତୀ ମଡ଼କ
# ଆଖି ବୁଜିଲା କମଳା



ମୃତ ମାଈ ହାତୀ କମଳା।

**୨୫ ଦିନରେ ୩ ହାତୀଙ୍କ ମୃତ୍ୟୁ**

**ବାରଙ୍ଗ,୧୯।୯(ଡି.ଏନ୍.ଏ.)**

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଗୁରୁବାର ସନ୍ଧ୍ୟାରେ ୭ବର୍ଷର ମାଈ ହାତୀ କମଳାର ମୃତ୍ୟୁ ଘଟିଛି। ହର୍ପିସ ଭୂତାଣୁଜନିତ ସଂକ୍ରମଣ ରୋଗରେ ଆକ୍ରାନ୍ତ ହୋଇ କମଳାର ମୃତ୍ୟୁ ଘଟିଛି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି। ଏହି ଭୂତାଣୁ ଜନିତ ରୋଗରେ ପୂର୍ବରୁ ଦୁଇଟି ହାତୀଙ୍କ ମୃତ୍ୟୁ ଘଟିଥିଲା।

ସୂଚନାଥାଉ କି, ନନ୍ଦନକାନନରେ ଅଗଷ୍ଟ ୨୬ତାରିଖରେ ହାତୀ ଜୁଲିର ମୃତ୍ୟୁ ଘଟିଥିଲା। ଏହାର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଭୂତାଣୁ ଯୋଗୁ ଜୁଲିର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ଏହି ଘଟଣାର ୧୯ଦିନ ପରେ ଅନ୍ୟ ଏକ ହାତୀ ଚନ୍ଦନର ମୃତ୍ୟୁ ଘଟିଥିଲା। ଏହାପରେ ନନ୍ଦନକାନନରେ ଏହି ଭୂତାଣୁକୁ ନେଇ ଆତଙ୍କ ଦେଖାଦେଇଥିଲା। ଏଥିଯୋଗୁ ହାତୀଶାଳାରେ ଥିବା ମାଈ ହାତୀ କମଳା ଓ ଗୌରୀକୁ ଅଲଗା କରି ଗତ ୧୬ତାରିଖରେ କଟେଜ ପରିସରରେ ରଖାଯାଇଥିଲା। ୧୭ତାରିଖରେ ଏହି ହାତୀଦ୍ୱୟଙ୍କ ଖାଇବା କମିବା ଦେଖିବାକୁ ମିଳିଥିଲା। ନୂଆ ଜାଗାରେ ଖାପଖୁଆଇ ପାରୁ ନ ଥିବାରୁ ଏଭଳି ହେଉଛି ବୋଲି ଡାକ୍ତରମାନେ ଅନୁମାନ କରିଥିଲେ। ତେବେ ୧୮ତାରିଖରେ କମଳାର ଖାଇବା କମାଇ ଦେବା ପରେ ତା'ର ମୃତ୍ୟୁ ଘଟିଥିଲା।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆରାଧ୍ୟା
ପରିବାରବର୍ଗ


ଶ୍ରୀଜିତା
ପରିବାରବର୍ଗ


ସୋନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ସୀତାରାମନଙ୍କୁ ମାରୁତି ଅଧ୍ୟକ୍ଷଙ୍କ ସମର୍ଥନ

**ନୂଆଦିଲ୍ଲୀ,୧୯-୯:** ଓଲା ଓ ଉବର କ୍ୟାବ୍ ଆଧାରିତ ଟ୍ୟାକ୍ସି ସୁବିଧା ଯୋଗୁ ଦେଶର ଅଟୋ ସେକ୍ଟରରେ ମାନ୍ଦାବସ୍ଥା ଆସିଛି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ବୟାନକୁ ଶେଷରେ ମାରୁତି ସୁଜୁକି ମଧ୍ୟ ସମର୍ଥନ କରିଛି। ମିଡିଆକୁ ଏକ ସାକ୍ଷାତକାର ଦେଇ କମ୍ପାନୀ ଅଧ୍ୟକ୍ଷ ଆର୍.ସି. ଭାର୍ଗବ ଅର୍ଥମନ୍ତ୍ରୀଙ୍କ ବୟାନକୁ ଉଚିତ୍ ବୋଲି ଦର୍ଶାଇଛନ୍ତି। ତେବେ କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ଅର୍ଥମନ୍ତ୍ରୀଙ୍କ ବୟାନ ସହ ସହମତ ନୁହେଁ ବୋଲି ପୂର୍ବରୁ କହିସାରିଛନ୍ତି। ଅର୍ଥମନ୍ତ୍ରୀ ସୀତାରାମନ୍ ଏକ ଖବରଦାତା ସମ୍ମିଳନୀରେ କହିଥିଲେ ଯେ, ଆଜିକାଲିର ଯୁବବର୍ଗ ଇଏମ୍ଆଇ ଜରିଆରେ ନୂଆ କାର୍ କିଣିବା ପରିବର୍ତ୍ତେ ଓଲା-ଉବର କ୍ୟାବ୍ ବ୍ୟବହାର କରିବାକୁ ଅଧିକ ପସନ୍ଦ କରୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଜେଲ ଗଲେ ଆଶୀର୍ବାଦ,...

ସେମାନଙ୍କୁ ସିବିଆଇ କାର୍ଯ୍ୟାଳୟକୁ ନିଆଯାଇଥିଲା। ଉଭୟଙ୍କ ଓକିଲ ଓ ପରିବାର ସଦସ୍ୟଙ୍କୁ ଭେଟିବାକୁ ସୁଯୋଗ ଦିଆଯାଇଥିଲା। ଡାକ୍ତରଙ୍କୁ ଡକାଯାଇ ଉଭୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ସିବିଆଇ ଅଧିକାରୀମାନେ ସେମାନଙ୍କୁ ସ୍ୱତନ୍ତ୍ର କୋର୍ଟରେ ହାଜର କରିଥିଲେ। ଉଭୟଙ୍କ ବିରୋଧରେ ଆଇପିସି ଦଫା ୧୨୦(ବି), ୪୦୯, ୪୭୧, ୪୨୦, ୪୬୮ ଲଗାଯାଇଛି। କୋର୍ଟରେ ହାଜର ପରେ ଉଭୟଙ୍କ ଓକିଲ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଆଶୀର୍ବାଦ ଓ କମଳାକାନ୍ତଙ୍କୁ ଜାମିନ ପ୍ରଦାନ କରିବାକୁ କୋର୍ଟଙ୍କୁ ପାର୍ଥନା କରିଥିଲେ। କିନ୍ତୁ ସରକାରୀ ଓକିଲ ଜାମିନ ନ ଦେବା ପାଇଁ ଯୁକ୍ତି ବାଢିଥିଲେ। ଉଭୟ ମୁଷ୍ଟିମେୟ ଲୋକ ହୋଇଥିବାରୁ ଜାମିନରେ ଗଲେ ପ୍ରମାଣ ନଷ୍ଟ କରିବା ସହ ତଦନ୍ତଙ୍କୁ ବାଟବଣା କରିପାରନ୍ତି ବୋଲି କହିଥିଲେ। ଶେଷରେ ଅପରାହ୍ନ ପ୍ରାୟ ୫ଟାରେ କୋର୍ଟ ତାଙ୍କ ରାୟ ଶୁଣାଇଥିଲେ।

କୋର୍ଟରେ ହାଜର ପୂର୍ବରୁ ସିବିଆଇ ଅଫିସ ସମ୍ମୁଖରେ ଆଶୀର୍ବାଦ ଗଣମାଧ୍ୟମକୁ କହିଥିଲେ, ମୋତେ କାହିଁକି ଗିରଫ କରାଯାଇଛି ଆପଣମାନେ ଜାଣିଛନ୍ତି। ଆଗକୁ ଓସିଏ ନିର୍ବାଚନ ଥିବାରୁ ଏଭଳି ଜାଣିଶୁଣି ପ୍ରତିପକ୍ଷ ଷଡ଼ଯନ୍ତ୍ର କରିଛନ୍ତି। ୨୦୧୨ ମସିହାର ମାମଲା। ସିବିଆଇ ଚାର୍ଜଶିଟ ଦାଖଲ କରିସାରିଛି। ନିୟମ ଅନୁଯାୟୀ ସମନ ପାଇବା କଥା। କିନ୍ତୁ ବିନା ସମନରେ ମୋତେ ଗିରଫ କରାଯାଇଛି। ତେବେ ବାପାଙ୍କ ଗିରଫଦାରିକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ପୁଅ ସଞ୍ଜୟ ବେହେରା। ସଞ୍ଜୟ କହିଛନ୍ତି, ଶୁକ୍ରବାର ଓସିଏ ନିର୍ବାଚନ ପାଇଁ ନୋମିନେଶନ ରହିଛି। ଏହାପୂର୍ବରୁ ବାପାଙ୍କୁ ଗିରଫ କରିବା ନିଶ୍ଚିତ ବଡ଼ ଷଡ଼ଯନ୍ତ୍ର ଓ ଚକ୍ରାନ୍ତ। ଏହାର ପ୍ରଭାବ ନିର୍ବାଚନ ଉପରେ ପଡ଼ିବ ନାହିଁ। ଓସିଏର ସଦସ୍ୟ ଏବଂ ଓଡିଶାବାସୀ ଜାଣିଛନ୍ତି ବାପା କ'ଣ?

ଅନ୍ୟପକ୍ଷରେ ହୋଟେଲ ସୋଲାନ୍ ଇନ୍ ମାଲିକ କମଳାକାନ୍ତ ଅନ୍ୟ ଅଭିଯୁକ୍ତଙ୍କ ସହ ମିଶି ଅର୍ଥତତ୍ତ୍ୱ ଗ୍ରୁପ୍‌ରୁ ଜମିହଡ଼ପ କରିଥିଲେ। ସେମାନେ ଖୋର୍ଦ୍ଧା ନିକଟ ଜାମୁଝରୀ ଓ ବାଲେଶ୍ୱରରେ ଥିବା ଏହି ସଂସ୍ଥାର ଜମି ବିକ୍ରି କରି ବହୁ କୋଟି ଟଙ୍କା ହଡ଼ପ କରିନେଇଥିବା ଅଭିଯୋଗ ରହିଥିଲା।

### ଅଭିଯୁକ୍ତଙ୍କୁ ଫାଶୀ...

୩୭୬(୨) (ଆଇ) (ଏମ୍)/୩୦୭ ଆଇପିସି, ପୋକ୍‌ସୋ ଆଇନର ଦଫା ୬ରେ ଏକ ମାମଲା(ନଂ.୮୧/୨୦୧୮) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଉକ୍ତ ମାମଲାରେ ପୋଲିସ ଘଟଣାର ମାତ୍ର ୧୯ଦିନରେ ୫ଶହ ପୃଷ୍ଠା ସମ୍ବଳିତ ଚାର୍ଜଶିଟ ଦାଖଲ କରିଥିଲା। କଟକର ପୋକ୍‌ସୋ ଅଦାଲତରେ ଏହି ସମ୍ବେଦନଶୀଳ ଘଟଣାର ଦ୍ରୁତ ଶୁଣାଣି ଆରମ୍ଭ ହୋଇଥିଲା। ମାମଲାରେ ୪୬ଜଣ ସାକ୍ଷୀଙ୍କ ମଧ୍ୟରୁ ୨୩ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ମୃତା ନାବାଳିକା ପରିବାରକୁ କଟକ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଓଡ଼ିଶା ପୀଡିତ କ୍ଷତିପୂରଣ ଯୋଜନାରେ ୧ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଇଥିଲା।

ଦେଶର ବିଭିନ୍ନ ରାଜ୍ୟରେ ନାବାଳିକା ବଳାତ୍କାର ଓ ହତ୍ୟା ମାମଲା ବୃଦ୍ଧି ପାଉଥିବାବେଳେ କେନ୍ଦ୍ର ସରକାର ପ୍ରୋଟେକ୍‌ଶନ୍ ଅଫ୍ ଚିଲ୍ଡ୍ରେନ୍ ଫ୍ରମ୍ ସେକ୍ସୁଆଲ୍ ଅଫେନ୍‌ସେସ୍(ପୋକ୍‌ସୋ) ଆଇନରେ ସଂଶୋଧନ ଆଣିବା ନିମନ୍ତେ ଅଧ୍ୟାଦେଶ ପାରିତ କରିଥିଲେ। କଟକ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତଙ୍କ ରାୟ ପୂର୍ବରୁ ୨୦୧୯ ଜୁଲାଇ ୨୭ରେ ଅନୁଗୋଳ ପୋକ୍‌ସୋ ଅଦାଲତ ଜଣେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ଅନାମ ଦେହୁରୀ(୨୨)ଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ। ଅନ୍ୟ ଏକ ଘଟଣାରେ ମୟୂରଭଞ୍ଜ ଜିଲା ଏଡିଜେ ଅଦାଲତ ଜଣେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ଅଭିଯୁକ୍ତ ବେତନଟୀ ଥାନା ଅଞ୍ଚଳର ଯାମିନୀକାନ୍ତ ମହନ୍ତଙ୍କୁ ଗତ ଅଗଷ୍ଟ ୨୮ରେ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ। ସେହିପରି ଗତ ୧୦ରେ ଜଗତ୍‌ସିଂହପୁର ପୋକ୍‌ସୋ ଅଦାଲତ ଆଉ ଏକ ନାବାଳିକା ବଳାତ୍କାର ଓ ହତ୍ୟା ମାମଲାରେ ଅଭିଯୁକ୍ତ କାଳିଆ ଓରଫ ଲବ ମାନା(୩୫)ଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଥିଲେ।

### ଦର ଛୁଇଁଲାଣି...

ଉପରେ ଅଙ୍କୁଶ ଲଗାଇବାକୁ ସରକାରଙ୍କ ପାଖରେ କୌଣସି ବିକଳ୍ପ ନାହିଁ । ନୂଆ ପିଆଜ ବଜାରକୁ ଆସିଲେ ଦର କମିବ ବୋଲି ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଅର୍ଥାତ୍ ଏହି ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧିକୁ ରୋକିବା ପାଇଁ ସରକାରଙ୍କ ପାଖରେ କିଛି ବିକଳ୍ପ ନାହିଁ। ଉତ୍ପାଦନ ବୃଦ୍ଧି ଓ ଦର କମିବା ଯାଏ ଖାଉଟିଙ୍କୁ ଅପେକ୍ଷା କରିବାକୁ ପଡ଼ିବ।

ଆଳୁ ଓ ପିଆଜ ଦରକୁ ନିୟନ୍ତ୍ରଣ କରିବା ପାଇଁ ପ୍ରାଇସ୍ ଷ୍ଟାବିଲାଇଜେଶନ ଫଣ୍ଡ (ପିଏସ୍ଏଫ୍) ଗଠନ କରିବାକୁ କେନ୍ଦ୍ର ସରକାର ୨୦୧୫ରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୫୦ କୋଟି ଟଙ୍କା ଲେଖାଏ ଅଂଶଧନ ବହନ କରିବା ବ୍ୟବସ୍ଥା ରହିଛି। ୧୦୦ କୋଟି ଟଙ୍କାରେ ଅଗଷ୍ଟ ମାସ ପୂର୍ବରୁ ରାଜ୍ୟ ସରକାର ପ୍ରାଥମିକ ସମବାୟ ସମିତି ଜରିଆରେ ଚାଷୀଙ୍କ ଠାରୁ ଅତ୍ୟାବଶ୍ୟକ ସାମଗ୍ରୀ ଆଳୁ, ପିଆଜ ଏବଂ ଡାଲିଜାତୀୟ ଶସ୍ୟ କିଣି ଗଚ୍ଛିତ ରଖିବେ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପିଏସ୍ଏଫ୍‌ର ନୋଡାଲ ବିଭାଗ ଭାବେ କାର୍ଯ୍ୟ କରିବ। ଡିରୋଟ ସମୟରେ ଉକ୍ତ ସାମଗ୍ରୀକୁ ନିର୍ଦ୍ଦିଷ୍ଟ ମୂଲ୍ୟରେ ବିକ୍ରି ପାଇଁ ବଜାରକୁ ଛଡ଼ାଯିବ । ଫଳରେ ଖାଉଟିମାନଙ୍କୁ ମୂଲ୍ୟ ବୃଦ୍ଧି କଷ୍ଟରୁ ମୁକ୍ତି ମିଳିପାରିବ। ମାତ୍ର ଏହି ପାଣ୍ଠି ଗଠନ ହେବାର ୪ ବର୍ଷ ବିତିଯିବାକୁ ବସିଥିଲେ ମଧ୍ୟ ଏହାର ବ୍ୟବହାର କରାଯାଉ ନାହିଁ। ଫଳରେ ବଜାର ଉପରେ ସରକାରଙ୍କ କୌଣସି ନିୟନ୍ତ୍ରଣ ରହୁନାହିଁ। ଖାଉଟିଙ୍କୁ ବାଧ୍ୟହୋଇ ଅନ୍ୟ ରାଜ୍ୟର ଉତ୍ପାଦନ ଓ ଦର ଉପରେ ନିର୍ଭର କରିବାକୁ ପଡୁଛି। ପରିସ୍ଥିତି ସ୍ୱାଭାବିକ ହେବା ଯାଏ ଖାଉଟିମାନେ ଚଢ଼ା ଦରରେ ପିଆଜ କିଣିବାକୁ ବାଧ୍ୟ ହେବେ । ଯୋଗାଣ ବିଭାଗ ଅଧିକାରୀଙ୍କ କହିବା କଥା ହେଲା ଚାଷୀଙ୍କଠାରୁ ଆଳୁ ରଖିବା ପାଇଁ ସରକାର ଶୀତଳଭଣ୍ଡାରଗୁଡ଼ିକ ଭଡ଼ାରେ ନେଇଥିଲେ। ରାଜ୍ୟର ଚାଷୀଙ୍କଠାରୁ ଆଳୁ ସଂଗ୍ରହ କରି ରଖାଯାଇଥିଲା। ଆଳୁ ଅଭାବରୁ କେତେକ ଶୀତଳଭଣ୍ଡାର ଖାଲି ପଡ଼ି ରହିଲା। ଆଳୁ ଦର ଖସିଯିବାରୁ ଗଚ୍ଛିତ ଆଳୁକୁ କମ୍ ଦରରେ ବିକ୍ରି କରାଗଲା। ଏଥିଯୋଗୁ ସରକାରଙ୍କୁ ୫୦ ଲକ୍ଷ ଟଙ୍କାର କ୍ଷତି ସହିବାକୁ ପଡ଼ିଲା। ଏଥିଯୋଗୁ ଶୀଘ୍ର ନଷ୍ଟ ହେଉଥିବା ପିଆଜକୁ ଗଚ୍ଛିତ ରଖିବା ସମ୍ଭବ ନୁହେଁ। ବର୍ଷା କମିଗଲେ ପିଆଜ ଦର ଆପେ କମିଯିବ ବୋଲି ଅଧିକାରୀ ଜଣକ କହିଛନ୍ତି। ଆଇଗିଣିଆ ପିଆଜ ବ୍ୟବସାୟୀ ସଂଘର ସାଧାରଣ ସମ୍ପାଦକ ତଥା ଓଡ଼ିଶା ବ୍ୟବସାୟୀ ସଂଘର ଆବାହକ ଶକ୍ତି ଶଙ୍କର ମିଶ୍ର କହିଛନ୍ତି ଯେ, ବନ୍ୟା ଓ ଲଗାଣ ବର୍ଷା ଯୋଗୁ ମହାରାଷ୍ଟ୍ର, ଆନ୍ଧ୍ର କିମ୍ବା କର୍ନାଟକରେ ପିଆଜ ଉତ୍ପାଦନ ହ୍ରାସ ପାଇଛି। ଏହାଛଡ଼ା ବର୍ଷା ଯୋଗୁ ପରିବହନ ବେଳେ ପିଆଜରେ ପାଣି ପଶି ନଷ୍ଟ ହୋଇଯାଉଛି। ଏଥିଯୋଗୁ ଦର ବୃଦ୍ଧି ଘଟିଛି। ଆସନ୍ତା ମାସେ ଯାଏ ପିଆଜ ଦର କମିବା ଆଶା କ୍ଷୀଣ ବୋଲି ସେ କହିଛନ୍ତି। ପଶ୍ଚିମବଙ୍ଗ ସରକାର ଆଳୁ ରଖିବା ପାଇଁ ପର୍ଯ୍ୟାପ୍ତ ଶୀତଳଭଣ୍ଡାର କରିଥିବାରୁ ଚଳିତ ବର୍ଷ ଆଳୁ ଦର ନିୟନ୍ତ୍ରଣରେ ରହିପାରିଛି। ରାଜ୍ୟରେ ବ୍ୟବସାୟୀମାନଙ୍କୁ କିମ୍ବା ସରକାର ନିଜେ ପିଆଜ ରଖିବା ପାଇଁ ବ୍ୟବସ୍ଥା କଲେ ଲୋକଙ୍କୁ ଦର ବୃଦ୍ଧିର କଷ୍ଟ ଭୋଗିବାକୁ ପଡ଼ନ୍ତା ନାହିଁ ବୋଲି ସେ କହିଛନ୍ତି।

ରାଜ୍ୟରେ ଯେତିକି ପିଆଜ ଉତ୍ପାଦନ ହେଉଛି ତାହା ସଂରକ୍ଷଣ ଅଭାବରୁ ଅନ୍ୟ ରାଜ୍ୟକୁ ଚାଲି ଯାଉଛି। ରାଜ୍ୟରେ ପିଆଜ ଚାଷକୁ ପ୍ରୋତ୍ସାହନ ଦେବା ସହ ସଂରକ୍ଷଣ ପାଇଁ ବ୍ୟବସ୍ଥା ନ କଲେ ପ୍ରତ୍ୟେକ ବର୍ଷ ଲୋକଙ୍କୁ ଆଳୁ, ପିଆଜ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ଦରରେ ପେଷି ହେବାକୁ ପଡ଼ିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ବଳବାନ୍ ଚନ୍ଦ୍ର ପ୍ରଭାବରେ ପିଲାମାନଙ୍କ କଥା, ଶିକ୍ଷା ସମ୍ପର୍କିତ ସମସ୍ୟା, ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଘଟିବ। ବ୍ୟବସାୟ, ପରିବହନରେ ସମସ୍ୟା ମୁକ୍ତ ରହିବେ। ଅଟକି ରହିଥିବା କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ଆନୁଷ୍ଠାନିକ କାମ, ସାମାଜିକ ସମ୍ପର୍କରେ ଉନ୍ନତି ସହ ବିଳାସ ଓ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ।

**ବୃଷ**
ଆଜିର ଗ୍ରହସ୍ଥିତି ପ୍ରଭାବରେ ପରକୁ ଆପଣାର କରି କାମ ହାସଲରେ ସମର୍ଥ ହେବେ। କିନ୍ତୁ ମୃଗଶିରା ନକ୍ଷତ୍ରାଧିପ ମଙ୍ଗଳଙ୍କ ଦୁର୍ବଳତାଜନିତ ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତି ଲାଗିରହିବ। ଦେବ ଦର୍ଶନର ସୁଯୋଗ ମିଳିପାରେ। ଜମିଜମା କାରବାର, ରାଜନୀତି ଓ କ୍ରୀଡ଼ା ତଥା ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ମିଥୁନ**
ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ ବୃହସ୍ପତିଙ୍କ ଦୋଷରୁ ନିର୍ଦ୍ଦିଷ୍ଟ ସମୟରେ କାମଗୁଡିକ ନ ହୋଇପାରିବା କାରଣରୁ ବ୍ୟସ୍ତ ହେବେ। ଋଣ ଭାରରେ ଅତିଷ୍ଠ ହେବାକୁ ପଡ଼ିବ ଓ ତାହା ହିଁ ଦୁଶ୍ଚିନ୍ତାର କାରଣ ହେବାର ସୂଚନା ରହିଛି। ହଠାତ୍ କୌଣସି ହୃଦୟବାନ୍ ବ୍ୟକ୍ତିଙ୍କ ସହାୟତାରୁ କାର୍ଯ୍ୟସିଦ୍ଧି ଘଟିବ।

**କର୍କଟ**
ସ୍ୱସ୍ଥାନପାଳ ଶନି ଷଷ୍ଠଭାବସ୍ଥ ଯୋଗୁ ପରୋକ୍ଷ ଶତ୍ରୁତା ହେତୁ ଭଲ କାମ କଲେ ମଧ୍ୟ ସମାଲୋଚିତ ହେବା ବ୍ୟତୀତ କିଛି ଲାଭ ହେବନି। ଅନ୍ୟମନସ୍କ ରହି ବିଭିନ୍ନ ପ୍ରକାରର ସମସ୍ୟାକୁ ଡାକି ଆଣିପାରନ୍ତି। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ସିଂହ**
ଏକାଧିକ ଗ୍ରହ ଧନସ୍ଥାନସ୍ଥ ହେତୁ ବିଭିନ୍ନ ଦିଗରୁ ଅର୍ଥସଂଗ୍ରହ କରିପାରିବେ। କୌଣସି ନୂତନ କାମର ଯୋଜନା କରିବେ ଓ ସଫଳତା ମଧ୍ୟ ପାଇବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଘରୋଇ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ସମସ୍ୟାର କାରଣ ହୋଇପାରେ। ମନୋରଞ୍ଜନ କାର୍ଯ୍ୟକ୍ରମ କିମ୍ବା ସଭାସମିତିରେ ସଫଳତା ହାସଲ କରିବେ।

**କନ୍ୟା**
ଗ୍ରହଯୋଗର ସୁପ୍ରଭାବରେ ଯେଉଁ କାମରେ ହାତଦେଲେ ମଧ୍ୟ ସଫଳତା ନିଶ୍ଚିତ ପାଇପାରିବେ। ଆଜି ଏକ ଭିନ୍ନ ପରିସ୍ଥିତିରେ ବାନ୍ଧବୀଙ୍କ ସହ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବା ସହ ଅର୍ଥ ସମ୍ପର୍କିତ ସମସ୍ୟା ସୁଧାରିନେବେ। ବିବାଦୀୟ ଘଟଣାରେ ବିଜୟଲାଭ ସୁନିଶ୍ଚିତ।

**ତୁଳା**
ଅଷ୍ଟମସ୍ଥ ଚନ୍ଦ୍ର ମନରେ ଅସ୍ଥିରତା ସୃଷ୍ଟି କରିବ ଅବଶ୍ୟ ଆର୍ଥିକ ଦିଗରୁ କୌଣସି ଅସୁବିଧା ହେବନାହିଁ। କୌଣସି ନୂତନ କର୍ମାରମ୍ଭ କରିବେ ଓ ଏଥିରେ ବନ୍ଧୁ ପରିଜନଙ୍କ ସହଯୋଗ ଅବଶ୍ୟ ମିଳିବ। ବ୍ୟୟ ଭାର କ୍ରମଶଃ କମି ଆସିବା ସାଙ୍ଗକୁ ନିର୍ମାଣ ଓ ଜମିଜମା କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ବିଛା**
କେତେକ କ୍ଷେତ୍ରରେ ନୈରାଶ୍ୟଜନକ ପରିସ୍ଥିତି ମାନସିକ ଅସୁସ୍ଥତାର କାରଣ ସାଜିପାରେ। କୌଣସି କାମରେ ବ୍ୟସ୍ତତା ବଢ଼ିଯାଇପାରେ କିନ୍ତୁ କୌଣସି ଅସୁବିଧା ହେବ ନାହିଁ। ବାଣିଜ୍ୟ, ପରିବହନ ଓ ବ୍ୟବସାୟ ଦିଗଟି ମନ୍ଦ ହେବନି। ଆଜି ଘରୋଇ ବରାଦ ଅନୁଯାୟୀ କିଛି ମନୋରଞ୍ଜନ ଜିନିଷ କ୍ରୟ କରିବେ।

**ଧନୁ**
ଆଜି ହଠାତ୍ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବାରୁ ମନୋବଳ ସାମାନ୍ୟ ବୃଦ୍ଧି ପାଇବ। ବାଣିଜ୍ୟ, ବ୍ୟବସାୟ, ପରିବହନ, କଳା, ସାହିତ୍ୟ,ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାକୁ ସୁଧାରି ନେବେ। କର୍ମକ୍ଷେତ୍ରରେ ବିଶିଷ୍ଟବ୍ୟକ୍ତିମାନଙ୍କ ମାଧ୍ୟମରେ ଉପଯୁକ୍ତ ଭାବେ ସମ୍ମାନିତ ହୋଇପାରନ୍ତି।

**ମକର**
ଚନ୍ଦ୍ରଙ୍କ ଶୁଭଦୃ କାରଣରୁ ପାରିବାରିକ ସମସ୍ୟାର ସରଳ ସମାଧାନ କରି ମନକୁ ହାଲୁକା କରିବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବା ସାଙ୍ଗକୁ ନିକଟ ସମ୍ପର୍କୀୟମାନଙ୍କ ସହ କୌଣସି ନୂତନ କର୍ମାରମ୍ଭର ଯୋଜନା ପ୍ରସ୍ତୁତ କରିବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିବନ୍ଧକ ଲାଗିରହିବ।

**କୁମ୍ଭ**
ନୀଚସ୍ଥ ଶୁକ୍ରଜନିତ ପରିବାରରେ ଘଟିଯାଇଥିବା କେତେକ ଅତୀତ ଘଟଣାକୁ ସ୍ମରଣ କରି ଅନୁତାପ କରିବେ। ଅସାବଧାନତାବଶତଃ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। କଳା, ସାହିତ୍ୟରେ ଉନ୍ନତି କରିବା ସାଙ୍ଗକୁ ନିଜର କୃତୀ ଓ କୃତିତ୍ୱ କାରଣରୁ ପ୍ରଶଂସିତ ମଧ୍ୟ ହେବେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**ମୀନ**
ବିଭିନ୍ନ ପ୍ରକାର ପ୍ରତିବନ୍ଧକ ମଧ୍ୟରେ ଗତି କରିବା ସହ କାର୍ଯ୍ୟହାନି କାରଣରୁ ମାନସିକ ଅସ୍ଥିରତା ଲାଗିରହିବ। ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧାର କାରଣ ନ ବୁଝି କାମ କଲେ ହଇରାଣ ହେବାକୁ ପଡ଼ିବ। ଆଜି ଦିନଟିରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ଏପରି କି ଯାତ୍ରାକାଳୀନ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ।

ଆଜି ଆଶ୍ୱିନ କୃଷ୍ଣପକ୍ଷର ଗଜଷଷ୍ଠୀ ଶୁକ୍ରବାର, ସେପ୍ଟେମ୍ବର ୨୦ ତାରିଖ, ରାଶି ନକ୍ଷତ୍ର-ଦିବା ଘ୧୧।୧୦ମି. ପର୍ଯ୍ୟନ୍ତ କୃତ୍ତିକା/ବୃଷ, ଷଷ୍ଠୀର ଶ୍ରାଦ୍ଧ। ଦିବା ଘ୬।୨୭ମି. ମଧ୍ୟେ ଘ୭।୧୫ମି. ଗତେ, ଘ୯।୩୮ମି. ମଧ୍ୟେ ଘ୧୨।୦୧ମି. ଗତେ, ଘ୩।୧୨ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୦୯ମି. ଗତେ ଘ୮।୩୯ମି. ମଧ୍ୟେ, ଘ୧୧।୩୯ମି. ଗତେ ଘ୧।୦୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୦୯ମି. ଗତେ ଘ୧୧।୪୦ମି. ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302

**real estate**

**SALE**

Plot at Sundarpada Mouza Botanda 2.5k.m from Airport, Bhubaneswar. Contact for detail: 9078002314, 7735015318. D-67067

**ଭୁବନେଶ୍ୱର AIIMS Medical ନିକଟରେ Yellowzone gharabari 32ft road electricity ଥାଇ immediate boundary patta plot. 9777553622.** D-66784

**ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952.** D-66774

ଭୁବନେଶ୍ୱର IIT ଅରଗୁଳ ରେଲଓ୍ୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

**Bhubaneswar Patia KIIT ଜଗନ୍ନାଥମନ୍ଦିର ପାଖରେ 40ft ରାସ୍ତାଥାଇ Yellowzone ଘରବାରି ପ୍ଲଟ Possession ସହିତ registration ନିଅନ୍ତୁ 7751096741.** D-66785

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

**ଭୁବନେଶ୍ୱର ସୁନ୍ଦରପଦା Xavier University ପଛପଟରେ Immediate registration & Possession ସହିତ ସ୍ଥିତିବାନ ପ୍ଲଟ ସୁଲଭମୂଲ୍ୟରେ ମିଳୁଅଛି। Contact: 8249292535.** D-66780

New 2BHK flat with parking available for sale at Sundarpada price below 30 lakhs. Ph: 9938810414. D-66299

**Residential plot sale at Patrapada 600mtr from NH, Sqft-2200/- (Size-2024) near Kalinganagar DAV School (Nuagaon) Sqft. 1950/- (Gharabari). 9853606253, 7978332619.** D-66781

ପଟିଆ ବିଗ୍‌ବଜାର ପାଖରେ 1Acre plot ବିକ୍ରି ହେବ। Contact: 9778928492. D-65692

**5000sqft gharabari plot for sale at Pokhariput (Near DAV School) Bhubaneswar. Contact- Deepak: 9937329999.** D-68004

ସତ୍ୟନଗର ଘରବାରି plot 19,000 sqft. ବିକ୍ରି ହେବ। Contact: 9937910363. D-65693

**4000sqft plot sale at Patia (Near Big Bazar), Bhubaneswar, Directly Buyer Contact- Deepak: 9937329999.** D-68005

BDA Plot 30' road, electric ସହିତ ମାତ୍ର 7,00,000/-ରେ NH-16ରୁ 200 mtr. distanceରେ ମିଳୁଅଛି। 9777449397, 8917697736. D-14389

**Residential & commercial plot in front of Krupajal Engineering college close to BBSR-Puri NH for sale @ 1300 per sqft. For details contact: 7381452871.** D-67393

**PURCHASE**

Stithiban gharabari land requires in around Bhubaneswar. Contact: 9937816565, 9937568585. D-67392

**to-let**

2BHK, ground floor, Bharat Villa, Hanspal, near Metro satelite. 9437241031. D-14417

Gf two Br, two Toilets, Dressing Dining cum Drawing, Puja, Kitchen, and one spacious Br Kitchen separate Toilet both houses for small families only. In Nageswartangi, Bhubaneswar. 9937251147, 9040975251. D-67103

250sqft furnished room for office, near BDA, Keshari Talkies Plot-5, Bhubanewar. Contact: 9238579309. D-66189

Brick plant on rent. For Flyash brick one plant & machines having plant shed capacity 16000 sqft. land area 22000 sqft. with readymade office, store, staff quarter. Security deposit & rent negotiable. Contact: 9938810414, 9861022444. D-66300

Marriage Hall available on 8th Dec 2019 Onwards. At- Sankalp Media & Convention Luxurious 3 floors with A/c & all modern amenities for 1000+guests infront of Sai Temple, Near Infocity, Patia, Bhubaneswar. Ph: 7008648674 / 7008976501. D-67502

**ACCOMMODATION**

Wanted 1000sqft space for office (Jaydev Vihar, Nayapalli, Acharya Vihar, Bargad Canal road, Goutamnagar, Rathroad and others. Call: 9938720683, 9853483658. D-67391

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-14206

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Kajal ayurvedic massage club fully relaxed by smart lady, home service available. 9937637219. D-66960

Ayurvedic herbal body massage trend therapist. Mob: 8018246332. D-66961

Herbal full body massage by smart / expert therapist. Contact: 8338067247. D-67386

Summer special mesmerizing offer expert therapeutic refreshing massage appointment. 9668374480. D-67387

Experience full body massage with us (expert). Call: 7377048581, 06742597822. D-67389

Full body herbal massage with refreshment expert therapist. 7381239385, 06742540855. D-67388

Monalisa Massage Club: All types body massage with hiprofile smart lady rooms service available- 9708545108. D-14410

Refresh your mind and soul with best therapy at Orchid Salon/ Spa. 9937287222. D-66963

**business**

ନିଜ ଜିଲ୍ଲାରେ office କରନ୍ତୁ। ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ। Mob: 9777434078. D-14379

**AFFIDAVIT**

ଏତଦ୍ୱାରା ଆମେ ସତ୍ୟଭାମା କୁମାରୀ ଦେବୀ ଏବଂ ଜୟଜିତ ସିଂଦେଓ ନିବାସୀ ଦେଓଭବନ, ଟାଉନ୍ ଥାନା ସାମନା, ତହସିଲ/ଜିଲ୍ଲା- ସମ୍ବଲପୁର, ଘୋଷଣା କରୁଅଛୁ ଯେ, ସତ୍ୟନାରାୟଣ ଚନ୍ଦ୍ର ଦେଓ କରିଥିବା ଉଇଲ୍‌ନାମା ରେଜିଷ୍ଟର୍ ନଂ.୧୦, ତାରିଖ ୨୨।୦୧।୨୦୧୯ ଅନୁସାରେ ଆମ୍ଭେ ତାଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ଅଟୁ। ଏହି ସମ୍ପତ୍ତିରେ ଅନ୍ୟ କାହାର ଅଧିକାର ନାହିଁ। ଯଦି ଏହାକୁ କୌଣସି ବ୍ୟକ୍ତି କ୍ରୟ କିମ୍ବା ବିକ୍ରୟ କଲେ ଆମ୍ଭେ ଦାୟୀ ରହିବୁ ନାହିଁ। ସମ୍ପତ୍ତିର ବିବରଣୀ- ଏମ୍. ଏସ୍ ହୋଲ୍ଡିଂ ନଂ. ୭୪୪- ରାମପୁର ଏବଂ ଖାତା ନଂ. ୮୯୬, ଗ୍ରାମ- ରାମପୁର, ଖାତା ନଂ. ୧୧୫ ,ଏବଂ ୯୬, ଗ୍ରାମ- ପଣ୍ଡକିମାଲ ଏବଂ ଖାତା ନଂ. ୫୬ ଗ୍ରାମ- ତନ୍ତଗାଡ଼ ଇତ୍ୟାଦି। D-14409

Affidavit before Executive Magistrate, Dhamnagar 07.09.2019 my name has changed from Shoobham Nayak to Shubham Nayak. Henceforth I shall be known as Shubham Nayak, S/o- Jyotirmaya Nayak, At/ Po- Mamadula, Dist- Bhadrak, Pin- 756117, PS.- Dhusuri for all legal purposes. D-14416

By virtue of an affidavit in the court of the Executive Magistrate, Angul, I Shri Asharam Gaan, aged about 19yrs, S/o Gouranga Gaan of Bantala, Angul here by declared that I have changed my name from 'Asharam Gaan' to 'Aryan Gaan'. Henceforth I shall be known as Aryan Gaan for all future purposes. D-14414

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭୁବନେଶ୍ୱର ରେଳ ଷ୍ଟେଶନ ହେବ ମଲ୍ଟି ମୋଡାଲ ହବ୍

**ଭୁବନେଶ୍ୱର, ୧୯।୯(ବ୍ୟୁରୋ)**

ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନକୁ ମଲ୍ଟି ମୋଡ଼ାଲ ହବ୍‌ରେ ବିକଶିତ କରାଯିବ। ଏନେଇ ଗୁରୁବାର ନୂଆଦିଲ୍ଲୀର ଉଦ୍ୟୋଗ ଭବନରେ ରେଲ୍‌ୱେ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଉପସ୍ଥିତ ଥିଲେ। ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ଡିଭିଜନର ରେଳ ପ୍ରବନ୍ଧକ ଶଶିକାନ୍ତ ସିଂହ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଡିଏ ଉପାଧ୍ୟକ୍ଷ ପ୍ରେମଚନ୍ଦ୍ର ଚୌଧାରୀ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରୁ ଭିଡିଓ କନଫରେନ୍ସିଂ ଜରିଆରେ କାର୍ଯ୍ୟକ୍ରମରେ ଯୋଡ଼ି ହୋଇଥିଲେ।

ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଓ ବିଡିଏ ଜମିରେ ଏହି ପ୍ରକଳ୍ପ ନିର୍ମାଣ ହେବ। ଷ୍ଟେଶନର ନୂତନ ଟର୍ମିନାଲ ବିଲ୍ଡିଂ, ସିଟି ବସ୍ ଟର୍ମିନାଲ, ପବ୍ଲିକ କାର୍ ପାର୍କିଂ, ଅଟୋ ଓ ଟ୍ୟାକ୍ସିର ଭିନ୍ନ ଭିନ୍ନ ପାର୍କିଂ, ଭୂତଳ ରାସ୍ତା ଓ ଅନ୍ୟାନ୍ୟ ସେବା ଉପଯୋଗୀ ବ୍ୟବସ୍ଥା ସହ ପ୍ଲାଟଫର୍ମ ଉପର ଦେଇ ଉଭୟ ପାର୍ଶ୍ୱକୁ ସଂଯୋଗ କନ୍‌କୋର୍ସ ନିର୍ମାଣ କରାଯିବ। ଉଭୟ ରେଲ୍‌ୱେ ଓ ରାଜ୍ୟ ସରକାରଙ୍କ ଜମିରେ ନୂଆ ଷ୍ଟେଶନ ବିଲ୍ଡିଂ ସହ ଦୁଇ ଲାଇନ୍ ପ୍ଲାଟଫର୍ମ ନିର୍ମାଣ ହେବ। ପ୍ରସ୍ତାବିତ ୬ ମହଲା ବିଶିଷ୍ଟ ଷ୍ଟେଶନ ବିଲ୍ଡିଂରେ ପ୍ରଥମ ୩ ମହଲା ରେଲ୍‌ୱେ ଓ ଉପର ୩ ମହଲା ବିଡିଏ ବ୍ୟବହାର କରିବ।

ପ୍ରସ୍ତାବିତ ଷ୍ଟେଶନର ବିକଶିତ ଅଞ୍ଚଳ ମଧ୍ୟରେ ଥିଏଟର ପ୍ଲାଜା, ଆର୍ଟ ପ୍ଲାଜା, ଶିଶୁ ପ୍ଲାଜା ଓ ଫୁଡ୍‌କୋର୍ଟର ବ୍ୟବସ୍ଥା ରହିବ। ଏଥିସହ ଗହଳି କମାଇବା ଲାଗି ବସ୍, ଅଟୋ ରିକ୍ସା, ଟ୍ୟାକ୍ସି, ଦୁଇ ଚକିଆ ଯାନ ପାଇଁ ଅଲଗା ସ୍ଥାନ ରହିବ। ସେହିଭଳି ସାଇକେଲ ଆରୋହୀ ଓ ପଥଚାରୀଙ୍କ ପାଇଁ ଭିନ୍ନ ଭିନ୍ନ ଯାତାୟାତ ପଥ ନିର୍ମାଣ କରାଯିବ। ଷ୍ଟେଶନ ଭିତରକୁ ପଶିବା ଲାଗି ଭୂତଳ ରାସ୍ତା ଓ ବାହାରିବା ଲାଗି ଉପର ମହଲାଦେଇ ସ୍ୱତନ୍ତ୍ର ରାସ୍ତା ନିର୍ମାଣ କରିବାକୁ ଯୋଜନା ରହିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପ ପାଇଁ ରେଳ ମନ୍ତ୍ରଣାଳୟ ଓ ପୂର୍ବତଟ ରେଳପଥକୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ଏହା ଏକ ଐତିହାସିକ ମୁହୂର୍ତ୍ତ। ଭୁବନେଶ୍ୱର ରେଳ ଷ୍ଟେଶନ ବିଶ୍ୱସ୍ତରୀୟ ଷ୍ଟେଶନରେ ପରିଣତ ହେବାକୁ ଯାଉଛି। ଭୁବନେଶ୍ୱର ପାଇଁ ଏହା ପ୍ରଥମ ଟ୍ରାଞ୍ଜିଟ ଅଭିମୁଖୀ ଉନ୍ନୟନ ପ୍ରକଳ୍ପ। ଏହା ଭବିଷ୍ୟତରେ ଭୁବନେଶ୍ୱରକୁ ଦେଶର ଏକ ବ୍ୟବସାୟିକ ଜିଲାରେ ପରିଣତ କରିବାକୁ ବାଟ ଫିଟାଇବ ବୋଲି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଛନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱରରେ ଏକ ନୂଆ କୀର୍ତ୍ତିମାନ ସ୍ଥାପନ ହେବାକୁ ଯାଉଛି ବୋଲି ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ଉପସ୍ଥିତ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। କେନ୍ଦ୍ର ଓ ରାଜ୍ୟର ମିଳିତ ସହଯୋଗରେ ଓଡ଼ିଶା ବିକାଶର ଏହା ମାଇଲଖୁଣ୍ଟ ହେବ। ଷ୍ଟେଶନର ଉନ୍ନତି ହେଲେ ରାଜ୍ୟକୁ ଏକ ନୂଆ ପରିଚୟ ମିଳିବା ସହ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ। ଏହି ପ୍ରକଳ୍ପ ପାଇଁ ଡିଟେଲ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ପ୍ରସ୍ତୁତି କାର୍ଯ୍ୟ ସିଙ୍ଗାପୁରର ସୁର୍ବର୍ଣ୍ଣା ଜୁରଙ୍ଗ ସଂସ୍ଥାକୁ ଦିଆଯାଇଥିବାରୁ ବିଡିଏକୁ ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରୁ ଭିଡିଓ କନଫରେନ୍ସିଂରେ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ନୂଆଦିଲ୍ଲୀଠାରେ ବୁଝାମଣାପତ୍ର ସ୍ୱାକ୍ଷର କରାଯାଉଛି।

- ରାଜ୍ୟ ସରକାର ଓ ରେଲ୍‌ୱେ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ
- ଦେଶର ବ୍ୟବସାୟିକ ଜିଲା ପାଇଁ ବାଟ ଫିଟିବ: ମୁଖ୍ୟମନ୍ତ୍ରୀ
- ଓଡ଼ିଶା ବିକାଶର ମାଇଲ୍ ଖୁଣ୍ଟ ହେବ: ଧର୍ମେନ୍ଦ୍ର

## ସଂକ୍ଷେପରେ

ହାଜତରେ ମଦ ବ୍ୟବସାୟୀଙ୍କ ମୃତ୍ୟୁ ଘଟଣା

### ୫ ଲକ୍ଷ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ପଟ୍ଟାମୁଣ୍ଡାଇ, ୧୯।୯ (ସ୍ୱ.ପ୍ର):** କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ହାଜତରେ ମଦ ବ୍ୟବସାୟୀ ସୁଶାନ୍ତ ବେହେରାଙ୍କ ମୃତ୍ୟୁ ଘଟଣାରେ ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଘୋଷଣା କରିଛନ୍ତି। ଏ ନେଇ ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ସୁଶାନ୍ତ ଚୋରା ମଦ କାରବାର କରୁଥିବା ଅଭିଯୋଗରେ ପୋଲିସ ବୁଧବାର ତାଙ୍କୁ ଘରୁ ଉଠାଇ ଆଣିଥିଲା। ମାତ୍ର ଥାନା ହାଜତରେ ତାଙ୍କର ମୃତ୍ୟୁ ଘଟିଥିଲା। ସୁଶାନ୍ତଙ୍କ ସ୍ତ୍ରୀ ଚିନ୍ମୟୀ ଏ ନେଇ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ୩୦୨/୧୯ ନଂ.ରେ ଏକ ମାମଲା ରୁଜୁ ହୋଇଛି। ତେବେ ଏହି ଘଟଣା ପ୍ରତିବାଦରେ ବୁଧବାର ସନ୍ଧ୍ୟାରୁ ଗ୍ରାମବାସୀ ଥାନା ଘେରାଉ ସହ ଧାରଣା ଦେଇଥିବା ବେଳେ ରାତି ପ୍ରାୟ ୧ଟା ପର୍ଯ୍ୟନ୍ତ ଏହା ଚାଲିଥିଲା। ଏଣୁ ରାତି ୧ଟା ବେଳେ କେନ୍ଦ୍ରାପଡ଼ା ଜିଲାପାଳ ବର୍ମା ଘଟଣାସ୍ଥଳରେ ପହଞ୍ଚି ସୁଶାନ୍ତଙ୍କ ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ମୃତକଙ୍କ ପରିବାରକୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅପରପକ୍ଷେ ମଙ୍ଗଳାବାଗ ପୋଲିସ ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ କଟକ ବଡ଼ ମେଡିକାଲରେ ସୁଶାନ୍ତଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏହି ସମୟର ଭିଡିଓ ରେକର୍ଡିଂ ମଧ୍ୟ କରାଯାଇଥିବା ଜଣାପଡ଼ିଛି। ସାନଭାଇ ପ୍ରଶାନ୍ତଙ୍କୁ ମୃତଦେହ ହସ୍ତାନ୍ତର କରାଯିବା ପରେ ପୁରୀ ସ୍ୱର୍ଗଦ୍ୱାରଠାରେ ସୁଶାନ୍ତଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏ ନେଇ ଏନ୍‌ଏଚ୍‌ଆର୍‌ସିରେ (ନଂ- ୧୧୪୧୪/ଆଇଏନ/୨୦୧୯)ରେ ଏକ ମାମଲା ରୁଜୁ ହୋଇଛି। ସୂଚନାଥାଉ କି, ରାଜନଗର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ସୁଶାନ୍ତଙ୍କ ବାପା ନିତ୍ୟାନନ୍ଦଙ୍କୁ ନେଇ କଟକ ମେଡିକାଲକୁ ଯାଇଥିଲେ।

### ଜୀବିତଙ୍କୁ ମୃତ ଦର୍ଶାଇ ଜମି ବିକ୍ରି ଉଦ୍ୟମ

**ବରଗଡ଼ ଅଫିସ,୧୯।୯:** ବରଗଡ଼ ଜିଲାରେ ଜୀବିତଙ୍କୁ ମୃତ ଦର୍ଶାଇ ଜମି ଜାଲିଆତି ଘଟଣା ବଢ଼ିବାରେ ଲାଗିଛି। ଗୋଟିଏ ପରେ ଗୋଟିଏ ଏଭଳି ଘଟଣା ପଦାକୁ ଆସିବାରେ ଲାଗିଛି। ବରଗଡ଼ ବ୍ଲକ ଅନ୍ତର୍ଗତ ତୋରା ଗ୍ରାମରେ ଏଭଳି ଜାଲିଆତି ହୋଇଥିବା ନେଇ ଗୁରୁବାର ଅତାବିରା ବ୍ଲକ ଖରମୁଣ୍ଡା ଗ୍ରାମର ଜଣେ ମହିଳା ବିନୋଦିନୀ ସୁନା ଜିଲାପାଳଙ୍କ ଅଫିସ ଆସି ଅଭିଯୋଗ କରିଛନ୍ତି । ବିନୋଦିନୀ ଅଭିଯୋଗ କରିଛନ୍ତି, ସେ ତୋରା ନିବାସୀ ଉଦେଭାନୁ ସୁନାଙ୍କୁ ବିବାହ କରିଥିଲେ । ସ୍ୱାମୀଙ୍କ ଦେହାନ୍ତ ପରେ ସେ ଖରମୁଣ୍ଡାସ୍ଥିତ ବାପଘରେ ରହୁଛନ୍ତି । ତେବେ ତୋରାରେ ରହିଥିବା ସମ୍ପତ୍ତିକୁ ନେଇ ଦୀର୍ଘବର୍ଷ ଧରି ବିବାଦ ଲାଗି ରହି ତାହା କୋର୍ଟରେ ବିଚାରାଧୀନ ଥିବାବେଳେ କେତେଜଣ ଲୋକ ତାଙ୍କୁ ଏବଂ ତାଙ୍କ ଉତ୍ତରାଧିକାରୀଙ୍କୁ ମୃତ ଦର୍ଶାଇ ସେହି ସମ୍ପତ୍ତିକୁ ହଡ଼ପ୍ କରିବାକୁ ଉଦ୍ୟମ ଚଳାଇଛନ୍ତି। ଏପରିକି ସେ ଜୀବିତ ଥିବା ସତ୍ତ୍ୱେ ସେଥିପାଇଁ ବଂଶାବଳୀ ରିପୋର୍ଟରେ ତାଙ୍କୁ ଏବଂ ତାଙ୍କ ଉତ୍ତରାଧିକାରୀଙ୍କୁ ମୃତ ଦର୍ଶାଯାଇଛି।

# ୨୦୨୦ ମାର୍ଚ୍ଚ ସୁଦ୍ଧା ସବୁ ପୌରାଞ୍ଚଳକୁ ବିଶୁଦ୍ଧ ପାନୀୟ ଜଳ

- ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ
- ପ୍ରତି ଘରକୁ ହେବ ପାଇପ୍ ସଂଯୋଗ

**ଭୁବନେଶ୍ୱର, ୧୯।୯(ବ୍ୟୁରୋ)**

୨୦୨୦ ମାର୍ଚ୍ଚ ସୁଦ୍ଧା ରାଜ୍ୟର ୧୧୪ ପୌରାଞ୍ଚଳର ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ପାଇପ ଯୋଗେ ଯୋଗାଇ ଦିଆଯିବ। ଲୋକସେବା ଭବନରେ ଆୟୋଜିତ ଏକ ସମୀକ୍ଷା ବୈଠକ ପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଗୁରୁବାର ଏହି ସୂଚନା ଦେଇଛନ୍ତି। ଏଥିସହ ସମସ୍ତ ପୌରାଞ୍ଚଳରେ ଏଲ୍‌ଇଡି ଲାଇଟ୍‌ରେ ରାସ୍ତା ଆଲୋକୀକରଣ କାର୍ଯ୍ୟ ମଧ୍ୟ ସମାନ ସମୟରେ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

ବୈଠକରେ ମୁଖ୍ୟତଃ ବାଲେଶ୍ୱର ଜିଲାର ୪ଟି ପୌରାଞ୍ଚଳର ସମୀକ୍ଷା କରାଯାଇଥିଲା। ବିଦ୍ୟୁତ୍ ଖୁଣ୍ଟ ନ ଥିଲେ ନୂତନ ଖୁଣ୍ଟ ବସାଯାଇ ଏହି ଆଲୋକୀକରଣ ବ୍ୟବସ୍ଥା କରାଯିବ। ଚଳିତ ବର୍ଷ ଡିସେମ୍ବର ଶେଷ ସୁଦ୍ଧା ଏହି କାର୍ଯ୍ୟ ସରିବ ବୋଲି କୁହାଯାଇଛି। ବାଲେଶ୍ୱର ଜିଲାର ବାଲେଶ୍ୱର, ସୋରୋ ଓ ଜଳେଶ୍ୱର ପୌରପରିଷଦ ଏବଂ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦରେ ପାନୀୟ ଜଳ ଯୋଗାଣ, ଏମ୍‌ସିସି (ମାଇକ୍ରୋ କମ୍ପୋଷ୍ଟିଙ୍ଗ୍ ସେଣ୍ଟର), ସ୍ମାର୍ଟ ପାର୍କ, ଶ୍ମଶାନ ଆଦି ସମ୍ବନ୍ଧରେ ବୈଠକରେ ଆଲୋଚନା ହୋଇଥିଲା। ସମୀକ୍ଷାରୁ ଜଣାଯାଇଛି ଯେ, ନୀଳଗିରିର ସୋନ ନଦୀରୁ ନୀଳଗିରି ବ୍ଲକ୍ ଓ ଏନ୍‌ଏସିକୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ଏକ ବୃହତ୍ ପ୍ରକଳ୍ପ କରାଯାଇଛି। ଏହାସହ ଉତ୍ସ ଓ ଷ୍ଟୋରେଜ୍ ଉନ୍ନତୀକରଣ ପାଇଁ ଏଷ୍ଟିମେଟ୍ ପ୍ରଦାନ ଓ ନୀଳଗିରିର ଜଗନ୍ନାଥ ମନ୍ଦିରକୁ ବହୁ ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ନିକଟରେ ପାନୀୟ ଜଳର ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ମନ୍ତ୍ରୀ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ବାଲେଶ୍ୱର ପୌରାଞ୍ଚଳରେ ୨୬୦ କି.ମି. ପାଇପ ଲାଇନ୍ ବିଛାଯିବାକୁ ଲକ୍ଷ୍ୟ ରଖାଯାଇଛି। ତନ୍ମଧ୍ୟରୁ ୧୮୩ କି.ମି.ର କାର୍ଯ୍ୟ ସରିଛି। ପୁରୁଣା ପାଇପ ସବୁ ବଦଳାଯାଇଛି। ୪ ଜଳଭଣ୍ଡାରର କାର୍ଯ୍ୟ ଡିସେମ୍ବର ସୁଦ୍ଧା ଓ ୨ ଜଳଭଣ୍ଡାରର କାର୍ଯ୍ୟ ଆସନ୍ତା ଫେବୃୟାରୀ ସୁଦ୍ଧା ଶେଷ ହେବ ବୋଲି ଜଣାପଡ଼ିଛି। ସୋରୋ ପୌରପରିଷଦରେ ପାଇପ ଲାଇନ୍ ବିଛାଯାଇଛି ଓ ଏଠାରେ ୧୪ଟି ଉତ୍ସ ରହିଥିବାବେଳେ ୨ଟି ଉତ୍ସକୁ ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗ କରାଯିବ। ଜଳେଶ୍ୱର ପୌରପରିଷଦର ସୁବର୍ଣ୍ଣରେଖା ନଦୀରୁ ପାନୀୟ ଜଳ ପ୍ରକଳ୍ପ କରିବା ପାଇଁ ବ୍ୟବସ୍ଥା କରାଯିବ। ସୋରୋସ୍ଥିତ ଟାଉନହଲ୍ ନବୀକରଣ, ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନକୁ ଅତ୍ୟାଧୁନିକ ଏବଂ ବ୍ରିଟ୍ କଲ୍ୟାଣ ମଣ୍ଡପର ଉନ୍ନତୀକରଣ କରିବାକୁ ମନ୍ତ୍ରୀ କହିଥିଲେ। ୪ଟି ପୌରାଞ୍ଚଳକୁ ସ୍ମାର୍ଟ ପାର୍କ ଓ ଶ୍ମଶାନ ପାଇଁ ଡିପିଆର୍ ପ୍ରସ୍ତୁତ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ମାର୍ଟ ପାର୍କ ପାଇଁ ୪ ପୌରାଞ୍ଚଳକୁ ଏକ କୋଟି ଟଙ୍କା ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି।



ସମୀକ୍ଷା ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

# ଅଯୋଗ୍ୟଙ୍କ ସଂଖ୍ୟା ୨୦ ଲକ୍ଷ ଟପିବ: ଭାଜପା

**କାଳିଆ ଯୋଜନା**

**ଭୁବନେଶ୍ୱର,୧୯।୯(ବ୍ୟୁରୋ)**

ଶାସକ ବିଜେଡି ନିର୍ବାଚନ ଜିତିବା ଓ କ୍ଷମତା ଆପଣେଇବା ପାଇଁ କାଳିଆ ଯୋଜନା ଲାଗୁ କରିଥିଲା । ଦଳୀୟ କର୍ମୀମାନଙ୍କୁ ହିତାଧିକାରୀ ଚିହ୍ନଟ କରି ଏହି ଯୋଜନା ମାଧ୍ୟମରେ ଟଙ୍କା ବଣ୍ଟାଯାଇଥିଲା । ଆଉ ଏବେ ନିର୍ବାଚନ ସରିବା ପରେ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରି ଅର୍ଥ ଫେରାଇବା କହି ଚାଷୀଙ୍କ ମନରେ ଭୟର ବାତାବରଣ ସୃଷ୍ଟି କରିବାକୁ ଶାସକ ଦଳ ପ୍ରୟାସ କରୁଛି ବୋଲି ଭାଜପା ଅଭିଯୋଗ କରିଛି। ଏହାସହ କାଳିଆ ଯୋଜନାରେ ୨୦ ଲକ୍ଷରୁ ଅଧିକ ଅଯୋଗ୍ୟ ଟଙ୍କା ହାତେଇଛନ୍ତି। ଯଦି ଏହାର ନିରପେକ୍ଷ ତଦନ୍ତ ନ ହୁଏ ତେବେ ଭାଜପା କୋର୍ଟରେ ଆଶ୍ରୟ ନେବ ବୋଲି ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଚେତାବନୀ ଦେଇଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି ଯେ ଅଯୋଗ୍ୟ ହିତାଧିକାରୀଙ୍କୁ ରାଶନକାର୍ଡ ବଣ୍ଟନ କରି ପରେ ସେମାନଙ୍କୁ ଜେଲ୍ ପଠାଇବା ଭଳି ଏବେ କାଳିଆ ଯୋଜନାରେ ଉଦ୍ୟମ କରାଯାଉଛି । ଯୋଗ୍ୟ ଚାଷୀ ପରିବାର ଆଶଙ୍କା ଭିତରେ ରହିଛନ୍ତି ଯେ କାଳେ ତାଙ୍କୁ ଅଯୋଗ୍ୟ ଘୋଷଣା କରି ଅର୍ଥ ଆଦାୟ କରାଯିବ ନଚେତ୍ ଜେଲ୍ ପଠାଯିବ । ଖୋଦ୍ ବିଭାଗୀୟ ମନ୍ତ୍ରୀ ଏହି ଯୋଜନାରେ ଦୁର୍ନୀତି ହୋଇଛି ବୋଲି ସ୍ୱୀକାର କରିବା ପରେ ଦଳର ମୁଖପାତ୍ର ଏହାକୁ ନେଇ ଭିନ୍ନ ମତ ରଖି ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି। ଏହି ଯୋଜନାରେ ହୋଇଥିବା ମହାଦୁର୍ନୀତିର ପର୍ଦ୍ଦାଫାଶ ହେବା ଦରକାର । ହିତାଧିକାରୀ ତାଲିକାର ତଦନ୍ତ ଏକ ନିରପେକ୍ଷ ଯାଞ୍ଚ ଏଜେନ୍ସି ଦ୍ୱାରା କରାଯିବା ଆବଶ୍ୟକ। ଏହାସହ ନିଜ କ୍ଷମତାକୁ ଅପବ୍ୟବହାର କରି ଅଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରି ରାଜ୍ୟ ରାଜକୋଷରୁ ୧୭୦ କୋଟି ଟଙ୍କା ଅପବ୍ୟୟ କରିଥିବା ବିଭାଗୀୟ ମନ୍ତ୍ରୀ ଓ ସରକାରୀ ଅଫିସରମାନଙ୍କ ସମେତ ମୁଖ୍ୟମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀଙ୍କ ଆକାଉଣ୍ଟରୁ ଅର୍ଥ ଆଦାୟ କରାଯାଉ। କୃଷିମନ୍ତ୍ରୀ ଅରୁଣ ସାହୁ କହିଥିଲେ, "କାଳିଆ ଯୋଜନାରେ ୩ଲକ୍ଷ ୪୧ ହଜାର ଅଯୋଗ୍ୟ ହିତାଧିକାରୀ ଟଙ୍କା ପାଇଛନ୍ତି। ସରକାର ସେମାନଙ୍କଠାରୁ ପଇସା ଫେରାଇବେ।" ହେଲେ ଗତକାଲି କୃଷି ବିଭାଗ ଏକ ବିଜ୍ଞପ୍ତି ପ୍ରକାଶ କରି କହିଲା ୩୨ ହଜାର ଅଯୋଗ୍ୟ ଅଛନ୍ତି। ନିର୍ବାଚନ ପୂର୍ବରୁ ଭୋଟ ହାତେଇବା ପାଇଁ କଣ୍ଟିଜେନ୍ସି ଫଣ୍ଡରୁ ଅର୍ଥ ଆଣି ବଣ୍ଟାଯାଇଥିଲା । ନିରପେକ୍ଷ ତଦନ୍ତ ହେଲେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଅଯୋଗ୍ୟ ହିତାଧିକାରୀ ବାହାରିବେ ବୋଲି ପୃଥ୍ୱୀରାଜ କହିଛନ୍ତି।

### ୧କୁଇଣ୍ଟାଲ ଗଞ୍ଜେଇ ଜବତ: ୩ ଗିରଫ

**ମାଲକାନଗିରି,୧୯।୯(ଡି.ଏନ.ଏ.)**

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ କେନାଲ ନିକଟରେ ଗୁରୁବାର ଜିଲା ଅବକାରୀ ବିଭାଗ ଚଢ଼ାଉ କରି ୧୧୮ କିଲୋ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସଞ୍ଜୟ ସାହାଣି, ଦୟାଶଙ୍କର ସିଂ ଓ ତାରୟନ ଦାସ। ଏଥିସହ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଗୋଟିଏ ଟାଟା ସୁମୋ ଏବଂ ବାଇକ୍ ଜବତ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୫ଲକ୍ଷ ୯୦ ହଜାର ଟଙ୍କା ହେବ ବୋଲି କୁହାଯାଉଛି। ଖବରରୁ ଜଣାପଡ଼ିଛି ଜିଲାପାଳ ମନୀଷ ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ଏହି ଚଢ଼ାଉ ହୋଇଥିଲା। ଜିଲା ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠ ନେତୃତ୍ୱ ନେଇଥିଲେ। ଏକ ଟାଟା ସୁମୋରେ ବିହାରକୁ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ଅବକାରୀ କର୍ମଚାରୀମାନେ କେନାଲ ନିକଟରେ ଜଗି ରହିଥିଲେ। ଏହି ଗାଡି ଆସିବାରୁ ତାକୁ ଅଟକାଇ ଯାଞ୍ଚ କରିଥିଲେ।

## ଜିଲା ଚିଠି
## ଖୋର୍ଦ୍ଧା



### ବଦଳିଲାନି ଚିତ୍ର

ଲାଲମାଟି ଖୋର୍ଦ୍ଧାର ଗରିମାମୟ ଐତିହ୍ୟ ଅପାସୋରା। ବ୍ରିଟିଶ୍ ଶାସନରୁ ମୁକ୍ତି ପାଇଁ ହୋଇଥିବା ସଂଗ୍ରାମର ମୂକସାକ୍ଷୀ ହୋଇରହିଛି ଏଠାକାର ଅନେକ ସ୍ଥାନ। ଏଠାରେ ଝରିଛି ସଂଗ୍ରାମୀଙ୍କ ରକ୍ତ। ସେହି ରକ୍ତ ପରାଧୀନତାର ଶୃଙ୍ଖଳକୁ ମୁକ୍ତ କରି ସ୍ୱାଧୀନତା ପ୍ରଦାନ କରିଛି। ବିଭିନ୍ନ ଦିବସରେ ଆମେ ସେହି ସ୍ମୃତିକୁ ରୋମନ୍ଥନ କରି କେବଳ ପୂର୍ବ ଗୌରବକୁ ମନେ ପକାଉଛେ। ହେଲେ ଠିକଣା ସମୟରେ ମନେ ପଡୁନି ଗରିମାମୟ ଐତିହ୍ୟ କି ଦୃଷ୍ଟିରେ ପଡୁନି ସେମାନଙ୍କର ପୀଠ। ୧୮୧୭ରେ ସଂଗଠିତ ପାଇକ ବିଦ୍ରୋହ ବ୍ରିଟିଶ୍ ଇଷ୍ଟଇଣ୍ଡିଆ କମ୍ପାନୀ ବିରୋଧରେ ଏକ ସଶସ୍ତ୍ର ପ୍ରତିରୋଧ ଭାବରେ ପରିଗଣିତ। ୧୮୫୭ ସିପାହି ବିଦ୍ରୋହର ୪୦ ବର୍ଷ ପୂର୍ବରୁ ଓଡ଼ିଶାରେ ଏହି ବିପ୍ଳବ ଇଂରେଜ ଉପନିବେଶବାଦୀ ଶାସକଙ୍କୁ ଶକ୍ତ ଜବାବ ଦେଇଥିଲା। ୨୦୧୭ ଜୁଲାଇ ୧୮ରେ ରାଜ୍ୟ ସରକାର ସ୍ୱତନ୍ତ୍ର କ୍ୟାବିନେଟ ବୈଠକ କରାଇ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ଘୋଷଣା କରିବାକୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ରାଜ୍ୟ ସରକାରଙ୍କର ପର୍ଯ୍ୟଟନ ବିଭାଗ ବରୁଣେଇ ଓ ଗଡ଼ଖୋର୍ଦ୍ଧାରେ ଆଲୋକୀକରଣ, ପାର୍କିଂ ସ୍ଥାନ, ବିଦ୍ୟୁତ୍ ସଂଯୋଗୀକରଣ, ରାସ୍ତା ନିର୍ମାଣ, ବରୁଣେଇରେ ଅମରଜ୍ୟୋତି ସ୍ତମ୍ଭ ଓ ହେରିଟେଜ ଗେଟ୍ ନିର୍ମାଣ ଏବଂ ପାନୀୟଜଳ ଯୋଗାଣ ପରି ଭିତ୍ତିଭୂମିର ବିକାଶ ପାଇଁ ୧୫ କୋଟି ଓ ସଂସ୍କୃତି ବିଭାଗ ୧.୫ କୋଟି ଟଙ୍କା ଖର୍ଚ୍ଚ କରି ସାରିଲେଣି। ବିଭିନ୍ନ ବିଭାଗ ଦ୍ୱାରା କେତେକ'ଣ ପଦକ୍ଷେପ ନିଆଯାଉଛି ବୋଲି ଡିଣ୍ଡିମ ପିଟାଯାଉଛି। ହେଲେ ବଦଳି ପାରିଲାନି ଖୋର୍ଦ୍ଧାଗଡ଼ର ଚିତ୍ର। ପରିତ୍ୟକ୍ତ ହୋଇ ପଡ଼ିରହିଥିବା ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ପାଇଁ ପ୍ରତ୍ନତତ୍ତ୍ୱ ବିଭାଗର ଅନୁମତି ପରେ ବି ପଦକ୍ଷେପ ନାହିଁ କି ଅନୁଦାନ ନାହିଁ। ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ବେଳେ ସୀତାକୁଣ୍ଡକୁ ରାସ୍ତା, ଗଡ଼ଠାରୁ ବରୁଣେଇ ଓ ବରୁଣେଇ ହୋଟେଲଠାରୁ ବରୁଣେଇ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଦୋହରୀକରଣ, ବରୁଣେଇରେ ଶୌଚାଳୟ, ପାଇକ ଗ୍ୟାଲେରି ଓ ମଞ୍ଚ, ପର୍ଯ୍ୟଟକ ଉପଯୋଗୀ ବୈଠକଶାଳା, ଜରୀନାଳଠାରେ ନୌକାବିହାର କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଅଧିକାଂଶ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଯାହା ପୂର୍ଣ୍ଣାଙ୍ଗ ହୋଇଛି ବୋଲି କୁହାଯାଉଛି, ତାହା କାମରେ ଆସୁନି। ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ଗଡ଼ଖୋର୍ଦ୍ଧା ଛକରେ ଖରା ଓ ବର୍ଷାରେ ଅବହେଳିତ ହୋଇ ପଡ଼ିରହିଛି। ଏହି ପରିପ୍ରେକ୍ଷୀରେ ବରୁଣେଇ ପାଦଦେଶରେ ରାଜ୍ୟ ସରକାର ଦେଇଥିବା ପାଇକ ସ୍ମାରକୀ ପାଇଁ ୧୦ ଏକର ଜମି ପର୍ଯ୍ୟାପ୍ତ ହେବନି ବୋଲି କୁହାଯାଉଛି। ବିଶ୍ୱସ୍ତରୀୟ ପାଇକ ସ୍ମାରକୀକୁ ଆଖିଆଗରେ ରଖି ଏହାକୁ ବରୁଣେଇ ପାହାଡ଼ ଶୀର୍ଷ ସ୍ଥାନରେ କରାଯାଉ ବୋଲି ଦାବି ଉଠିଲାଣି। ପାଇକ ସ୍ମାରକୀ ପାଇଁ ସୀତାକୁଣ୍ଡ ପାଖରେ ପର୍ଯ୍ୟାପ୍ତ ଜମି ଥିବାରୁ ଦାବି ଉପଯୁକ୍ତ ବୋଲି କୁହାଯାଉଛି। ବରୁଣେଇ ପାହାଡ଼ ଶୀର୍ଷ ସ୍ଥାନରେ ସୀତାକୁଣ୍ଡ ଓ ପାଣ୍ଡବ ଗୁମ୍ଫା ପରି ଐତିହ୍ୟ ରହିଥିଲେ ମଧ୍ୟ ଉପେକ୍ଷିତ ହୋଇ ରହିଛି। ଏହା ପାଖରେ ପାଇକ ସ୍ମାରକୀ କରାଗଲେ ପାଣ୍ଡବ ଗୁମ୍ଫା, ସୀତାକୁଣ୍ଡ ବିକଶିତ ହୋଇ ପାରିବ। ଏଥିପାଇଁ ତରାବୋଇ ଘାଟିଠାରୁ ସୀତାକୁଣ୍ଡ ପର୍ଯ୍ୟନ୍ତ ସ୍ୱତନ୍ତ୍ର ରାସ୍ତା ନିର୍ମାଣ କରିବାକୁ ପଡ଼ିବ ବୋଲି କଥା ଉଠିଛି।

– ଲୋକନାଥ ମିଶ୍ର

# ପଶ୍ଚିମ ପାର୍ଶ୍ୱରେ ମାପଚୁପକୁ ବିରୋଧ: ଅଧାରେ ଅଟକିଲା ସର୍ଭେ

**ପୁରୀ ଅଫିସ, ୧୯।୯**

ଶ୍ରୀମନ୍ଦିର ଚୌହଦି ଉଚ୍ଛେଦର ମାପଚୁପ ଚାଲିଛି। ସୋମବାରଠାରୁ ଡିଜିପିଏସ୍ (ଡିଫରେନ୍‌ସିଆଲ ଗ୍ଲୋବାଲ ପୋଜିସନିଂ ସିଷ୍ଟମ) ପଦ୍ଧତିରେ ସର୍ଭେ କରାଯାଉଛି। ଏହି କାର୍ଯ୍ୟ ଆଉ ଦୁଇଦିନ ବାକି ଥିବାବେଳେ ଗୁରୁବାର ପ୍ରଶାସନକୁ ତୀବ୍ର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ଫଳରେ ପଶ୍ଚିମ ପାର୍ଶ୍ୱରେ ଅଧାରେ ଅଟକିଛି ସର୍ଭେ। ଉଚ୍ଛେଦ ତ ଦୂରର କଥା, କୌଣସି ମାପଚୁପ କରାଇଦେବେ ନାହିଁ ବୋଲି ପ୍ରଭାବିତ ହେବାକୁ ଥିବା ଲୋକେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ଏବଂ ପ୍ରଭାବିତଙ୍କ ମଧ୍ୟରେ ଏ ନେଇ ଆଲୋଚନା ବିଫଳ ହୋଇଛି। ଲୋକେ ସେମାନଙ୍କ ଜିଦ୍‌ରେ ଅଟଳ ରହିବାରୁ ଅତିରିକ୍ତ ଜିଲାପାଳ ଆଲୋଚନା ଅଧାରୁ ଉଠି ଆସିଥିବା ଜଣାପଡ଼ିଛି। ଆଗକୁ ଏହି ସର୍ଭେ କାର୍ଯ୍ୟ କି ମୋଡ଼ ନେଉଛି ତାହା ଉପରେ ଏବେ ସମସ୍ତଙ୍କ ନଜର।

ପ୍ରଶାସନ ପକ୍ଷରୁ ଗତ ୩ଦିନ ଭଳି ଗୁରୁବାର ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମାପଚୁପ ଆରମ୍ଭ ହୋଇଥିଲା। ପଶ୍ଚିମ ପାର୍ଶ୍ୱରେ ଡିଜିପିଏସ୍ ସର୍ଭେ କରାଯାଉଥିବା ବେଳେ ପ୍ରଥମେ ବାସେଳୀ ଠାକୁରାଣୀ ମନ୍ଦିର ଗଳିରେ ଜଣେ ମହିଳା ମାପଚୁପ କରୁଥିବା କର୍ମଚାରୀ ଏବଂ ପୋଲିସକୁ ବିରୋଧ କରିଥିଲେ। ସର୍ଭେ କରୁଥିବା କର୍ମଚାରୀ ଚପଲ ପିନ୍ଧି ଘରଦ୍ୱାର ଭିତରକୁ ପଶି ଯାଉଥିବା ନେଇ ମହିଳା ଜଣକ ଆପତ୍ତି ଉଠାଇଥିଲେ। ନୋଟିସ୍ ନାହିଁ, କେଉଁ ଆଧାରରେ ଆମ ଘର ଭିତରେ ପଶିଯାଉଛ ବୋଲି ପଚାରିଥିଲେ। ଏହାପରେ କପାଳମୋଚନ ମନ୍ଦିର ନିକଟରେ ମାପଚୁପ ଚାଲିଥିବାବେଳେ କର୍ମଚାରୀମାନେ ମନ୍ଦିର ଭିତରକୁ ଚପଲ ପିନ୍ଧି ପଶୁଥିବା ନେଇ ହୋ ହଲ୍ଲା ହୋଇଥିଲା। କିନ୍ତୁ ମଣିକର୍ଣ୍ଣିକା ସାହି ଓ ହରଚଣ୍ଡୀ ସାହିର କିଛି ଅଂଶ ମାପଚୁପ ଆରମ୍ଭ ସମୟରେ ଜୋର୍‌ଦାର ବିରୋଧ ହୋଇଥିଲା। କୌଣସି ଆଲୋଚନା ନ କରି ମନଇଚ୍ଛା କାହିଁକି ଆସିଛ ବୋଲି ସାହିବାସିନ୍ଦା ସମ୍ପୃକ୍ତ କର୍ମଚାରୀମାନଙ୍କୁ ପ୍ରଶ୍ନ କରିଥିଲେ। ଏଠାକାର ଲୋକେ ପୁରୁଷ ପୁରୁଷ ଧରି ଘରଦ୍ୱାର କରି ରହିବା ସହ ମହାପ୍ରଭୁଙ୍କୁ ସୁରକ୍ଷା ଯୋଗାଇ ଦେଇ ଆସୁଛନ୍ତି। ହେଲେ ପ୍ରଶାସନ ସେମାନଙ୍କ ସହ ଆଲୋଚନା ନ କରି ହଠାତ ଉଚ୍ଛେଦ ନିଷ୍ପତ୍ତି ନେଇଛି। ଏହାଦ୍ୱାରା ପଶ୍ଚିମ ପାର୍ଶ୍ୱରେ ଅଧିକାଂଶ ସେବାୟତ ପରିବାର କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି। ସେବାୟତ ପରିବାର ସ୍ଥାନାନ୍ତର ହେଲେ ଠାକୁରଙ୍କ ନୀତିକାନ୍ତି କିପରି ଶୃଙ୍ଖଳିତ ହେବ ବୋଲି ଲୋକେ ପ୍ରଶ୍ନ କରିଥିଲେ। ଏହାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇବାରୁ ସର୍ଭେକୁ ବନ୍ଦ ରଖାଯାଇଥିଲା। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ପହଞ୍ଚି କହିଥିଲେ, ଏବେ ଉଚ୍ଛେଦ କରାଯାଉନି, କେବଳ ସର୍ଭେ ହେଉଛି। ୭୫ ମିଟରର ଶେଷ ସୀମା କେଉଁଠି ତାହା ଚିହ୍ନଟ ଚାଲିଛି। ଏହାପରେ କ୍ଷତିଗ୍ରସ୍ତଙ୍କ ସହ ଆଲୋଚନା ହେବ। ସେମାନେ ଚାହିଁଲେ ସିଧାସଳଖ ଜିଲା ପ୍ରଶାସନ ନିକଟରେ ତାଙ୍କ ଆପତ୍ତି ଅଭିଯୋଗ ରଖିପାରିବେ। ଏଥିପାଇଁ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ୭୫ ମିଟର ପରିସୀମା ମଧ୍ୟରେ ଥିବା ଲୋକେ, ବ୍ୟବସାୟୀ ଓ ମହନ୍ତ ଯାଇ ଆଲୋଚନା କରୁଛନ୍ତି। ତେଣୁ ବ୍ୟତିବ୍ୟସ୍ତ ନ ହେବାକୁ ସେ ଲୋକଙ୍କୁ ବୁଝାଇଥିଲେ। ହେଲେ ଲୋକେ ସର୍ଭେ କରାଇ ଦେବେ ନାହିଁ ବୋଲି ଜିଦ୍‌ରେ ଅଟଳ ରହିବା ଯୋଗୁ ଆଲୋଚନା ଅଧାରୁ ଅତିରିକ୍ତ ଜିଲାପାଳ ଉଠି ଆସିଥିଲେ। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ଦାଶଙ୍କୁ ପଚାରିବାରେ କହିଛନ୍ତି, ବର୍ତ୍ତମାନ କେବଳ ୭୫ ମିଟର କେଉଁ ପର୍ଯ୍ୟନ୍ତ ରହିଛି ତାହାର ସୀମା ନିର୍ଦ୍ଧାରଣ କରୁଛୁ। ଏଥିପାଇଁ କ୍ଷତିଗ୍ରସ୍ତଙ୍କୁ କିପରି ଠିକ୍ ଭାବେ ଥଇଥାନ କରାଯିବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ପୁନର୍ବାସ ଓ ଥଇଥାନ ନୀତିରେ ଲୋକେ କିପରି ଉପକୃତ ହେବେ ସେ ଦିଗରେ ଜିଲା ପ୍ରଶାସନ କାର୍ଯ୍ୟ କରୁଛି। ତେଣୁ ସର୍ଭେ ସମୟରେ ସମସ୍ତେ ସହଯୋଗ କରିବା କଥା।



ମଣିକର୍ଣ୍ଣିକା ସାହିରେ ଲୋକଙ୍କ ସହ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ଆଲୋଚନା କରୁଛନ୍ତି।

ଆଲ୍ଲାହାବାଦ ବ୍ୟାଙ୍କ ବିଶ୍ୱାସର ଏକ ପରମ୍ପରା
ALLAHABAD BANK A tradition of trust
ମୁଖ୍ୟ କାର୍ଯ୍ୟାଳୟ: 2, ନେତାଜୀ ସୁଭାଷ ରୋଡ୍, କୋଲକାତା - 700001
ସମସ୍ତ ଗ୍ରାହକଙ୍କ ପାଇଁ ସର୍ବସାଧାରଣ ନୋଟିସ
କ୍ୟାଶ୍ କ୍ରେଡିଟ୍ ଓ ଓଭରଡ୍ରାଫ୍ଟ ଖାତା ଉପରେ ନଗଦ ନେଣଦେଣ ଶୁଳ୍କର ସଂଶୋଧନ
ଶାଖା ବ୍ୟାଙ୍କିଙ୍ଗ୍ ମାଧ୍ୟମରେ ଆର୍‌ଟିଜିଏସ୍ ଓ ଏନ୍‌ଇଏଫ୍‌ଟି ଶୁଳ୍କର ପ୍ରଚଳନ
ଡିଜିଟାଲ ବ୍ୟାଙ୍କିଙ୍ଗ୍‌କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଲ୍ଲାହାବାଦ ବ୍ୟାଙ୍କ କ୍ୟାଶ୍ କ୍ରେଡିଟ୍ ଏବଂ ଓଭରଡ୍ରାଫ୍ଟ ଖାତାଗୁଡ଼ିକ ଉପରେ ନଗଦ ନେଣଦେଣ ଶୁଳ୍କ ଲାଗୁ କରିଛି ଏବଂ କେବଳ ଶାଖାରେ ସମ୍ପାଦିତ ନେଣଦେଣ ପାଇଁ ଆର୍‌ଟିଜିଏସ୍/ଏନ୍‌ଇଏଫ୍‌ଟି ଶୁଳ୍କକୁ ପୁନଃ-ପ୍ରଚଳନ କରିଛି, ଯାହା ତା୦୧।୧୧।୨୦୧୯ରିଖଠାରୁ ଲାଗୁ ହେବ। ବିଶଦ ବିବରଣୀ ପାଇଁ ଦୟାକରି ନିକଟତମ ଶାଖା ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.allahabadbank.in ପରିଦର୍ଶନ କରନ୍ତୁ।
ମୁଖ୍ୟ କାର୍ଯ୍ୟାଳୟ, କୋଲକାତା
ତାରିଖ: ୧୯।୦୯।୨୦୧୯
ଡିଜିଏମ୍ ଓ ଭାରପ୍ରାପ୍ତ ଅଧିକାରୀ (ଆର୍‌ବିଓଡି)



ଧର୍ମ ରହିଥାଏ ନିଜକୁ ସଂକୁଚିତ କରି ତା'ର ବାହ୍ୟ ଆଙ୍ଗିକଗୁଡିକ ଉପରେ– ତା'ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ। କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତକୁ ସତ ତାଙ୍କ ଜୀବନରେ କିଛି ଅଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି।
–ଶ୍ରୀମା



# ଗଳାବାଟ ବନ୍ଦ

ବିଭିନ୍ନ ଆର୍ଥିକ ସଂସ୍ଥାର ଉପଭୋକ୍ତାମାନଙ୍କର ଋଣ ସମ୍ପର୍କୀୟ ସୂଚନା ଅନିୟନ୍ତ୍ରିତ ଭାବରେ ପ୍ରଘଟ ନ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସମସ୍ତ ବ୍ୟାଙ୍କ ଓ ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ (ଏନ୍‌ବିଏଫ୍‌ସି)ଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଏକ ରିପୋର୍ଟ ଅନୁସାରେ ଦୀର୍ଘକାଳ ହେଲା ଉପଭୋକ୍ତାମାନଙ୍କ ଅଜ୍ଞାତସାରରେ ବା ବିନା ସମ୍ମତିରେ ଏସବୁ ତଥ୍ୟ ହସ୍ତାନ୍ତର କରାଯାଉଥିଲା। ଯାହାହେଉ, ଶେଷରେ କେନ୍ଦ୍ରୀୟ ବ୍ୟାଙ୍କ ଏହାକୁ ବନ୍ଦକରିବା ପାଇଁ ପଦକ୍ଷେପ ନେଇଛନ୍ତି, ଯାହା ସ୍ୱାଗତଯୋଗ୍ୟ।

ସେକୌଣସି ପ୍ରକାର ତଥ୍ୟ ଆଜିକାଲି ଖୁବ୍ ମୂଲ୍ୟବାନ୍। ପାଶ୍ଚାତ୍ୟ ଦେଶର ଅଧିକାଂଶ ବୃହତ୍ ପ୍ରତିଷ୍ଠାନ ତଥ୍ୟ ସାହାଯ୍ୟରେ ବଳୀୟାନ୍ ହୋଇ ବଜାରରେ ଏକଚାଟିଆ କାରବାର ଚଳାଉଛନ୍ତି। କିନ୍ତୁ ଉଦ୍‌ବେଗର ବିଷୟ ହେଉଛି ତଥ୍ୟର ମୂଲ୍ୟବୃଦ୍ଧି ସହ ଏହାର ଦୁରୁପଯୋଗ ମଧ୍ୟ ବଢ଼ିବାରେ ଲାଗିଛି। ଉଦାହରଣସ୍ୱରୂପ ଏଥିପୂର୍ବରୁ ଚଳିତବର୍ଷ ଏକ ରିପୋର୍ଟ ପ୍ରକାଶ ପାଇଥିଲା ଯେ, ଆମାଜନ୍ କର୍ମଚାରୀମାନେ ଆଲେକ୍ସା ବ୍ୟବହାରକାରୀଙ୍କ ରେକର୍ଡିଂଗୁଡ଼ିକ ଶୁଣୁଥିଲେ। ଏହିଭଳି ବ୍ୟକ୍ତିଗତ ଗୋପନୀୟତା ଉଲ୍ଲଙ୍ଘନ ହୁଏତ ବିଶେଷ କ୍ଷତିକାରକ ନ ହୋଇପାରେ, କିନ୍ତୁ ଆର୍ଥିକ କମ୍ପାନୀଗୁଡ଼ିକ ଉପଭୋକ୍ତାମାନଙ୍କ ଆର୍ଥିକ କାରବାର ସମ୍ପର୍କୀୟ ବ୍ୟକ୍ତିଗତ ଗୋପନୀୟତାକୁ ନେଇ ଖେଳିବା କେବେହେଲେ ସ୍ୱହଣୀୟ ନୁହେଁ।

ଖାଉଟିମାନଙ୍କ ଋଣ ସମ୍ପର୍କୀୟ ତଥ୍ୟର ସୁରକ୍ଷା ଦିଗରେ ଆର୍‌ବିଆଇ ଯେଉଁ ପଦକ୍ଷେପ ନେଇଛି ତାହା ସ୍ୱାଗତଯୋଗ୍ୟ, ଯଦିଚ ଏହାଦ୍ୱାରା ଏପରି ତଥ୍ୟ ଉପରେ ନିର୍ଭର କରୁଥିବା ଫିନ୍‌ଟେକ୍ ସ୍ଟାର୍ଟ-ଅପ୍‌ଗୁଡ଼ିକ କ୍ଷତିଗ୍ରସ୍ତ ହେବେ। ଅନେକ ଫିନ୍‌ଟେକ୍ କମ୍ପାନୀ କ୍ରେଡିଟ୍ ଇନ୍‌ଫର୍ମେସନ୍ କମ୍ପାନୀଗୁଡ଼ିକଠାରୁ ଏହା ପାଇଥାନ୍ତି। ଏହି ତଥ୍ୟକୁ ନେଇ ସେମାନେ ଖାଉଟିମାନଙ୍କର ମୂଲ୍ୟାୟନ କରିବା ସହ ସେମାନଙ୍କୁ ଋଣ ଦେବା ନ ଦେବା ନେଇ ନିଷ୍ପତ୍ତି ନେଇଥାନ୍ତି। ତେବେ ଏହି ତଥ୍ୟର ଦୁରୁପଯୋଗ ହେବାର ସବୁବେଳେ ସମ୍ଭାବନା ରହିଥାଏ। ଯଦିଚ ଋଣୀ ଠିକ୍ ସମୟରେ ଋଣ ପରିଶୋଧ କରିବାରେ ଅକ୍ଷମ ହେବ କି ନା ତାହା ଜାଣିବା ପାଇଁ ଏହି ତଥ୍ୟ ବ୍ୟବହାର କରାଯାଏ, ତଥାପି ଏହି ତଥ୍ୟରୁ ଖାଉଟିଙ୍କର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚୋରି ହେବା ଓ ତା'ର ଅପବ୍ୟବହାର ହେବାର ଆଶଙ୍କା ଥାଏ। ଉଦାହରଣସ୍ୱରୂପ କେତେକ ଫିନ୍‌ଟେକ୍ ଫାର୍ମ ଅଛି ଯେଉଁମାନେ ବର୍ଷରେ ଏକାଧିକ ଥର ଖାଉଟିମାନଙ୍କୁ ସେମାନଙ୍କର କ୍ରେଡିଟ୍ ସ୍କୋର ରିପୋର୍ଟ ପ୍ରଦାନ କରିଥାନ୍ତି। ଏହି ସେବା ପ୍ରଦାନ କରିବା ପାଇଁ ଖାଉଟିମାନଙ୍କୁ ସେମାନଙ୍କର ପାନ୍, ପରିଚୟ, ଠିକଣା ଓ ମୋବାଇଲ ନମ୍ବର ଆଦି ପଚରାଯାଇଥାଏ ଏବଂ ନିଜର କ୍ରେଡିଟ୍ ସ୍କୋର କିପରି ବଢ଼ାଇବାକୁ ହେବ ସେଥିଲାଗି ଉପଦେଶ ଦିଆଯାଇଥାଏ। ଉକ୍ତ ତଥ୍ୟଗୁଡ଼ିକ ପ୍ରଦାନ କରିବା ପରେ ଖାଉଟିମାନେ ପରିଚୟ ଚୋରି ତଥା ଅନ୍ୟ ସାଇବର ଅପରାଧର ଶିକାର ହେବାର ସମ୍ଭାବନା ଥାଏ। ଅନିୟନ୍ତ୍ରିତ ସଂସ୍ଥାଗୁଡ଼ିକ ଦ୍ୱାରା ଏହି ସେବା ପ୍ରଦାନ କରାଯାଉଥିବାରୁ ନିୟନ୍ତ୍ରିତ ସଂସ୍ଥାଗୁଡ଼ିକ ଦ୍ୱାରା ଦିଆଯାଉଥିବା ସୁରକ୍ଷାରୁ ଖାଉଟିମାନେ ବଞ୍ଚିତ ହୁଅନ୍ତି।

**ଆଜିର ଅର୍ଥନୀତି**

ତଥ୍ୟ ଏକ ପ୍ରକାର ନୂତନ ଇନ୍ଧନ ହୋଇଥିବାରୁ ଆର୍‌ବିଆଇ ଯେଉଁ ସଂସ୍ଥାଗୁଡ଼ିକୁ ନିୟନ୍ତ୍ରଣ କରୁଛି, ସେଗୁଡ଼ିକ ଖାଉଟିମାନଙ୍କ ତଥ୍ୟ କିପରି ବ୍ୟବହାର କରୁଛନ୍ତି, ତା' ଉପରେ ନଜର ରଖିବା ଆବଶ୍ୟକ। ସେମାନଙ୍କର ସବୁ ପ୍ରକାର ଅନୈତିକ ଅଭ୍ୟାସକୁ ମୂଳରୁ ବନ୍ଦ କରାଯିବା ଦରକାର, ଯାହାଫଳରେ ଲୋକମାନଙ୍କ ଆର୍ଥିକ କାରବାର ପାଇଁ ଏକ ନିରାପଦ ଓ ସୁସ୍ଥ ବାତାବରଣ ସୃଷ୍ଟି ହୋଇପାରିବ। ବ୍ୟାଙ୍କ ଓ ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ ସଂସ୍ଥାଗୁଡ଼ିକ ଗ୍ରାହକଙ୍କ ତଥ୍ୟ ନେଇ କାରବାର କଲାବେଳେ ଅତ୍ୟନ୍ତ ସତର୍କ ହେବା ଉଚିତ। ଲୋକମାନଙ୍କୁ ବିଭିନ୍ନ ସେବା ଦେବାବେଳେ ସେମାନଙ୍କଠାରୁ ବିଭିନ୍ନ ତଥ୍ୟ ସଂଗ୍ରହ ମାଧ୍ୟମରେ ସେମାନଙ୍କୁ ଜାଣିବା ଲାଗି କମ୍ପାନୀଗୁଡ଼ିକ ଯେପରି ସତର୍କତା ଅବଲମ୍ବନ କରନ୍ତି, ସେହିପରି ସେମାନେ ପୂର୍ଣ୍ଣ ପ୍ରମାଣିତ ବ୍ୟବସ୍ଥା ମାଧ୍ୟମରେ ଗ୍ରାହକମାନଙ୍କର ବିଶ୍ୱାସଭାଜନ ହେବା ନିମନ୍ତେ ମଧ୍ୟ ଉଦ୍ୟମ କରିବା ଆବଶ୍ୟକ। ଯଦି ବ୍ୟାଙ୍କିଙ୍ଗ୍ ସଂସ୍ଥାଗୁଡ଼ିକ ଗ୍ରାହକମାନଙ୍କ ପାଖରେ ଉତ୍ତରଦାୟୀ ନ ହେବେ, ତା'ହେଲେ ବ୍ୟବସ୍ଥା ଭିତରେ ଅନେକ ଗଳାବାଟ ରହିଯିବ ଏବଂ ଜମାକାରୀମାନେ ସେମାନଙ୍କ କଷ୍ଟାର୍ଜିତ ଧନ ହରାଇବାର ଆଶଙ୍କା ରହିବ।

ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଅପବ୍ୟବହାରକୁ ରୋକିବା ଲାଗି ଆର୍‌ବିଆଇ ଏକ ସତର୍କ ପ୍ରହରୀ ପରି କାର୍ଯ୍ୟ କରୁଥିବା ବେଳେ ଖାଉଟିମାନେ ମଧ୍ୟ ଇଣ୍ଟରନେଟ ମାଧ୍ୟମରେ ବ୍ୟାଙ୍କିଙ୍ଗ୍ ସେବା ଲାଭ କଲାବେଳେ ଖୁବ୍ ସତର୍କ ରହିବା ଆବଶ୍ୟକ। ଆର୍ଥିକ କାରବାର କଲାବେଳେ ଭର୍ଚୁଆଲ ପ୍ଲାଟଫର୍ମ ଉପରେ ଅତିଶୟ ନିର୍ଭରଶୀଳ ନ ହେବା ବିଜ୍ଞତାର ପରିଚାୟକ। କାରଣ ଦେଶରେ ଅଧିକାଂଶ ବ୍ୟବହାରକାରୀ ପାଇରେଟେଡ୍ ସଫ୍ଟୱେର ବ୍ୟବହାର କରନ୍ତି, ଯାହା ହ୍ୟାକିଂ ଓ ଅନ୍ୟ ସାଇବର ଅପରାଧ ପାଇଁ ସୁଯୋଗ ସୃଷ୍ଟି କରିଥାଏ। ଏ ପରିସ୍ଥିତିରେ ନିଜର କଷ୍ଟାର୍ଜିତ ଧନକୁ ସୁରକ୍ଷିତ ରଖିବା ଲାଗି ଉଭୟ ଆର୍ଥିକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷେ ଅଧିକ ସତର୍କ ରହିବା ଅତି ଜରୁରୀ।

## ୨୫ ବର୍ଷ ତଳର ଧରିତ୍ରୀ

**୨୦ ସେପ୍ଟେମ୍ବର ୧୯୯୪**

- ଶେଷ ମୁହୂର୍ତ୍ତରେ ଆମେରିକା ଏବଂ ହାଇତି ମଧ୍ୟରେ ଏକ ବୁଝାମଣା ହୋଇପାରିଥିବାରୁ ଦୁଇଦେଶ ମଧ୍ୟରେ ଅବଶ୍ୟମ୍ଭାବୀ ଯୁଦ୍ଧ ଆଶଙ୍କା ଦୂର ହୋଇଛି।
- ସ୍ୱିଡେନ ପ୍ରଧାନମନ୍ତ୍ରୀ କାର୍ଲ ବିଲ୍ଡ ତାଙ୍କ ପଦରୁ ଇସ୍ତଫା ଦେଲେ।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | | | | | C | | D | | 1 | | 8 | | A | |
| | | | | E | | | 1 | | | | | 2 | D | 4 |
| A | | | | | | | | 7 | 6 | 4 | | | B | |
| | 0 | | | 8 | | | | 3 | | 7 | | 5 | | |
| | | C | | 0 | | | | A | D | 2 | | 3 | 1 | |
| | | | | | | A | | | | | | | 8 | |
| | | | | 5 | | | | 4 | A | 3 | | | 7 | C |
| | | 9 | | | | | 3 | 5 | | | 7 | 4 | | |
| | B | | | | | | | 1 | | | 4 | | | |
| | 7 | 1 | | 2 | | | B | | E | 8 | C | | 3 | |
| | | | 8 | | | B | | | | | D | C | | 6 |
| | 2 | | | | B | | 4 | | 3 | A | | 9 | | |
| | | | 7 | | 1 | | | E | | | | | | D |
| | | | | | 0 | 9 | | C | 2 | 5 | 1 | B | E | |
| | | | | C | 6 | 0 | | | | | E | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | E | A | C | 3 | 4 | 5 | 1 | B | 8 | D | 6 | 2 | 7 | 0 |
| 6 | 5 | 4 | 7 | D | B | 8 | 0 | E | 1 | 2 | A | 9 | 3 | C |
| 2 | 8 | 1 | E | 5 | A | 9 | C | 3 | 4 | 7 | 0 | 6 | B | D |
| 3 | D | B | 2 | 6 | 0 | 7 | 4 | A | 5 | C | 9 | 8 | 1 | E |
| 0 | 7 | C | 1 | 9 | 8 | D | 6 | 2 | E | B | 3 | A | 5 | 4 |
| 8 | 1 | E | 3 | 2 | C | 6 | 5 | 0 | D | A | B | 4 | 9 | 7 |
| 7 | 2 | 6 | B | A | 5 | C | E | 8 | 9 | 4 | 1 | D | 0 | 3 |
| D | 4 | 3 | 0 | E | 1 | A | 7 | 9 | C | 5 | 2 | B | 6 | 8 |
| 5 | B | 0 | 6 | 7 | 9 | 4 | 2 | D | 3 | E | 8 | 1 | C | A |
| A | C | 9 | 8 | 4 | D | 3 | B | 1 | 0 | 6 | 7 | 5 | E | 2 |
| 4 | 0 | 5 | A | 8 | 3 | 1 | D | C | B | 9 | E | 7 | 2 | 6 |
| E | 9 | 2 | 5 | C | 6 | B | 8 | 7 | A | 3 | 4 | 0 | D | 1 |
| 1 | 6 | D | 4 | B | 7 | 0 | 3 | 5 | 2 | 8 | C | E | A | 9 |
| C | A | 7 | D | 1 | 2 | E | 9 | 4 | 6 | 0 | 5 | 3 | 8 | B |
| B | 3 | 8 | 9 | 0 | E | 2 | A | 6 | 7 | 1 | D | C | 4 | 5 |

ଗତକାଲିର ଉତ୍ତର

# ଲକ୍ଷ୍ୟଚ୍ୟୁତ ବିତର୍କ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ବିଦ୍ୟା ବିବାଦାୟ ଅର୍ଥାତ୍ ବିବାଦ ନିମନ୍ତେ ବିଦ୍ୟା ଉଦ୍ଦିଷ୍ଟ। ଏଠାରେ ବିବାଦ ବିତର୍କ ଅର୍ଥରେ ବ୍ୟବହୃତ ହୋଇଛି। ବିଦ୍ୱାନମାନେ ଏକତ୍ର ହେଲେ ନିଜ ନିଜ ଜ୍ଞାନର ପରାକାଷ୍ଠା ପ୍ରତିପାଦନ କରିବା ପାଇଁ ତର୍କରେ ପ୍ରବୃତ୍ତ ହୁଅନ୍ତି। ଅନେକ ସମୟରେ ଏହି ତର୍କର ଅନ୍ତରାଳରେ ସେମାନଙ୍କର ଅହଂକାର ଲୁକ୍କାୟିତ ଥାଏ। ସେମାନେ ନିଜକୁ ଅନ୍ୟମାନଙ୍କଠାରୁ ବେଶି ଜ୍ଞାନୀ ମଣନ୍ତି ଓ ଅନ୍ୟର ଯୁକ୍ତିକୁ ସହଜରେ ଗ୍ରହଣ କରନ୍ତି ନାହିଁ। ଅହଂ ସହ ଅହଂର ସଂଘର୍ଷ ହୁଏ। ବିତର୍କର ଉଦ୍ଦେଶ୍ୟ ହେଉଛି ଯଥାର୍ଥ ଯୁକ୍ତି ବଳରେ ସତ୍ୟ ପାଖରେ ପହଞ୍ଚିବା ପାଇଁ ଚେଷ୍ଟା କରିବା। ମାତ୍ର ସତ୍ୟ ପାଖରେ ପହଞ୍ଚିବା ପୂର୍ବରୁ ପଣ୍ଡିତମାନେ ତର୍କ କରୁ କରୁ ବିବାଦରେ ଛନ୍ଦି ହୋଇଯାନ୍ତି। ବେଳେ ବେଳେ ଏହି ବିବାଦ ହିଂସାର ରୂପ ନିଏ। ସେମାନେ ଭୁଲିଯାନ୍ତି ଯେ ଜ୍ଞାନ ସର୍ବଦା ଅସଂପୂର୍ଣ୍ଣ, ଆପେକ୍ଷିକ ଓ ଅନନ୍ତ। ବହୁ ଜ୍ଞାନ ଓ ଅନୁଭୂତି ଅର୍ଜନ କଲା ପରେ ଗ୍ରୀକ୍ ବୀର ୟୁଲିସସ୍ ପୁତ୍ରକୁ ରାଜ୍ୟଭାର ଅର୍ପଣ କରି ନିଜ ଜ୍ଞାନ ପିପାସା ମେଣ୍ଟାଇବା ପାଇଁ ଆରମ୍ଭ କଲେ ସମୁଦ୍ର ଯାତ୍ରା। ସେ ଉପଲବ୍ଧି କରିଥିଲେ ଜ୍ଞାନର ତୋରଣ ଦେଇ ଏକ ଅପହଞ୍ଚ ପୃଥିବୀ ସର୍ବଦା ଝଲସି ଉଠେ। (ଟେନିସନଙ୍କ କବିତା)। ଜ୍ଞାନ ଅନନ୍ତ ହୋଇଥିବାରୁ ଏହି ଅସୀମ ରାଜ୍ୟକୁ ଅଧୀନ କରିବା ମଣିଷର ସାଧ୍ୟାତୀତ। ମାତ୍ର ତଥାକଥିତ ପଣ୍ଡିତମାନେ ଏହି ସତ୍ୟକୁ ଭୁଲିଯାନ୍ତି ଓ ଅହଂକାରର ବଶବର୍ତ୍ତୀ ହୋଇ ନିଜକୁ ସର୍ବଜ୍ଞ ମଣି ତର୍କ କରନ୍ତି। ତର୍କରୁ ସୃଷ୍ଟି ହୁଏ ବିବାଦ ଓ ବିବାଦରୁ ଜନ୍ମନିଏ ହିଂସା ଓ ବ୍ୟକ୍ତିଗତ ଶତ୍ରୁତା।

ଆଜି ରାଜନୈତିକ କ୍ଷେତ୍ରରେ ମଧ୍ୟ ବିତର୍କ ଉଗ୍ର ହିଂସ୍ର ରୂପ ନେଉଛି। ସଂସଦ ଓ ବିଧାନସଭା ହେଉଛି ଏକପ୍ରକାର ତର୍କକ୍ଷେତ୍ର। ସରକାର ସେଠାରେ କୌଣସି ଯୋଜନା ସମ୍ପର୍କିତ ବିଲ୍ ଉପସ୍ଥାପନ କରନ୍ତି ଓ ବିତର୍କ ପାଇଁ ସୁଯୋଗ ସୃଷ୍ଟି କରନ୍ତି। ମାତ୍ର ସେଠାରେ ଯେଭଳି ବିତର୍କ ହେଉଛି ତାହା ଅତ୍ୟନ୍ତ ଚିନ୍ତାଜନକ। ଏହି ବିତର୍କ ବେଳେ ବେଳେ ହିଂସାର ରୂପ ନେଉଛି। ବିରୋଧୀ ଦଳ ଭାବୁଛନ୍ତି ସରକାରଙ୍କ ଦ୍ୱାରା ପରିବେଷିତ ବିଲ୍ ଜନହିତକର ହେଉ ବା ହାନିକର ହେଉ ବିରୋଧ କରିବା ସେମାନଙ୍କ କର୍ତ୍ତବ୍ୟ। ଏହିଭଳି ଚିନ୍ତାଧାରା ପୋଷଣ କରିବା ଦ୍ୱାରା ଅନେକ ସମୟରେ ରାଜନୈତିକ ଶତ୍ରୁତା ବ୍ୟକ୍ତିଗତ ଶତ୍ରୁତାରେ ପରିଣତ ହେଉଛି ଏବଂ ବ୍ୟକ୍ତିଗତ ଶତ୍ରୁତା ରାଜନୈତିକ କ୍ଷେତ୍ରରେ ପ୍ରତିଫଳିତ ହେଉଛି। କୌଣସି ଏକ ଆଦର୍ଶକୁ ନେଇ ବିତର୍କ ହୁଏ। ମାତ୍ର ବିତର୍କ ଏଭଳି ଏକ ସ୍ତରକୁ ଚାଲିଯାଉଛି ଯେ ଆଦର୍ଶ ଏକ 'ବାଦ'ରେ ପରିଣତ ହେଉଛି ଓ ସେହି 'ବାଦ'ରେ ଆଉ ଆଦର୍ଶ ରହୁନାହିଁ। ବିତର୍କରେ ଅଂଶଗ୍ରହଣ କରୁଥିବା ତଥାକଥିତ ଜ୍ଞାନୀମାନେ ଭିନ୍ନ ଆଦର୍ଶରେ ବିଶ୍ୱାସ କରୁଥିବା ବ୍ୟକ୍ତିମାନଙ୍କ ମତକୁ ସମ୍ମାନ ଦେଉନାହାନ୍ତି। କେତେକ ସ୍ଥଳରେ କ୍ରୁଦ୍ଧ ହୋଇ ଅପଶବ୍ଦ ବ୍ୟବହାର କରୁଛନ୍ତି। ଟିଭି ପରଦାରେ ଅନୁଷ୍ଠିତ ହେଉଥିବା ବିତର୍କରେ ଭାଗ ନେଉଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ମୁଠ ମରାମରି ହେବା ବା ଚୌକି ଫୋପାଡିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳୁଛି। ବିତର୍କ ହେଉଛି ଲକ୍ଷ୍ୟଚ୍ୟୁତ। ସେମାନେ ଭୁଲିଯାଉଛନ୍ତି ଯେ ବିତର୍କ ପୂର୍ବରୁ ଆବଶ୍ୟକ ହୁଏ ନମ୍ରଭାବ, ପରସ୍ପରର ମତ ପ୍ରତି ସମ୍ମାନବୋଧ ଓ କ୍ରୋଧଶୂନ୍ୟ ମନ। ବିତର୍କରେ ଯୋଗ ଦେଉଥିବା ତଥାକଥିତ ଜ୍ଞାନୀମାନଙ୍କ ପାଇଁ ଆଦି ଶଙ୍କରାଚାର୍ଯ୍ୟ ଓ ପଣ୍ଡିତଶ୍ରେଷ୍ଠ ମଣ୍ଡନ ମିଶ୍ରଙ୍କ ମଧ୍ୟରେ ଘଟିଥିବା ଐତିହାସିକ ବିତର୍କ ପ୍ରଣିଧାନଯୋଗ୍ୟ ମନେ ହୁଏ।

ଶଙ୍କରାଚାର୍ଯ୍ୟଙ୍କ ସମୟରେ ମଣ୍ଡନ ମିଶ୍ର ଥିଲେ ଭାରତର ସର୍ବଶ୍ରେଷ୍ଠ ପଣ୍ଡିତ ଓ କର୍ମକାଣ୍ଡର ଅଦ୍ୱିତୀୟ ପୃଷ୍ଠପୋଷକ। ତାଙ୍କର ଶାଣିତ ଯୁକ୍ତି ବଳରେ ସେତେବେଳେ ବୌଦ୍ଧ ପଣ୍ଡିତମାନେ ତର୍କ କ୍ଷେତ୍ରରେ ପରାଜୟବରଣ କରୁଥିଲେ। ମଣ୍ଡନ ମିଶ୍ରଙ୍କ ସ୍ତ୍ରୀ ଉଭୟ ଭାରତୀ ମଧ୍ୟ ଥିଲେ ଜଣେ ବିଦୁଷୀ। ବେଦ, ବେଦାନ୍ତ ଦର୍ଶନ ଆଦିରେ ତାଙ୍କର ଅପୂର୍ବ ପାଣ୍ଡିତ୍ୟ ଥିଲା। ଦିନେ ଶଙ୍କରାଚାର୍ଯ୍ୟ ମଧ୍ୟାହ୍ନରେ ମଣ୍ଡନ ମିଶ୍ରଙ୍କ ଗୃହରେ ପହଞ୍ଚିଲେ। ସେତେବେଳେ ମଣ୍ଡନ ମିଶ୍ର ପିତୃଶ୍ରାଦ୍ଧ କାର୍ଯ୍ୟରେ ବ୍ୟସ୍ତ ଥିଲେ। ସନ୍ନ୍ୟାସୀମାନେ କର୍ମକାଣ୍ଡ ତ୍ୟାଗ କରିଥାନ୍ତି ଓ ନିଜ ପାଇଁ ଶ୍ରାଦ୍ଧ କରି ଗୃହ ତ୍ୟାଗ କରିଥାନ୍ତି। ସେଥିପାଇଁ ସନ୍ନ୍ୟାସୀମାନଙ୍କ ଉପସ୍ଥିତି ଶ୍ରାଦ୍ଧ ସମୟରେ ଅମଙ୍ଗଳ ସୂଚକ ମନେକରାଯାଏ। ଏଣୁ ଶଙ୍କରଙ୍କର ଅପ୍ରତ୍ୟାଶିତ ଆଗମନ ମଣ୍ଡନ ମିଶ୍ରଙ୍କ ହୃଦୟରେ କ୍ରୋଧ ସଞ୍ଚାର କଲା। ମାତ୍ର ଶଙ୍କର ସହାସ୍ୟ ବଦନରେ ମଣ୍ଡନ ମିଶ୍ରଙ୍କୁ ଅଭିନନ୍ଦନ ଜଣାଇଲେ। ଆରମ୍ଭ ହେଲା ଅନୌପଚାରିକ କଥାବାର୍ତ୍ତା। କ୍ରମେ ଉଭୟେ ନିଜ ନିଜ ଜ୍ଞାନକୁ ନେଇ ତର୍କରେ ପ୍ରବୃତ୍ତ ହେଲେ। ସେଠି ଉପସ୍ଥିତ ଥିବା ଦୁଇଜଣ ପଣ୍ଡିତ ଉଭୟଙ୍କ ମଧ୍ୟରେ ଚାଲିଥିବା ଯୁକ୍ତିତର୍କ ଶ୍ରବଣ କରୁଥିଲେ। ସେମାନେ ଲକ୍ଷ୍ୟ କଲେ ଯେ ମଣ୍ଡନ ତର୍କ କଲାବେଳେ କ୍ରୁଦ୍ଧ ହୋଇ କଥାବାର୍ତ୍ତା କରୁଛନ୍ତି। ମାତ୍ର ଶଙ୍କର ମଣ୍ଡନଙ୍କ ଯୁକ୍ତିକୁ ଧ୍ୟାନ ଦେଇ ଶାନ୍ତ ମନରେ ଶୁଣୁଛନ୍ତି ଓ ଖଣ୍ଡନ କରୁଛନ୍ତି। ସେ ସ୍ୱଭାବତଃ ଥାନ୍ତି କ୍ରୋଧଶୂନ୍ୟ ଓ ଶାନ୍ତ। ଏହା ନିରୀକ୍ଷଣ କରି ପଣ୍ଡିତଦ୍ୱୟ ମଣ୍ଡନଙ୍କୁ କ୍ରୋଧଶୂନ୍ୟ ହୋଇ ଶାନ୍ତ ମନରେ ତର୍କ କରିବା ପାଇଁ ପରାମର୍ଶ ଦେଲେ।

ଶଙ୍କର ଓ ମଣ୍ଡନ ମିଶ୍ରଙ୍କ ତର୍କରେ ଥିଲା ଏକ ସର୍ତ୍ତ। ଯିଏ ପରାଜିତ ହେବ ସେ ବିଜୟୀର ଶିଷ୍ୟତ୍ୱ ଗ୍ରହଣ କରିବ। ତର୍କ ସମୟରେ ମଧ୍ୟସ୍ଥର ଭୂମିକା ସମ୍ପାଦନ କଲେ ମଣ୍ଡନଙ୍କ ସ୍ତ୍ରୀ ଉଭୟ ଭାରତୀ। ଉଭୟଙ୍କ ମଧ୍ୟରେ ତର୍କ ଏତେ ଦୀର୍ଘ ହେଲା ଯେ ତର୍କସ୍ଥଳରେ ପୂର୍ଣ୍ଣ ସମୟ ଉପସ୍ଥିତ ରହିବା ସ୍ତ୍ରୀଙ୍କ ପାଇଁ ସମ୍ଭବ ହେଲା ନାହିଁ। କାରଣ ସ୍ୱାମୀଙ୍କ ଭୋଜନ ଓ ସନ୍ନ୍ୟାସୀଙ୍କ ଭିକ୍ଷା ପ୍ରସ୍ତୁତ କରିବା ଥିଲା ତାଙ୍କର ଦାୟିତ୍ୱ। ଏଣୁ ସେ ଏକ ଅଭିନବ ଉପାୟ ଚିନ୍ତା କଲେ। ତର୍କ ଯେତେଦିନ ଧରି ଚାଲିବ ସେତେଦିନ ପର୍ଯ୍ୟନ୍ତ ପ୍ରତ୍ୟହ ଗୋଟିଏ ଗୋଟିଏ ଫୁଲମାଳ ଉଭୟଙ୍କ ଗଳାରେ ପିନ୍ଧାଇ ଦେବେ। ଯିଏ ପରାଜିତ ହେବ ସେ ନିଶ୍ଚୟ ଉଦ୍‌ବିଗ୍ନ ଓ କ୍ରୁଦ୍ଧ ହୋଇପଡିବ ଓ ଫଳରେ ତା'ର ଶରୀରର ତାପମାତ୍ରା ବୃଦ୍ଧି ହେବ। ତାପ ବୃଦ୍ଧି ହେଲେ ଗଳାର ମାଳା ମ୍ଳାନ ପଡିଯିବ। ଯାହାର ଫୁଲମାଳ ପ୍ରଥମେ ମ୍ଳାନ ଦେଖାଯିବ ସେ ପରାଜିତ ହୋଇଛନ୍ତି ବୋଲି ନିର୍ଣ୍ଣୟ କରାଯିବ। ଆରମ୍ଭ ହେଲା ତର୍କ। ତର୍କ କ୍ଷେତ୍ରକୁ ଆସିଲା ବେଦ, ବେଦାନ୍ତ, କର୍ମକାଣ୍ଡ ଓ ଅନେକ ଶାସ୍ତ୍ର। ତର୍କ ଚାଲିଲା ଦୀର୍ଘ ଷୋଳ ଦିନ। ଶେଷ ଦିନ ଶଙ୍କର ମଣ୍ଡନ ମିଶ୍ରଙ୍କ ସମସ୍ତ ଯୁକ୍ତିକୁ ଖଣ୍ଡନ କରି ଅଦ୍ୱୈତ ମତକୁ ପ୍ରତିଷ୍ଠା କଲେ। ସପ୍ତଦଶ ଦିବସରେ ମଣ୍ଡନ ମିଶ୍ରଙ୍କ ମୁଖମଣ୍ଡଳ ଲଜ୍ଜାରେ ବିବର୍ଣ୍ଣ ପଡିଗଲା। ପରାଜୟର କ୍ରୋଧରେ ଶରୀର କମ୍ପି ଉଠିଲା। ଶରୀରର ତାପମାତ୍ରା ବୃଦ୍ଧି ହେଲା ଓ ଫୁଲମାଳଟି ବିବର୍ଣ୍ଣ ପଡିଗଲା। ସେ ନତମସ୍ତକରେ ପରାଜୟ ସ୍ୱୀକାର କଲେ ଓ ସର୍ତ୍ତ ଅନୁସାରେ ଶଙ୍କରଙ୍କ ଶିଷ୍ୟତ୍ୱ ଗ୍ରହଣ କରିବାକୁ ପ୍ରସ୍ତୁତ ହେଲେ। ମାତ୍ର ତାଙ୍କର ଧର୍ମପତ୍ନୀ କହିଲେ, "ହେ ପଣ୍ଡିତଶ୍ରେଷ୍ଠ! ମୁଁ ହେଉଛି ସ୍ୱାମୀଙ୍କ ଅର୍ଦ୍ଧାଙ୍ଗିନୀ। ଆପଣ ମୋ ସ୍ୱାମୀଙ୍କୁ ପରାସ୍ତ କରିଛନ୍ତି, ମାତ୍ର ମୋତେ ପରାସ୍ତ କରିନାହାନ୍ତି। ଏଣୁ ଆପଣଙ୍କ ବିଜୟ ସମ୍ପୂର୍ଣ୍ଣ ହୋଇନାହିଁ। ମୋତେ ପରାଜିତ କଲା ପରେ ମୋ ସ୍ୱାମୀ ଆପଣଙ୍କ ଶିଷ୍ୟତ୍ୱ ଗ୍ରହଣ କରି ସନ୍ନ୍ୟାସ ନେବେ।" ପୁଣି ଉଭୟଙ୍କ ମଧ୍ୟରେ ସପ୍ତଦଶ ଦିବସ ବ୍ୟାପୀ ତର୍କ ଚାଲିଲା, ମାତ୍ର ଶଙ୍କରଙ୍କ ପରାଜୟ ହେଲା ନାହିଁ। ଶେଷରେ ଉଭୟ ଭାରତୀ ବେଦ, ବେଦାନ୍ତ ପରେ କାମଶାସ୍ତ୍ର ସମ୍ପର୍କରେ ପ୍ରଶ୍ନ କରିବା ଦ୍ୱାରା ଶଙ୍କର ନିରୁତ୍ତର ହେଲେ। କାରଣ ସେ ସନ୍ନ୍ୟାସୀ ହୋଇଥିବାରୁ ସେହି ଶାସ୍ତ୍ରରେ ଅନଭିଜ୍ଞ ଥିଲେ। ଏଣୁ ସେ ସେହି ଶାସ୍ତ୍ର ଅଧ୍ୟୟନ କରିବା ପାଇଁ ଏକମାସ ସମୟ ଭିକ୍ଷା କଲେ। ସେ ବିନମ୍ରତାର ସହ ନିଜର ଅଜ୍ଞତା ସ୍ୱୀକାର କରି ବିଦାୟ ନେଲେ ଓ ପୁଣି ଫେରିବାର ପ୍ରତିଶ୍ରୁତି ଦେଲେ। ଶଙ୍କର–ମଣ୍ଡନ ଉପାଖ୍ୟାନ ବିତର୍କ ସମ୍ପର୍କରେ ଦୁଇଟି ଦିଗ ପ୍ରତି ସଚେତନ କରାଏ। ତର୍କ ସମୟରେ କ୍ରୁଦ୍ଧ ବା ଉତ୍ତେଜିତ ହେବ ନାହିଁ ଓ ନିଜକୁ ସମସ୍ତ ଜ୍ଞାନର ଅଧିକାରୀ ଭାବି ଅହଂକାର କବଳିତ ହେବ ନାହିଁ, କାରଣ ଜ୍ଞାନ ଅସୀମ। ଆଜି ଯେଉଁ ପଣ୍ଡିତମାନେ ବିତର୍କରେ ଭାଗ ନେଉଛନ୍ତି ସେମାନେ ଏହି ଦୁଇଟି ଦିଗ ପ୍ରତି ସଚେତନ ହେବେ ବୋଲି ଆଶା।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼,
ମୋ–୯୪୩୭୩୨୯୨୬୩

# ଅସୁରକ୍ଷିତ ସରକାରୀ ବିଦ୍ୟାଳୟ



ପୀତାମ୍ବର ରାଉତ

ନିଆଳି ବ୍ଲକ୍ ବିନିସପୁର ପଞ୍ଚାୟତର ଆମ୍ବାପଡ଼ା ପ୍ରାଥମିକ ବିଦ୍ୟାଳୟର ଲୋମହର୍ଷଣକାରୀ ଘଟଣା ସାରା ଓଡ଼ିଶାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। କାର୍ଯ୍ୟରତ ଶିକ୍ଷୟିତ୍ରୀ ଶୁଚିସ୍ମିତା ମୁଦୁଲିଙ୍କୁ ଜଣେ ଦୁର୍ବୃତ୍ତ କ୍ଲାସରୁମ୍‌ରେ ପଶି ସବୁ କୋମଳମତି ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ଦିନ ୧୧ଟା ୩୦ମିନିଟ୍‌ରେ ଏକ ଧାରୁଆ କଟୁରିରେ ଚୋଟ ପରେ ଚୋଟ ବସେଇ ଚାଲିଥିଲା। ୯ଥର ହାଣିବା ପରେ ସେ ସ୍ଥାନ ଛାଡ଼ି ଚାଲିଯାଇଥିଲା। କ୍ଲାସ୍‌ରୁମ ଚଟାଣ ରକ୍ତରଞ୍ଜିତ ହୋଇଯାଇଥିଲା। ଆହତ ଶିକ୍ଷୟିତ୍ରୀ ଜୀବନ ସହ ସଂଗ୍ରାମ କରୁଥିବା ସମୟରେ ତାଙ୍କୁ ମେଡିକାଲକୁ ନେଇଯାଇଥିଲେ ସ୍ଥାନୀୟ ଗ୍ରାମବାସୀ। ଦୁର୍ବୃତ୍ତ ଜଣକ ନିଆଳି ପୋଲିସ ଦ୍ୱାରା ଧରାପଡ଼ି ଜେଲରେ ଅଛନ୍ତି। ଲୋକଙ୍କ କଥାରୁ ଜଣାପଡ଼ିଛି ସେ ଏକତରଫା ପ୍ରେମ କରୁଥଲେ।

ସରକାରୀ ଅନୁଷ୍ଠାନରେ ଯେଉଁ ଘଟଣା ଘଟିଛି ଏଥିପାଇଁ ସରକାରଙ୍କୁ ପଦକ୍ଷେପ ନେବାର ବେଳ ଆସିଛି। ଏମିତି ଘଟଣା ପ୍ରାୟତଃ ବେସରକାରୀ ଶିକ୍ଷାନୁଷ୍ଠାନରେ ଘଟି ନ ଥାଏ। କାରଣ ତାଙ୍କର ଜଣେ ୱାଚ୍‌ମ୍ୟାନ୍ ଥାଏ ଏବଂ ସେହିସବୁ ଅନୁଷ୍ଠାନର କର୍ମଚାରୀମାନଙ୍କ ସଂଖ୍ୟା ମଧ୍ୟ ଅଧିକ। ପିଅନ ଜଣେ ଥିଲେ ବି ସେ ଦୁର୍ବୃତ୍ତକୁ ଅଟକାଇ ପାରିଥାନ୍ତା। ବର୍ତ୍ତମାନ ପ୍ରାୟ ସବୁ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ଅପେକ୍ଷା ଶିକ୍ଷୟିତ୍ରୀଙ୍କ ସଂଖ୍ୟା ଅଧିକ। ସରକାରୀ ଅନୁପାତ ଅନୁସାରେ ୩୦ ଜଣ ପିଲାଙ୍କ ପାଇଁ ଜଣେ ଶିକ୍ଷକ। ଯେହେତୁ ସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମିବାରେ ଲାଗିଛି, ତେଣୁ ପ୍ରାୟ ସ୍କୁଲଗୁଡ଼ିକରେ ୨/୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହୁଛନ୍ତି। ଏହା ବି ଦୁର୍ଘଟଣା ଘଟାଇବା ପାଇଁ ଏକ ମୌକା।

ଅନେକ ସ୍କୁଲରେ ପାଚେରି ଏବଂ ଗେଟ୍ ନାହିଁ, ଯାହା ଦୁର୍ବୃତ୍ତଙ୍କ ପାଇଁ ଦ୍ୱିତୀୟ ସୁଯୋଗ। ତେଣୁ ସରକାର ଏସବୁ ବିଷୟ ପ୍ରତି ଧ୍ୟାନ ଦେବା ବାଞ୍ଛନୀୟ। ବିଦ୍ୟାଳୟ କାନ୍ଥରେ ଲେଖାହୋଇଛି ଦଣ୍ଡମୁକ୍ତ ଅଞ୍ଚଳ। ପିଲାଙ୍କୁ ମାଡ଼ ଦେଇ ପାଠ ପଢ଼େଇବା ବେଳ ଆଉ ନାହିଁ। କାରଣ ସେମାନେ କୋମଳମତି। ତାଙ୍କୁ ଡରେଇଲେ, ସେମାନେ ପାଠ ପଢ଼ିବା ଦୂରେ ଥାଉ ଆଉ ସ୍କୁଲକୁ ମଧ୍ୟ ଆସିବେ ନାହିଁ। ହେଲେ ଆମ୍ବାପଡ଼ା ପ୍ରାଥମିକ ବିଦ୍ୟାଳୟରେ ସେ ଦିନର ସେହି ଘଟଣା ପିଲାଙ୍କ ମନରେ କି ପ୍ରଭାବ ପକେଇଥିବ ତାହା ଆମ ସମସ୍ତଙ୍କୁ ଭାବିବା ଦରକାର। ଏପର୍ଯ୍ୟନ୍ତ ମଧ୍ୟ କିଛି ପିଲା ଭୟରେ ସ୍କୁଲକୁ ଆସୁନାହାନ୍ତି।

ଏମିତି ଘଟଣା ସରକାରୀ ଅଫିସଗୁଡ଼ିକରେ ହେବା ଏପର୍ଯ୍ୟନ୍ତ ନଜରକୁ ଆସିନାହିଁ। କାରଣ ପ୍ରତି ଅଫିସରେ ପୁରୁଷ କର୍ମଚାରୀ, ସିକ୍ୟୁରିଟି, ସିସିଟିଭିମାନ ଉପଲବ୍ଧ। ଶିକ୍ଷା ଆମର ମୌଳିକ ଅଧିକାର, ଯେଉଁଥିପାଇଁ ସାରା ଭାରତରେ ଚାଲିଛି ସର୍ବଶିକ୍ଷା ଅଭିଯାନ। ରାଇଟ୍ ଟୁ ଏଜୁକେଶନ ନିୟମ ଯୋଡ଼ାଯାଇଛି ଆମ ସମ୍ବିଧାନରେ। ତା' ଅର୍ଥ ୬ରୁ ୧୪ବର୍ଷ ବୟସ୍କ ପ୍ରତ୍ୟେକ ପିଲା ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ଗ୍ରହଣ କରିବେ। ଏବେ ପୁଣି ଜାତୀୟ ଶିକ୍ଷା ନୀତି ସ୍ୱତନ୍ତ୍ର ଭାବେ ପ୍ରଣୀତ ହୋଇଛି। ଓଡ଼ିଶା ସରକାର ମଧ୍ୟ ସର୍ବଶିକ୍ଷାକୁ ସଫଳ କରିବା ପାଇଁ ଯତ୍‌ପରୋନାସ୍ତି ଚେଷ୍ଟିତ। ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ଏବେ ସରକାରୀ ବିଦ୍ୟାଳୟରେ ଉଜ୍ଜ୍ୱଳ, ଉତ୍ଥାନ, ଉତ୍କର୍ଷ ଆଦି ପାଠ୍ୟକ୍ରମ ଚାଲୁ ରହିଛି।

ଆମର ଗୋଟେ କଥା ଅଛି – 'ବାପ ପୁଅ ରାତିସାରା ଉଜାଗର ହେଲେ ମୁଗୁରା ପଛ ମୁକୁଳା'। ମହାକାଳ ଫଳ ଭଳି ଆମ ସରକାରୀ ଶିକ୍ଷା ବ୍ୟବସ୍ଥା। ଆମ୍ବାପଡ଼ା ପ୍ରାଥମିକ ବିଦ୍ୟାଳୟର ଘଟଣା ଖୋଲି ଦେଇଛି ସବୁ ଗୁମର। ଯେଉଁଠି ଶିକ୍ଷୟିତ୍ରୀ ଶିକ୍ଷକ ସୁରକ୍ଷିତ ନୁହନ୍ତି, କେମିତି ସଫଳ ହେବ ସର୍ବଶିକ୍ଷା। ସରକାରୀ ବିଧି ବ୍ୟବସ୍ଥାକୁ ଏହି ଘଟଣା ଉପହାସ କରୁନାହିଁ କି? ସରକାର ଶିକ୍ଷୟିତ୍ରୀଙ୍କ ପାଇଁ ଡ୍ରେସ୍ କୋଡ୍ କରିଦେଲେ, ସେମାନେ ଆଉ ଆଳ ଦେଖେଇ ଠକି ପାରିବେନି। ହେଲେ ଆମ ସରକାରୀ ପରିବେଶ ଏମିତି ଯେ ଦିନରେ କାର୍ଯ୍ୟ କରୁଥିଲା ବେଳେ ସେମାନେ ଠକି ହୋଇଯାଉଛନ୍ତି।

ଏଠି ସରକାରୀ ସ୍ଲୋଗାନ ଚାଲିଛି– ସଶକ୍ତ ମହିଳା, ସଶକ୍ତ ଭାରତ। ମହିଳା ଆତ୍ମନିଯୁକ୍ତି ପାଇଲେ, ସଶକ୍ତ ହେଲେ। ହେଲେ ଏବେ ବି ମହିଳା ସୁରକ୍ଷିତ ନୁହନ୍ତି। ପ୍ରତିଦିନ ମହିଳା ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ବିଦ୍ୟାଳୟରେ ପିଲାମାନଙ୍କ ସମ୍ମୁଖରେ ଆକ୍ରମଣ ଆଦୌ ଗ୍ରହଣୀୟ ନୁହେଁ। ଏଇ ଘଟଣା ସରକାରଙ୍କ ପାଇଁ ସତର୍କ ଘଣ୍ଟି। ଆବଶ୍ୟକ ପଦକ୍ଷେପ ବେଳ ହୁଁ ନ ନେଲେ ଏଭଳି ଘଟଣା ବଢ଼ିଚାଲିବ।

ସରକାର ଅନୁଧ୍ୟାନ କରି ପ୍ରତି ବିଦ୍ୟାଳୟରେ ସୁଦୃଢ଼ ପାଚେରି, ଗେଟ୍‌ର ବ୍ୟବସ୍ଥା କରନ୍ତୁ। ୱାଚମ୍ୟାନ୍ ଏବଂ ପିଅନ ମଧ୍ୟ ପ୍ରାଥମିକ ବିଦ୍ୟାଳୟରେ ରହନ୍ତୁ। ଏଥି ସହିତ ଜଣେ ସୁଇପର ନିହାତି ପ୍ରାଥମିକ ବିଦ୍ୟାଳୟରେ ରହିବା ଦରକାର। ଛଅ ବର୍ଷର ପିଲା, ପୁଣି ବିପିଏଲ୍ ଶ୍ରେଣୀର ପିଲା ଶୌଚ ହେବା ବିଷୟରେ ବି ଜାଣି ନ ଥାନ୍ତି। ନିରାପଦ ଓ ସ୍ୱଚ୍ଛ ପରିବେଶରେ ପିଲାଟି ପାଠ ପଢୁ, ଏହା ଆମର ଉଦ୍ଦେଶ୍ୟ। ଆମେ ପ୍ରଥମ ଘଟଣାରୁ ବ୍ୟବସ୍ଥା ସଜାଡ଼ି ଦେଲେ ଅସୁବିଧା କେଉଁଠି! ଶିଶୁମାନେ ଦେଶର ଭବିଷ୍ୟତ। ଧନୀଘରର ପିଲାମାନେ ଘରୋଇ ସ୍କୁଲରେ ସୁରକ୍ଷିତ, ହେଲେ ଅବଶିଷ୍ଟ ଆମ ଗରିବ ପିଲା କ'ଣ ଏ ଦେଶର ଭବିଷ୍ୟତ ନୁହନ୍ତି। ସେମାନଙ୍କ ଶିକ୍ଷା ଦାୟିତ୍ୱ ସରକାରଙ୍କର। ଶିକ୍ଷାଦାନ କରୁଥିବା ଶିକ୍ଷୟିତ୍ରୀ ଆଜି ଅସୁରକ୍ଷିତ। ତେଣୁ ସରକାର ଯଥାଶୀଘ୍ର ଏଥିପାଇଁ ବିହିତ ପଦକ୍ଷେପ ନିଅନ୍ତୁ। ବଜ୍ରପାତ ଓ ଆକସ୍ମିକ ଘଟଣାରେ ମୃତ୍ୟୁବରଣ କଲେ କ୍ଷତି ପୂରଣ ଦିଆଯାଉଛି। ହଜାର ହଜାର ଶିକ୍ଷୟିତ୍ରୀ ଆଜି ଆତଙ୍କିତ। ସେମାନେ ଆତଙ୍କିତ ରହିଲେ କିପରି ଗଢ଼ିପାରିବେ ପିଲାଙ୍କ ଭବିଷ୍ୟତ!

ଚଳିତ ବର୍ଷ ୧୬୬ ସରକାରୀ ବିଦ୍ୟାଳୟ ବନ୍ଦ ହେବାକୁ ଯାଉଥିବା ବେଳେ ଆଗାମୀ ବର୍ଷ ଆହୁରି ସ୍କୁଲ ବନ୍ଦ ହୋଇପାରେ। ଆମ ସମ୍ବିଧାନରେ କଠୋର ଆଇନ ପ୍ରଣୟନ ହେବା ଦରକାର। ଦୁର୍ବୃତ୍ତ ଦିବାଲୋକରେ ଅପରାଧ ଘଟାଇ ପୋଲିସ ହାତରେ ଧରା ପଡ଼ି ମଧ୍ୟ ଖସିଯିବାର ଅନେକ ନଜିର ଅତୀତରେ ରହିଛି। ସରକାରୀ ଅନୁଦାନ ଓ ପୂର୍ଣ୍ଣ ବେତନ ପାଇଁ ଶିକ୍ଷକ ସଂଘ ଦାବି କରୁଛି। ସୁରକ୍ଷା ପାଇଁ ମଧ୍ୟ ଦାବି କରିବା ଦରକାର।

ନିଆଳି, କଟକ, ମୋ – ୯୯୩୭୬୬୨୧୮୭

## ଏଇ ଭାରତରେ

ଭାରତର ଅନେକ ସ୍ଥାନରେ ପରମ୍ପରା ଓ ଲିଙ୍ଗଗତ ଅସମାନତାର ବେଡ଼ିରେ ବାନ୍ଧିହୋଇ ମହିଳାମାନେ ଅଣନିଃଶ୍ୱାସୀ ହୋଇପଡୁଥିବା ବେଳେ ବାରାଣସୀର ଏକ ଗାଁରେ ମହିଳାମାନେ ଯେପରି ସଂସ୍କାରୀ ମନୋଭାବ ପ୍ରଦର୍ଶନ କରିଛନ୍ତି ତାହା ବାସ୍ତବିକ ପ୍ରଶଂସନୀୟ। ଅନ୍ଧବିଶ୍ୱାସକୁ ପଛକୁ ପକାଇଦେଇ ବରିୟାସନପୁର ଗାଁର ଗୋଟିଏ ପରିବାରର ସମସ୍ତ ମହିଳା ସମାଜକୁ ସମାନତାର ଏକ ବାର୍ତ୍ତା ଦେଇଛନ୍ତି। ଏହି ଗାଁର ହରିଚରଣ ପଟେଲଙ୍କ ପତ୍ନୀ ୮୦ ବର୍ଷୀୟା ରଜ୍ଜି ଦେବୀଙ୍କ ଦେହାନ୍ତ ହେବା ପରେ ତାଙ୍କ ବୋହୂ ଓ ପରିବାରର ଅନ୍ୟ ମହିଳାମାନେ ଶବକୁ କାନ୍ଧେଇ ଶ୍ମଶାନକୁ ନେଇଥିଲେ। ସମସ୍ତେ ବାରାଣସୀର ସରାୟମୋହନ ଘାଟରେ ପହଞ୍ଚିବା ପରେ ରଜ୍ଜିଙ୍କର ପୁଅ ଥିଲେ ବି ଝିଅ ହୀରାମଣି ମୁଖାଗ୍ନି ଦେଇଥିଲେ। ଏହା ସହ ସେମାନେ ଶୁଦ୍ଧିକ୍ରିୟା ବାବଦ ଖର୍ଚ୍ଚକାଟ୍ କରିବା ପାଇଁ ତେରଦିନ ଭୋଜନ ନ ଦେବାକୁ ସ୍ଥିର କରିଛନ୍ତି। କେବଳ ଏତିକି ନୁହେଁ, ତେରଦିନ ପରିବାର ସଦସ୍ୟମାନେ ବୃକ୍ଷରୋପଣ କରିବେ ବୋଲି କହିଛନ୍ତି ମୃତ ରଜ୍ଜିଙ୍କ ଏକମାତ୍ର ପୁତ୍ର ଭାଗୀରଥି ପ୍ରସାଦ। ହିନ୍ଦୁଧର୍ମରେ ଚଳି ଆସୁଥିବା ପ୍ରାଚୀନ ପରମ୍ପରାକୁ ଭାଙ୍ଗି ଆଉ ଏକ ପାଦ ଆଗକୁ ଯାଇଥିବାରୁ ଗାଁର ମୁଖିଆ ଓ ଅନ୍ୟ ପୁରୁଷମାନେ ମହିଳାମାନଙ୍କୁ ସମର୍ଥନ କରିଛନ୍ତି। ରଜ୍ଜି ଦେବୀଙ୍କ ବୋହୂ ଲାଲତି ଦେବୀ, ଝିଅ ହୀରାମଣି ଓ ପ୍ରେମାଙ୍କ ସହ ରେଖା, ସୁଧା, ସୁନୀତା, ଅମରାବତୀ ଓ ମହଦେଇ ଶବକୁ କାନ୍ଧରେ ନେବା ସମୟରେ 'ଜନ୍ମ–ମୃତ୍ୟୁ ସତ୍ୟ' ବୋଲି ଉଚ୍ଚାରଣ କରିଥିଲେ।

## ଚିରନ୍ତନୀ

ହେ ଶୂନ୍ୟ ହେ ମହାଶୂନ୍ୟ !
ଆବରି ବିରାଟ ଏହି ବିଶ୍ୱ
କୋଟି ଗ୍ରହ ଉପଗ୍ରହ
ଖେଳାଉଛ ଯେହ୍ନୁ ଦଶଦିଶ।
ଅଗଣନ ଜୀବ ତହିଁ
ରେଣୁ ସମ ହୁଏ ଉଦେ ଲୀନ,
ଅସଂଖ୍ୟ ବନ୍ଧନ ଲଭେ
ଦୁଃଖ ସମ ଶତଧା ବିଦୀର୍ଣ୍ଣ।
(ଶୂନ୍ୟ ଚିନ୍ତା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ କଳରୁ ଦୁର୍ନୀତି ଦୂର ପାଇଁ ପ୍ରସ୍ତାବ

ମହାଶୟ,
ସରକାରୀ କଳରୁ ଦୁର୍ନୀତି ଦୂର କରିବା ଓ ଲୋକଙ୍କ କାମ ଯଥାସମୟରେ କରିବା ପାଇଁ ମୁଖ୍ୟମନ୍ତ୍ରୀ '୫–ଟି 'କଥା କହିଥିବା ବେଳେ ମୁଖ୍ୟ ଶାସନ ସଚିବ ରକେଟ ଗତିରେ ଫାଇଲ କାମ କରିବାକୁ ବାବୁମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହାକୁ ସଫଳ କରିବା ପାଇଁ ମୋର କେତେକ ପ୍ରସ୍ତାବ ଏଠାରେ ଉଲ୍ଲେଖ କରୁଛି। ସମସ୍ତ ସରକାରୀ ବିଭାଗରେ କୌଣସି ସ୍ତରରେ ୭ ଦିନରୁ ଅଧିକ ଫାଇଲ ରହିବ ନାହିଁ। ଯଦି କୌଣସି କର୍ମଚାରୀ, ଅଧିକାରୀ, ମନ୍ତ୍ରୀ ସାତଦିନରୁ ଅଧିକ ଦିନ ନିଜ ପାଖରେ ନଥି ରଖିବେ ତାଙ୍କ ବେତନରୁ ପ୍ରତିଦିନ ପାଇଁ ଅର୍ଥ କଟାଯାଉ। ଲୋକ ନ୍ୟାୟ ନ ପାଇଲେ ସମ୍ପୃକ୍ତ ଅଧିକାରୀଙ୍କ ପଦବୀକୁ ତଳପାହ୍ୟାକୁ ଖସାଇ ଦିଆଯାଉ ଓ ବାରମ୍ବାର ଅନ୍ୟାୟ କଲେ ଚାକିରିରୁ ବହିଷ୍କାର କରାଯାଉ। ଯେଉଁ ସରକାରୀ କର୍ମଚାରୀ, ଅଧିକାରୀ ପ୍ରସ୍ତାବିତ ଆଇନ ଅନୁସାରେ କାର୍ଯ୍ୟ କରିବେ ତାଙ୍କୁ ପୁରସ୍କୃତ କରିବା ସହିତ ତାଙ୍କ ସନ୍ତାନଙ୍କୁ ମାଗଣାରେ ଶିକ୍ଷା ପ୍ରଦାନ କରାଯାଉ। ରାସ୍ତା, ପୋଲ, ଗୃହ ନିର୍ମାଣ, କେନାଲ ଆଦି ନିର୍ମାଣ କାର୍ଯ୍ୟ ଗୁଣାତ୍ମକ ହେବା ଏବଂ ସମସ୍ତ ଯୋଜନା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶେଷହେବା ପାଇଁ ଅଟକଳ ଅର୍ଥର ସମପରିମାଣ ଠିକାଦାରମାନଙ୍କଠାରୁ ବ୍ୟାଙ୍କ ଗ୍ୟାରେଣ୍ଟି ରଖାଯିବା ଆବଶ୍ୟକ। ଏହା ସହିତ ପ୍ରତ୍ୟେକ ନିର୍ମାଣ କାମର ଲାଇଫ୍ ଟାଇମ୍ ଧାର୍ଯ୍ୟ କରାଯିବା, ତା' ପୂର୍ବରୁ ରାସ୍ତା, ଘର, ପୋଲ ଆଦି ଭାଙ୍ଗିଗଲେ ଯାହା ଅର୍ଥ ଖର୍ଚ୍ଚ ଲାଗିବ ତାହା ଉକ୍ତ ବ୍ୟାଙ୍କରୁ ଅଣାଯାଉ। ସେହିପରି ଯୋଜନା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶେଷ ନ କଲେ ଯେତିକି ଅର୍ଥ ଅଧିକ ଖର୍ଚ୍ଚ ହେବ ସେ ବାବଦ ଅର୍ଥକୁ (ବ୍ୟାଙ୍କ ଗ୍ୟାରେଣ୍ଟି ଦେଇଥିବା) ବ୍ୟାଙ୍କରୁ ଉଠାଯିବାକୁ ବ୍ୟବସ୍ଥା ହେଉ। ଠିକାଦାରମାନଙ୍କୁ ୨୦% ଲାଭରେ କାମ ଦିଆଯାଉ ଓ ବଜାରର ବର୍ତ୍ତମାନର ମାଟେରିଆଲ ମୂଲ୍ୟ ଅନୁସାରେ ଯୋଜନା ଅଟକଳ କରାଯାଇ ଟେଣ୍ଡର କରାଯାଉ। ନିମ୍ନମାନର କାମ ଯୋଗୁ ପ୍ରକଳ୍ପ ଭାଙ୍ଗିଲେ କିମ୍ବା ଆଂଶିକ ଭାଙ୍ଗିଲେ ଇଞ୍ଜିନିୟରଙ୍କ ଦରମାରୁ କିମ୍ବା ପେନ୍‌ସନରୁ ୧୦% ଆଦାୟ କରାଯିବାକୁ ଆଇନ କରାଯାଉ।

ବିଭୁଧେନ୍ଦ୍ର ପ୍ରତାପ ଦାସ, ପୂର୍ବତନ ବିଧାୟକ, ଭୁବନେଶ୍ୱର

### ଭାଷାକୋଷ ପ୍ରଣେତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେଉ

ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ପ୍ରଣେତା ପଣ୍ଡିତ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଜୀବନୀ ସମ୍ବନ୍ଧେ ଶିକ୍ଷିତ ମହଲରେ ଅନେକେ ଜାଣନ୍ତି ନାହିଁ। ସେ ଆମ ପାଇଁ ଓଡ଼ିଆ ଭାଷାର ଭଣ୍ଡାର ରଖି ଜୀବନତମାମ ନିଜ ବ୍ୟକ୍ତିଗତ ସୁଖସୁବିଧା ଖୋଜି ନ ଥିଲେ। କିନ୍ତୁ ତାଙ୍କର ପ୍ରତିମୂର୍ତ୍ତି କେଉଁଠାରେ ଦେଖିବାକୁ ମିଳେ କି? ଅବଶ୍ୟ ତାଙ୍କ ସମ୍ମାନାର୍ଥେ କଟକରେ ଭାଷାକୋଷ ଲେନ୍‌ର ନାମକରଣ ହୋଇଛି। ଏଣୁ ମୋ ମତରେ ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନ ପରେ ତାଙ୍କର ଏକ ପ୍ରତିମୂର୍ତ୍ତି ସେଠାରେ ରହୁ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**

1) ଇ-ଟେଣ୍ଡର ବିଜ୍ଞପ୍ତି ନଂ. ETCPMVSKP2019038 ତା. 12.09.2019ରିଖ
**କାର୍ଯ୍ୟର ନାମ :** 01 (ଏକ) ବର୍ଷ ସମୟାବଧି ନିମନ୍ତେ [illegible] (Dy. FA & CAO)/[illegible] 02 (ଦୁଇ) ଗୋଟି ଗାଡ଼ି [illegible] ଭଡ଼ା ସୂତ୍ରରେ ନେବା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 13.76 ଲକ୍ଷ, EMD (ଟଙ୍କାରେ) : 27,500/-, ଟେଣ୍ଡର ଦସ୍ତାବେଜ ମୂଲ୍ୟ (ଟଙ୍କାରେ): 2,360/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ ।

2) ଇ-ଟେଣ୍ଡର ବିଜ୍ଞପ୍ତି ନଂ. ETCPMVSKP2019039 ତା. 12.09.2019ରିଖ
**କାର୍ଯ୍ୟର ନାମ :** 01(ଏକ) ବର୍ଷ ସମୟାବଧି ନିମନ୍ତେ [illegible] (P.Way. କାର୍ଯ୍ୟ ଏବଂ ବ୍ରିଜ୍) [illegible] ଭଡ଼ା ସୂତ୍ରରେ ନେବା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 40.74 ଲକ୍ଷ, EMD (ଟଙ୍କାରେ) : 81,500/-, ଟେଣ୍ଡର ଦସ୍ତାବେଜ ମୂଲ୍ୟ (ଟଙ୍କାରେ): 3,540/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ ।

3) ଇ-ଟେଣ୍ଡର ବିଜ୍ଞପ୍ତି ନଂ. ETCPMVSKP2019040 ତା. 12.09.2019ରିଖ
**କାର୍ଯ୍ୟର ନାମ :** 01(ଏକ) ବର୍ଷ ସମୟାବଧି ନିମନ୍ତେ [illegible] 02(ଦୁଇ) ଗୋଟି ଗାଡ଼ି (ନନ୍-ଏସି 5 ସିଟ୍ [illegible]) ଭଡ଼ା ସୂତ୍ରରେ ନେବା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 13.59 ଲକ୍ଷ, EMD (ଟଙ୍କାରେ) : 27,200/-, ଟେଣ୍ଡର ଦସ୍ତାବେଜ ମୂଲ୍ୟ (ଟଙ୍କାରେ): 2,360/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ ।

4) ଇ-ଟେଣ୍ଡର ବିଜ୍ଞପ୍ତି ନଂ. ETCPMVSKP2019041 ତା. 12.09.2019ରିଖ
**କାର୍ଯ୍ୟର ନାମ :** 01(ଏକ) ବର୍ଷ ସମୟାବଧି ନିମନ୍ତେ [illegible] 03(ତିନି) ଗୋଟି ଗାଡ଼ି (ନନ୍-ଏସି 5 ସିଟ୍ [illegible]) ଭଡ଼ା ସୂତ୍ରରେ ନେବା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 19.96 ଲକ୍ଷ, EMD (ଟଙ୍କାରେ) : 39,900/-, ଟେଣ୍ଡର ଦସ୍ତାବେଜ ମୂଲ୍ୟ (ଟଙ୍କାରେ): 2,360/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.04.10.2019ରିଖ 1200 ଘଣ୍ଟାରେ । (ସମସ୍ତ ଟେଣ୍ଡର ନିମନ୍ତେ)

[illegible] (Firm) [illegible]
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ଦସ୍ତାବେଜ ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛି ।
ଦ୍ରଷ୍ଟବ୍ୟ : [illegible] 15(ପନ୍ଦର) ଦିନ ପୂର୍ବରୁ [illegible]

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-50/CC/19-20

# ତିତ୍‌ଲି ପୁନରୁଦ୍ଧାର, ରୁରାଲ ହାଉସିଂ ଅଧାପନ୍ତରିଆ

## ଡିଆରଡିଏ ସମୀକ୍ଷା ବୈଠକ

ଛତ୍ରପୁର,୧୯।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ)ର ସମୀକ୍ଷା ବୈଠକ ଗୁରୁବାର ଛତ୍ରପୁରସ୍ଥିତ କାର୍ଯ୍ୟାଳୟର ଋଷିକୁଲ୍ୟା ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ଜିଲାରେ ତିତ୍‌ଲି ବାତ୍ୟାରେ ବ୍ୟାପକ କ୍ଷତି ହୋଇଥିଲା। କ୍ଷତି ହୋଇଥିବା ପ୍ରକଳ୍ପର ପୁନରୁଦ୍ଧାର ଓ ରୁରାଲ ହାଉସିଂ ନିର୍ମାଣ କାର୍ଯ୍ୟ ଜିଲାରେ ଅଧାପନ୍ତରିଆ ରହିଛି। ଏହିସବୁ କାମ ସାରିବାକୁ ବୈଠକରେ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ୨୦୧୯-୨୦ ଆର୍ଥିକ ବର୍ଷରେ ୯,୪୯୪ ଗୃହ ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ସେଥିମଧ୍ୟରୁ ୮୮ ଗୃହ ନିର୍ମାଣ ଶେଷ ହୋଇଛି। ସେହିପରି ଚଳିତବର୍ଷ ବିଭିନ୍ନ ଆବାସ ଯୋଜନାରେ ୨୧, ୩୯୮ ଘର ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ୨,୩୫୭ଟି ଘର ନିର୍ମାଣ ହୋଇଛି। ପାତ୍ରପୁର, ଜଗନ୍ନାଥପ୍ରସାଦ, ପୁରୁଷୋତ୍ତମପୁର, ଖଲ୍ଲିକୋଟ, ଭଞ୍ଜନଗର, ଧରାକୋଟ, ବେଲଗୁଣ୍ଠା, ସାନଖେମୁଣ୍ଡି, ବେଗୁନିଆପଡା, ଛତ୍ରପୁର ଓ ସୋରଡା ବ୍ଲକରେ ଏହିଗୃହ ନିର୍ମାଣ କାର୍ଯ୍ୟ ଧିମା ରହିଛି। ଜିଲାରେ ୩୭,୬୭୨ ପାଇଖାନା ନିର୍ମାଣ ହେବାକୁ ବାକି ରହିଛି। ସେଥିମଧ୍ୟରୁ ୨୮,୯୪୮ ପାଇଖାନା ନିର୍ମାଣ କାର୍ଯ୍ୟ ଚାଲିଛି। ୩,୭୬୪ ପାଇଖାନା ନିର୍ମାଣ କାମ ଆରମ୍ଭ ହୋଇନି। ଅନ୍ୟପକ୍ଷରେ ତିତ୍‌ଲିରେ କ୍ଷତି ହୋଇଥିବା ୬୭୨୯ ପ୍ରକଳ୍ପ ମଧ୍ୟରୁ ୫୦୧୧ ଟି ର କାମ ସରିଛି। ଏଥିମଧ୍ୟରେ ୩୭୭୩ ଅଙ୍ଗନୱାଡି କେନ୍ଦ୍ରରୁ ୩୧୮୭ଟିର କୋଠା ନିର୍ମାଣ ଶେଷ ହୋଇଛି। ୨୦୧୮-୧୯ରେ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ କୁକୁଡାଖଣ୍ଡି, ଧରାକୋଟ, ସୋରଡା, କବିସୂର୍ଯ୍ୟନଗର, ପୋଲସରା, ବେଲଗୁଣ୍ଠା ଓ ରୁଦ୍ରପୁରରେ କାମ ଧିମା ରହିଛି। ବିଭିନ୍ନ ପଞ୍ଚାୟତରେ ୧୯୨ କଲ୍ୟାଣମଣ୍ଡପ ମଧ୍ୟରୁ ୩୫ଟିରେ କାମ ସରିଛି। ୫୧ କଲ୍ୟାଣ ମଣ୍ଡପ କାମ ଆରମ୍ଭ ହୋଇନି। ସେହିପରି ୧୦୦ଟି ମାର୍କେଟ କମ୍ପ୍ଲେକ୍ସ ମଧ୍ୟରୁ ୪୮ଟିର କାମ ଶେଷ ହୋଇଛି। ୧୮ଟି କାମ ଆରମ୍ଭ ହୋଇ ନ ଥିବା ଜଣାପଡ଼ିଛି। ବୈଠକରେ ଡିଆରଡିଏ ଏପିଡି ରବି ନାରାୟଣ ତ୍ରିପାଠୀଙ୍କ ସମେତ ବିଡିଓ, ଯନ୍ତ୍ରୀମାନେ ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ ।

# ଅଣବନ୍ଦୋବସ୍ତ ଜମିକୁ ରାଜସ୍ୱ ମୌଜାରେ ପରିବର୍ତ୍ତନ କରାଯିବ


ବୈଠକରେ ଉପସ୍ଥିତ ଅଧିକାରୀ।

ଭଞ୍ଜନଗର,୧୯।୯(ଡି.ଏନ୍.ଏ)

ଭଞ୍ଜନଗର ରାଜସ୍ୱ ଉପଖଣ୍ଡରେ ୨୬ଟି ଅଣବନ୍ଦୋବସ୍ତ ଗ୍ରାମ ରହିଛି। ଧରାକୋଟ ତହସିଲରେ ୧୪ଟି, ସୋରଡ଼ାରେ ୧୧ ଓ ଭଞ୍ଜନଗର ତହସିଲ ଅଧୀନରେ ୨ଟି ଅଣବନ୍ଦୋବସ୍ତ ଗ୍ରାମ ଅଛି। ଉକ୍ତ ଗ୍ରାମଗୁଡ଼ିକୁ ରାଜସ୍ୱ ମୌଜା କରାଯିବ। ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଗୁରୁବାର ଅପରାହ୍ନରେ ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏନେଇ ଏକ ସମୀକ୍ଷା ବୈଠକ ହୋଇଥିଲା। ଏଥିରେ ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଞ୍ଜନଗର ତହସିଲଦାର ଦିନମଣି ନାୟକ, ସୋରଡ଼ା ତହସିଲଦାର ଅମର କୁମାର ବସନ୍ତରାୟ, ଜିଲା ମଙ୍ଗଳ ଅଧିକାରୀ ଅରକ୍ଷିତ ଦେଓ, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହୁରା, ଏସିଏଫ ବି.ବି. ବେହେରା, ଭାରପ୍ରାପ୍ତ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଅମୀୟ କୁମାର ମିଶ୍ର, ଧରାକୋଟ ଡବ୍ଲୁଇଓ ଅନିଲ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ପୋଲିସ, ଅବକାରୀ, ପ୍ରଶାସନର ମିଳିତ ବୈଠକ

ଦିଗପହଣ୍ଡ,୧୯।୯(ଡି.ଏନ୍.ଏ.)

ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ପରିସରରେ ଗୁରୁବାର ସ୍ଥାନୀୟ ପୋଲିସ ଅବକାରୀ ଓ ପ୍ରଶାସନ ପକ୍ଷରୁ ମିଳିତ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ତହସିଲଦାର ଅବିନ୍ଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମଲ୍ଟିମିସନ ଷ୍ଟାଫ ଗଠନ କରାଯାଇଥିବା ଜଣାପଡ଼ିଛି। ଆଗାମୀ ପାର୍ବଣ ପୂର୍ବରୁ ଗ୍ରାମାଞ୍ଚଳ ମାନଙ୍କରେ ବେଆଇନ ଚୋରା ମଦ କାରବାର ଓ ଅସାମାଜିକ କାର୍ଯ୍ୟକଳାପ ବିରୋଧରେ ଧରପଗଡ ଓ ଚଢାଉକୁ ଜୋରଦାର କରାଯିବା ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଥିଲା। ଅବକାରୀ ବିଭାଗର କାର୍ଯ୍ୟ ଦକ୍ଷତା ଉପରେ ତହସିଲଦାର ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଅସନ୍ତୋଷ ପ୍ରକାଶ କରିଥିଲେ। ନିୟମିତ ବ୍ୟବଧାନରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ବେଆଇନ ମଦ କାରବାର କରୁଥିବା ବ୍ୟବସାୟୀମାନଙ୍କୁ ଗିରଫ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ସୁପ୍ରଭା ସାହୁ, ଦିଗପହଣ୍ଡି ଅବକାରୀ ଏସ୍‌ଆଇ ଅଭିରାମ ସାହୁ, ଥାନା ଏଏସ୍‌ଆଇ ବି. ଲାଛମେୟା ରେଡ୍ଡୀ, କେ.ନୂଆଗାଁ ଥାନା ଏଏସଆଇ କ୍ଷୀରୋଦ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସାଉଥ୍‌କୋ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

ଭଞ୍ଜନଗର,୧୯।୯(ଡି.ଏନ୍.ଏ)

ସ୍ଥାନୀୟ ସାଉଥ୍‌କୋ ପୂଜା ମଣ୍ଡପ ସମ୍ମୁଖରେ ବିଶ୍ୱକର୍ମା ପୂଜା ଅବସରରେ ୩ଦିନ ଧରି ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ବୁଧବାର ରାତିରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଡ଼ିଏଫଓ ଅଭୟ କୁମାର ଦଳେଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସାଉଥ୍‌କୋ ଭଞ୍ଜନଗର ଅଧୀକ୍ଷଣଯନ୍ତ୍ରୀ ନୃସିଂହ ନାଥ ପଣ୍ଡା, ଆସିକା ଅଧୀକ୍ଷଣଯନ୍ତ୍ରୀ ଏମ୍‌ଡି ସରୱର ସରଦିଜ୍, ଭଞ୍ଜନଗର ନିର୍ବାହୀଯନ୍ତ୍ରୀ ବସନ୍ତ କୁମାର ମହାପାତ୍ର ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସାଉଥ୍‌କୋ ସହକାରୀ ନିର୍ବାହୀଯନ୍ତ୍ରୀ ହୃଦାନନ୍ଦ ପ୍ରଧାନ ସଭାରେ ଅଧ୍ୟକ୍ଷତା କରିଥିବାବେଳେ ସୁଶାନ୍ତ ବେହେରା ସଂଯୋଜନା କରିଥିଲେ। ବିଗତ କିଛିବର୍ଷ ହେବ କେବଳ ସାଉଥ୍‌କୋ କର୍ମଚାରୀଙ୍କ ଶିଶୁମାନେ ହିଁ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଉଛନ୍ତି।

# କେରଳରେ ଓଡ଼ିଆ ଶ୍ରମିକ ମୃତ

ପାତ୍ରପୁର,୧୯।୯(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ସାମନ୍ତରାପୁର ପଞ୍ଚାୟତ ନାରାୟଣପୁର ଗ୍ରାମର ଜଣେ ଯୁବକଙ୍କର କେରଳରେ ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ (୨୬)। ପୂର୍ଣ୍ଣଚନ୍ଦ୍ର କୋଚେନ ସହରରେ କାମ କରୁଥିବାବେଳେ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସେ ଦୀର୍ଘବର୍ଷ ହେଲା କେରଳରେ ଦାଦନ ଖଟୁଥିବାବେଳେ ଗତ ୪ମାସ ତଳେ ଗ୍ରାମକୁ ଆସି ପୁଣି କେରଳ ଫେରିଥିଲେ। ଏକ ବଡ଼ କୋଠାରେ କାମ ଚାଲିଥିବାବେଳେ ସେ ଖସି ପଡି ଗୁରୁତର ଆହତ ହୋଇଥିଲେ। ତାଙ୍କୁ କମ୍ପାନୀ ତରଫରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ବୁଧବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବ୍ୟବଚ୍ଛେଦ ପରେ ମୃତଦେହ ଗାଁକୁ ଆସିବ ବୋଲି ଜଣାପଡିଛି।

**ଆଲ୍ଲାହାବାଦ ବ୍ୟାଙ୍କ**
(ଭାରତ ସରକାରଙ୍କର ଏକ ଉପକ୍ରମ)
**ଗୃହ ଆବଶ୍ୟକ**

**ଆଲ୍ଲାହାବାଦ ବ୍ୟାଙ୍କ, ମଣ୍ଡଳୀୟ କାର୍ଯ୍ୟାଳୟ, ସମ୍ବଲପୁର** ଏହାର ନିମ୍ନଲିଖିତ ଶାଖାର ସ୍ଥାନାନ୍ତରଣ ନିମନ୍ତେ ଭଡାସୂତ୍ରରେ ତଳ ମହଲାର ଗୃହ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରୁଅଛି ।

| କ୍ର.ନଂ. | ମଣ୍ଡଳ | ଶାଖାର ନାମ | କାର୍ପେଟ୍ ଏରିଆ | ଗୃହ ଆବଶ୍ୟକ | ସ୍ଥାନ (ନିମ୍ନଲିଖିତ ସ୍ଥାନର ବଜାର ଅଞ୍ଚଳରେ) |
|---|---|---|---|---|---|
| ୧. | ସମ୍ବଲପୁର | କୋକଳବା | ୧୦୦୦ ବର୍ଗଫୁଟ | ସେହି ସ୍ଥାନରେ ବର୍ତ୍ତମାନର ଶାଖା ସ୍ଥାନାନ୍ତରଣ ନିମନ୍ତେ ବିକଳ୍ପ ଗୃହ | ସା/ପୋ.: କୋକଳବା, ଥାନା: ନରସିଂହପୁର, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୦୩୨ |

ଦରଖାସ୍ତ ଫର୍ମ ଏବଂ ଅନ୍ୟାନ୍ୟ ସବିଶେଷ ବିବରଣୀ ବ୍ୟାଙ୍କର **ମଣ୍ଡଳୀୟ କାର୍ଯ୍ୟାଳୟ, "ଶ୍ୟାମ ଆର୍କେଡ" ସା.: କ୍ଷେତରାଜପୁର, ପୋ/ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୩** କିମ୍ବା **କୋକଳବା ଶାଖାରୁ** ସଂଗ୍ରହ କରିପାରିବେ କିମ୍ବା ବ୍ୟାଙ୍କର **ୱେବ୍‌ସାଇଟ୍: www.allahabadbank.in** ରୁ ଡାଉନ୍‌ଲୋଡ୍ କରିପାରିବେ।
ଧାର୍ଯ୍ୟ ଫର୍ମାଟରେ ସମ୍ପୂର୍ଣ୍ଣ ଭାବେ ପୂରଣ କରାଯାଇଥିବା ଦରଖାସ୍ତ ସହିତ ଆବଶ୍ୟକୀୟ ସୂଚନା ଏବଂ ୱେବସାଇଟ୍‌ରେ ଦର୍ଶିତ କାଗଜପତ୍ର ଗୁଡ଼ିକୁ ବନ୍ଦ ଲଫାପାରେ **ତା୦୯.୧୦.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ମଣ୍ଡଳୀୟ କାର୍ଯ୍ୟାଳୟରେ ଦାଖଲ କରିବେ।

ତାରିଖ: ୨୦.୦୯.୨୦୧୯ — ସହାୟକ ମହାପ୍ରବନ୍ଧକ

**HDFC**
Housing Development Finance Corporation Ltd.
୧୦୮-ଡ଼ି, ମାଷ୍ଟର କ୍ୟାଣ୍ଟିନ୍, ପ୍ରଥମ ମହଲା, ଲାଲ୍ ଚାନ୍ଦ ଜୁଏଲର୍ସର ବିପରୀତ ପାର୍ଶ୍ୱ, ଭୁବନେଶ୍ୱର-୭୫୧୦୦୧

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ।**

ନିମ୍ନ ସ୍ୱାକ୍ଷରକାରୀ **ଏଚ୍‌ଡିଏଫ୍‌ସି ଲିମିଟେଡ୍‌ର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ-୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରି ନିମ୍ନଲିଖିତ ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ ଏବଂ ଆଇନଗତ ପ୍ରତିନିଧି (ମାନ)ଙ୍କୁ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ନିମ୍ନସ୍ୱାକ୍ଷରକାରୀ ତାଙ୍କୁ ଜ୍ଞାତଥିବା କଥିତ ଋଣଗ୍ରହୀତା(ମାନେ)/ଆଇନଗତ ଉତ୍ତରାଧିକାରୀ(ମାନେ)/ଆଇନଗତ ପ୍ରତିନିଧି(ମାନେ)ଙ୍କ ବାସଗୃହରେ ଏହି ନୋଟିସର ଏକ ନକଲ ସଂଲଗ୍ନ କରିଥିଲେ । ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ କଥିତ ନୋଟିସର ନକଲ ଉପଲବ୍ଧ ଏବଂ କଥିତ ଋଣଗ୍ରହୀତା(ମାନେ)/ଆଇନଗତ ଉତ୍ତରାଧିକାରୀ(ମାନେ)/ଆଇନଗତ ପ୍ରତିନିଧିମାନେ ଯଦି ଆବଶ୍ୟକ କରନ୍ତି ତେବେ ଉକ୍ତ ନକଲ ଗୁଡ଼ିକୁ ଯେକୌଣସି କାର୍ଯ୍ୟଦିବସର ସାଧାରଣ ଅଫିସ ସମୟ ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ ଠାରୁ ସଂଗ୍ରହ କରିପାରିବେ ।

ଉପରୋକ୍ତ କ୍ରମେ, ପୁନଶ୍ଚ କଥିତ ଋଣଗ୍ରହୀତା(ମାନେ) / ଆଇନଗତ ଉତ୍ତରାଧିକାରୀ(ମାନେ)/ଆଇନଗତ ପ୍ରତିନିଧି(ମାନେ)ଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେମାନେ **ଏଚ୍‌ଡ଼ିଏଫ୍‌ସି ଲିମିଟେଡ଼** କୁ ଏହି ନୋଟିସ୍ ପ୍ରକାଶନ ତାରିଖର **୬୦ ଦିନ** ମଧ୍ୟରେ ନିମ୍ନରେ ସେମାନଙ୍କ ନାମ କ୍ରମରେ ସୂଚିତ କରାଯାଇଥିବା ବକେୟା ଦେୟ ସହିତ କଥିତ ଡ଼ିମାଣ୍ଡ ନୋଟସିରେ ଦର୍ଶିତ ବାର୍ଷିକ ୧୮% ପରବର୍ତ୍ତୀସୁଧ ଯାହା ଚୁକ୍ତି ଏବଂ ଅନ୍ୟାନ୍ୟ କାଗଜାତ / ଦଲିଲ ଦ୍ରଷ୍ଟବ୍ୟ, ସେ ଅନୁଯାୟୀ ଦେୟ ପରିଶୋଧ ତାରିଖ / ଦେୟମୁକ୍ତ ତାରିଖ ପର୍ଯ୍ୟନ୍ତ ତାହା ପରିଶୋଧ କରିବେ । କଥିତ ଋଣଗ୍ରହୀତା(ମାନ)ଙ୍କ ଦ୍ୱାରା **ଏଚ୍‌ଡ଼ିଏଫ୍‌ସି ଲିମିଟେଡ଼** ନିକଟରେ ଋଣ ଦେୟ ପରିଶୋଧ ନିମନ୍ତେ ନିମ୍ନଲିଖିତ ସୁରକ୍ଷିତ ସମ୍ପତ୍ତି ବନ୍ଧକ ରଖାଯାଇଥିଲା ।

| ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ / ଆଇନଗତ ପ୍ରତିନିଧି (ମାନଙ୍କ) ନାମ ଓ ଠିକଣା | ଆକାଉଣ୍ଟ ନଂ. / ମୋଟ୍ ବକେୟା ଦେୟ | ଡ଼ିମାଣ୍ଡ ନୋଟିସ୍ / ଏନ୍‌ପିଏ ତାରିଖ | ସୁରକ୍ଷିତ ସମ୍ପତ୍ତି / ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ନିର୍ଭୟ କୁମାର, ସହ-ଋଣଗ୍ରହୀତା: ସୁଧା କୁମାରୀ,** ବି-୨ ଏଫ୍‌୭ସି, ମୁନ୍ ସିଟି, ରାଜୀବ ପାଥ, ଡିନ୍ନା ରୋଡ୍, ମାଙ୍ଗୋ, ଜାମସେଦ୍‌ପୁର-୭୩୧୦୦୧ | ଆକା.ନଂ.: ୬୦୭୩୬୫୯୪୦ ତା୩୧.୦୭.୨୦୧୯ରିଖ ସୁଦ୍ଧା ଟ.୨୮,୯୦,୬୮୦/- | ୨୭.୦୮.୨୦୧୯ / ୦୪.୦୧.୨୦୧୯ | ଅନନ୍ତରା ବିଲଡିଂର ବ୍ଲକ-ଜେମିନୀରେ ୩ୟ ମହଲାରେ ଥିବା ଫ୍ଲାଟର ସମୁଦାୟ ପରିମିତ କ୍ଷେତ୍ର: ୧୪୨୦ବର୍ଗଫୁଟ ଯାହାର ଫ୍ଲାଟ: ଆର୍‌୩୧୧, ପ୍ଲଟ୍ ନଂ.: ୧୦୨୮, ୧୦୫୫, ୧୦୫୬, ୧୦୫୭, ୧୦୫୪(ଅଂଶ), ୧୦୫୩, ୪୯୩୩, ୧୦୫୨, ମୌଜା: ପରିଡିହି, ଥାନା ନଂ.: ୧୬୪୧, ଥାନା: ମାଙ୍ଗୋ, ଜାମସେଦପୁର-୮୩୧୦୧୩ ସହିତ ନିମ୍ନରେ ଥିବା ଅବିଭକ୍ତ ଜମିର ଅଂଶ, ଏହାର ଚାରିପାର୍ଶ୍ୱରେ ଉତ୍ତର: କରିଡର/ଫ୍ଲାଟ୍ ନଂ.: ଆର୍-୩୦୯, ଦକ୍ଷିଣ: ପାର୍କିଂ, ପୂର୍ବ: ଫ୍ଲାଟ୍ ନଂ.: ଆର୍-୩୧୨, ପଶ୍ଚିମ: ରାସ୍ତା |
| **ଋଣଗ୍ରହୀତା: ଶ୍ରୀ ଦେବାଶିଷ ମଲ୍ଲିକ,** ଫ୍ଲାଟ୍-୭୦୩, ୭ମ ମହଲା, ଭୁବନ ପ୍ରାଇଡ, ଫେଜ୍-୧, ପ୍ଲଟ୍-୧୨୬, ଖାତା ନଂ.: ୨୦୬, ମୌଜା: ରଣସିଂହପୁର, ଥାନା: ପାତ୍ରପଡା, ଭୁବନେଶ୍ୱର-୭୫୧୦୧୯ / **ସହ-ଋଣଗ୍ରହୀତା: ସାଇସ୍ମିତା ନାୟକ,** ପ୍ଲଟ୍ ନଂ.: ୧୬୨, ହାଉସ୍ ନଂ.: ଏ/୩, ଖଣ୍ଡଗିରି, ଜଗନ୍ନାଥ ମନ୍ଦିର ନିକଟ, କ୍ରିଷ୍ଣା ବିହାର, ଭୁବନେଶ୍ୱର-୭୫୧୦୧୯ | ତା୩୧.୦୭.୨୦୧୯ରିଖ ସୁଦ୍ଧା ଆକା.ନଂ.: ୬୩୩୫୬୧୨୩୧ ୧,୦୯,୬୯୮/- ଟଙ୍କା ଆକା.ନଂ.: ୬୨୯୮୯୭୪୫୩ ନିମନ୍ତେ ଟ.୪୫,୦୬,୧୩୧/- | ୨୭.୦୮.୨୦୧୯/ ଆକା.ନଂ.: ୬୩୩୫୬୧୨୩୧ ୦୬.୦୧.୨୦୧୯ ଏବଂ ଆକା.ନଂ.: ୬୨୯୮୯୭୪୫୩ ୦୬.୧୧.୨୦୧୮ | ଭୁବନ ପ୍ରାଇଡ୍ ବିଲଡିଂର ୭ମ ମହଲାରେ ଥିବା ଫ୍ଲାଟ୍-୭୦୩ ସମୁଦାୟ ପରିମିତ କ୍ଷେତ୍ର: ପ୍ରାୟ ୧୫୪୦ ବର୍ଗଫୁଟ ସହିତ ଅବିଭକ୍ତ ଜମିର ନିମ୍ନ ଭାଗର ଅଂଶ ଏବଂ ସେଠାରେ ଯୁଗ୍ମଭାବେ ବର୍ତ୍ତମାନ ଏବଂ ଭବିଷ୍ୟତ ସଂଲଗ୍ନ ନିର୍ମାଣ ଯାହାର ପ୍ଲଟ୍ ନଂ.: ୧୨୬, ଖାତା ନଂ.: ୨୦୬, ମୌଜା: ରଣସିଂହପୁର, ଭୁବନେଶ୍ୱର-୭୫୧୦୦୧ ସହିତ ଅବିଭକ୍ତ ଜମିର ନିମ୍ନ ଭାଗର ଅଂଶ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଖୋଲା ସ୍ଥାନ, ଦକ୍ଷିଣ: କରିଡର, ପୂର୍ବ: ଖୋଲା ସ୍ଥାନ, ପଶ୍ଚିମ: ଖୋଲା ସ୍ଥାନ |
| **ଋଣଗ୍ରହୀତା: ପ୍ରହଲ୍ଲାଦ ଡୋରା,** ଏଚ୍‌ଆଇଜି ନଂ.: ୧/୧୧, ଲେନ୍ ନଂ.: ୧୩, ସତ୍ୟ ସାଇ ଏନ୍‌କ୍ଲେଭ୍, କୋଳଥିଆ, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦ / **ସହ-ଋଣଗ୍ରହୀତା: ଗାୟତ୍ରୀ ଦେବୀ,** ପିତା: ଶ୍ରୀ ପ୍ରହଲ୍ଲାଦ ଡୋରା, କ୍ୱାର୍ଟର ନଂ.: ୬, ଟାଇପ୍-ଡି, ୟୁନିଟ୍-୬, ଏସ୍.ଜି.ଓ.ଆଇ, ଟାଇପ୍-୮, ୟୁନିଟ୍-୬, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୩ | ତା୩୦.୦୧.୨୦୧୯ରିଖ ସୁଦ୍ଧା ଆକା.ନଂ.: ୪୭୩୨୨୭୪୪୪ ନିମନ୍ତେ ଟ.୯,୭୦,୪୯୮/- | ୧୯.୦୮.୨୦୧୯ / ୦୪.୧୦.୨୦୧୬ | **ଶ୍ରୀ ପ୍ରହଲ୍ଲାଦ ଡୋରାଙ୍କ** ସପକ୍ଷରେ ଓଡ଼ିଶା ଷ୍ଟେଟ୍ ହାଉସିଂ ବୋର୍ଡ ଦ୍ୱାରା ମୂଳତଃ ବଣ୍ଟନ କରାଯାଇଥିବା ଶ୍ରୀ ସତ୍ୟସାଇ ଏନ୍‌କ୍ଲେଭରେ ଅବସ୍ଥିତ ଏଚ୍‌ଆଇଜି ୟୁନିଟ୍ ଯାହାର ପ୍ଲଟ୍ ନଂ.: ୩୫, ୧(ଅଂଶ), ୨୯(ଅଂଶ), ୩୦(ଅଂଶ), ୨୫(ଅଂଶ), ୧୩୨(ଅଂଶ), ଖାତା ନଂ.: ୨୭୬ ଏବଂ ୨୭୮, ମୌଜା: ଆଇଗିଣିଆ, ଖଣ୍ଡଗିରି, ଭୁବନେଶ୍ୱର |
| **ଋଣଗ୍ରହୀତା: ବ୍ୟୋମକେଶ ରଥ,** ସା/ପୋ.: ଶାସନ ଦାମୋଦରପୁର, ଥାନା: ପୁରୀ ସଦର, ପୁରୀ-୭୫୨୦୦୨ | ଆକା.ନଂ.: ୪୭୧୪୧୩୪୭୮ ତା୩୦.୦୬.୨୦୧୯ରିଖ ସୁଦ୍ଧା ଟ.୪,୧୯,୪୮୦/- | ୧୯.୦୮.୨୦୧୯ / ୦୪.୦୮.୨୦୧୭ | ଜମିର ପରିମିତ କ୍ଷେତ୍ର: ପ୍ରାୟ ଏକର୦.୦୩ଡିସିମିଲି ସହିତ ସେଠାରେ ବର୍ତ୍ତମାନ ଏବଂ ଭବିଷ୍ୟରେ ନିର୍ମିତ ହେବାକୁ ଥିବା ଗୃହ ଯାହାର ପ୍ଲଟ୍ ନଂ.: ୫୧୪, ଖାତା ନଂ.: ୧୦୭୪, କ୍ଷେତ୍ର: ଏକର୦.୦୯ଡିସିମିଲି, ମୌଜା: ଦାମୋଦରପୁର ଶାସନ, ପୁରୀ ସଦର, ଜିଲ୍ଲା: ପୁରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୫୧୪ର ଅଂଶ, ଦକ୍ଷିଣ: ରାସ୍ତା, ପୂର୍ବ: ଲକ୍ଷ୍ମୀକାନ୍ତ ମିଶ୍ର, ପଶ୍ଚିମ: ରାମହରି ରଥ |
| ଆକା.ନଂ.: ୬୧୩୦୯୦୩୫୬ ତା୩୦.୦୬.୨୦୧୯ରିଖ ସୁଦ୍ଧା ଟ.୩,୦୨,୦୬୭/- | | ୧୯.୦୮.୨୦୧୯ /୦୪.୧୦.୨୦୧୭ | |
| ଆକା.ନଂ.: ୪୭୯୯୫୩୧୮୭ ତା୩୦.୦୬.୨୦୧୯ରିଖ ସୁଦ୍ଧା ଟ.୨,୯୮,୮୪୨/- | | ୧୯.୦୮.୨୦୧୯ /୦୪.୧୦.୨୦୧୭ | |
| **ଋଣଗ୍ରହୀତା: ବିଶେଶ୍ୱର ଭୋଇ,** ସରକାରୀ କ୍ୱାର୍ଟର ନଂ.: ୧, ବ୍ଲକ୍ କଲୋନୀ, କନ୍ଧମାଳ, ବୌଦ୍ଧ-୭୬୨୦୧୪ / **ସହ-ଋଣଗ୍ରହୀତା: ଅରୁନ୍ଧତୀ ଭୋଇ,** ଭିଆଇଏମ୍-୫୩୧, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୬ | ଆକା.ନଂ.: ୬୧୬୦୪୬୭୦୭ ତା୩୧.୦୭.୨୦୧୯ରିଖ ସୁଦ୍ଧା ଟ.୧୯,୦୬,୬୦୬/- | ୧୯.୦୮.୨୦୧୯ / ୦୫.୦୭.୨୦୧୮ | ଆଇଡିଆଲ ପ୍ଲାଜା ବିଲଡିଂର ବ୍ଲକ-ବିରେ ୬ଷ୍ଠ ମହଲାରେ ଥିବା ଫ୍ଲାଟ୍-୬୦୬, ସମୁଦାୟ ପରିମିତ କ୍ଷେତ୍ର: ୯୮୨ ବର୍ଗଫୁଟ ଏବଂ ଗୋଟିଏ ପାର୍କିଂ ସହିତ ଆନୁପାତିକ ଅବିଭକ୍ତ ନିମ୍ନ ଭାଗର ଜମିର ଅଂଶ ଏବଂ ସମସ୍ତ ସଂଲଗ୍ନ ନିର୍ମାଣ ଯାହାର ପ୍ଲଟ୍ ନଂ.: ୯୦/୪୩୨୫, ୮୯, ୯୦(ଅଂଶ), ୯୧/୪୩୦୩, ୯୧/୨୫୧୮/୫୮୪୦, ୯୦(ପିଟି), ୯୨/୪୩୨୫, ୯୦/୨୫୮୯, ଖାତା ନଂ.: ୬୧୧/୧୦୪୪, ୬୧୧/୧୭୩୧, ୬୧୧/୭୩୦, ୧୮୦, ୬୧୧/୫୫୬.୧୨୬, ମୌଜା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୦୧ |
| **ଋଣଗ୍ରହୀତା: ମଞ୍ଜୁର ଅଲ୍ଲୀ,** ଗ୍ରାମ: ସୁକିନ୍ଦା, ପୋ.: ସୁକିନ୍ଦା, ଥାନା: ସୁକିନ୍ଦା, ଜିଲ୍ଲା: ଯାଜପୁର, ଯାଜପୁର-୭୫୫୦୧୮ | ଆକା.ନଂ.: ୬୦୭୧୮୫୨୨୦ ତା୩୧.୦୫.୨୦୧୯ରିଖ ସୁଦ୍ଧା ଟ.୧୯,୦୨,୬୭୭/- | ୦୧.୦୮.୨୦୧୯ / ୦୬.୦୪.୨୦୧୮ | ବସେରା ଇମ୍ପ୍ରେସନ୍ ପ୍ଲସ୍ ବିଲଡିଂର ଫେଜ୍-୧, ବ୍ଲକ୍-୧ରେ ୧ମ ମହଲାରେ ଥିବା ଫ୍ଲାଟ୍-୧୦୫ ସମୁଦାୟ ପରିମିତ କ୍ଷେତ୍ର: ପ୍ରାୟ ୧୨୭୦ ବର୍ଗଫୁଟ ଯାହାର ପ୍ଲଟ୍ ନଂ.: ୪୩୯/୧୮୫୫, ୪୩୯/୧୮୫୦, ୪୩୯/୧୮, ୪୩୯/୧୮୫୬, ଖାତା ନଂ.: ୪୭୪/୧୪୫, ୪୭୪/୧୪୧, ୪୭୪/୧୪୦, ୪୭୪/୧୪୬, ମୌଜା: ପଟିଆ, ଭୁବନେଶ୍ୱର-୭୫୧୦୦୧ |
| **ଋଣଗ୍ରହୀତା: ଅହଲ୍ୟା ନାୟକ,** ବାଲିଗୋହିରୀ, ରାଜ ନିଳଗିରି, ବାଲେଶ୍ୱର, ବାଲେଶ୍ୱର-୭୫୬୦୦୧, **ସହ-ଋଣଗ୍ରହୀତାମାନେ: ୧) ଦେବାଶିଷ ନାୟକ,** ପ୍ଲଟ୍ ନଂ.: ୧୨୪୮, ମାର୍ଫତ: ସତ୍ୟ ଭୂଷଣ ରାଉତ, ଜଗନ୍ନାଥ ନଗର, ଭୁବନେଶ୍ୱର, ଭୁବନେଶ୍ୱର-୭୫୧୦୨୫, **୨) ସେବାଶିଷ ନାୟକ,** ବାଲିଗୋହିରୀ, ରାଜ ନିଳଗିରି, ବାଲେଶ୍ୱର, ବାଲେଶ୍ୱର-୭୫୬୦୦୧ | ଆକା.ନଂ.: ୬୨୨୮୭୧୧୨୬ ତା୩୧.୦୫.୨୦୧୯ରିଖ ସୁଦ୍ଧା ଟ.୧୨,୧୭,୬୬୩/- | ୦୨.୦୮.୨୦୧୯ / ୩୧.୦୫.୨୦୧୭ | ଜମିର ପରିମିତ କ୍ଷେତ୍ର: ପ୍ରାୟ ଏକର୦.୧୧୦ଡିସିମିଲି ବା ୪୮୦୦ ବର୍ଗଫୁଟ ସହିତ ସେଠାରେ ବର୍ତ୍ତମାନ ଏବଂ ଭବିଷ୍ୟତରେ ନିର୍ମିତ ହେବାକୁ ଥିବା ଗୃହ ଯାହାର ପ୍ଲଟ୍ ନଂ.: ୫୯୩/୨୪୩୫, ଖାତା ନଂ.: ୫୧୨/୪୯୪, ହାଲ୍ ଖାତା ନଂ.: ୫୧୨/୫୫୨, ମୌଜା: ବାଲିଗୋହିରୀ, ତହସିଲ: ନିଳଗିରି, ଜିଲ୍ଲା: ବାଲେଶ୍ୱର, ଏହାର ଚାରିପାର୍ଶ୍ୱରେ ଉତ୍ତର: ନୟନଜୋରୀ, ଦକ୍ଷିଣ: ପାର୍ବତୀ ଦିବ୍ୟା ଏବଂ ବଳରାମ ଜେନା, ପୂର୍ବ: ମଦନ ମୋହନ ପଣ୍ଡା, ପଶ୍ଚିମ: ଅକ୍ଷୟ କୁମାର ମହାଲିକ |
| | ଆକା.ନଂ.: ୬୨୨୮୭୧୨୩୬ ତା୩୧.୦୫.୨୦୧୯ରିଖ ସୁଦ୍ଧା ଟ.୧୧,୭୧,୧୬୪/- | ୦୨.୦୮.୨୦୧୯ / ୩୧.୦୫.୨୦୧୭ | |
| | ଆକା.ନଂ.: ୬୨୩୩୭୬୩୩୩ ତା୩୧.୦୫.୨୦୧୯ରିଖ ସୁଦ୍ଧା ଟ.୨୮,୧୭୧/- | ୦୨.୦୮.୨୦୧୯ / ୩୦.୦୬.୨୦୧୮ | |
| ଆକା.ନଂ.: ୬୨୩୩୭୬୨୯୨ ତା୩୧.୦୫.୨୦୧୯ରିଖ ସୁଦ୍ଧା ଟ.୪୦,୩୩୦/- | | ୦୨.୦୮.୨୦୧୯ /୩୧.୦୫.୨୦୧୮ | |
| ଆକା.ନଂ.: ୬୨୨୮୭୩୭୦୨ ତା୩୧.୦୫.୨୦୧୯ରିଖ ସୁଦ୍ଧା ଟ.୧୩,୭୮,୫୨୨/- | | ୦୨.୦୮.୨୦୧୯ /୩୦.୦୪.୨୦୧୭ | |

✱ ଦେୟ ମୁକ୍ତ ଏବଂ / କିମ୍ବା ପରିଶୋଧ ତାରିଖ ପର୍ଯ୍ୟନ୍ତ ବାର୍ଷିକ ୧୮% ହାରରେ ପରବର୍ତ୍ତି ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂ ଦେୟ ଇତ୍ୟାଦି ସହିତ ।

ଯଦି କଥିତ ଋଣଗ୍ରହୀତାମାନେ **ଏଚ୍‌ଡ଼ିଏଫ୍‌ସି ଲିମିଟେଡ଼** କୁ ଉପରୋକ୍ତ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ତେବେ **ଏଚ୍‌ଡ଼ିଏଫ୍‌ସି ଲିମିଟେଡ଼** କଥିତ ଆକ୍ଟର ଧାରା ୧୩(୪) ଅନୁସାରେ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି (ଗୁଡ଼ିକ) / ସ୍ଥାବର ସମ୍ପତ୍ତି (ଗୁଡ଼ିକ) ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ କଥିତ ଋଣଗ୍ରହୀତା(ମାନେ) / ଆଇନଗତ ଉତ୍ତରାଧିକାରୀ(ମାନେ) / ଆଇନଗତ ପ୍ରତିନିଧି(ମାନେ) ସମସ୍ତ ଆଇନଗତ ଖର୍ଚ୍ଚ / ଫଳାଫଳ ନିମନ୍ତେ ଦାୟୀ ରହିବେ ।

କଥିତ ଋଣଗ୍ରହୀତା(ମାନେ)/ ଆଇନଗତ ଉତ୍ତରାଧିକାରୀ(ମାନେ)/ଆଇନଗତ ପ୍ରତିନିଧି(ମାନେ) କଥିତ ଆକ୍ଟ ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି (ଗୁଡ଼ିକୁ) / ସ୍ଥାବର ସମ୍ପତ୍ତି ଗୁଡ଼ିକୁ **ଏଚ୍‌ଡ଼ିଏଫ୍‌ସି ଲିମିଟେଡ଼ର** ଲିଖିତ ଅନୁମତି ବିନା କୌଣସି ପ୍ରକାରରେ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ ମାଧ୍ୟମରେ ହସ୍ତାନ୍ତରୀତ କରିପାରିବେ ନାହିଁ । କୌଣସି ବ୍ୟକ୍ତି ଯଦି ଏହି ଆକ୍ଟର କିମ୍ବା ନିୟମର ଉପରୋକ୍ତ ଧାରାକୁ ଉଲଘଂନ କରି କାର୍ଯ୍ୟ କରନ୍ତି ତେବେ ଆଇନ ଅନୁଯାୟୀ ଜୋରିମାନା ଏବଂ / କିମ୍ବା କାରାଦଣ୍ଡ ନିମନ୍ତେ ଦାୟୀ ରହିବେ ।

**ପଞ୍ଜିକୃତ କାର୍ଯ୍ୟାଳୟ : ରମଣ ହାଉସ୍, ଏଚ୍.ଟି. ପାରେଖ ମାର୍ଗ, ୧୬୯, ବାକ୍‌ବେ ରିକ୍ଲାମେସନ୍, ଚର୍ଚ୍ଚ ଗେଟ୍, ମୁମ୍ବାଇ-୪୦୦୦୨୦**


ସ୍ଥାନ : ଭୁବନେଶ୍ୱର
ତାରିଖ : ୨୦.୦୯.୨୦୧୯
ହାଉସିଂ ଡ଼େଭଲପମେଣ୍ଟ ଫାଇନାନ୍ସ କର୍ପୋରେସନ୍ ଲିମିଟେଡ୍, ତରଫରୁ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଯଶବନ୍ତ ପି. ରାଜପାଲ

**CLASSIFIED DISPLAY**

**Life Care Emporium** Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS

Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

ଏମିତ ପାଠ ପଢ଼ନ୍ତୁ ଯେଉଁ ପାଠ ଆପଣଙ୍କୁ ରୋଜଗାରକ୍ଷମ କରିପାରିବ
**Bhava Institute Of Medical Science & Research**
ରେ ଖୋଲିଛି ସମ୍ପୂର୍ଣ୍ଣ ରୋଜଗାରକ୍ଷମ ପାଠ୍ୟକ୍ରମ
DIPLOMA PROGRAMME: GNM (Nursing), ANM (Nursing), DMRT (X-Ray), DMLT (Pathology) — ELIGIBILITY : +2 PASS
CERTIFICATE PROGRAMME: MEDICAL LAB TECH., X-RAY TECH, O.T TECH, WARD TECH, DIALYSIS TECH — ELIGIBILITY : MATRIC PASS
ପାରା ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୨୯ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15, Phone : 0674 - 2553122, 9040009727, 8456845313 (M)

**ଶ୍ରବଣ ସମସ୍ୟା?**
Free Hearing Check-up Camp (Going on at all Audizone Centres)
Exchange Offer • EMI Facility • Attractive Discount
ଶ୍ରବଣ ଯନ୍ତ୍ର DIGITAL HEARING AID — signia

**Audizone Speech & Hearing Clinic**
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

**ADMISSION OPEN**
**INDUSTRIAL SAFETY ENGINEERING**
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
**EEURO MARITIME ACADEMY** (ISO 9001 : 2015 CERTIFIED) Estd.2000
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

**MORE SPACE • SAME PRICE**
**CLASSIFIED DISPLAY**
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

**ବଶୀକରଣ କବଚ**

ପଞ୍ଚଧାତୁରେ ନିର୍ମିତ ସ୍ୱର୍ଣ୍ଣପଲିଶ୍ ଯୁକ୍ତ "ସିଦ୍ଧ ବଶୀକରଣ କବଚ"କୁ ପିନ୍ଧିବା ଦ୍ୱାରା ପଥଭ୍ରମନା ସ୍ତ୍ରୀ-ପୁରୁଷ, ଅଧିକାରୀ, ବ୍ୟବସାୟୀ, ଶତ୍ରୁ ସମସ୍ତେ ଆପଣଙ୍କ ଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କ ଇଚ୍ଛା ଅନୁଯାୟୀ କାମ କରିବେ। ବ୍ୟବସାୟରେ ସଫଳତା, ମନପସନ୍ଦ ବିବାହ, ପ୍ରେମ ଓ ମଧୁର ସମ୍ପର୍କ ପାଇଁ "ସିଦ୍ଧ ବଶୀକରଣ କବଚ" କୁ ଘରେ ବସି ମାତ୍ର ₹630/- ରେ ମଗାନ୍ତୁ। ଏବେ ହିଁ ଅର୍ଡର କରନ୍ତୁ ଏବଂ ଡେଲିଭରୀ ମିଳିବା ପରେ ପେମେଣ୍ଟ କରନ୍ତୁ ।
10 ବର୍ଷ ଧରି ଲକ୍ଷାଧିକ ସନ୍ତୁଷ୍ଟ ଓ ଖୁସୀ ଲୋକଙ୍କ ବିଶ୍ୱାସର ପ୍ରତୀକ
VEDANG SANSTHAN 9312010073

## ସଂକ୍ଷେପରେ

### କରାଟେରେ ସୋମନାଥଙ୍କୁ ସ୍ୱର୍ଣ୍ଣ

ଭଞ୍ଜନଗର,୧୯।୯(ଡି.ଏନ.ଏ.)- କଟକ ଜବାହରଲାଲ ନେହେରୁ ଇନ୍‌ଡ଼ୋର ଷ୍ଟାଡ଼ିୟମରେ ଗତ ୧୪ ଓ ୧୫ ତାରିଖ ୨ଦିନ ଧରି ୭ମ ସର୍ବଭାରତୀୟ (ଟିଏସ୍‌କେଏଫ୍‌ଆଇ) କରାଟେ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଞ୍ଜନଗରର ସୋମନାଥ ସେଠୀ କାଟା ଓ କୁମୁତେରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ବିଗତ କିଛିବର୍ଷ ହେବ ସୋମନାଥ କରାଟେ ଅଭ୍ୟାସ କରିବା ସହ ଭୁବନେଶ୍ୱରରେ ତାଲିମ ନେଇଥିଲେ। ଏହାପରେ ରାଜ୍ୟ ଓ ରାଜ୍ୟ ବାହାରେ ଅନେକ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଛନ୍ତି। ସୋମନାଥ ବର୍ତ୍ତମାନ ଭଞ୍ଜନଗର ସାଈ ଗୁରୁକୂଳ ଆବାସିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ କରାଟେ ଶିକ୍ଷାଦାନ କରୁଛନ୍ତି।

### କେନାଲ ଅନୁଧ୍ୟାନ କଲେ ସହକାରୀ ଯନ୍ତ୍ରୀ

ଛତ୍ରପୁର,୧୯।୯(ଡି.ଏନ୍.ଏ.)- ଛତ୍ରପୁର ବ୍ୟାଙ୍କ କଲୋନୀ ଓ ତାମ୍ବରା ନିକଟରେ ଥିବା କେନାଲ ପୋତି ହୋଇଗଲାଣି। ଚାଷୀଙ୍କ ସୁବିଧା ପାଇଁ ଏମ୍‌ଆଇ ପକ୍ଷରୁ ନିର୍ମାଣ ହୋଇଥିବା ଏହି କେନାଲ କାଳକ୍ରମେ ପୋତି ହୋଇଯାଇଥିବାରୁ କୌଣସି ସୁବିଧା ମିଳୁନି। ଗୁରୁବାର ଛତ୍ରପୁର ଏମ୍‌ଆଇର ସହକାରୀ ଯନ୍ତ୍ରୀ ଶକ୍ତିକାନ୍ତ ଜେନା ଉକ୍ତ କେନାଲର ସ୍ଥିତି ଅନୁଧ୍ୟାନ କରିଛନ୍ତି। ପରେ ବ୍ୟାଙ୍କ କଲୋନୀ କଲ୍ୟାଣ ଆସୋସିଏଶନ କର୍ମକର୍ତ୍ତାଙ୍କ ସହ ମଧ୍ୟ ସହକାରୀ ଯନ୍ତ୍ରୀ ଏ ସମ୍ପର୍କରେ ଆଲୋଚନା କରିଥିଲେ। କେନାଲ ପୁନରୁଦ୍ଧାର ପାଇଁ ବ୍ୟାଙ୍କ କଲୋନୀ କଲ୍ୟାଣ ଆସୋସିଏଶନ କର୍ମକର୍ତ୍ତା ଜିଲାପାଳଙ୍କୁ ଭେଟି ଜଣାଇବେ ବୋଲି ସୂଚନା ମିଳିଛି।

### ଗଣ୍ଡଗୋଳ ମାମଲା, ୨ ଗିରଫ

ବୁଗୁଡ଼ା,୧୯।୯(ଡି.ଏନ.ଏ.)-ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମରେ ଗତବର୍ଷ ଜୁଲାଇ ମାସରେ ହୋଇଥିବା ଏକ ଗଣ୍ଡଗୋଳ ଘଟଣାରେ ପୋଲିସ ଗୁରୁବାର ପୁଣି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ଜିତେନ୍ଦ୍ର ଓଝା ଓ ଶିବରାମ ପ୍ରଧାନ। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି। ଗୋଲିଆ ଗ୍ରାମର ଜଣେ ମହିଳା, ତାଙ୍କ ସ୍ୱାମୀ ଓ ଶ୍ୱଶୁରଙ୍କୁ ଗତବର୍ଷ ଜୁଲାଇ ୨୫ ତାରିଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୪ ଯୁବକ ଗାଳିଗୁଲଜ କରିବା ସହ ମାରପିଟ କରିଥିଲେ। ଏ ନେଇ ସେ ସମୟରେ ଥାନାରେ ଅଭିଯୋଗ ହେବାରୁ ପୋଲିସ ନଂ. ୧୬୮/୧୮ରେ ମାମଲା ରୁଜୁକରି ୨ ଜଣଙ୍କୁ ଗିରଫ କରିଥିବାବେଳେ ଗୁରୁବାର ଜିତେନ୍ଦ୍ର ଓ ଶିବରାମଙ୍କୁ ଗିରଫ କରାଯାଇଛି।

### ଫେରାର୍ ଅଭିଯୁକ୍ତ ଗିରଫ

ଆସିକା,୧୯।୯ (ଡି.ଏନ୍.ଏ.) ଆସିକା ଥାନା ଫୁଲସରପଲ୍ଲୀ ଓ ଖଡଭାଗ ଗ୍ରାମରେ ପୋଲିସ ଗୁରୁବାର ଚଢ଼ାଉ କରି ୨ ଫେରାର୍ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଫୁଲସରପଲ୍ଲୀ ଗ୍ରାମର ପ୍ରକାଶ ଦାସ ଓ ଖଡଭାଗ ଗ୍ରାମର ବିପିନ ବିହାରୀ ନାୟକ। ଅପରାହ୍ନରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶଙ୍କ ବିରୋଧରେ ୨୦୧୭ରୁ ଓ ବିପିନଙ୍କ ନାମରେ ୨୦୦୮ ମସିହାରୁ ମାମଲା ରହିଥିଲା। ବିଭିନ୍ନ ଫୌଜଦାରୀ ମାମଲାରେ ସଂପୃକ୍ତ ଥାଇ ଅଭିଯୁକ୍ତମାନେ ଅଦାଲତରେ ହାଜର ହେଉ ନ ଥିଲେ। ଅଦାଲତ ପକ୍ଷରୁ ଜାରି ଜାମିନବିହୀନ ଗିରଫ ପରୱାନା ବଳରେ ପୋଲିସ ସେମାନଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

### ରକ୍ତଦାନ ଶିବିର

କନିଷି,୧୯।୯(ଡି.ଏନ.ଏ.)-ରଙ୍ଗେଇଲୁଣ୍ଡା ବ୍ଲକ କେଲୁଆପଲ୍ଲୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭାଜପା ଯୁବମୋର୍ଚ୍ଚା ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସରେ ଏହା କରାଯାଇଥିଲା। ଶିବିରକୁ ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ବିଭୂତି ଭୂଷଣ ଜେନା ଶୁଭାରମ୍ଭ କରିଥିଲେ। ଗଞ୍ଜାମ ଜିଲା ଭାଜପା ସାଧାରଣ ସମ୍ପାଦକ ଅଞ୍ଚଳକୁ ପଲିଥିନ ମୁକ୍ତ କରିବାକୁ ଯୁବମୋର୍ଚ୍ଚା କର୍ମୀମାନଙ୍କୁ ଶପଥ କରାଇଥିଲେ। ଗଞ୍ଜାମ ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଶୁଭାଶିଷ ସାହୁଙ୍କ ନେତୃତ୍ୱରେ ହୋଇଥିବା ରକ୍ତଦାନ ଶିବିରରେ ୪୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବ୍ରହ୍ମପୁର ବଡ଼ ମେଡିକାଲ ରକ୍ତ ଭଣ୍ଡାର କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ। ଭାଜପା ନେତା ସନତ କୁମାର ନାୟକ, ଜିତୁ ପାତ୍ର, ସୁଶାନ୍ତ ନାୟକ, ଗୋପୀ ମହାରଣା, ଯୁଧିଷ୍ଠିର ନାୟକ, ବ୍ରଜ ମୋହନ ନାୟକ, ରବୀନ୍ଦ୍ର ମହାନ୍ତି ଓ ସୋରଜ ନାୟକ ପ୍ରମୁଖ ଶତାଧିକ ନେତା ଓ କର୍ମୀ ଉପସ୍ଥିତ ଥିଲେ।

### ବାଲ୍ୟବିବାହ ଆଇନର ଉଲ୍ଲଂଘନ

# ନାବାଳିକାଙ୍କୁ ବିବାହ ପରେ ଯୌତୁକ ନିର୍ଯାତନା

ପୁରୁଷୋତ୍ତମପୁର,୧୯।୯(ଡି.ଏନ.ଏ.)

ସରକାର ବାଲ୍ୟ ବିବାହ ରୋକିବା ଲାଗି ସ୍ୱତନ୍ତ୍ର ଆଇନ ପ୍ରଣୟନ କରିଛନ୍ତି। ବିବାହ କରୁଥିବା ଅଧିକାରୀ ଓ ବିବାହ ପଞ୍ଜୀକୃତ ଅଧିକାରୀଙ୍କୁ ଉଭୟ ବର କନ୍ୟାଙ୍କ ଜନ୍ମଗତ ବୟସ ସମ୍ପର୍କିତ ପ୍ରମାଣପତ୍ରକୁ ତନଖି କରି କାର୍ଯ୍ୟ କରିବାକୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ବୟସ ହୋଇ ନ ଥିବା ପିଲାଙ୍କୁ ବିବାହ କରୁଥିବା ଅଭିଭାବକଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ ମଧ୍ୟ କରୁଛନ୍ତି। କିଛି ସଂସ୍ଥା ଜନ୍ମଗତ ବୟସ ସମ୍ପର୍କିତ ପ୍ରମାଣପତ୍ରକୁ ଭଲଭାବେ ଯାଞ୍ଚ ନ କରି ବିବାହ କରିବାରେ ଲାଗିଛନ୍ତି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅଞ୍ଚଳରେ।

ଏହି ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ଜୁଲାଇରେ ଘରୁ ଉଠାଇନେଇ ଭୁବନେଶ୍ୱରରେ ଥିବା ଏକ ବିବାହ ସଂସ୍ଥାରେ ଜଣେ ଯୁବକ ବିବାହ କରିଥିଲେ। ଏବେ ଯୌତୁକ ପାଇଁ ନିର୍ଯାତନା ଦିଆଯାଉଥିବା ସମ୍ପୃକ୍ତ ନାବାଳିକା ପୁରୁଷୋତ୍ତମପୁର ଥାନାରେ ଅଭିଯୋଗ କରିଛନ୍ତି। ନଂ.୨୦୬/୧୯ରେ ସ୍ୱାମୀ, ଶ୍ୱଶୁର, ଶାଶୁ ଓ ଦିଅରଙ୍କ ନାମରେ ମାମଲା ରୁଜୁ ହୋଇଥିବା କହିଛନ୍ତି ଆଇଆଇସି ଜଗନ୍ନାଥ ମଲ୍ଲିକ। ଅଭିଯୁକ୍ତ ସ୍ୱାମୀ କିଷାନ ମହାରଣାଙ୍କୁ ଗୁରୁବାର ଗିରଫ କରି ବ୍ରହ୍ମପୁର ପୋକ୍ସୋ କୋର୍ଟକୁ ଚାଲାଣ କରାଯାଇଛି। ଘଟଣା ସମ୍ପର୍କରେ ତଦନ୍ତକାରୀ ପୋଲିସ ଅଫିସର ଏସ୍‌ଆଇ ସ୍ନେହାମଞ୍ଜରି ସାହୁ କହିଛନ୍ତି, ନାବାଳିକାଙ୍କ ଅଭିଯୋଗ ପ୍ରକାରେ ତାଙ୍କୁ ଗତ ଜୁଲାଇ ୨୬ରେ ଛତ୍ରପୁର ଥାନା ଭିକାରିପଲ୍ଲୀ ଗ୍ରାମର କିଷାନ ମହାରଣା ଘରୁ ଉଠାଇ ନେଇ ଭୁବନେଶ୍ୱରରେ ଥିବା ଏକ ସଂସ୍ଥାରେ ଜୁଲାଇ ୩୦ରେ ବିବାହ କରିଥିଲେ। ସେଠାରୁ ଆସି ବ୍ରହ୍ମପୁରରେ ଓ ଛତ୍ରପୁରରେ ଘର ଭଡାନେଇ ରହିଥିଲେ। ଏହାପରେ ଯୌତୁକ ଦାବି କରି ନିର୍ଯାତନା ଆରମ୍ଭ କରିଥିଲେ। ଏପରିକି ନାବାଳିକାଙ୍କୁ ଆଣି ତାଙ୍କ ବାପଘରେ ଛାଡ଼ି ଚାଲି ଯାଇଥିଲେ। ଉଭୟ ପକ୍ଷଙ୍କ ଆଲୋଚନାପରେ କୌଣସି ସମାଧାନ ନ ହେବାରୁ ବୁଧବାର ଥାନାରେ ଅଭିଯୋଗ କରିଥିଲେ। ନାବାଳିକାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ନେଇ ଡାକ୍ତରୀ ମାଇନା କରାଯିବା ସହ କୋର୍ଟରେ ବୟାନ ରେକର୍ଡ କରାଯାଇଛି। ଏହା ସହ ଅଭିଯୁକ୍ତ ସ୍ୱାମୀଙ୍କ ମଧ୍ୟ ଡାକ୍ତରୀ ମାଇନା କରାଯାଇଛି। ଅଭିଯୋଗକାରିଣୀ ନାବାଳିକା ହୋଇଥିବାରୁ ମାମଲାକୁ ବ୍ରହ୍ମପୁର ପୋକ୍ସୋ କୋର୍ଟକୁ ପଠାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଡ଼ ଥିଲେ ପଚାରି**
**ସାନ ଥିଲେ ବିଚାରି।**

ବୟସ୍କ ବ୍ୟକ୍ତି ବହୁ ଅଭିଜ୍ଞତା ହାସଲ କରିଥାନ୍ତି। କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ତାଙ୍କ ମତାମତ ବା ପରାମର୍ଶ ନେବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ସେହିପରି ବୟସରେ ସାନ ହେଲେ ମଧ୍ୟ ତାଙ୍କ କଥାକୁ ଟାଳି ନ ଦେଇ ବିଚାର କରିବା ଉଚିତ ହୋଇଥାଏ। କୌଣସି ନିଷ୍ପତ୍ତି ନେବାପୂର୍ବରୁ ସମସ୍ତଙ୍କ ସହ ବିଚାର ବିମର୍ଶ କରିବା ବା ମତାମତ ନେବା ଜରୁରୀ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାଛି ବିଭା ହେବ କୁଳର ନାରୀ,**
**ମରନ୍ତେ ପିଅନ୍ତେ ହେବ ଉଜିଗାରୀ।**

ଉଚ୍ଚକୁଳ, ଶିକ୍ଷିତା ଓ ଖାନଦାନ ଘରର ଝିଅକୁ ବାହାହେଲେ ଘରସଂସାର ଚଳାଇବା ସହଜ ହୋଇଥାଏ। ଏପରି ଗୁଣର ଝିଅ ଭଲରେ ମନ୍ଦରେ ସବୁବେଳେ ନିଜର ହୋଇ ରହିବା ସହ ଦୁଃଖକଷ୍ଟ ସବୁ ସହି ସୁରୁଖୁରୁରେ ତା'ର ପରିବାର ଚଳେଇ ନେଇଥାଏ। ଏଣୁ ବାହାହେବା ଆଗରୁ ଭଲ ଭାବରେ ସବୁ ବୁଝି ବିଚାରି କୁଳ, ଘର, ବନ୍ଧୁବାନ୍ଧବ ସମସ୍ତଙ୍କଠାରୁ ବିଭିନ୍ନ ଖବର ସଂଗ୍ରହ କରି ବିଭାହେବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସ୍ୱୟଂସିଦ୍ଧା: ମହିଳାଙ୍କୁ ବିପର୍ଯ୍ୟୟ ମୁକାବିଲା ତାଲିମ

ଛତ୍ରପୁର,୧୯।୯(ଡି.ଏନ.ଏ.)


ମହିଳା ଗୋଷ୍ଠୀ ସଭ୍ୟାଙ୍କୁ ତାଲିମ ଦିଆଯାଉଛି।

ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ସ୍ୱଂୟସିଦ୍ଧା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ମହିଳା ସଂଘର ସଦସ୍ୟାଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ତାଲିମ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ ଗୁରୁବାରଠାରୁ ଛତ୍ରପୁରସ୍ଥିତ ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାସ୍ତରୀୟ ସ୍ୱଂୟସିଦ୍ଧା ତାଲିମ ଦିଆଯିବା ଆରମ୍ଭ ହୋଇଛି। ଏହା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିବସରେ ଛତ୍ରପୁର ବ୍ଲକର ବିଭିନ୍ନ ପଞ୍ଚାୟତରୁ ମହିଳା ସଂଘର ୫୦ ସଦସ୍ୟାଙ୍କୁ ଏହି ତାଲିମ ଦିଆଯାଇଛି। ଛତ୍ରପୁର ଅଷ୍ଟମ ବାଟାଲିୟନ ଅଧୀନରେ ଥିବା ଓଡ୍ରାଫ ଟିମ୍ ପକ୍ଷରୁ ତାଲିମ ଦିଆଯାଇଛି। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜକୁ ଓ ନିଜ ପରିବାରକୁ ତତ୍‌କ୍ଷଣାତ ସୁରକ୍ଷା ଦେବା ସହ ନିଜ ଅଞ୍ଚଳର ଲୋକଙ୍କୁ କିଭଳି ସହଯୋଗ କରିପାରିବେ ସେ ଉପରେ ମହିଳାଙ୍କୁ ବିଭିନ୍ନ କୌଶଳ ଶିଖା ଯାଇଥିଲା। ଜିଲା ଜରୁରିକାଳୀନ ଅଧିକାରୀ ପ୍ରଜ୍ଞା ପରମିତା ଥାଟୋଇ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଉପରେ କହିଥିଲେ। ତାଲିମପ୍ରାପ୍ତ ମହିଳାମାନେ ସେମାନେ ନିଜ ନିଜ ପଞ୍ଚାୟତରେ ୧୦ ସଦସ୍ୟାଙ୍କୁ ତାଲିମ ଦେବେ। ଓଡ୍ରାଫର ସୁବେଦାର ବି. ଏନ. ମଲ୍ଲିକ, ହାବିଲଦାର ମେଜର ଏମ୍. କେ. ରାଉତ, ହାବିଲଦାର ଏସ୍. କେ ପଣ୍ଡା, ସିପାହୀ ମନୋଜ ରଥ, ଅଜିତ ରଥ, ଅଜିତ ତ୍ରିପାଠୀ, ପ୍ରଶାନ୍ତ ବିଶ୍ୱାଳ, ସାନ୍ତନୁ ନାୟକ, ଏଲ୍. ବିଜୟ କୁମାର, ବିଦେଶୀ ପ୍ରଧାନ, ରବୀନ୍ଦ୍ରନାଥ ମହାରଣା ପ୍ରମୁଖ ତାଲିମ ଦେଇଥିଲେ। ଛତ୍ରପୁର ସିଡିପିଓ କିଷ୍ଟା କୁମାରୀ ନନ୍ଦ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ମାନିନୀ ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା ସମୀକ୍ଷା ବୈଠକ

ଦିଗପହଣ୍ଡି,୧୯।୯(ଡି.ଏନ.ଏ.)

ଦିଗପହଣ୍ଡି ଅଞ୍ଚଳରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସଡ଼କ ସୁରକ୍ଷା ଓ ଯାନବାହାନ ଧରପଗଡ଼କୁ ଜୋରଦାର କରାଯିବା ପାଇଁ ବ୍ୟାପକ ପଦକ୍ଷେପ ନିଆଯିବ ବୋଲି ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ କହିଛନ୍ତି। ଗୁରୁବାର ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମୀକ୍ଷା ବୈଠକରେ ସ୍ଥାନୀୟ ପୋଲିସ ପ୍ରଶାସନିକ ଅଧିକାରୀ ବୃନ୍ଦ ଯୋଗ ଦେଇଥିଲେ। ବିଗତ ଦିନ ମାନଙ୍କରେ କରାଯାଇଥିବା ସଡ଼କ ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ ଗୁଡ଼ିକର ସମୀକ୍ଷା କରାଯାଇଥିଲା। ଆଗାମୀ ଦିନରେ ସହରର ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଏନେଇ ସବିଶେଷ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

## ପଦ୍ମନାଭପୁରରେ ମୋ' ଗେହ୍ଲା ଝିଅ କାର୍ଯ୍ୟକ୍ରମ



ସଚେତନତା ଶୋଭାଯାତ୍ରା।

ଦିଗପହଣ୍ଡି,୧୯।୯(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ମୋ' ଗେହ୍ଲା ଝିଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଦ୍ମନାଭପୁର ଗ୍ରାମରେ ଏଥିଲାଗି ଆୟୋଜିତ ସଚେତନତା ସଭା ଓ ଶୋଭାଯାତ୍ରାରେ ସରପଞ୍ଚ ବି. କ୍ରିଷ୍ଣା ରାଓ ସୁବୁଦ୍ଧି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସିଡିପିଓ ଯଶୋବନ୍ତୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କନ୍ୟା ସନ୍ତାନଙ୍କ ପ୍ରତି ରହୁଥିବା ପାତରଅନ୍ତର ମନୋଭାବ ଓ ଅବହେଳା ଆଦିକୁ ଦୂର କରିବା ନିମନ୍ତେ ଉପସ୍ଥିତ ବହୁ ସଂଖ୍ୟକ ମହିଳାଙ୍କୁ ସଚେତନ କରାଯାଇଥିଲା। ଅଙ୍ଗନୱାଡ଼ି କର୍ମୀ ଓ କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ ଗ୍ରାମ ପରିକ୍ରମା କରି ଏ ନେଇ ଲୋକଙ୍କୁ ସଚେତନ କରାଇଥିଲେ। ପରେ କନ୍ୟା ଜନ୍ମ ଦେଇଥିବା କେ.ନନ୍ଦିନୀ ରେଡ୍ଡୀ, ଉଷା ରେଡ୍ଡୀ, ସୁଲୋଚନା ବେହେରା, ଶିଲ୍ପା ଦ୍ୱାରିକା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଝିଅ ଜନ୍ମ ଖୁସିରେ ଗାଁରେ ମିଠା ବଣ୍ଟା ଯାଇଥିଲା। ସେହିପରି ଗୋକର୍ଣ୍ଣପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଓ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ ଯୋଗ ଦେଇଥିଲେ। ଅଙ୍ଗନୱାଡି ସୁପରଭାଇଜର ମନୀଷାରାଣୀ ପଟ୍ଟନାୟକ ଓ ସାଧନା ମହିଳା ସଂଘ ସଭାନେତ୍ରୀ ପି.ବିଜୟଲକ୍ଷ୍ମୀଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପରିଚାଳନାରେ ସୁପରଭାଇଜର ରଞ୍ଜନା ମିଶ୍ର, କନକଲତା ବେହେରା, ଜିଲା ପରିଷଦ ରାଜେନ୍ଦ୍ର ଦୋରା, ସମିତିସଭ୍ୟ ସୁଶାନ୍ତ ସେଠୀଙ୍କ ସମେତ ବହୁ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ସହଯୋଗ କରିଥିଲେ।

# ହତ୍ୟା ଉଦ୍ୟମ ମାମଲା, ଜଣେ ନିର୍ଦ୍ଦୋଷ

ଛତ୍ରପୁର,୧୯।୯(ଡି.ଏନ୍.ଏ.)

ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଛତ୍ରପୁର ସହକାରୀ ଦୌରାଜଜ୍ ସ୍ୱୟଂପ୍ରଭା ଆଚାର୍ଯ୍ୟ ଉପଯୁକ୍ତ ପ୍ରମାଣ ଅଭାବରୁ ଅଭିଯୁକ୍ତ ବୁଲି ପ୍ରଧାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୧୪ ଏପ୍ରିଲ ୨୭ ତାରିଖରେ ଭାବନ୍ଧ ଗାଁର କେ. ଚିନାରାଓ ଦୋରାଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏ ନେଇ ତାଙ୍କ ବଡ ଭାଇ କେ. ଚନ୍ଦ୍ରରାଓ ଦୋରା ପୁରୁଷୋତ୍ତମପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବୁଲିଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲା। ଉକ୍ତ ମାମଲାରେ ୧୩ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଉପଯୁକ୍ତ ପ୍ରମାଣ ଅଭାବରୁ ବୁଲିଙ୍କୁ ବିଚାରପତି ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ବ୍ରଜମୋହନ ଆଚାର୍ଯ୍ୟ ଓ ପି. ଧରମା ରେଡ୍ଡୀ ଏବଂ ସରକାରଙ୍କ ପକ୍ଷରୁ ରମେଶ ଚନ୍ଦ୍ର ଚୌଧୁରୀ ଓ ପ୍ରଦୀପ କୁମାର ପାତ୍ର ମାମଲା ପରିଚାଳନା କରୁଥିଲେ।

## ମଦ ଜବତ, ୨ ଗିରଫ

ବୁଗୁଡ଼ା,୧୯।୯(ଡି.ଏନ.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ ପାଙ୍ଗିଡ଼ି ଛକ ନିକଟରୁ ପୋଲିସ ବୁଧବାର ସନ୍ଧ୍ୟାରେ ବାଇକ୍‌ରେ ମଦ ନେଇ ଯାଉଥିବା ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୋଲସରା ଥାନା ଅନ୍ତର୍ଗତ ବୀର ରଘୁନାଥପୁର ଗ୍ରାମର ଉଦୟ ଗୁରୁ ଓ ବୁଗୁଡ଼ାର ଗଙ୍ଗା ପାଢ଼ୀ। ଅଭିଯୁକ୍ତଙ୍କଠାରୁ ୭୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏ ନେଇ ବୁଗୁଡ଼ା ଥାନାରେ ନଂ.୨୦୦/୧୯ରେ ଏକ ମାମଲା ରୁଜୁ ହୋଇଛି। ଗୁରୁବାର ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କସିଟ, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଧରେ ଦିଆଯାଉଛି। ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ। ମହିଳା ଏବଂ ସିନିୟର ସିଟିଜନଙ୍କ ପାଇଁ ବିଶେଷ ସୁବିଧା।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡ଼ାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ। ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/526, Chandini Chowk, Kolkata
8146524009
8146359004

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, West Bengal- 700069

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍. ପ୍ରପର୍ଟି. ପର୍ସନାଲ. ଗ୍ରୁପ୍. ବ୍ୟବସାୟ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ। 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course
(OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ। ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ମହିଳାଙ୍କୁ ମାଡ଼ ଘଟଣା, ଫେରାର୍ ଅଭିଯୁକ୍ତ ଗିରଫ

**ଦିଗପହଣ୍ଡି,୧୯।୯(ଡି.ଏନ.ଏ.):** ମହିଳାଙ୍କୁ ମାଡ଼ ମାରିବା ଘଟଣାରେ ଦିଗପହଣ୍ଡି ବ୍ଲକ କୈଠଖଣ୍ଡି ପଞ୍ଚାୟତ ଚକାତେନ୍ତୁଳି ଗ୍ରାମର ଭଗବାନ ଗୌଡ଼ଙ୍କୁ ବୁଧବାର ଦିଗପହଣ୍ଡି ପୋଲିସ କୋର୍ଟଚାଲାଣ କରିଛି।ସନ୍ଧ୍ୟାରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ୯ ତାରିଖ ସନ୍ଧ୍ୟାରେ ଗାଁ ରାସ୍ତାରେ ଖେଳୁଥିବା ପିଲାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ଘଟଣାକୁ ନେଇ ଭଗବାନ ଜଣେ ମହିଳାଙ୍କୁ ଗାଳିଗୁଲଜ କରି ଧମକ ଦେବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା । ମହିଳାଙ୍କ ଏତଲାକୁ ଭିତ୍ତିକରି ପୋଲିସ ନଂ. ୧୭୮/୧୯ରେ ମାମଲା କରିଥିଲା। ଗିରଫ ଭୟରେ ଅଭିଯୁକ୍ତ ଫେରାର୍ ଥିଲେ।

### ମୋଟର ଚାଳକ ଦିବସ ପାଳିତ

**ସୋରଡ଼ା,୧୯।୯(ଡି.ଏନ.ଏ.):** ଓଡ଼ିଶା ମୋଟର ଚାଳକ ସଂଘ ସୋରଡ଼ା ଶାଖା ପକ୍ଷରୁ ମୋଟର ଚାଳକ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସକାଳୁ ସମସ୍ତ ସଭ୍ୟ ପୋଲିସ ଲାଇନ ନିକଟ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରିଥିଲେ। ଟ୍ରାଫିକ ସଚେତନ ବାର୍ତ୍ତା ଲୋକଙ୍କୁ ଲିଫଲେଟ୍ ମାଧମରେ ବଣ୍ଟନ କରିଥିଲେ। ମଧ୍ୟାହ୍ନରେ ସରକାରୀ ଡ଼ାକ୍ତରଖାନା ପରିସରରେ ଗର୍ଭବତୀ, ପ୍ରସୂତିଙ୍କୁ କ୍ଷୀର ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଥାନାଧିକାରୀ ପ୍ରଭାତ ସାହୁ, ଡ. ଦିଲୀପ କୁମାର ନାୟକ ବଣ୍ଟନ ଶୁଭାରମ୍ଭ କରି ପରେ ଘରୋଇ ନର୍ସିଂହୋମ ଗୁଡ଼ିକରେ ରୋଗୀଙ୍କୁ କ୍ଷୀର, ଖାଦ୍ୟ ବଣ୍ଟନ କରିଥିଲେ। ଅପରାହ୍ନରେ କଣ୍ଟାପିଡ଼ା ଯାତ୍ରା ଅବସରରେ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ସଭାପତି ସାରଙ୍ଗ ବେହେରା, ଉପସଭାପତି ମନୋରଞ୍ଜନ ପାଣିଗ୍ରାହୀ, ସମ୍ପାଦକ ହରିହର ପଣ୍ଡା, କୋଷାଧକ୍ଷ ସୀମାଞ୍ଚଳ ମଲିକଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦେଇ ପରିଚାଳନା କରିଥିଲେ ।

### କାଳୀପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

**ବୁଗୁଡ଼ା,୧୯।୯(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ଗୋଲିଆରେ ମା’ ଶ୍ୟାମାକାଳୀଙ୍କ ପୂଜା ଉତ୍ସବ ଲାଗି ବୁଧବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଗୋଦାବରୀଶ ହୋତାଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ଶୁଭଖୁଣ୍ଟିକୁ ପବିତ୍ର କରାଯାଇଥିଲା । କର୍ତ୍ତା ଭାବେ ଗୌରୀ କୁମାର ସାହୁ ଦାୟିତ୍ୱ ସମ୍ପାଦନ କରିଥିଲେ। ଶୁଭଖୁଣ୍ଟି ପୂଜାର୍ଚ୍ଚନା ପରେ ତାକୁ ଗ୍ରାମ ପରିକ୍ରମା କରିଥିଲେ । ପରେ ତେଲୁଗୁ ସାହିରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂଜା କମିଟି ସଭାପତି ଶିବରାମ ମହାପାତ୍ର, ସମ୍ପାଦକ ମାନସ ରଞ୍ଜନ ପ୍ରଧାନଙ୍କ ସମେତ ପରିଚାଳନା କମିଟି ସଦସ୍ୟ ଓ ଗୋଲିଆ ଗ୍ରାମବାସୀ ସହଯୋଗ କରିଥିଲେ ।

■ ଛାତ୍ର ସଂସଦ ନିର୍ବାଚନ କରିବାକୁ ଆରଏନ୍ କଲେଜ ଛାତ୍ରଙ୍କ ଦାବି

# ଫାଟକ ଆଗରେ ଧାରଣା, ବିକ୍ଷୋଭ

**ବ୍ରହ୍ମପୁର ଅଫିସ,୧୯।୯**

ଚିତବର୍ଷ ଛାତ୍ର ସଂସଦ ନିର୍ବାଚନ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବାତିଲ କରାଯାଇଛି । ଏହାକୁ ନେଇ ଏବେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଉଛି । ଗୁରୁବାର ରାମନାରାୟଣ କଲେଜ ଡୋରାର ଛାତ୍ରୀଛାତ୍ରମାନେ ନିର୍ବାଚନ ତଥା ଛାତ୍ରନେତା ଚୟନ କରାଯିବା ଦାବି ନେଇ କଲେଜ ଫାଟକ ଆଗରେ ବିକ୍ଷୋଭ କରିବା ସହ ଧାରଣା ଦେଇଥିଲେ । କଲେଜରେ ବିଦ୍ୟାର୍ଥୀମାନେ ଛାତ୍ରନେତା ବାଛିବା ସେମାନଙ୍କ ଅଧିକାର। ଏହାକୁ କ୍ଷୁଣ୍ଣ କରିବା ଉଚିତ ନୁହେଁ। ଛାତ୍ରୀଛାତ୍ରଙ୍କ ସମସ୍ୟା ସମାଧାନ ପାଇଁ ଛାତ୍ରନେତାଙ୍କ ଆବଶ୍ୟକ ଥିବା ସେମାନେ କହିଛନ୍ତି । ଛାତ୍ରନେତା ଚୟନ ପ୍ରକ୍ରିୟା ତଥା କ୍ଲାସ ରିପ୍ରେଜେଣ୍ଟେଟିଭ(ସିଆର) ନିର୍ବାଚନ କରିବାକୁ ସେମାନେ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ମଧ୍ୟ ସେମାନେ ଚେତାବନୀ ଦେଇଛନ୍ତି ।



ଛାତ୍ରମାନେ କଲେଜ ଫାଟକ ଆଗରେ ଧାରଣାରେ ବସିଛନ୍ତି ।

ଛାତ୍ରୀଛାତ୍ରଙ୍କ କହିବା ପ୍ରକାରେ, ବର୍ତ୍ତମାନ କଲେଜରେ ବହୁ ସମସ୍ୟା ଲାଗି ରହିଛି । ବିଶୁଦ୍ଧ ପାନୀୟ ଜଳର ଅଭାବ ରହିଥିବା ବେଳେ ଶୌଚାଳୟ ନିୟମିତ ସଫା ହେଉ ନାହିଁ। ଛାତ୍ରୀଛାତ୍ରଙ୍କ ପାଇଁ କମନରୁମର ସୁବିଧା ନାହିଁ, କ୍ରୀଡା ପାଇଁ ମଧ୍ୟ ଭିତ୍ତିଭୂମିର ଅଭାବ ରହିଛି, କ୍ୟାମ୍ପସରେ ୱାଇଫାଇ ସେବା ନାହିଁ, ବର୍ତ୍ତମାନ ଯୁକ୍ତ ୨ ଓ ଯୁକ୍ତ ୩ ପାଠ୍ୟକ୍ରମ ପାଇଁ ଆବଶ୍ୟକ କ୍ଲାସରୁମର ମଧ୍ୟ ଅଭାବ ରହିଛି। ଏସମସ୍ତ ସମସ୍ୟାର ସମାଧାନ, ଛାତ୍ରୀଛାତ୍ରଙ୍କ ଥିବା ଅନ୍ୟାନ୍ୟ ଅସୁବିଧାକୁ କର୍ତ୍ତୃପକ୍ଷ ଓ ସରକାରଙ୍କ ଦୃଷ୍ଟି ଦେବା ଦିଗରେ

**୭ ଦିନ ମଧ୍ୟରେ ଦାବି ପୂରଣ ପ୍ରତିଶ୍ରୁତି ଦେଲେ ଅଧ୍ୟକ୍ଷ**

ଛାତ୍ରନେତାଙ୍କର ଦାବି ରହିଛି । ଏଥିପାଇଁ ଛାତ୍ର ସଂସଦ ନିର୍ବାଚନ ନିତାନ୍ତ ଜରୁରୀ ବୋଲି ସେମାନେ କହିଛନ୍ତି । ଏନେଇ ଛାତ୍ରମାନେ କଲେଜ ଫାଟକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏକ ଦାବିପତ୍ର ଡିଗ୍ରୀ କଲେଜ ଅଧ୍ୟକ୍ଷ ପିନାକ ମହାନ୍ତିଙ୍କୁ ପ୍ରଦାନ କରିଥିଲେ । ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରିବାକୁ ଚେତାବନୀ ଦେଇଥିଲେ । ତେବେ ଅଧ୍ୟକ୍ଷ ମହାନ୍ତି ୭ ଦିନ ମଧ୍ୟରେ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେବା ପରେ ଛାତ୍ରମାନେ ଧାରଣାରୁ ହଟିଥିଲେ । ଦୀପକ ନାହାକ, ଭବାନୀ ଶଙ୍କର ରେଙ୍ଗୀ, ଜଗବନ୍ଧୁ ନାୟକ, ମାଧବ ପ୍ରଧାନ, ଜଗନ୍ନାଥ ନାୟକ ଓ ଚିନ୍ମୟ ବେହେରାଙ୍କ ସମେତ ବହୁ ଛାତ୍ର ଆନ୍ଦୋଳନରେ ସାମିଲ ହୋଇଥିଲେ ।

## ଶ୍ରୀକୃଷ୍ଣ ଚୈତନ୍ୟ ମିଶନ୍ ସଭାପତିଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ୍,୧୯।୯**

ଶ୍ରୀକୃଷ୍ଣ ଚୈତନ୍ୟ ମିଶନ କେନ୍ଦ୍ରୀୟ ସଭାପତି ତ୍ରିଦଣ୍ଡି ସ୍ୱାମୀ ଭକ୍ତି ବିଚାର ବିଷ୍ଣୁ ମହାରାଜା ଗୁରୁବାର ନବଜୀବନ ସେବା ଆଶ୍ରମ ଗସ୍ତ କରିଥିଲେ। ଏହି ଅବସରରେ ନବଜୀବନ ବେଦ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବେଦ ବିଦ୍ୟାର୍ଥୀଙ୍କ ଦ୍ୱାରା ବିଶ୍ୱ କଲ୍ୟାଣ ନିମନ୍ତେ ଏକ ହୋମଯଜ୍ଞ ଆୟୋଜିତ ହୋଇଥିଲା। ସମସ୍ତଙ୍କୁ ଭଲ ମଣିଷ ହେବାକୁ ସେ ପରାମର୍ଶ ଦେଇଥିଲେ । ସାଂସ୍କୃତିକ, ଧାର୍ମିକ ଏବଂ ନୈତିକ ଶିକ୍ଷା ଦ୍ୱାରା ଜାତୀୟ ଭାବନା ସୃଷ୍ଟି ହୁଏ ବୋଲି ସେ କହିଥିଲେ। ଶେଷରେ ଗୋଶାଳାକୁ ଯାଇ ଗୋଦର୍ଶନ କରିଥିଲେ। ଆଶ୍ରମ ପରିଚାଳକ ସୁଶାନ୍ତ କୁମାର ମହାରଣା ପରିଚାଳନା କରିଥିବା ବେଳେ ସୁବାସ ପ୍ରଭୁ, ସୁଧାକର ପ୍ରଭୁ, କୃଷ୍ଣଚନ୍ଦ୍ର ପ୍ରଧାନ, ଅରୁଣ କୁମାର, ନରେନ୍ଦ୍ର, ରତ୍ନାକର, ସୁଭଦ୍ରା ଏବଂ ସଂସ୍ମିତା ପ୍ରମୁଖ ସହଯୋଗ କରିଥିଲେ ।

# ବିଭିନ୍ନ ସମସ୍ୟା ନେଇ ବିଧାୟିକାଙ୍କ ଆଲୋଚନା



ସମସ୍ୟା ଉପରେ ଆଲୋଚନା କରୁଛନ୍ତି ବିଧାୟିକା।

**ବେଗୁନିଆପଡ଼ା,୧୯।୯(ଡି.ଏନ.ଏ.)**

କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଗୁରୁବାର ବେଗୁନିଆପଡ଼ା ବ୍ଲକ ଗସ୍ତ କରି ଲୋକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଗୁରୁବାର ବୁରୁଝରି, ବଡ ଖଇରଖମା, ସୁମଣ୍ଡଳ ଓ ସଂକୁଡା ଆଦି ଚାରୋଟି ପଞ୍ଚାୟତର ବିଭିନ୍ନ ଗ୍ରାମ ଗସ୍ତ କରି ବିପୁଳ ଭୋଟରେ ବିଜୟୀ କରିଥିବା ଯୋଗୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିସହିତ ଗ୍ରାମର ଅଭାବ ଅସୁବିଧା ଲୋକମାନଙ୍କୁ ପଚାରି ବୁଝିବା ସହ ସାମୁହିକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ସମୟରେ ପାନୀୟ ଜଳ ଯୋଗାଣ, ରାସ୍ତା,

**ବେଗୁନିଆପଡ଼ା ବ୍ଲକ**

ମନ୍ଦିର ନିର୍ମାଣ, କୋଠ ଘର, ରାଶନ କାର୍ଡ, ଆବାସ ଗୃହ, ଭତ୍ତା ଆଦି ନେଇ ଅଞ୍ଚଳବାସୀ ଦାବି କରିଥିଲେ। ଦାବିଗୁଡିକୁ ପର୍ଯ୍ୟାୟକ୍ରମେ ପୂରଣ କରିବା ପାଇଁ ବିଧାୟିକା ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ବେଗୁନିଆପଡ଼ା ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ବ୍ଲକ ଉପାଧ୍ୟକ୍ଷ ଭ୍ରମରବର ଭୂୟାଁ, ଜିଲା ପରିଷଦ ପ୍ରଫୁଲ କୁମାର ତିଆଡି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବରାଜ ସାହୁ, ବିଜୁ ଶ୍ରମିକ ସାମ୍ମୁଖ୍ୟ ଉପସଭାପତି ବିଜୟ କୁମାର ନାୟକ, ଅନେକ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ।

# ଗାନ୍ଧୀ ଜ୍ୟୋତି ରଥକୁ ସ୍ୱାଗତ



ଗାନ୍ଧୀ ଜ୍ୟୋତିକୁ ସ୍ୱାଗତ ବେଳେ ଅଧ୍ୟକ୍ଷ ଓ ଅନ୍ୟମାନେ ।

**ବ୍ରହ୍ମପୁର ଅଫିସ,୧୯।୯**

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଗାନ୍ଧୀ ଆଦର୍ଶ ଓ ମୂଲ୍ୟବୋଧ ସମ୍ପର୍କିତ ଜନ ସଚେତନତା ଯାତ୍ରା ତଥା ଗାନ୍ଧୀ ଜ୍ୟୋତି ରଥକୁ ଗୁରୁବାର ଗୋପାଳପୁର ମହାବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଛି। ଗୋପାଳପୁର ଏନ୍ଏସିରୁ ରଥକୁ କଲେଜ ପକ୍ଷରୁ ସ୍ୱାଗତ କରାଯିବା ସହ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଶୋଭାଯାତ୍ରା ନୂଆ ବକ୍ସିପଲ୍ଲୀ, ପୁରୁଣା ବକ୍ସିପଲ୍ଲୀ, ଦିଗପୁର, ଭେଙ୍କଟରାୟପୁର ଓ ଧରମପୁର ଅଞ୍ଚଳ ପରିକ୍ରମା କରିବା ପରେ ଗୋପାଳପୁର ମହାବିଦ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଅଧ୍ୟକ୍ଷ ରମାକାନ୍ତ ଚୌଧୁରୀ ରଥକୁ ସ୍ୱାଗତ କରିଥିଲେ। ଡ. ଆଶୁତୋଷ ଷଡ଼ଙ୍ଗୀ, ଡ. ଚିତ୍ତରଞ୍ଜନ ପଟ୍ଟନାୟକ, ଡ. ବିପ୍ରଚରଣ ମହାଙ୍କୁଡ, ଡ. ପୀତାମ୍ବର ବିଷୋୟୀ, ମିନତି ପଣ୍ଡା, ଡ. ମାନସ ରଞ୍ଜନ ମିଶ୍ରଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ । ସିଟି ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର କମ୍ବୁପାଣି ସାହୁ, ଗୋପାଳପୁର କଲେଜ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଏସ୍. ରାମାରାଓ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । କଲେଜର ଯୁବ ରେଡ୍‌କ୍ରସ ଅଧିକାରୀ ଡ. ରାମଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କର୍ମଚାରୀ ଟି. କୁମାର ସ୍ୱାମୀ, ବି. ଗଣେଶ, ଏ. ପ୍ରସାଦ, ଅନିଭଲ ଯାଦବ, ରାଜେନ୍ଦ୍ର ନାରାୟଣ ଗନ୍ତାୟତ ପ୍ରମୁଖ ସହଯୋଗ କରିଥିଲେ ।

## ମା’ଙ୍କୁ ମାଡ଼ ମାରି ପୁଅ ଗଲେ ଜେଲ

**ଦିଗପହଣ୍ଡି,୧୯।୯(ଡି.ଏନ.ଏ.)**

ମା’ଙ୍କୁ ମାଡ଼ ମାରିବା ଅଭିଯୋଗରେ ଦିଗପହଣ୍ଡି ପୋଲିସ ବୁଧବାର ସନ୍ଧ୍ୟାରେ ପଦ୍ମନାଭପୁର ଗ୍ରାମର ନୀଳାମ୍ବର ବେହେରାଙ୍କୁ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ନିଳାମ୍ବର ତାଙ୍କ ମା’ଙ୍କୁ ଭରଣପୋଷଣ ନ କରି ସଦାସର୍ବଦା ମାଡ଼ ମାରୁଥିଲେ। ଏ ନେଇ ତାଙ୍କ ମା’ ଥାନାରେ ଏତଲା ଦେଇଥିଲେ । ଆଇଆଇସି ବସନ୍ତ କୁମାର ସେଠୀ ଘଟଣାର ତଦନ୍ତ କରି ନଂ. ୧୮୬/୧୯ ଦଫା ୩୪୧/୩୨୩/୨୯୪/୫୦୬ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ମୋକଦ୍ଦମା ରୁଜୁ କରିଥିଲେ ।

# ତିନି ଭାଇଙ୍କୁ ବାସନ୍ଦ ଘଟଣା, ତୁଟିଲା ବିବାଦ

**ପାତ୍ରପୁର,୧୯।୯(ଡ଼ିଏନଏ)**

ଜରଡ଼ା ଥାନା ପାତ୍ରପୁର ବ୍ଲକ ଡୁଙ୍ଗୁରୁଗୁଡା ଗ୍ରାମରେ ସାମାନ୍ୟ କଥାକୁ ନେଇ ଗ୍ରାମରୁ ତିନି ଭାଇଙ୍କୁ ବାସନ୍ଦ କରାଯାଇଥିବାବେଳେ ସେମାନଙ୍କ ପିଲା ମାନଙ୍କୁ ଗ୍ରାମ ବିଦ୍ୟାଳୟରେ ଏକୁଟିଆ କରାଯାଇଥିବା ନେଇ ବାସନ୍ଦ ପରିବାର ମଙ୍ଗଳବାର ବିଇଓଙ୍କ ସହିତ ଆଲୋଚନା କରଥିଲେ। ବୁଧବାର ପାତ୍ରପୁର ବିଇଓ କୋରେଶୁ ସେଠୀ, ଏବିଇଓ ସୀମାଞ୍ଚଳ ପାଇକ, ବିଆରସିସି ସୁଶିଲ ପାତ୍ରଙ୍କ ସହ ପ୍ରଧାନ ଶିକ୍ଷକ, ଶିକ୍ଷା କମିଟି, ବାସନ୍ଦ ପରିବାର ଓ କିଛି ବୁଦ୍ଧିଜୀବୀ ଆଲୋଚନା କରିଥିଲେ। ବିଦ୍ୟାଳୟରେ ହୋଇଥିବା ସମସ୍ୟାର ସମାଧାନ ଫଳପ୍ରଦ ହୋଇଥିଲା। ଗାଁରେ ହୋଇଥିବା ବିବାଦ ତୁଟାଇବାକୁ ବୁଧବାର ରାତିରେ ଜରଡ଼ା ଥାନା ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁ ଗାଁରେ ପହଞ୍ଚିଥିଲେ। ଉଭୟ ପକ୍ଷଙ୍କ ସହ ଆଲୋଚନା ପରେ ସମାଧାନ ହୋଇଥିଲା। ପ୍ରକାଶ ଥାଉକି, ଗ୍ରାମରେ ଥିବା ବିଦ୍ୟାଳୟରେ କୌଣସି କଥାକୁ ନେଇ ବାସନ୍ଦ ପରିବାରର ଜଣେ ୪ର୍ଥ ଶ୍ରେଣୀ ଛାତ୍ରର ବାପା ଓ ଦାଦାଙ୍କୁ ଗ୍ରାମବାସୀ ବାସନ୍ଦ କରିଥିଲେ।

# ଆର୍ମି ଏୟାର୍ ଡିଫେନ୍ସ କଲେଜକୁ ମିଳିବ ପ୍ରେସିଡେଣ୍ଟ୍ସ କଲର୍ସ ଆୱାର୍ଡ଼

**ବ୍ରହ୍ମପୁର ଅଫିସ୍,୧୯।୯**

ଯୁଦ୍ଧ ଏବଂ ଶାନ୍ତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୋଳାବନ୍ଧସ୍ଥିତ ଆର୍ମି ଏୟାର୍ ଡିଫେନ୍ସ କଲେଜକୁ ମିଳିବ ପ୍ରେସିଡେଣ୍ଟ୍ସ କଲର୍ସ ଆୱାର୍ଡ଼ । ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହି ପୁରସ୍କାର ପ୍ରଦାନ କରିବେ। ଆସନ୍ତା ୨୮ତାରିଖରେ କଲେଜରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହେବ। ରାଷ୍ଟ୍ରପତି କୋବିନ୍ଦଙ୍କ ସମେତ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସ୍ଥଳ ସେନା ମୁଖ୍ୟ ଜେନେରାଲ୍ ବିପିନ୍ ରାୱତ୍, ଲ୍ୟୁଟନାଣ୍ଟ ଜେନେରାଲ୍ ଅଶ୍ୱିନି କୁମାର, ଆର୍ମି ଏୟାର୍ ଡିଫେନ୍ସର ଡାଇରେକ୍ଟର୍ ଜେନେରାଲ୍ ଲ୍ୟୁଟନାଣ୍ଟ ଜେନେରାଲ୍ ଏ.ପି. ସିଂ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଗୁରୁବାର କଲେଜରେ ଫୁଲ୍‌ଡ୍ରେସ୍ ରିହରସାଲ୍ ଅନୁଷ୍ଠିତ ହୋଇଥିଲା। ଯବାନ୍‌ମାନେ ସେରିମୋନିଆଲ୍ ପରେଡ୍ ପ୍ରଦର୍ଶନ କରିଥିଲେ । ଅତିଥିଙ୍କ ଆଗମନଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମର ପର୍ଯ୍ୟାୟକ୍ରମେ ଅଭ୍ୟାସ କରାଯାଇଥିଲା । ଏଥି ସହ ରାଷ୍ଟ୍ରପତିଙ୍କ ଗସ୍ତର କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଥିଲା। ଅଭ୍ୟାସ ବେଳେ ଆର୍ମି ଏୟାର୍ ଡିଫେନ୍ସ କଲେଜ ମୁଖ୍ୟ ବ୍ରିଗେଡିୟର୍ ରାଜୀବ ଶ୍ରୀବାସ୍ତବଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ସ୍ଥଳ ସେନାର ସର୍ବୋଚ୍ଚ ଆୱାର୍ଡ଼ଗୁଡ଼ିକର ପ୍ରମୁଖ ହେଉଛି ପ୍ରେସିଡେଣ୍ଟ୍ସ କଲର୍ସ ଆୱାର୍ଡ଼। ଯୁଦ୍ଧ ଏବଂ ଶାନ୍ତି କ୍ଷେତ୍ରରେ ଅବଦାନ ପାଇଁ ଏହି ଆୱାର୍ଡ଼ ପ୍ରଦାନ କରାଯାଇଥାଏ। ତେବେ କୌଣସି ଟ୍ରୁପ୍ ଅନ୍ତତଃ ୨୫ବର୍ଷ ପୂରଣ କରିବା ପରେ ଏହି ଆୱାର୍ଡ଼ ଦିଆଯାଇଥାଏ। ଆର୍ମି ଏୟାର୍ ଡିଫେନ୍ସ କଲେଜର ଗୌରବପୂର୍ଣ୍ଣ ଇତିହାସରେ ଆଉ ଏକ ଫର୍ଦ୍ଦ ଯୋଡ଼ି ହେବାକୁ ଯାଉଥିବା ଯୋଗୁ ଯବାନ୍‌ଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଦେଇଛି ।

# ସ୍ୱଚ୍ଛତା, ଚାରାରୋପଣ ପାଇଁ ହାବିଲଦାର ସମ୍ବର୍ଦ୍ଧିତ



ହାବିଲଦାର ପ୍ରସନ୍ନ କୁମାର ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ବ୍ରହ୍ମପୁର ଅଫିସ,୧୯।୯**

ସାମାଜିକ ସଂଗଠନ ସଂସ୍କାରବାଦୀ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ତ୍ରିନାଥ ମହାରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର, ସିଟି ଡିଏସ୍‌ପି ବିଷ୍ଣୁପ୍ରସାଦ ପତି, ଟାଉନଥାନା ଅଧିକାରୀ ସୁରେଶ କୁମାର ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଜିପୁର ସୁନାରୀବନ୍ଧ ସାହିରେ ସଂଗଠନ ପକ୍ଷରୁ ବିଭିନ୍ନ ଚାରାରୋପଣ କରାଯାଇଥିଲା। ଏହି ଅବସରରେ ସ୍ୱଚ୍ଛ ଓ ଚାରାରୋପଣକୁ ସର୍ବଦା ଗୁରୁତ୍ୱ ଦେଇ ଆସୁଥିବା ବିଜିପୁର ଫାଣ୍ଡି ହାବିଲଦାର ପ୍ରସନ୍ନ କୁମାର ଶତପଥୀଙ୍କୁ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସଂଗଠନସମ୍ପାଦକରାମକୃଷ୍ଣପାତ୍ର, ସରିତା ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ସନ୍ତୋଷିନୀ ବେହେରା, କାଶୀନାଥ ପାତ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

■ ଅହିଂସାକୁ ସମ୍ବିଧାନ ମୁଖବନ୍ଧରେ ଯୋଡ଼ିବାକୁ ପ୍ରୟାସ

# ଗୋପାଳପୁରରୁ ଦସ୍ତଖତ ଅଭିଯାନ ଶୁଭାରମ୍ଭ

**ଗୋପାଳପୁର,୧୯।୯**

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ବର୍ଷ ପାଳନ ଅବସରରେ ଜନ ସଚେତନତା ଓ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ଗୋପାଳପୁର ବେଳାଭୂମିରେ ଗୁରୁବାର ଶୁଭାରମ୍ଭ ହୋଇଛି। ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋପାଳପୁର ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ସମ୍ମାନିତ ଅତିଥି ଭାବେ ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ଅନୁସୂଚିତ ଜନଜାତି ଓ ଆଦିବାସୀ ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗ ଦେଇଥିଲେ। ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଗଞ୍ଜାମ ଏସ୍‌ପି ବ୍ରିଜେଶ ରାୟ, ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଚିକିଟି ବିଧାୟିକା ଉଷା



ଉପସ୍ଥିତ ବିଜେଡି କର୍ମୀ ଓ ଅନ୍ୟମାନେ।

ଦେବୀ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଛତ୍ରପୁର ବିଧାୟକ ସୁବାସ ବେହେରା, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଜିଲା ପରିଷଦ ଅଧ୍ୟକ୍ଷ ସୋନମ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ। ବାଚସ୍ପତି ପାତ୍ର ତାଙ୍କ ଅଭିଭାଷଣରେ ଜାତିର ପିତା ମହାତ୍ମା ଗାନ୍ଧୀ ଅହିଂସା ଓ ସତ୍ୟର ପ୍ରଚାର କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅହିଂସାକୁ ସମ୍ବିଧାନରେ ଲିପିବଦ୍ଧ କରିବାପାଇଁ ଜନ ସଚେତନତା ଓ ଦସ୍ତଖତ ଅଭିଯାନ ଆରମ୍ଭ କରିଛନ୍ତି। ଏହି ଉଦ୍ୟମ ଦ୍ୱାରା ସମ୍ବିଧାନରେ ଏହା ସ୍ଥାନିତ ହୋଇପାରିବ ବୋଲି କହିଥିଲେ। ଏହି ଅଭିଯାନ ଗୋପାଳପୁରରୁ ଆରମ୍ଭ ହୋଇ ସାରା ରାଜ୍ୟରେ ଚାଲିବ। ଏହି ଅବସରରେ ଗାନ୍ଧୀ ଜ୍ୟୋତି ଜନସଚେତନତା ରଥକୁ ବାଚସ୍ପତି ଶୁଭାରମ୍ଭ କରିଥିଲେ।

ମନ୍ତ୍ରୀ ବେହେରା ତାଙ୍କ ଭାଷଣରେ ଅହିଂସାର ପୂଜାରୀ ହେଉଛନ୍ତି ଜାତିର ପିତା ମହାତ୍ମା ଗାନ୍ଧୀ। ତାଙ୍କ ଆଦର୍ଶ ସେବା ମନୋବୃତ୍ତି

**ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ବର୍ଷ ପାଳନ**

ଲୋକଙ୍କ ମନରେ ଜାଗ୍ରତ ହେବା ଦରକାର। ଅହିଂସା ମାର୍ଗକୁ ଭାରତର ସମ୍ବିଧାନରେ ଯୋଡ଼ିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ପ୍ରୟାସ ଆରମ୍ଭ କରିଛନ୍ତି ବୋଲି କହିଥିଲେ। ସେହିପରି ମନ୍ତ୍ରୀ ସାରକା କହିଥିଲେ, ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତିକୁ ସମ୍ବିଧାନରେ ସ୍ଥାନ ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ଭାରତ ବର୍ଷରେ ଏକ ନମ୍ବରରେ ରହିବ। ଏହା ଅନ୍ୟ ରାଜ୍ୟକୁ ମଧ୍ୟ ପ୍ରେରଣା ଦେବ। ସିଲ୍‌ଭର ଗାନ୍ଧୀ ରୂପେ ପରିଚିତ ତଥା ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ଯୁବ ସମାଜସେବୀ ମୋହନ ପାତ୍ର ଓରଫ ସାଇରାମ ଗାନ୍ଧୀ ଏହି ଅଭିଯାନ ମାଧ୍ୟମରେ ବିଭିନ୍ନ ଜିଲାରେ ଅହିଂସା ସମ୍ପର୍କରେ ଜନ ସଚେତନତା ସୃଷ୍ଟି ସହ ଓ ଦସ୍ତଖତ ଅଭିଯାନରେ ସାମିଲ ହେବେ ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ଗଞ୍ଜାମ ଭାଜପାର ପ୍ରସ୍ତୁତି ବୈଠକ

**ବ୍ରହ୍ମପୁର ଅଫିସ,୧୯।୯:** ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ରାଷ୍ଟ୍ରୀୟ ଏକତା ଅଭିଯାନ ଓ ଜନ ଜାଗରଣ ସମାବେଶ ପାଇଁ ପ୍ରସ୍ତୁତି ବୈଠକ ଗୁରୁବାର ବ୍ରହ୍ମପୁର ଦଳ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୩ରେ ଡାଇମଣ୍ଡ ଜୁବିଲି ଟାଉନ ହଲରେ ହେବ। ଏଥିରେ ପୂର୍ବତନ ଏମ୍‌ପି ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମାବେଶରେ ମୁଖ୍ୟତଃ ଜମ୍ମୁ-କାଶ୍ମୀରରୁ କେନ୍ଦ୍ର ସରକାର ଉଚ୍ଛେଦ କରିଥିବା ୩୭୦ ଅନୁଚ୍ଛେଦ ଓ ୩୫ ଏ' ସମ୍ପର୍କରେ ଜନମତ ସଂଗ୍ରହ କରାଯିବ। ଏହାସହ କଣ ପାଇଁ କରାଗଲା ସେନେଇ ସଚେତନତା ସୃଷ୍ଟି କରାଯିବ। ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ବୈଜୟନ୍ତଙ୍କ ସମେତ ରାଜ୍ୟ ସଂଗଠନର ଅନ୍ୟମାନେ ବୁଦ୍ଧିଜୀବୀ ଏବଂ ବିଭିନ୍ନ ସ୍ତର ଓ ସଂଗଠନ କର୍ମକର୍ତ୍ତାଙ୍କୁ ଭେଟିବେ। ପ୍ରସ୍ତୁତି ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସି ପାତ୍ର, ଜିଲା ସଭାପତି କାହ୍ନୁ ଚରଣ ପତି, ଉପସଭାପତି ସୁନୀଲ ସାହୁ, ପ୍ରଭାତ ଷଡ଼ଙ୍ଗୀ, ଶରତ ସାହୁ, ସାଧାରଣ ସମ୍ପାଦକ ଗୋପୀନାଥ ପଣ୍ଡାଙ୍କ ସମେତ ସୁନୀଲ ପାତ୍ର, ପ୍ରଜ୍ଞା ପରମିତା ପାଢ଼ୀ, ନୀଳକଣ୍ଠ ସାହୁ ଓ ମଦନ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

### ଜିଲା ଆୟୁର୍ବେଦ ଚିକିତ୍ସକ ସଂଘ ସମାବେଶ

**ବ୍ରହ୍ମପୁର ଅଫିସ,୧୯।୯ :** ଓଡ଼ିଶା ସରକାରୀ ଆୟୁର୍ବେଦ ଚିକିତ୍ସକ ସଂଘ ଗଞ୍ଜାମ ଜିଲା ଶାଖାର ସମାବେଶ ଗୁରୁବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରାଜ୍ୟ ସଂଘର ନବ ନିର୍ବାଚିତ ସଭାପତି ଡ଼ା. ସୁନୀଲ କୁମାର ରଥ ଓ ସମ୍ପାଦକ ଡ଼ା. ଚିତ୍ତରଞ୍ଜନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଂଘ ସଭାପତି ଡ଼ା. ସତ୍ୟବ୍ରତ ଶତପଥୀ ଅଧକ୍ଷତା କରିଥିଲେ। ଉପଦେଷ୍ଟା ଡ଼ା. ଏ. ବାଳକ୍ରିଷ୍ଣା, ଉପସଭାପତି ଶିଶିର କାନ୍ତ ତ୍ରିପାଠୀ, କୋଷାଧକ୍ଷ ଶିଶିର କୁମାର ମିଶ୍ରଙ୍କ ସମେତ ପ୍ରଭାତ ଖାଡ଼ଙ୍ଗା, ପ୍ରସନ୍ନ ପତି ଓ ବିପିନ ବିହାରୀ ସାହୁ ପ୍ରମୁଖ ଚିକିତ୍ସକମାନେ ଯୋଗ ଦେଇଥିଲେ।

ଏହି ଅବସରରେ ଆୟୁର୍ବେଦ ଚିକିତ୍ସା ପଦ୍ଧତି ଓ ଏହାର ଗୁଣାତ୍ମକ ମାନ ବୃଦ୍ଧି ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଭିନ୍ନ ରୋଗର କାରଣ ଓ ନିରାକରଣ ଏବଂ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ଉପରେ ଚିକିତ୍ସକମାନେ ଆଲୋକପାତ କରିଥିଲେ । ଆୟୁର୍ବେଦ ଚିକିତ୍ସାର ଅଧିକ ଗବେଷଣା ଏବଂ ଉନ୍ନତି ନେଇ ମତ ପ୍ରକାଶ ପାଇଥିଲା। ଜିଲା ସଭାପତି କହିଥିଲେ, ଗତ ବୁଧବାର ରାଜ୍ୟ ସଂଘ ସାଧାରଣ ଅଧିବେଶନ ଭୁବନେଶ୍ୱରରେ ହୋଇ ନୂଆ କର୍ମକର୍ତ୍ତା ନିର୍ବାଚିତ କରାଯାଇଥିଲା। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ଼ା. ଦିଲୀପ କୁମାର ଷଡ଼ଙ୍ଗୀ ଉପସ୍ଥିତ ଥିଲେ । ରାଜ୍ୟର ବିଭିନ୍ନ ସ୍ଥାନରୁ ଆୟୁର୍ବେଦ ଚିକିତ୍ସକ ଯୋଗ ଦେଇଥିଲେ ।

### ନାବାର୍ଡର ଛତୁ ଚାଷ ପ୍ରଶିକ୍ଷଣ ଶିବିର

**ବ୍ରହ୍ମପୁର ଅଫିସ,୧୯।୯:** ନାବାର୍ଡ ଓ ବିସ୍ମୟ ଅନୁଷ୍ଠାନ ପକ୍ଷରୁ ଛତ୍ରପୁର ବ୍ଲକ ବଡମାଧବପୁର ପଞ୍ଚାୟତ କାର୍ଯ୍ୟାଳୟରେ ଛତୁ ଚାଷ ସମ୍ପର୍କୀତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି।

୭ ଦିନ ଧରି ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ପଞ୍ଚାୟତ ଅନ୍ତର୍ଗତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ନାବାର୍ଡ ଏଜିଏମ୍ ସୁମନ ସୌରଭ ସାହୁ ଏହାକୁ ଉଦ୍‌ଘାଟନ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଏଥିରେ ୩୫ ମହିଳା ପ୍ରଶିକ୍ଷାର୍ଥୀ ଭାଗ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଶରତ ଖୁଣ୍ଟିଆ, ଓଡିଶା ବିକାଶ ମିଶନ ଛତ୍ରପୁରର ଗୀତା ନାହାକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମାନସ ରଞ୍ଜନ ଜେନା ଛତୁ ଚାଷ ଉପରେ ମହିଳାଙ୍କୁ ତାଲିମ ପ୍ରଦାନ କରିଥିଲେ । ବିସ୍ମୟ ଅନୁଷ୍ଠାନ ସଭାପତି ବିମଳ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଜୟ ଖୁଣ୍ଟିଆଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ମାସକ ମଧ୍ୟରେ କାର୍ଯ୍ୟକାରୀ ହେବ 'ସଫା ଆପ୍'

**ବିଏମ୍‌ସିର ବୈଠକ**
- ଲାଗୁ ହେବ ୟୁଜର ଫି
- ଘରେ ଆବର୍ଜନା କମ୍ପୋଷ୍ଟିଂ ପାଇଁ ବିଏମ୍‌ସିର ସହାୟତା

**ବ୍ରହ୍ମପୁର ଅଫିସ,୧୯।୯**

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି)ର ସ୍ୱତନ୍ତ୍ର ସାଧାରଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ନିଗମ ପ୍ରଶାସକ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସହରର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆବର୍ଜନାକୁ ବିଏମ୍‌ସି ଗାଡିଦ୍ୱାରା ସଂଗ୍ରହ କରିବାକୁ 'ସଫା ଆପ' ନାମରେ ଏକ ନୂତନ ଆପ ଡେପଲପ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଆପ ଆସନ୍ତା ଏକ ମାସ ମଧ୍ୟରେ ବିଏମ୍‌ସି ପକ୍ଷରୁ କାର୍ଯ୍ୟକାରୀ କରାଯିବା ନେଇ ଜିଲାପାଳ ସୂଚାଇଥିଲେ। ଏହା ମାଧ୍ୟମରେ ବିଏମ୍‌ସି ଦ୍ୱାରା ଡୋର ଟୁ ଡୋର ଆବର୍ଜନା ସଂଗ୍ରହ ପାଇଁ ବୁଲୁଥିବା ଗାଡିକୁ ବାଦ ଦେଇ ଯେ କୌଣସି ସମୟରେ ସହରବାସୀ ଗାଡି ବୁକ୍ କରି ନିଜର ଆବର୍ଜନା ଦେଇପାରିବେ ବୋଲି କୁହାଯାଇଥିଲା। ଏହା ବ୍ୟତୀତ ଆସନ୍ତା ଦିନରୁ ଆଇସିଟି ମାଧ୍ୟମରେ ସରକାରୀ ସଫେଇ କର୍ମଚାରୀଙ୍କ ଉପସ୍ଥାନ ନିଆଯିବା ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଘର ମଧ୍ୟରେ ଆବର୍ଜନା କମ୍ପୋଷ୍ଟିଂ କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ବିଏମ୍‌ସି ପକ୍ଷରୁ ମାସିକ ୨୫ ଟଙ୍କା ପ୍ରଦାନ କରାଯିବା ସହ ବର୍ଜ୍ୟବସ୍ତୁ ପରିଚାଳନା-୨୦୧୬ ନିୟମାନୁଯାୟୀ ଆବର୍ଜନା ସଂଗ୍ରହ ପାଇଁ ଘର ପିଛା ମାସିକ ୫୦ ଟଙ୍କାର ୟୁଜର ଫି ଲାଗୁ କରାଯିବା ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିପାଇଁ ପ୍ରତିଘରକୁ ବାରକୋଡ ପ୍ରଦାନ କରାଯିବାକୁ ସୂଚାଯାଇଥିଲା। ଚଳିତ ବର୍ଷ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୦ ପାଇଁ ଆସନ୍ତା ଅକ୍ଟୋବର ୧୫ ରୁ ପ୍ରକ୍ରିୟା ଆରମ୍ଭ ହେବ। ଏଥିପାଇଁ ସ୍ୱଚ୍ଛତା ଆପ୍ ଜରିଆରେ ଜନସାଧାରଣଙ୍କୁ ଅଭିଯୋଗ ଦାଖଲ କରିବା ଦିଗରେ ସଚେତନତ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ତେବେ ୨୪ ଘଣ୍ଟା ମଧ୍ୟରେ ଆପ୍ ଦ୍ୱାରା ଆସିଥିବା ଅଭିଯୋଗର ସମାଧାନ କରାଯିବା ଦିଗରେ ବିଏମ୍‌ସି ଅସଫଳ ହେଲେ ଉକ୍ତ ଅଭିଯୋଗକାରୀଙ୍କୁ ନିଗମ ପକ୍ଷରୁ ୨୦୦ ଟଙ୍କା ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ବସ୍ତି ଉନ୍ନୟନ ଅଧିକାରୀ ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ରଞ୍ଜିତ ପାତ୍ରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳ, କମିଶନର ଓ ଅନ୍ୟ ଅଧିକାରୀମାନେ ।

# ମାପ, ଓଜନ ବିଭାଗର ଚଢ଼ାଉ


ଅଧିକାରୀମାନେ ଏକ ଦୋକାନରେ ଯାଞ୍ଚ କରୁଛନ୍ତି ।

**ବ୍ରହ୍ମପୁର ଅଫିସ,୧୯।୯**

ବ୍ରହ୍ମପୁର ଉପଜିଲାପାଳ ସିନ୍ଦେ ଦତ୍ତାତ୍ରେୟ ଭାଉସାହେବଙ୍କ ନିର୍ଦ୍ଦେଶରେ ଉପଖଣ୍ଡସ୍ତରୀୟ ପ୍ରଶାସନ ଏବଂ ମାପ ଓ ଓଜନ ବିଭାଗ ତରଫରୁ ବ୍ରହ୍ମପୁରରେ ଥିବା ବିଭିନ୍ନ ପ୍ରସ୍ତୁତକର୍ତ୍ତା, ବ୍ୟାଙ୍କ, ତେଜରାତି ଦୋକାନ ଏବଂ ମିଠା ଦୋକାନରେ ବ୍ୟବହାର ହେଉଥିବା ଓଜନ ଯନ୍ତ୍ର ଏବଂ ପ୍ୟାକେଟ୍‌ଗୁଡ଼ିକର ଯାଞ୍ଚ କରାଯାଇଛି। କେତେକ ବ୍ୟବସାୟି ନବୀକରଣ ହୋଇ ନ ଥିବା ଓଜନ ଯନ୍ତ୍ର ବ୍ୟବହାର କରୁଥିବା ଏବଂ କେତେକ ପ୍ୟାକେଟ୍‌ରେ ଆବଶ୍ୟକ ତଥ୍ୟ ନ ଥିବା ଦେଖିବାକୁ ମିଳିଥିଲା। ମାପ ଓଜନର ନିୟମ ଖିଲାପ କରୁଥିବା ୬ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୫୪ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଏହି ଚଢ଼ାଉରେ ସହକାରୀ ଜିଲାପାଳ ପ୍ରଦୀପ କୁମାର ମହାରଣା, ସହକାରୀ ନିୟନ୍ତ୍ରକ ବିନୟ କୁମାର ଦାଶ, ବରିଷ୍ଠ ନିରୀକ୍ଷକ ସତ୍ୟଜିତ ବିଶ୍ୱାଳ ଏବଂ ଶିଶିର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଭୋଟର୍ ତାଲିକା ସଂଶୋଧନ ତାଲିମ୍


ତାଲିମ୍‌ରେ ଭାଗ ନେଇଥିବା ବିଏଲ୍‌ଓ ଏବଂ ପର୍ଯ୍ୟବେକ୍ଷକମାନେ ।

**ବ୍ରହ୍ମପୁର ଅଫିସ,୧୯।୯**

ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଭୋଟର୍ ତାଲିକା ସଂଶୋଧନ ତାଲିମ୍‌କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହକାରୀ ଜିଲାପାଳ ଡି.ମାଳେଶ୍ୱର ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଜିଲାସ୍ତରୀୟ ମାଷ୍ଟର୍ ଟ୍ରେନର୍ ଜ୍ଞାନଜିତ ତ୍ରିପାଠୀ ଏବଂ କନିଷ୍ଠ ତହସିଲଦାର୍ ଅନିତା କୁମାରୀ ସାହୁ ତାଲିମ ଦେଇଥିଲେ । ଏଥିରେ ସମସ୍ତ ବିଏଲ୍‌ଓ ଏବଂ ପର୍ଯ୍ୟବେକ୍ଷକମାନେ ଭାଗ ନେଇଥିଲେ। ବିଏଲ୍‌ଓମାନେ ଘରକୁ ଘର ବୁଲି ଭୋଟର୍ ତାଲିକା ସଂଶୋଧନ କରିବେ। ଭୋଟର୍‌ଙ୍କ ଆଧାରକାର୍ଡ଼, ଡ୍ରାଇଭିଂ ଲାଇସେନ୍ସ, ବିପିଏଲ୍ କାର୍ଡ଼ ଏବଂ ଜନ୍ମଗତ ପ୍ରମାଣପତ୍ର ଥିଲେ, ସେମାନେ କୌଣସି ଗୋଟିଏ ପରିଚୟ ପତ୍ର ଦେଖାଇ ଭୋଟର୍ ତାଲିକାରେ ନାମ ପଞ୍ଜୀକରଣ କରିପାରିବେ । ଏଣୁ ଭୋଟର୍ ପରିଚୟପତ୍ରରେ ଦର୍ଶାଯାଇଥିବା ଜନ୍ମ ତାରିଖ, ବାପା ମା ଓ ସମ୍ପର୍କୀୟଙ୍କ ନାମ, ଠିକଣା ଓ ଫଟୋ ଯାଞ୍ଚ କରିବା ନିହାତି ଆବଶ୍ୟକ ବୋଲି ସହକାରୀ ଜିଲାପାଳ ପାତ୍ର କହିଥିଲେ । ତାଲିମ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୧୬୯ ବୁଥ୍ ଏବଂ ଗୋପାଳପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୨୯ ବୁଥ୍‌ର ବିଏଲ୍‌ଓ ଏବଂ ପର୍ଯ୍ୟବେକ୍ଷକମାନେ ଯୋଗ ଦେଇଥିଲେ ।

## ମଦ ଦୋକାନ ଭଙ୍ଗାରୁଜା, ମେଘା ଗିରଫ

**ବ୍ରହ୍ମପୁର ଅଫିସ,୧୯।୯**

ସ୍ଥାନୀୟ ପିଭିଏନ ପେଟ୍ରୋଲ ପମ୍ପ ଛକରେ ଥିବା ବିୟର ପାର୍ଲରରେ ଭଙ୍ଗାରୁଜା ଘଟଣାରେ ଟାଉନ ଥାନା ପୋଲିସ ଜଣେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରିଛି। ସେ ହେଲେ ମେଘା ରେଡ୍ଡୀ। ମାମଲା ନଂ. ୧୮୮/୧୯ରେ ମେଘାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରେ ମେଘା ମଦ ପିଇବା ପାଇଁ ବିୟର ପାର୍ଲରକୁ ଯାଇଥିଲେ। ସେ ମଦ ପିଇବା ପରେ ସେଠାରେ କାମ କରୁଥିବା କର୍ମଚାରୀ ଜଣକ କାଉଣ୍ଟରରେ ଟଙ୍କା ଦେବାକୁ କହିଥିଲେ। ଏଥିରେ ମେଘା ଉତ୍‌କ୍ଷିପ୍ତ ହୋଇ ପାର୍ଲର ଭଙ୍ଗାରୁଜା କରିବା ସହ ମ୍ୟାନେଜର ରବୀନ୍ଦ୍ର ନାଥ ସାହୁଙ୍କୁ ମଦ ବୋତଲରେ ଆକ୍ରମଣ କରିଥିଲେ। ଏପରିକି ଥାନାରେ ଖବର ଦେଲେ ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ପରେ ପାର୍ଲର ମ୍ୟାନେଜର ସାହୁ ବୁଧବାର ରାତି ପ୍ରାୟ ୧୦ ଟାରେ ଏନେଇ ଥାନାରେ ଅଭିଯୋଗ କରିଥିଲେ।

# ଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭଖୁଣ୍ଟି ସ୍ଥାପନ

**ବ୍ରହ୍ମପୁର ଅଫିସ,୧୯।୯**

ଲାଞ୍ଜିପଲ୍ଲୀ ନିକଟସ୍ଥ ରାମ ନଗର ସପ୍ତମ ଲେନ୍ ବିବେକାନନ୍ଦ ବିହାରରେ ମା' ଲକ୍ଷ୍ମୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା କରାଯିବ । ଗୁରୁବାର ଯଥା ରୀତିନୀତିରେ ଶୁଭଖୁଣ୍ଟି ସ୍ଥାପନ କରାଯିବ ସହ ପୂଜାର୍ଚ୍ଚନା କରାଯାଇଥିଲା। ନଭେମ୍ବର ୨୭ରୁ ଡିସେମ୍ବର ୧ତାରିଖ ପର୍ଯ୍ୟନ୍ତ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ । ପୂର୍ବତନ ବିଧାୟକ ଉଦୟନାଥ ନାୟକ ଏବଂ ବିଚିତ୍ର ପଟ୍ଟନାୟକଙ୍କ ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ବିଶିଷ୍ଟ ପଣ୍ଡିତ ଅଶୋକ କୁମାର ପାଢ଼ୀଙ୍କ ସମେତ ବେଦଜ୍ଞ ବ୍ରାହ୍ମଣମାନଙ୍କ ଦ୍ୱାରା ଘୃତ ଯଜ୍ଞ, ନାମଯଜ୍ଞ, ଅନ୍ନଯଜ୍ଞ ହେବ । ଜଗନ୍ନାଥ ସଂସ୍କୃତି ଗବେଷକ ଜ୍ଞାନାନନ୍ଦ ସାଗର, ସାହିତ୍ୟିକ ବିଜୟ କୁମାର ପାଢ଼ୀ, କଣ୍ଠଶିଳ୍ପୀ ଗୋପାଳକୃଷ୍ଣ ଡାକୁଆଙ୍କ ସହଯୋଗରେ ପ୍ରତ୍ୟେକ ସନ୍ଧ୍ୟାରେ ସାଧୁ ସନ୍ଥ ଏବଂ ପଣ୍ଡିତମାନଙ୍କୁ ନେଇ ଜଗନ୍ନାଥ ସଂସ୍କୃତି ଉପରେ ଆଧ୍ୟାତ୍ମିକ ପ୍ରବଚନ, ଭଜନ, ସଂଗୀତ, ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ୨୪ ମଣ୍ଡପରେ ଜଗନ୍ନାଥଙ୍କ ୨୪ ବେଶ ସମ୍ଭାର କରାଯିବ। ଏତଦ୍ ବ୍ୟତୀତ ଐତିହ୍ୟ ସମ୍ପନ୍ନ ତଥା ଦେବାଦେବୀଙ୍କ ମନ୍ଦିର ଓ ପର୍ଯ୍ୟଟନ ସ୍ଥଳଗୁଡ଼ିକର ମହତ୍ତ୍ୱକୁ ନେଇ ସ୍ୱତନ୍ତ୍ର ଡକ୍ୟୁମେଣ୍ଟାରୀ ପ୍ରଦର୍ଶନ କରାଯିବ। ଶୁଭଖୁଣ୍ଟି ସ୍ଥାପନ ବେଳେ ଜଗନ୍ନାଥ ଚୌଧୁରୀ, ବାବୁଲା ଦାସ, ଗଣେଶ ନାୟକ, ସମରେଶ ପାତ୍ର, ବଳରାମ ପଣ୍ଡା ଓ ଶୁଭମ୍ ପଟ୍ଟନାୟକଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ।


ଶୁଭଖୁଣ୍ଟି ସ୍ଥାପନ ଅବସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଚାଲିଛି ।

**■ ବ୍ରଜନଗରକୁ ଜଳଯୋଗାଣରେ ଅବହେଳା ଅଭିଯୋଗ**

# ଦେଢ଼ ମାସ ଧରି ପାଣି ବନ୍ଦ, ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର

**ବ୍ରହ୍ମପୁର ଅଫିସ,୧୯।୯**

ବ୍ରହ୍ମପୁର ସନ୍ନିକଟ ତଥା ପାର୍ଶ୍ୱବର୍ତ୍ତୀ ସହରତଳି ଅଞ୍ଚଳବାସୀଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି । ସହରତଳି ବ୍ରଜନଗର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ଜଳଯୋଗାଣ ସ୍ୱାଭାବିକ ହେଉଛି। କିନ୍ତୁ ବ୍ରଜନଗର ଦ୍ୱିତୀୟ, ତୃତୀୟ ଓ ତୃତୀୟ ଗଳି ଏକ୍ସଟେନେଶନକୁ ଦେଢ଼ ମାସ ଧରି ପାନୀୟ ଜଳଯୋଗାଣ ବ୍ୟାହତ ହେଉଥିବା ଅଭିଯୋଗ ହୋଇଛି। ତୁରନ୍ତ ଜଳଯୋଗାଣ ସ୍ୱାଭାବିକ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏନେଇ ଗୁରୁବାର ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀଯନ୍ତ୍ରୀଙ୍କୁ ଅଞ୍ଚବାସୀ ଦାବିପତ୍ର ପ୍ରଦାନ କରିଛନ୍ତି । ପୂର୍ବରୁ ପ୍ରତ୍ୟେକ ଦିନ ୨ଘଣ୍ଟା ଜଳଯୋଗାଣ କରାଯାଉ ଥିବା ବେଳେ ଅଗଷ୍ଟ ମାସରୁ ଉକ୍ତ ୩ ସାହିକୁ ଜଳ ଯୋଗାଣ ବନ୍ଦ ରହିଛି। ଏନେଇ ବହୁବାର ଅଭିଯୋଗ କରାଯାଇ ଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ନିୟମିତ ଓ ଆଗୁଆ ଜଳକର ଦେଉଥିଲେ ମଧ୍ୟ ଜଳଯୋଗାଣରେ ଅନିୟମିତତା ଓ ବନ୍ଦ କରାଯାଉଥିବା ଅଞ୍ଚଳବାସୀ କହିଛନ୍ତି। ଫଳରେ ମୁନ୍ଦାଏ ପାଣି ପାଇଁ ଅଞ୍ଚଳବାସୀ ଡହଳବିକଳ ହେଉଛନ୍ତି। ପୂର୍ବରୁ ଖରାଦିନେ ଜଳସଙ୍କଟ ଦେଖା ଦେଉଥିବା ବେଳେ ଚଳିତ ବର୍ଷ ବର୍ଷାଦିନେ ମଧ୍ୟ ଜଳସଙ୍କଟ ଦେଖାଦେବା ଦୁର୍ଭାଗ୍ୟଜନକ ବୋଲି ଅଞ୍ଚଳବାସୀ କହିଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରି ଜଳଯୋଗାଣ ସ୍ୱାଭାବିକ କରା ନ ଗଲେ ଆଗାମୀ ଦିନରେ ଅଞ୍ଚଳବାସୀ ରାସ୍ତାକୁ ଓହ୍ଲାଇବାକୁ ନେଇ ଚେତାବନୀ ଦିଆଯାଇଥିଲା । ଦାବିପତ୍ର ପ୍ରଦାନ ବେଳେ ହରିହର ସାହୁ, ଦିଲୀପ କୁମାର ସାହୁ ଓ ସଞ୍ଜୀବ ପଟ୍ଟନାୟକଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ୪ ଜୁଆଡ଼ି ଗିରଫ

**ବ୍ରହ୍ମପୁର ଅଫିସ,୧୯।୯**

ବ୍ରହ୍ମପୁର ବଡବଜାର ଥାନା ପୋଲିସ ଧାନମେରା ସାହିରେ ଚାଲିଥିବା ଏକ ଜୁଆ ଆଡ୍ଡାରୁ ୪ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନେ ହେଲେ ରାଜା ବେହେରା, ଚନ୍ଦନ ପ୍ରଧାନ, ରଞ୍ଜନ ଦାସ ଓ ଜିତୁ ଦାସ। ପୋଲିସକୁ ଦେଖି ଅନ୍ୟ କେତେକ ଖସି ପଳାଇଥିବା ବେଳେ ଘଟଣାସ୍ଥଳରୁ ୧୬ ଶହ ଟଙ୍କା ଓ ଖେଳ ସରଞ୍ଜାମ ପୋଲିସ ଜବତ କରିଥିଲା। ମାମଲା ନଂ.୧୫୧/୧୯ରେ ସେମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

# ସିକ୍ୟୁରଭେଲି ସଂସ୍ଥାର ୨ କର୍ମଚାରୀ ଅଟକ

**୨ ଏଟିଏମ୍‌ରୁ ୪୦ ଲକ୍ଷ ଗାଏବ ଘଟଣା**

**ବ୍ରହ୍ମପୁର ଅଫିସ,୧୯।୯**

ଆସିକା ରୋଡ ଏଟିଏମ୍ ଓ ମେଡିକାଲ ଏଟିଏମ୍‌ରେ ୪୦ ଲକ୍ଷ ଟଙ୍କା ଭର୍ତ୍ତି କରିବାକୁ ନେଇ ସିକ୍ୟୁରଭେଲି ସଂସ୍ଥାର କେତେକ କର୍ମଚାରୀ ହେରଫେର କରିଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ୨ କର୍ମଚାରୀଙ୍କୁ ଅଟକ ରଖିଛି। ସେଥିରେ ଜଣେ ଗାଡି ଡ୍ରାଇଭର ଥିବା ବେଳେ ଅନ୍ୟ ଜଣେ କର୍ମଚାରୀ ଥିବା ଜଣାପଡିଛି। ପୋଲିସ ଉକ୍ତ ଘଟଣା ସମ୍ପର୍କରେ ସେମାନଙ୍କୁ ଜେରା ଚଳାଇଥିବା ଜଣାପଡିଛି। ତଦନ୍ତରେ ବାଧା ଉପୁଜିବା ଦୃଷ୍ଟିରୁ ସେମାନଙ୍କ ପରିଚୟ ସ୍ପଷ୍ଟ କରିବାକୁ ମନା କରିଛି। ସେପଟେ ଏମାନଙ୍କ ବୟାନକୁ ଆଧାର କରି ଉକ୍ତ ସଂସ୍ଥାର ଫେରାର ଥିବା ଅନ୍ୟ ଜଣେ କର୍ମଚାରୀଙ୍କୁ ଧରିବା ପାଇଁ ପୋଲିସ ପ୍ରୟାସ ଜାରି ରଖିଥିବା କହିଛି।

ପ୍ରକାଶ ଯେ, ଗତ ୧୨ ତାରିଖରେ ଉକ୍ତ ଆଉଟସୋର୍ସିଂ ସଂସ୍ଥାର ୩ କର୍ମଚାରୀ ସହରର ୨ ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରିବା ପାଇଁ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାରୁ ୪୦ ଲକ୍ଷ ଟଙ୍କା ନେଇଥିଲେ। ହେଲେ ସେମାନେ ଉକ୍ତ ଟଙ୍କା ୨ଟି ଏଟିଏମ୍‌ରେ ଭର୍ତ୍ତି କରି ନ ଥିବା ସଂସ୍ଥାର ଡେପୁଟି ମ୍ୟାନେଜର ତାପସ କୁମାର ମହାନ୍ତି ଜାଣିବାକୁ ପାଇଥିଲେ। ୪୦ ଲକ୍ଷ ଟଙ୍କା ଏଟିଏମ୍‌ରେ ଭର୍ତ୍ତି କରିବା ବଦଳରେ ଉକ୍ତ ଟଙ୍କା ହେରଫେର କରାଯାଇଥିବା ନେଇ ସଂସ୍ଥା ଡେପୁଟି ମ୍ୟାନେଜର ମହାନ୍ତି ୧୨ ତାରିଖରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୮୬/୧୯ରେ ଠକେଇ ମାମଲା ରୁଜୁ କରି ତନାଘନା ଚଳାଇଛି। ସେହିପରି ପୋଲିସ ଏବେ ଉକ୍ତ ସଂସ୍ଥାର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସେସ୍, ଏହାର ଟ୍ରାଞ୍ଜିଟ କଷ୍ଟଡ଼ିଆନ ବ୍ୟକ୍ତି ଜଣକ କିଏ, ବ୍ୟାଙ୍କରୁ ଲକ୍ଷ ଲକ୍ଷ ଟଙ୍କା ଭ୍ୟାନରେ ରଖି ଗୋଟିଏ ଏଟିଏମ୍‌ରୁ ଅନ୍ୟ ଏକ ଏଟିଏମ୍‌ରେ ଭର୍ତ୍ତି କରିବା ବେଳେ ସେଠାରେ ଗନମ୍ୟାନ ଭାବେ କାହାକୁ ରଖାଯାଉଛି ସେନେଇ ଅନେକ ପ୍ରଶ୍ନ ସଂସ୍ଥା ମୁଖ୍ୟଙ୍କୁ ପଚରାଉଚରା କରିଥିବା ଜଣାପଡିଛି।

**■ ସମବାୟ ସମିତିର ନୂଆ ବିଲଡିଂ**

# ଉଦ୍‌ଘାଟନ କଲେ ବାଚସ୍ପତି, ଏମ୍‌ପି

**ବ୍ରହ୍ମପୁର ଅଫିସ,୧୯।୯**

କୁକୁଡ଼ାଖଣ୍ଡି କୃଷି ସେବା ସମବାୟ ସମିତି (ସୋସାଇଟି)ର ନୂଆ ବିଲଡିଂ ଗୁରୁବାର ବିଧାୟକ ତଥା ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଓ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଗୋପାଳପୁର ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ, ପୋଲସରା ବିଧାୟକ ତଥା ଗଞ୍ଜାମ ଜିଲା ଯୋଜନା କମିଟି ଅଧକ୍ଷ ଶ୍ରୀକାନ୍ତ ସାହୁ, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଜିଲା ପରିଷଦ ଅଧକ୍ଷା ସୋନମ ପଲେଇ, ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ ଅତିଥି ଭାବେ ଯୋଗ ଦେଇଥିଲେ ।

ସମବାୟ ସମିତି ସଭାପତି କୈଳାସ ରଣା କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ବ୍ରହ୍ମପୁର ପାଇକାରୀ ସମବାୟ ଭଣ୍ଡାର ସଭାପତି ସୁଧୀର କୁମାର ରାଉତ, ବ୍ଲକ ଅଧକ୍ଷ କାମାକ୍ଷ ପ୍ରସାଦ ପାତ୍ର ଓ ଜିଲା ପରିଷଦ ସଭ୍ୟ ବୃନ୍ଦାବନ ଖଟେଇ ଅନ୍ୟତମ ଅତିଥି ଥିଲେ। ବିଭିନ୍ନ ସୋସାଇଟି କର୍ମକର୍ତ୍ତା ଓ ଅଞ୍ଚଳର ବିଜେଡି ନେତା, କର୍ମୀ ଉପସ୍ଥିତ ଥିଲେ । ବାଚସ୍ପତି ଓ ଏମ୍‌ପି ଭାଷଣ ପ୍ରସଙ୍ଗରେ କହିଥିଲେ, ସରକାର କୃଷି ଓ କୃଷକଙ୍କ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଇଛନ୍ତି । ସେଥିପାଇଁ ଯୋଜନାର ସଫଳ ରୂପାୟନରେ ସମବାୟର ଯଥେଷ୍ଟ ଭୂମିକା ରହିଛି।

ସବୁ ବର୍ଗର ଚାଷୀଙ୍କୁ କୃଷି ଋଣ ଲଗାଣ ସମବାୟ ସୋସାଇଟି ଜରିଆରେ ଦିଆଯିବାର ବ୍ୟବସ୍ଥା ଥିବାରୁ ଏହାର କର୍ମକର୍ତ୍ତା ଓ ସମ୍ପାଦକମାନେ ନିଷ୍ଠାର ସହ ଦାୟିତ୍ୱ ତୁଲାଇବାକୁ ଆହ୍ୱାନ ଦିଆଯାଇଥିଲା। ସୂଚନାଯୋଗ୍ୟ, କୁକୁଡ଼ାଖଣ୍ଡି ପ୍ରାଥମିକ କୃଷି ସେବା ସମବାୟ ସମିତି ବିସିସି ବ୍ୟାଙ୍କ ଅଧୀନ ଅଛି। ସମାବେଶରେ ଅନେକ ଚାଷୀ ଉପସ୍ଥିତ ଥିଲେ।


ସୋସାଇଟି ନୂଆ ବିଲଡିଂର ଉଦ୍‌ଘାଟନ ସମାରୋହ ।

## ସଂକ୍ଷେପରେ

### ବଜ୍ରପାତରେ ନାବାଳିକା ମୃତ

**ରାଇକିଆ,୧୯।୯(ଡ଼ି.ଏନ.ଏ):** ରାଇକିଆ ଥାନା କରଡ଼ା ପଞ୍ଚାୟତ ବରପାଲି ଗ୍ରାମରେ ଗୁରୁବାର ବଜ୍ରପାତରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶର୍ମିଷ୍ଠା ନାୟକ। ଗୁରୁବାର ପୂର୍ବାହ୍ନରେ ଶର୍ମିଷ୍ଠା ଗାଁ ନିକଟ ନଦୀକୁ ଗାଧୋଇ ଯାଉଥିବା ବେଳେ ବଜ୍ରପାତ ହୋଇଥିଲା । ଏଥିରେ ସେ ଗୁରୁତର ଆହତ ହୋଇଥିଲେ । ଦୁର୍ଗମ ଅଞ୍ଚଳ ଏବଂ ଗାଡି ମୋଟର ସୁବିଧା ନ ଥିବାରୁ ତାଙ୍କୁ ରାଇକିଆ ଡାକ୍ତରଖାନାକୁ ଆଣିବାରେ ବିଳମ୍ବ ହୋଇଥିଲା। ଡାକ୍ତରଖାନାରେ ଶର୍ମିଷ୍ଠାଙ୍କୁ ମୃତ ଘୋଷଣା କରାଯାଇଥିଲା। ଏ ନେଇ ରାଇକିଆ ଥାନାରେ ନଂ.୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି ।

### ୨ ନିଶାସକ୍ତ ଗାଡ଼ି ଚାଳକ ଗିରଫ

**ଫୁଲବାଣୀ ଅଫିସ, ୧୯।୯:** ଫୁଲବାଣୀ ସଦର ଥାନା ପୋଲିସ ପକ୍ଷରୁ ଗୁରୁବାର ଥାନାଅଧିକାରୀ ଆଦିତ୍ୟ କୁମାର ସେଠୀଙ୍କ ନେତୃତ୍ୱରେ ତିଳକପଡା ଛକରେ ଗାଡି ମୋଟର ଯାଞ୍ଚ ଚାଲିଥିଲା। ସେଠାରେ ୨ ଜଣ ନିଶାସକ୍ତ ଗାଡି ଚାଳକଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବୌଦ୍ଧ ଜିଲା ହରଭଙ୍ଗା ଥାନା କଷ୍ଟିପଦର ଗ୍ରାମର ବିଜୟ ରଣା ଓ ଫୁଲବାଣୀ କେନ୍ଦୁପଦର ସୂର୍ଯ୍ୟକାନ୍ତ ଦେହୁରୀ। ସେମାନଙ୍କଠାରୁ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

### ଶିକ୍ଷୟିତ୍ରୀଙ୍କୁ ନିର୍ଯାତନା ଘଟଣା
### ପ୍ରଧାନ ଶିକ୍ଷକ ଗିରଫ

**କ.ନୂଆଗାଁ,,୧୯।୯(ଡ଼ି.ଏନ.ଏ.):** କ.ନୂଆଗାଁ ଥାନା କୁଡୁତୁଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁନୀତା ପ୍ରଧାନଙ୍କୁ ନିର୍ଯାତନା ଦେବା ଘଟଣାରେ ଗୁରୁବାର କ.ନୂଆଗାଁ ପୋଲିସ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ମହାରଣାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ମାସ ୨୫ ତାରିଖରେ ଶିକ୍ଷୟିତ୍ରୀଙ୍କ ଅଭିଯୋଗ ପ୍ରକାରେ କ.ନୂଆଗାଁ ଥାନାରେ ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ ସଦାଶିବ ବେହେରା ଓ ପିଇଟି ଶିକ୍ଷକ ସୁଶାନ୍ତ ବଳିଆରସିଂଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଥାନାଧିକାରୀ ଶ୍ରୀନିବାସ ସାମଲ ନଂ.୪୮/୧୯ରେ ମାମଲା ରୁଜୁ କରି ତଦନ୍ତ କରୁଥିଲେ। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗତ ୧୨ ତାରିଖରେ କ.ନୂଆଗାଁ ଥାନା ଘେରାଉ କରାଯାଇଥିଲା। ଗୁରୁବାର ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ମହାରଣା କାରରେ ଫୁଲବାଣୀ ଯିବା ସମୟରେ କୌଣସି ସୂତ୍ରରୁ ଖବର ପାଇ ଥାନାଧିକାରୀ ସାରଙ୍ଗଗଡ଼ ଛକ ନିକଟରୁ ତାଙ୍କୁ ଗିରଫ କରିଛନ୍ତି।

## ■ ଆଖିରେ ରାଉଣ୍ଡର ବାଜି ଛାତ୍ର ଗୁରୁତର
# ସ୍କୁଲରେ ତାଲା ପକାଇଲେ ଅଭିଭାବକ

**ତୁମୁଡିବନ୍ଧ,୧୯।୯(ଡ଼ି.ଏନ.ଏ.)**

ତୁମୁଡିବନ୍ଧ ବ୍ଲକର ମୁଣ୍ଡିଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଛାତ୍ରଙ୍କ ଆଖିରେ ବୁଧବାର ରାଉଣ୍ଡର ବାଜି ଯାଇଥିଲା। ତେବେ ଜଣେ ଶିକ୍ଷୟିତ୍ରୀ ଏହାକୁ ହାଲକା ଭାବେ ନେଇ ତାଙ୍କ ଚିକିତ୍ସା କରାଇ ନ ଥିଲେ। ପରେ ଛାତ୍ରଙ୍କ ଆଖିରେ ଅଧିକ ଯନ୍ତ୍ରଣା ହେବାରୁ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ଅବହେଳା ପ୍ରତିବାଦରେ ଅଭିଭାବକମାନେ ଉତ୍ତ୍ୟକ୍ତ ହୋଇ ଗୁରୁବାର ସ୍କୁଲରେ ତାଲା ପକାଇଥିଲେ। ଖବରପାଇ ବିଡିଓ ଓ ବ୍ଲକ ଶିକ୍ଷାଧିକାରୀ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଛି।

ବୁଧବାର ୪ର୍ଥ ଶ୍ରେଣୀ ଛାତ୍ର ଓମ୍ ପ୍ରକାଶ ପରିଛା ଶ୍ରେଣୀ ଗୃହରେ ରାଉଣ୍ଡର ଧରି ପଢୁଥିବା ବେଳେ ଅସାବଧାନତାରୁ ତାହା ତାଙ୍କ ଆଖିରେ ବାଜି ଯାଇଥିଲା। ସେ ସମୟରେ ଶ୍ରେଣୀଗୃହରେ ଥିବା ଶିକ୍ଷୟିତ୍ରୀ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଆଖିରେ ଯନ୍ତ୍ରଣା ହେଉଥିଲେ ମଧ୍ୟ ଓମ୍ ଡରିଯାଇ କାହାକୁ କିଛି କହି ନ ଥିଲେ। ମଧ୍ୟାହ୍ନଭୋଜନ ବିରତି ବେଳେ ଘରକୁ ଆସି ଆଖିରେ ରାଉଣ୍ଡର ବାଜିବା କଥା ତାଙ୍କ



ବିଦ୍ୟାଳୟ ସମ୍ମୁଖରେ ରୁଣ୍ଡ ହୋଇଛନ୍ତି ଅଭିଭାବକ।

### ଶିକ୍ଷକଙ୍କ ଅବହେଳା ଅଭିଯୋଗ

ମା'ଙ୍କୁ କହିଥିଲେ। ମା'ଙ୍କଠୁ ଶୁଣି ଓମଙ୍କୁ ପ୍ରଧାନଶିକ୍ଷକ ତୁମୁଡିବନ୍ଧ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ତାଙ୍କୁ ବାଲିଗୁଡା ଓ ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଅବହେଳାରୁ ଏପରି ହୋଇଥିବା ଅଭିଯୋଗ କରି ଗୁରୁବାର ଅଭିଭାବକମାନେ ସ୍କୁଲରେ ତାଲା ପକାଇ ହୋହଲ୍ଲା କରିଥିଲେ । ଖବରପାଇ ତୁମୁଡିବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୟଦେବ ଦାଶ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉଦ୍ଧବ ଚରଣ ନାୟକ ସ୍କୁଲରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ସହ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦାଶ ଆହତ ଛାତ୍ରଙ୍କ ସମ୍ପୂର୍ଣ୍ଣ ଚିକିତ୍ସା କରାଯିବା ସହିତ ଘଟଣାର ତଦନ୍ତ କରି ଅବହେଳା କରିଥିବା ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଲୋକେ ଶାନ୍ତ ପଡ଼ିଥିଲେ।

## ବିଲରେ ଯୁବକଙ୍କୁ ହତ୍ୟା ଘଟଣାରେ ୨ ଗିରଫ
### ■ ଘଟଣା ପଛରେ ପ୍ରେମ, ହତ୍ୟାକାରୀ ସାଙ୍ଗ

**ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୯।୯**

ଫିରିଙ୍ଗିଆ ପଞ୍ଚାୟତ ତଣ୍ଡ୍ରିଗାଁ ନାଳ ପାଖ ବିଲରେ କାଶିନିପଦର ପଞ୍ଚାୟତ ତଳପଡା ଗ୍ରାମର ବିମଳ କହଁରଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କଟେଡମାହାର ବରୁଣ କହଁର ଓ ଲାମ୍ବାଗୁଡ୍ରି ଗ୍ରାମର ଅରବିନ୍ଦ କହଁର। ହତ୍ୟାକାଣ୍ଡରେ ବ୍ୟବହୃତ କାତି ସହ ଟର୍ଚ୍ଚ ଲାଇଟ, ମୋବାଇଲ ଫୋନକୁ ପୋଲିସ ଜବତ କରିଛି। ବିମଳଙ୍କ ସାଙ୍ଗ ବରୁଣ ଘଟଣାର ମାଷ୍ଟର ମାଇଣ୍ଡ । ପ୍ରେମ ସମ୍ପର୍କକୁ ନେଇ ବିମଳଙ୍କୁ ହତ୍ୟା କରାଯାଇଥିବା ପୋଲିସ ସୂଚନା ଦେଇଛି।


ଗିରଫ ୨ ଅଭିଯୁକ୍ତ।

ପୋଲିସ ସୂଚନା ଅନୁଯାୟୀ, ବିମଳ ଏବଂ ବରୁଣ ଦୁହେଁ ଭଲ ସାଙ୍ଗ। ସେମାନେ ବାଙ୍ଗାଲୋରରେ ରହି କାମ କରୁଥିଲେ। ବିମଳଙ୍କର ଏକାଧିକ ଝିଅଙ୍କ ସହ ପ୍ରେମ ସମ୍ପର୍କ ରହିଥିବା ବରୁଣ ଜାଣିଥିଲେ। ହତ୍ୟାକାଣ୍ଡ ଘଟିବାର ୨ମାସ ପୂର୍ବରୁ ବରୁଣଙ୍କ ଜଣେ ସମ୍ପର୍କୀୟାଙ୍କ ସହ ବିମଳଙ୍କର ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା। ଉଭୟେ ଫୋନରେ କଥା ହେଉଥିଲେ। ଏହା ଜାଣିବା ପରେ ଏଥିରୁ ନିବୃତ ରହିବାକୁ ବିମଳଙ୍କୁ ବରୁଣ କହିଥିଲେ। ହେଲେ ସେ ଏହାକୁ ମାନି ନ ଥିଲେ। ୨୦ଦିନ ପୂର୍ବରୁ ବରୁଣ ବାଙ୍ଗାଲୋରରୁ ଘରକୁ ଆସିଥିଲେ। ବିମଳ ୧ ତାରିଖରେ ଗାଁରେ ଆସି ପହଞ୍ଚିବେ ବୋଲି ସାଙ୍ଗ ହିସାବରେ ବରୁଣଙ୍କୁ କହିଥିଲେ। ଏହା ଜାଣିବା ପରେ ତାଙ୍କୁ ହତ୍ୟା କରିବା ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। ଘଟଣା ଦିନ ବରୁଣ ଏବଂ ଅରବିନ୍ଦ ଏକ ବାଇକରେ ଶଙ୍କରାଖୋଲ ଆସି ବିମଳଙ୍କୁ ସାଙ୍ଗରେ ନେଇଥିଲେ। ବୁଲାବୁଲି କରିବା ପରେ ଘଟଣାସ୍ଥଳକୁ ନେଇ ହତ୍ୟା କରିଥିଲେ ବୋଲି ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୨ ତାରିଖ ଭୋରରେ ବିମଳଙ୍କ ମୃତଦେହ ତଣ୍ଡ୍ରିଗାଁ ନାଳ ପାଖରେ ପଡିଥିଲା। ଧାରୁଆ ଅସ୍ତ୍ରରେ ତାଙ୍କ ବେକକୁ ହଣା ଯାଇଥିବା ବେଳେ ମୁହଁକୁ ପଥରରେ ଛେଚି ଦିଆଯାଇଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା।

## ଲୁଟ୍ ହେଉଛି ମୋରମ, ହଜୁଛି ସବୁଜିମା

**ରାଇକିଆ,୧୯।୯(ଡ଼ି.ଏନ.ଏ)**

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର କନ୍ଧମାଳ ଦିନକୁ ଦିନ ତାହାର ସୌନ୍ଦର୍ଯ୍ୟ ହରାଉଛି। ମୋରମ ମାଫିଆଙ୍କ ଯୋଗୁ ନଷ୍ଟ ହେବାକୁ ବସିଲାଣି ଏହାର ସବୁଜିମା। ବିଭିନ୍ନ ଛୋଟ ବଡ଼ ପାହାଡ଼ ଖୋଳି ମୋରମ ମାଟି ଚାଲାଣ ହେଉଛି। ବିଶେଷ କରି ଦୁର୍ଗମ ଅଞ୍ଚଳରେ ଏହି ବେଆଇନ କାର୍ଯ୍ୟ ଚାଲିଛି। ଏଥିଯୋଗୁ ଜଙ୍ଗଲ ସଷ୍ଟିରେ ସହାୟକ ହେଉଥିବା ଛୋଟ ମୂଲ୍ୟବାନ ଚାରା ମଧ୍ୟ ନଷ୍ଟ ହେଉଛି।

ରାଇକିଆ ବ୍ଲକର ବିଭିନ୍ନ ରାସ୍ତା କାମ ଲାଗି ବେଆଇନ ଭାବେ ମୋରମ ଆଣି କାର୍ଯ୍ୟରେ ଲଗାଯାଉଛି। ମୁଖ୍ୟତଃ ଯେଉଁ ସବୁ ସ୍ଥାନରେ ରାସ୍ତା କାମ ହେଉଛି, ଖର୍ଚ୍ଚ କମାଇବା ପାଇଁ ଠିକାଦାରମାନେ ସେହି ରାସ୍ତା ପାର୍ଶ୍ୱ ପାହାଡ଼ ଖୋଳି ମୋରମ ଆଣୁଛନ୍ତି। ମୋରମ ଆଣିବା ପାଇଁ ଠିକାଦାର କୌଣସି ଅନୁମତି ଆଣୁ ନ ଥିବା ବେଳେ ନିର୍ଦ୍ଦିଷ୍ଟ ଗାଇଡ଼ ଲାଇନକୁ ମଧ୍ୟ ଅନୁସରଣ କରୁନାହାନ୍ତି। ସେପଟେ ତହସିଲ କର୍ତ୍ତୃପକ୍ଷ ନଚେତ ରାଜସ୍ୱ ନିରୀକ୍ଷକଙ୍କ ପାଖରେ କେବେ କେମିତି ଏ ନେଇ ଖବର ପହଞ୍ଚିଲେ ଚଢାଉ କରି ଚାଲାଣ କଟାଯାଉଛି। ମାତ୍ର ଦୁଗର୍ମ ଅଞ୍ଚଳଗୁଡିକରେ କୌଣସି ନିୟନ୍ତ୍ରଣ ରହୁନାହିଁ। ମନଇଚ୍ଛା ଖୋଳି ଲୁଟି ନେଉଛନ୍ତି ମୋରମ। ଏ ନେଇ ରାଇକିଆ ଅତିରିକ୍ତ ତହସିଲଦାର ଅକ୍ଷୟ ପାଣି ଉକ୍ତୁ କହିଛନ୍ତି, ଯେଉଁ ସ୍ଥାନରେ ବେଆଇନ ଭାବେ ମୋରମ ଖୋଳାଯାଉଛି, ସେହି ସ୍ଥାନରେ ଚଢ଼ାଉ କରାଯାଇ ଜରିମାନା ଆଦାୟ ସହ ମୋରମ ଖୋଳା ମଧ୍ୟ ବନ୍ଦ କରାଯାଉଛି। ନିକଟରେ ୨ଟି ସ୍ଥାନରୁ ମୋରମ ଆଦାୟ ହେଉଥିବା ସୂଚନା ମିଳିଥିଲା। ସେଠାରେ ଚଢାଉ କରାଯାଇ ଜରିମାନା ଆଦାୟ ହୋଇଛି।


ମୋରମ ପାଇଁ ଏକ ପାହାଡ଼କୁ ଖୋଳି ଦିଆଯାଇଛି ।

## ପ୍ରଶାସନ ଶୁଣିଲାନି ରାସ୍ତା ନିର୍ମାଣ କଲେ ଗ୍ରାମବାସୀ

**ଖଜୁରିପଡ଼ା,୧୯।୯(ଡି.ଏନ୍.ଏ.)**

ଗାଁ ରାସ୍ତା ନିର୍ମାଣ ପାଇଁ ବାରମ୍ବାର ପ୍ରଶାସନର ଦ୍ୱାରସ୍ତ ହୋଇ ନିରାଶ ହେଲେ। ଶେଷରେ ନିଜସ୍ୱ ଶ୍ରମ ଦାନରେ ଗାଁ ରାସ୍ତା ନିର୍ମାଣ କରିଛନ୍ତି। ଖଜୁରିପଡ଼ା ବ୍ଲକ ଅରାପାଜୁ ପଞ୍ଚାୟତ ପିପଲପଙ୍କା ଗ୍ରାମରେ ଏଭଳି ଦେଖିବାକୁ ମିଳିଛି। ଗ୍ରାମର ଅନନ୍ତ କୁମାର ଦିଗାଲ, ଖଜୁରିପଡ଼ା ବ୍ଲକ ଭାଜପା ମଣ୍ଡଳ ସଭାପତିଙ୍କ ନେତୃତ୍ୱରେ ଗ୍ରାମର ଚକ୍ରପାଣି ମଲିକ, ପୂର୍ଣ୍ଣନନ୍ଦ ମଲିକ, ସୁଶାନ୍ତ ମଲିକ, ଶେଷଦେବ ଦିଗାଲ, ସତ୍ୟବାନ ଦିଗାଲ ପ୍ରମୁଖଙ୍କ ମିଳିତ ସହଯୋଗରେ ମଲିକସାହି ଏବଂ କ୍ଷେତ୍ରପଲି ସାହିବାସୀଙ୍କ ଉଦ୍ୟମରେ ପ୍ରାୟ ୩୦ଫୁଟ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି। ରାସ୍ତା ନିର୍ମାଣ ପାଇଁ ପୂର୍ବରୁ ବହୁବାର ଦାବି ହେଉଥିଲେ ମଧ୍ୟ ଏଥିପ୍ରତି କୌଣସି ଜନପ୍ରତିନିଧି କିମ୍ବା ପ୍ରଶାସନରୁ ଦୃଷ୍ଟି ପଡ଼ି ନ ଥିଲା। ତେଣୁ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ରାସ୍ତା ନିର୍ମାଣ ହୋଇଥିବା ସୂଚନା ମିଳିଛି ।

## ■ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଘଟଣା
## କନଷ୍ଟେବଲ ନିର୍ଦ୍ଦୋଷ, ମାମୁ ପୁଅ ଗିରଫ

**ଫୁଲବାଣୀ ଅଫିସ, ୧୯।୯**

ଖଜୁରିପଡା ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ଜଣେ କନଷ୍ଟେବଲ ବଳାତ୍କାର କରିବା ଘଟଣା ଭିନ୍ନମୋଡ ନେଇଛି । କନଷ୍ଟେବଲ ଏହି ଘଟଣାରେ ସମ୍ପୃକ୍ତ ନ ଥିବା ପୋଲିସ ସ୍ପଷ୍ଟ କରିଛି । ତେବେ ଏହି ଘଟଣାରେ ଯୁବତୀଙ୍କ ମାମୁ ପୁଅକୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସମ୍ପୃକ୍ତ ଯୁବକ ହେଲେ ହରିହର ନାୟକ। ମିଳିଥିବା ସୂଚନା ଅନୁଯାୟୀ, ଯୁବତୀ ଜଣକ ଭୋଟ ଦେବାପରେ ଏପ୍ରିଲ ୧୮ରେ ତାଙ୍କ ମାମୁଘର ଖଜୁରିପଡ଼ା ଗ୍ରାମକୁ ଯାଇଥିଲେ। ସେଠାରେ ୧୦ ଦିନ ରହିବା ପରେ ଭୁବନେଶ୍ୱର ସାଲିଆସାହିରେ ରହୁଥିବା ଭିଣୋଇଙ୍କ ଘରକୁ ଯାଇଥିଲେ। ସେଠାକୁ ହରିହର ଯିବା ଆସିବା କରନ୍ତି। ସେଠାରେ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିବା ଥାନାଧିକାରୀ ରମାକାନ୍ତ ପାତ୍ର କହିଛନ୍ତି। ଅଲ୍ଟ୍ରାସାଉଣ୍ଡ ରିପୋର୍ଟରେ ମେ' ୪ ପରେ ଯୁବତୀ ଗର୍ଭବତୀ ହୋଇଥିବା ଜଣାପଡ଼ିଛି। ଯେଉଁ ସମୟରେ ଯୁବତୀ ଭୁବନେଶ୍ୱରରେ ଥିଲେ। ତେବେ ଏ ନେଇ ହରିହରଙ୍କୁ ପଚାରିବାରୁ ସେ ଏହି ଘଟଣାରେ ସମ୍ପୃକ୍ତ ନ ଥିବା କହିଛନ୍ତି। ସୂଚନାଯୋଗ୍ୟ ଯୁବତୀଙ୍କ ରିପୋର୍ଟ ଆଧାରରେ ଥାନାରେ ନଂ.୮୨/୧୯ରେ ମାମଲା ରୁଜୁ ହୋଇଥିଲା।

## ମେଡିକାଲ କଲେଜ ପ୍ରତିଷ୍ଠା ଦାବି ପରିଚାଳନା କମିଟି ଗଠିତ

**ଫୁଲବାଣୀ ଅଫିସ, ୧୯।୯**

କନ୍ଧମାଳ ଏକ ଆଦିବାସୀ ବହୁଳ ପଛୁଆ ଜିଲା ଭାବେ ପରିଚିତ। ୮୦ ଭାଗ ଲୋକ ଏଠାରେ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଆବଶ୍ୟକ ଭିତ୍ତିଭୂମି ନାହିଁ। ଡାକ୍ତର ଏବଂ ବିଶେଷଜ୍ଞଙ୍କ ପଦବୀ ଖାଲି ପଡୁଛି। ଫଳରେ ଏଠାରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଇତିମଧ୍ୟରେ କେନ୍ଦ୍ର ସରକାର ୭୫ଟି ସରକାରୀ ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ଘୋଷଣା କରିଛନ୍ତି। ତେଣୁ ସେଥିମଧ୍ୟରୁ ଗୋଟିଏ କନ୍ଧମାଳ ଜିଲାରେ ପ୍ରତିଷ୍ଠା କରିବାକୁ ଆସନ୍ତା ୨୧ ତାରିଖରେ ଫୁଲବାଣୀ ସମେତ ୧୨ ବ୍ଲକରେ ଏକ ସମୟରେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରାଯାଇ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ଜିଲାର ବହୁ ସଙ୍ଗଠନ ଏଥିରେ ସାମିଲ ହେବେ। ଏମାନେ କାର୍ଯ୍ୟକ୍ରମ ହାତକୁ ନେଇଥିବା ମିଳିତ ନାଗରିକ କମିଟି ମଞ୍ଚକୁ ସମର୍ଥନ ଜଣାଇଛନ୍ତି। ଏ ନେଇ ଅନୁଷ୍ଠିତ ଏକ ବୈଠକରେ ପରିଚାଳନା କମିଟି ଗଠନ କରାଯାଇଛି। ପ୍ରତି ବ୍ଲକରୁ ଜଣେ ଜଣେ /ଦୁଇ ଜଣ ସଦସ୍ୟ କମିଟିରେ ରହିବାକୁ ନିଷ୍ପତ୍ତି ହୋଇଛି। ସଭାପତି ଭାବେ ଡ. ଅରୁପ ଜେନା, ସମ୍ପାଦକ ଅଶୋକ କୁମାର ପରିଡା, ଉପ ସଭାପତି ଭାବେ ଗୋବିନ୍ଦ ଘଟାଲ, ମନୋଜ ପଟ୍ଟନାୟକ, ଅଶୋକ ପଟ୍ଟନାୟକ, ପ୍ରଶାନ୍ତ କୁମାର ପାତ୍ର, ଶିବାନନ୍ଦ ପଟ୍ଟନାୟକ, ପ୍ରଶନ୍ନ କୁମାର ସାହାଣୀ ପ୍ରମୁଖ ମନୋନୀତ ହୋଇଛନ୍ତି। ସେହିପରି ଆଇନ ପରାମର୍ଶଦାତା ଭାବେ ବିଜୟ କୃଷ୍ଣ ପଟ୍ଟନାୟକ ମନୋନୀତ ହୋଇଥିବା ବେଳେ ଉପଦେଷ୍ଟା ମଣ୍ଡଳୀରେ ନବୀନ କିଶୋର ପଣ୍ଡା, ରବୀନ୍ଦ୍ର ନାଥ ମିଶ୍ର, ବିଜୟ ମହାନ୍ତି, ଅସୀମ ପ୍ରହରାଜଙ୍କ ସମେତ ଅନ୍ୟମାନେ ଅଛନ୍ତି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ

**ଦାରିଙ୍ଗବାଡ଼ି,୧୯।୯(ଡି.ଏନ.ଏ)**

ଦାରିଙ୍ଗବାଡ଼ି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମାଥ୍ୟୁସ ଦିଗାଳ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ପରିଚାଳନା କମିଟି ସଦସ୍ୟ ସନ୍ତୋଷ କୁମାର ଦିଗାଳ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷା ଦାନରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା କହିଥିଲେ। ୨୦୧୫ ଆଜିର ଦିନରେ ପ୍ରଥମ ଥର ପାଇଁ ଦାରିଙ୍ଗବାଡ଼ିଠାରେ ଛାତ୍ରୀଛାତ୍ର କକ୍ଷରେ ନାମ ଲେଖାଇଥିଲେ। ଏବେ ବିଦ୍ୟାଳୟର ବିକାଶ ହୋଇଛି। ଆଗକୁ ବିଦ୍ୟାଳୟ ପରିସର ମଧ୍ୟରେ ଏକ ହଷ୍ଟେଲ କରାଗଲେ ଛାତ୍ରୀଛାତ୍ରଙ୍କ ଶିକ୍ଷାର ବିକାଶ ହୋଇପାରନ୍ତା ବୋଲି ବିଦ୍ୟାଳୟ ପରିଚାଳନା କମିଟି ସହ ବିଦ୍ୟାଳୟ କର୍ତ୍ତୃପକ୍ଷ କହିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ, ଗଣିତ, ଖେଟିପ୍ରତିଯୋଗିତା କରାଯାଇଥିଲା। କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହିଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା।


କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।


## ଓଡ଼ିଶା ଲଳିତ କଳା ଏକାଡ଼େମୀ
## ସଂସ୍କୃତି ଭବନ, ଭୁବନେଶ୍ୱର

### ବିଜ୍ଞପ୍ତି

ଏତଦ୍ଦ୍ୱାରା ଓଡ଼ିଶା ଲଳିତ କଳା ଏକାଡ଼େମୀର ବରିଷ୍ଠ ସହକାରୀ ସୁଶାନ୍ତ କୁମାର ସ୍ୱାଇଁ ଏବଂ ତାଙ୍କ ପରିବାର ବର୍ଗଙ୍କ ଅଗବତି ନିମନ୍ତେ ଜଣାଇଦିଆଯାଉଛି କି, ଗତ ୧୩.୦୯.୨୦୧୯ ରିଖ ଦୈନିକ ସମ୍ବାଦ ପତ୍ରରେ ପ୍ରକାଶିତ ବିଜ୍ଞପ୍ତି ପଢି ଶ୍ରୀ ସ୍ୱାଇଁ ଏବଂ ତାଙ୍କ ପରିବାର ବର୍ଗ ଗଭୀର ମର୍ମାହତ ଓ ମାନସିକ ଯନ୍ତ୍ରଣା ପାଇଥିବା ବିଷୟରେ ସେ ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ମାନ୍ୟବର ମନ୍ତ୍ରୀ, ଉପଦେଷ୍ଟା, ମୁଖ୍ୟ ଶାସନ ସଚିବ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ସହିତ ତଦନ୍ତ ନିମନ୍ତେ ଆବେଦନ କରିଥିଲେ । ତାଙ୍କ ଆବେଦନ ପତ୍ରକୁ ଗ୍ରହଣ କରାଯାଇ ତଦନ୍ତ ପରେ ଜଣାପଡ଼ିଲା ଏକାଡ଼େମୀର ଉପ-ବିଭାଗ ଅଧିକାରୀ ଶ୍ରୀ ପ୍ରସନ୍ନ କୁମାର ମିଶ୍ର ଚପରାଶୀ ଶରତ ଚନ୍ଦ୍ର ସାମଲଙ୍କ ଠାରୁ ଚିଠିଟିକୁ ନେଇ ନିଜ ପାଖରେ ରଖିଥିଲେ । ଡ଼ାକଯୋଗେ ଯେଉଁ ଚିଠି ପଠାଯାଇଥିଲା ତାହା ଭୁଲ୍ ଠିକଣା ଯୋଗୁଁ ଫେରିଆସିଥିବାରୁ ଶ୍ରୀ ସ୍ୱାଇଁ କାର୍ଯ୍ୟାଳୟରୁ ଉକ୍ତ ପତ୍ର ନଂ ୨୮୯ ତା ୨୧.୦୮.୨୦୧୯ ରିଖକୁ ଗ୍ରହଣ କରିଛନ୍ତି । ପ୍ରକାଶ ଥାଉକି, ଜଣେ ଶୃଙ୍ଖଳିତ କର୍ମଚାରୀ ଭାବରେ ଶ୍ରୀ ସ୍ୱାଇଁ କାର୍ଯ୍ୟାଳୟର ସମସ୍ତ ଚିଠିପତ୍ରକୁ ଗ୍ରହଣ କରିବା ସହିତ ତାହାର ଉତର ମଧ୍ୟ ପ୍ରଦାନ କରିଛନ୍ତି । ଶ୍ରୀ ପ୍ରସନ୍ନ କୁମାର ମିଶ୍ର ଓ ଚପରାଶୀ ଶରତ ଚନ୍ଦ୍ର ସାମଲଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ଅବଗତ କରାଯାଇଛି । ଏପରି ବିଜ୍ଞାପନ ପ୍ରକାଶ କରାଯାଇ ଶ୍ରୀ ସ୍ୱାଇଁଙ୍କ ସମ୍ମାନହାନି ହୋଇଥିବାରୁ ଏକାଡ଼େମୀ ପକ୍ଷରୁ ଦୁଃଖ ପ୍ରକାଶ କରାଯାଉଛି ।

ସଚିବ
ଓଡ଼ିଶା ଲଳିତ କଳା ଏକାଡ଼େମୀ



**FORM NO. 13**
**Before the Debt Recovery Tribunal, Cuttack**
**O.A. No. 308 of 2018**
**Bank of India, Civil Township Branch, Rourkela**
.............Applicant
Vrs.
1. **M/s Maa Tarini Restaurant,** At: RCMS Complex, STI Chowk, Rourkela- 769004 .
2. **Abhaya Kumar Bhola, Partner,** S/O. Shridhar Charan Bhola, Residing at- LCR/411, At/P.O.: Chend, Rourkela, 769015 .
3. **Ranjan Singh, Partner,** S/o: Rakesh Singh, Residing at B/104, Sector-22, Fertiliser Colony, Rourkela, Dist : Sundergarh-769007

..........Defendants

**SUMMONS BY THE PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an Application in **O.A. No 308 of 2018** in the court of Debt Recovery Tribunal, Cuttack for a recovery of **Rs.45,64,431/- (Rupees Forty Five Lakhs Sixty Four Thousand Four Hundred and Thirty One)** only with interest calculated upto dt.02.12.17 together with current and future interest, costs and for other reliefs.

The above mentioned defendant(s) are therefore hereby directed to appear before this Tribunal in person or through an Advocate or duly authorized agent, in support of his / their defence to show cause within 30 days from the date of publication or on **07th day of November 2019 at 10.30** a.m [fore noon] as to why relief prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal on this 13th day of September, 2019 .

Sd/-
**Registrar**
**(M.K. Patnaik)**
**Debt Recovery Tribunal, Cuttack**



No. 198-C:

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**P.H. DIVISION, BALASORE**
Phone : 9437086137, e-mail-eephbls@gmail.com
**NATIONAL COMPETITIVE BIDDING THROUGH e-Procurement (Online Mode)**
Invitation for Bids (IFB) dt.18.09.2019

The Executive Engineer, P.H. Division, Balasore on behalf of Governor of Odisha, invites Percentage Rate bids in Double cover system in ONLINE mode only.

| Sl. No. | Name of the Work | Bid-Identification No. | Value of Work (Rs.Lakh) | Period of Completion | Availability of bid documents for online bidding | | Last date and time of seeking clarification | Date & Time of opening of technical bid |
|---|---|---|---|---|---|---|---|---|
| | | | | | From | To | | |
| 1 | Providing water supply Service Connection to Households of Bhadrak Municipality for Universal water supply coverage. | EEPHBLS-11 dt.18.09.2019 | 247.20 | 03 (Three) calendar month | 11:00 Hrs. of dt.27.09.19 | 17:00 Hrs. of dt.14.10.19 | 17:00 Hrs. Of 10.10.19 | 11:00 Hrs. Of 18.10.19 |


The bidders shall have to participate in ONLINE bidding only. Further details can be seen from the website: http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

**Name and Address of the officer inviting bid :- The Executive Engineer, P.H. Division, Balasore-756056, Odisha, Phone : 9437086137**

13053/11/0003/1920 Executive Engineer, P.H. Division, Balasore



ଧ୍ୟାନ ଦିଅନ୍ତୁ
ବୈଦ୍ୟୁତିକ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ



କଣ କରିବେ

କଣ କରିବେ ନାହିଁ

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକ ମୃତ

ଧରାକୋଟ,୧୯।୯(ଡି.ଏନ.ଏ.): ଧରାକୋଟ ବ୍ଲକ ତଥା ବଡ଼ଗଡ଼ ଥାନା ଅଧିନସ୍ଥ ବାହାରପୁର ଗ୍ରାମ ପୋଖରୀରେ ବୁଡ଼ି ଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅଙ୍ଗଦ ଦାସଙ୍କ ପୁତ୍ର କୃଷ୍ଣ ଦାସ। ବଡ଼ଗଡ଼ ଥାନା ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, କୃଷ୍ଣ ବୁଧବାର ସନ୍ଧ୍ୟା ଠାରୁ ନିଖୋଜ ଥିଲେ। ଗୁରୁବାର ସକାଳେ ତାଙ୍କର ମୃତଦେହ ଗ୍ରାମ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ବଡ଼ଗଡ଼ ଥାନାରେ ଅଭିଯୋଗ ପରେ ପୋଲିସ ମୃତଦେହ ଜବତ କରି ନଂ.୫/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଆସିକା ପଠାଇଛି ।

### ମଦ ଜବତ, ଜଣେ ଗିରଫ

ପାଟପୁର,୧୯।୯(ଡି.ଏନ.ଏ.): ପାଟପୁର ପୋଲିସ ବୁଧବାର ରାତିରେ ରାମଚନ୍ଦ୍ରପୁର ଗ୍ରାମରେ ଚଢ଼ାଉ କରି ୧୨ ଲିଟର ଦେଶୀ ମଦ ଜବତ କରିବା ସହ ଜଣକୁ ଗିରଫ କରିଛି । ସେ ହେଲେ ରାମଚନ୍ଦ୍ରପୁର ଗ୍ରାମର ପବିତ୍ର ମୋହନ ପ୍ରଧାନ । ତାଙ୍କ ପାଖରୁ ୧୨୦ଟି ଦେଶୀ ମଦ ପାଉଚ ଜବତ ହୋଇଛି। ନଂ.୧୮୫/୧୯ରେ ମାମଲା ରୁଜୁ କରି ଗୁରୁବାର ପବିତ୍ରଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି।

### ଗଞ୍ଜାମ ଏନ୍‌ଏସି ଠିକାଦାରଙ୍କ ଧାରଣା ତୃତୀୟ ଦିନରେ

ଗଞ୍ଜାମ,୧୯।୯(ଡି.ଏନ.ଏ.): ବିଲ ପୈଠ ନ ହେବାରୁ ଏନ୍‌ଏସି କାର୍ଯ୍ୟାଳୟରେ ଗତ ୧୭ରୁ ଗଞ୍ଜାମ ଠିକାଦାରମାନେ ଧାରଣାରେ ବସିଛନ୍ତି। କୌଣସି ଅଧିକାରୀ ଧାରଣା ସ୍ଥଳକୁ ଆସି ନ ଥିବାରୁ ଠିକାଦାର ସଂଘ କ୍ଷୋଭ ପ୍ରକାଶ କରିଛି । ବୁଧବାର ଠିକାଦାରମାନେ ଜିଲାପାଳଙ୍କୁ ଭେଟି ସମସ୍ୟା ଜଣାଇଥିଲେ। ଠିକାଦାରମାନେ ପୁଣି ଅପରାହ୍ଣରେ ଡ୍ରଡ଼ା ପ୍ରକଳ୍ପ ନିର୍ଦ୍ଦେଶକ ସୁଦାମ ଚରଣ ମଣ୍ଡଳଙ୍କର ମଧ ଦୃଷ୍ଟି ଆକର୍ଷଣ କରିଥିଲେ। ସହରର ବିଭିନ୍ନ ସ୍ଥାନରେ ନୂତନ ଭାବେ ନିର୍ମାଣ ହୋଇଥିବା ପ୍ରକଳ୍ପଗୁଡ଼ିକୁ ଗୁରୁବାର ଏନ୍‌ଏସି ପ୍ରଶାସନିକ ଅଧିକାରୀ ତଥା ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଅନୁଧାନ କରି ଫେରିବା ପରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ କୁମାର ଟୁଡୁ ଧାରଣାରୁ ଓହରିଯିବା ପାଇଁ ଠିକାଦାରମାନଙ୍କୁ କହିଥିଲେ। କିନ୍ତୁ ସମସ୍ତ ବକେୟା ବିଲ ପୈଠ ନ ହେବା ପର୍ଯ୍ୟନ୍ତ ଧାରଣାରୁ ଓହରିବୁ ନାହିଁ ବୋଲି ସେମାନେ ମନା କରି ଦେଇଥିଲେ। ଉକ୍ତ ଫାଇଲ ପୁଣି ଉପଜିଲାପାଳଙ୍କ ନିକଟକୁ ପଠାଯାଇଥିବା ଜଣାପଡ଼ିଛି । ଠିକାଦାର ସଂଘ ସଭାପତି ଗିରିଜା ଶଙ୍କର ମହାପାତ୍ର, ସମ୍ପାଦକ ଆଶିଷ ବେହେରା, ସୁରେନ୍ଦ୍ର ପାଢ଼ୀ, ସୁରେଶ ପଣ୍ଡା, କୈଳାସ ଚନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ଦଳାଇ ପ୍ରମୁଖ ସାମିଲ ହୋଇଛନ୍ତି ।

### ୩ ଫେରାର ଅଭିଯୁକ୍ତ ଗିରଫ

ବୁଗୁଡ଼ା,୧୯।୯(ଡି.ଏନ.ଏ.): ବୁଗୁଡ଼ା ଥାନା ଅନ୍ତର୍ଗତ ଅରଖପୁର ଗ୍ରାମରୁ ଗୁରୁବାର ସକାଳେ ପୋଲିସ ୩ ଫେରାର ଅଭିଯୁକ୍ତଙ୍କୁ ୱାରେଣ୍ଟ ବଳରେ ଗିରଫ କରିଛି । ସେମାନେ ହେଲେ ଉକ୍ତ ଗ୍ରାମର ଖଡାଲ ସ୍ୱାଇଁ, ରୋହିତ ସ୍ୱାଇଁ ଓ ସୁଶାନ୍ତ ସ୍ୱାଇଁ । ଏକ ଗଣ୍ଡଗୋଳ ମାମଲାରେ ସମ୍ପୃକ୍ତ ଥାଇ ଏମାନେ ୬ ବର୍ଷ ହେଲା ଫେରାର ଥିଲେ। ଏ ନେଇ ଜିଆର ୯୧/୨୦୧୩ରେ ଏକ ମାମଲା ରହିଥିଲା।

■ ସମବାୟ ବିଭାଗର ଖାମଖିଆଲ ନୀତି

# ଗଞ୍ଜାମ ଜିଲାର ୬୦% ଚାଷୀ ବିକିପାରିବେନି ଧାନ

ପାତ୍ରପୁର,୧୯।୯(ଡି.ଏନ୍.ଏ.)

ଚଳିତ ଖରିଫ ଋତୁରେ ଧାନ ବିକ୍ରି ପାଇଁ ଅନ୍ ଲାଇନରେ ଚାଷୀ ପଞ୍ଜୀକରଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରୁ ଚାଷୀଙ୍କ ଠାରୁ ଧାନ କିଣିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ହେଲେ ସମବାୟ ବିଭାଗର ଖାମଖିଆଲ ନୀତି ଯୋଗୁ ଗଞ୍ଜାମ ଜିଲାର ଅନଲାଇନ୍ ମାଧ୍ୟମରେ ପଞ୍ଜୀକରଣ କରିଥିବା ଶତକଡ଼ା ୬୦% ଚାଷୀ ଧାନ ବିକ୍ରି କରି ପାରିବେ ନାହିଁ।

ମିଳିଥିବା ସୂଚନା ଅନୁଯାୟୀ ଗତ ୩ବର୍ଷ ତଳେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ସମବାୟ ବିଭାଗ ଚାଷୀମାନଙ୍କ ଅନ୍‌ଲାଇନ୍ ପଞ୍ଜୀକରଣ କରି ଧାନ ବିକ୍ରି ପ୍ରକ୍ରିୟା ଆରମ୍ଭ କରିଥିଲେ। ପରେ ବିଭାଗ ପକ୍ଷରୁ ପ୍ରତିବର୍ଷ ଖରିଫ ଋତୁରେ ତାଲିକାକୁ ନବୀକରଣ କରାଯିବା ସହ ନୂଆରେ ସାମିଲ ହେବାକୁ ଥିବା ଚାଷୀଙ୍କୁ ସାମିଲ ଓ ମୃତ୍ୟୁବରଣ କରିଥିବା ଚାଷୀଙ୍କୁ ବାଦଦେଇ ଧାନ କିଣୁଥିଲା। ଚଳିତବର୍ଷ ଅଗଷ୍ଟ ମାସରେ ବିଭାଗ ପକ୍ଷରୁ ପୁରୁଣା ତାଲିକାକୁ ସମ୍ପୂର୍ଣ୍ଣ ହଟାଇ ନୂଆରେ ପଞ୍ଜୀକରଣ ପାଇଁ ସମବାୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ସ୍ୱଳ୍ପ ସମୟ ମଧ୍ୟରେ ପୁଣି ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ଆସିବା ପରେ ସମବାୟ ସମିତି, ପ୍ୟାକସ୍, ଲ୍ୟାମ୍ପସ ଯୁଦ୍ଧକାଳୀନ ଭିତ୍ତିରେ ଚାଷୀଙ୍କ ନାମ ଫୁଡ୍ ଓଡ଼ିଶା ପୋର୍ଟାଲରେ ପଞ୍ଜୀକରଣ କରିଥିଲା। ସମବାୟ ବିଭାଗର ଉପରିସ୍ଥ କର୍ମଚାରୀ ସମିତି ସମ୍ପାଦକମାନଙ୍କୁ ଚାଷୀଙ୍କ ପଞ୍ଜୀକରଣ କାର୍ଯ୍ୟ କିଭଳି ଶୀଘ୍ରହେବ ସେନେଇ ବାରମ୍ବାର ଚାପ ପକାଇଥିଲେ। ଫଳରେ ଗତବର୍ଷ ଗଞ୍ଜାମ ଜିଲାରେ ୧,୨୮,୭୦୦ ଚାଷୀ ପଞ୍ଜୀକରଣ କରିଥିବାବେଳେ ଚଳିତବର୍ଷ ୧,୩୦,୫୬୪ ଚାଷୀ ପଞ୍ଜୀକରଣ କରିଛନ୍ତି। ଏତେସଂଖ୍ୟକ ଚାଷୀ ପଞ୍ଜୀକରଣ କରିଥିଲେ ମଧ ଅଧାରୁ ଅଧିକ ଚାଷୀ ଧାନ ବିକ୍ରିରୁ ବାଦ ପଡ଼ିବା ସମ୍ଭାବନା ଦେଖାଦେଇଛି। ପ୍ରକୃତରେ ଚାଷୀ ଚାଷ କରୁଥିବା ଜମିର ସମସ୍ତ ତଥ୍ୟ ସହ ଆଧାର ନମ୍ବର, ବ୍ୟାଙ୍କ ଆକାଉଣ୍ଟ ନମ୍ବର, ମୋବାଇଲ ନମ୍ବର ସମିତି ସମ୍ପାଦକଙ୍କୁ ଦେଇଥିଲେ। ସମ୍ପାଦକ ଉକ୍ତ ତଥ୍ୟ ନେଇ ସୋସାଇଟିର ଡ଼ାଟା ଏଣ୍ଟ୍ରି କର୍ମଚାରୀଙ୍କୁ ଦେଇଥିଲେ। ଡ଼ାଟାଏଣ୍ଟ୍ରି କର୍ମଚାରୀମାନେ ଚାଷୀଙ୍କ ସମସ୍ତ ଜମିର ଖତିଆନ ନମ୍ବର ସହ ପ୍ଲଟ ନମ୍ବର ପୋର୍ଟାଲରେ ଲିଙ୍କ୍ କରିବା କଥା। ହେଲେ ବିଭାଗର ଉପରିସ୍ଥ କର୍ମଚାରୀଙ୍କ ନିର୍ଦ୍ଦେଶ ମୁତାବକ ଚାଷୀ ଦେଇଥିବା ସମସ୍ତ ଜମି ମଧ୍ୟରୁ କେବଳ ଗୋଟିଏ କିମ୍ବା ଦୁଇଟି ଜମିର ତଥ୍ୟଦେଇ ପରେ ବାକି ଜମିର ତଥ୍ୟ ଲିଙ୍କ୍ କରିବାକୁ ନିଷ୍ପତ୍ତି ହୋଇଥିଲା।

କିନ୍ତୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଅଗଷ୍ଟ ମଧ ଭାଗରେ ଚାଷୀ ପଞ୍ଜୀକରଣ ତାଲିକାକୁ ଅପଡ଼େଟ କରାଯାଇଥିଲା। ଫଳରେ ଅଳ୍ପ ଜମି ଦେଇ ତରବରିଆ ଭାବେ ପଞ୍ଜୀକରଣ କରାଯାଇଥିବା ଚାଷୀଙ୍କ ଲିଙ୍କ୍‌ରେ ବଳକା ଜମିର ପ୍ଲଟ ନମ୍ବର ଆଉ ସାମିଲ ହୋଇପାରିଲାନାହିଁ। ବିଭାଗ ପକ୍ଷରୁ ତରବରିଆ ଭାବେ ଚାଷୀଙ୍କ ପଞ୍ଜୀକରଣ ତାଲିକା ଅପଡ଼େଟ ହେବା ଦିନଠାରୁ ଉପରିସ୍ଥ କର୍ମଚାରୀ ଓ ସମବାୟ ସମ୍ପାଦକଙ୍କ ମୁଣ୍ଡବିନ୍ଧା ଆରମ୍ଭ ହୋଇଛି। ମାତ୍ର ଏନେଇ ଚାଷୀଙ୍କ ପାଖରେ କୌଣସି ସୂଚନା ନାହିଁ। ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଲେ ଚାଷୀ ଅସନ୍ତୋଷ ବୃଦ୍ଧି ପାଇବା ସହ ଆନ୍ଦୋଳନ ହେବା ନିଶ୍ଚିତ। ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଲେ ଚାଷୀ ୫୦ କୁଇଣ୍ଟାଲ ସ୍ଥାନରେ ୫ କୁଇଣ୍ଟାଲ ବିକ୍ରି କରିବା ପାଇଁ ବିଭାଗରୁ ନିର୍ଦ୍ଦେଶ ଆସିବ। ଫଳରେ ଚାଷୀ କମ୍ ଧାନ ସରକାରଙ୍କୁ ଦେଇ ବଳକା ଧାନକୁ ଶାଗମାଛ ଦରରେ ଦଲାଲଙ୍କୁ ବିକି କ୍ଷତି ସହିବେ।

ଏନେଇ ବ୍ରହ୍ମପୁରଠାରେ ଥିବା ସମବାୟ ବ୍ୟାଙ୍କର ଏଆର୍‌ସିସି ଶିବ ପ୍ରସାଦ ସ୍ୱାଇଁଙ୍କୁ ପଚାରିବାରୁ ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ଧାନ ବିକ୍ରି କରିବା ପାଇଁ ଅଧିକା ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଚଳିତ ବର୍ଷ ଫୁଡ଼ ଓଡ଼ିଶା ପ୍ରୋଟାଲ୍‌ରେ ଆଗୁଆ ପଞ୍ଜୀକରଣ କରିଥିବା ଚାଷୀଙ୍କ ତଥ୍ୟକୁ ଆଗୁଆ ଅପଗ୍ରେଡ଼୍ କରା ଯାଇଛି, ଯାହା ଫଳରେ ଅପଗ୍ରେଡ଼୍ ହୋଇଥିବା ଚାଷୀଙ୍କ ସମସ୍ତ ଜମି ପୋର୍ଟାଲକୁ ଆସିପାରି ନାହିଁ ଏନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ଅନୁରୋଧ କରିଛୁ। ବିଭାଗ ଅନୁମତି ଦେଲେ ସଂପୃକ୍ତ ଚାଷୀଙ୍କ ସମସ୍ତ ଜମିର ପ୍ଲଟ ନମ୍ବରକୁ ପୋର୍ଟାଲରେ ସଂଯୋଗ କରାଯିବ ବୋଲି ସୂଚନା ଦେଇଛନ୍ତି।

## ଅର୍ଚ୍ଚିତାଙ୍କୁ ମିଳିଲା ସହାୟତା



ଅର୍ଚ୍ଚିତାଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଉଛି ।

**ଧରିତ୍ରୀ ପ୍ରଭାବ**

ଫିରିଙ୍ଗିଆ,୧୯।୯

ଏକ ସଡ଼କ ଦୁର୍ଘଟଣାରେ ଫିରିଙ୍ଗିଆ ବ୍ଲକ ପଲାବୃଡି ପଞ୍ଚାୟତ ସ୍ରାଡିମୁଣ୍ଡାର କରୁଣାକର କ୍ଷେତି ହାତ ଓ ତାଙ୍କ ଝିଅ ଅର୍ଚ୍ଚିତାଙ୍କ ଗୋଡ଼ ହରାଇ ଦୁଃଖଦୁର୍ଦ୍ଦଶାରେ କାଳାତିପାତ କରୁଥିଲେ। ଏ ନେଇ ଗତ ୧୦ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ସହାୟତା ଯୋଗାଇ ଦେବାକୁ ପ୍ରଶାସନ ତତ୍ପର ହୋଇଛି । ଗୁରୁବାର ଜିଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ପକ୍ଷରୁ ଅର୍ଚ୍ଚିତାଙ୍କୁ ଏକ ହ୍ୱିଲ ଚେୟାର ଏବଂ ଆଶାବାଡି ଯୋଗାଇ ଦିଆଯାଇଛି । ସେହିପରି ବ୍ଲକ ପକ୍ଷରୁ ତାଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର କରାଯାଇଛି। ବ୍ଲକ ସାମାଜିକ ସୁରକ୍ଷା ସୁରକ୍ଷା ଅଧିକାରୀ ମୈତ୍ରୀ ଶତପଥୀ କରୁଣାକରଙ୍କ ଘରକୁ ଯାଇ ପ୍ରମାଣପତ୍ର ଯୋଗାଡ କରି ଅର୍ଚ୍ଚିତାଙ୍କର ଦିବ୍ୟାଙ୍ଗ ସାର୍ଟିଫିକେଟ କରାଇ ଦେଇଥିଲେ। ପରେ ଭତ୍ତା ନିମନ୍ତେ ଫର୍ମ ପୂରଣ ସରିଛି । ତାଙ୍କୁ ଖୁବ୍‌ଶୀଘ୍ର ଭତ୍ତା ପ୍ରଦାନ କରାଯିବ । ବ୍ଲକ ଗୋଷ୍ଠୀ ସମ୍ବଳ ଶିକ୍ଷକ ମିହିର କୁମାର ତ୍ରିପାଠୀ ଅର୍ଚ୍ଚିତାଙ୍କୁ ବସ୍‌ରେ ଫୁଲବାଣୀ ଆଣି ଭିନ୍ନକ୍ଷମ ଥଇଥାନ କେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ କେନ୍ଦ୍ର ଅଧିକାରୀ ଅକ୍ଷୟ କୁମାର ପଣ୍ଡା ହ୍ୱିଲ ଚେୟାର ଏବଂ ଆଶାବାଡି ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ, ଗତ ଜାନୁୟାରୀ ମାସରେ ଅର୍ଚ୍ଚିତା ଏବଂ ତାଙ୍କ ମା' ବାପା ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ବରେବାଟା ପାଖରେ ଏକ ଅଟୋ ସହ ସେମାନଙ୍କର ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ଆହତମାନଙ୍କୁ ଫିରିଙ୍ଗିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ହେଲେ ବାପା, ଝିଅଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ସେମାନଙ୍କୁ ବ୍ରହ୍ମପୁର ମେଡିକାଲ ପଠାଯାଇଥିଲା । ସେଠାରେ ଅର୍ଚ୍ଚିତାଙ୍କ ଡାହାଣ ଗୋଡ ଏବଂ କରୁଣାକରଙ୍କ ଡାହାଣ ହାତ କଟା ଯାଇଥିଲା ।

■ ବ୍ୟାଙ୍କରେ ଗ୍ରାହକଙ୍କୁ ଦୁର୍ବ୍ୟବହାର ଘଟଣା

# ଉଚ୍ଚ କର୍ତ୍ତୃପକ୍ଷଙ୍କ ତଦନ୍ତ ଆରମ୍ଭ

ଦାରିଙ୍ଗବାଡ଼ି,୧୯।୯(ଡି.ଏନ.ଏ.)

ଦାରିଙ୍ଗବାଡ଼ି ବ୍ଲକ ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଶାଖା ପରିଚାଳକ ଜଣେ ଜନଜାତି ସମ୍ପ୍ରଦାୟର ଗ୍ରାହକଙ୍କୁ ଜାତିକୁ ଆକ୍ଷେପ କରି ଗାଳିଗୁଲଜ ଓ ଦୁର୍ବ୍ୟବହାର ନେଇ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା। ଗୁରୁବାର ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଦାରିଙ୍ଗବାଡ଼ିରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବାଲିଗୁଡ଼ା ବ୍ୟାଙ୍କର ମୁଖ୍ୟ ଶାଖା ପରିଚାଳକ ଦେବାଶିଷ ପରିଡ଼ା ଏବଂ ଫୁଲବାଣୀ ବ୍ୟାଙ୍କର ମୁଖ୍ୟ ଶାଖା ପରିଚାଳକ ରବୀନ୍ଦ୍ରନାଥ ବରାଡ଼ ପ୍ରମୁଖ ପହଞ୍ଚି ସ୍ଥାନୀୟ ଗ୍ରାହକ, ବ୍ୟବସାୟୀ ସଂଘର ସଭାପତି ଅରୁଣ କୁମାର ସାହୁ, ସମ୍ପାଦକ ସନ୍ତୋଷ କୁମାର ସାହୁ ଏବଂ ବିଭିନ୍ନ ସଙ୍ଗଠନ ଓ ସାମାଜିକକର୍ମୀଙ୍କୁ ବ୍ୟାଙ୍କର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ତେବେ ସମସ୍ତଙ୍କ ଏକା



ଦୁଇ ଅଧିକାରୀ ତଦନ୍ତ କରୁଛନ୍ତି।

ଅଭିଯୋଗ ଯେ ବ୍ୟାଙ୍କରେ ଭିଡ଼ ଯୋଗୁ ଗ୍ରାହକ ଠିକଭାବେ ସେବା ପାଇ ପାଇପାରୁନାହାନ୍ତି। ଫଳରେ ବାହାରେ ବେଆଇନ ଭାବେ ବିଭିନ୍ନ ବ୍ୟବସାୟୀ ସ୍ୱାଇପ ମେଶିନ ସହ ଘରୋଇ ସଂସ୍ଥା ଦ୍ୱାରା ଅର୍ଥ କାରବାର କରି ଲୋକଙ୍କୁ ଲୁଟୁଛନ୍ତି। ଉତ୍ତମ ସେବା ଯୋଗାଇବାକୁ ହେଲେ ଦାରିଙ୍ଗବାଡ଼ିରେ ଆଉ ଗୋଟିଏ ବ୍ୟାଙ୍କର ଶାଖା ଖୋଲାଯିବା ସହ ଅଧିକ ଏଟିଏମ୍ କାଉଣ୍ଟର ଖୋଲାଯାଉ। ବ୍ୟାଙ୍କରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ୨ ଅଧିକାରୀ ଅବଗତ ହେବା ସହ ସମାଧାନ ଦିଗରେ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ଭାଜପା ତରଫରୁ ସେବା ସପ୍ତାହ ପାଳନ

ପାଟପୁର,୧୯।୯(ଡି.ଏନ.ଏ.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୬୯ ତମ ଜନ୍ମଦିନ ଅବସରରେ ଗୁରୁବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସାନଖେମୁଣ୍ଡି ବ୍ଲକ ଟି.ଗୋବିନ୍ଦପୁର ପଞ୍ଚାୟତ ଶ୍ରୀରାମନଗରଠାରେ ପରିବେଶ ସୁରକ୍ଷା ଉପରେ ଜନସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାନଖେମୁଣ୍ଡି ଭାଜପା ନେତା ତଥା ରାଜ୍ୟ ସାଧାରଣ ଓବିସି ମୋର୍ଚ୍ଚାର ସମ୍ପାଦକ ବିଜୟ ସ୍ୱାଇଁଙ୍କ ନେତୃତ୍ୱରେ କର୍ମୀ ଓ ନେତାମାନେ ପରିବେଶ ସୁରକ୍ଷା ଉପରେ ଲୋକଙ୍କୁ ସଚେତନତା କରାଇଥିଲେ। ପରେ ତପ୍ତପାଣିସ୍ଥିତ ହନୁମାନ ମନ୍ଦିର ପରିସରରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବୃକ୍ଷ ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଲିଟୁ ପ୍ରଧାନ, ଟି.ଗୋବିନ୍ଦପୁର ସରପଞ୍ଚ ମଙ୍ଗଳା ଗମାଙ୍ଗ, ରେପିକା ଜାନି, ସନ୍ତୋଷ ଦଳାଇ, ଭୀମସେନ ମଣ୍ଡଳ, ଜମୁନା ନାୟକ, ଡି.ଦଣ୍ଡପାଣି, ଏମ୍.ଚିନ୍ମୟ ରେଡ୍ଡୀ, ଟି.ମୁନେସୁ ଦୋରା, ପବିତ୍ର ତ୍ରିପାଠୀ ପ୍ରମୁଖ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ବିଶ୍ୱାବସୁ କ୍ଲାମ୍ବୁ ଫୁଟବଲ ଟିମ୍‌ର ବିଜୟ ଉତ୍ସବ



ଅସ୍ତ୍ରଶସ୍ତ୍ର ଧରି ଲୋକେ ଉତ୍ସବ ମନାଉଛନ୍ତି।

ଫିରିଙ୍ଗିଆ, ୧୯।୯

ଫିରିଙ୍ଗିଆ ଏମ୍‌ଇ ସ୍କୁଲଠାରେ ଚାଲିଥିବା କୁଇ କ୍ଲାମ୍ବୁ ଫୁଟବଲ ପ୍ରତିଯୋଗିତାରେ ବିଶ୍ୱାବସୁ କ୍ଲାମ୍ବୁ ଫୁଟ୍‌ବଲ ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲରେ ଧରା ବିଶୋୟୀ ଟିମ୍‌କୁ ୪-୦ ଗୋଲରେ ବିଶ୍ୱାବସୁ ଟିମ୍ ହରାଇ ଚାମ୍ପିୟନ ହୋଇଛି। ଚାମ୍ପିୟନ ଟିମ ମୁଖିଆ ଗୁଣନିଧି କହଁରଙ୍କ ନେତୃତ୍ୱରେ ଫିରିଙ୍ଗିଆର ଆରାଧ୍ୟା ଦେବୀ ମା' ପୀତାବଳିଙ୍କ ପୀଠରେ ପୂଜାର୍ଚ୍ଚନା କରାଯିବା ପରେ ବିଜୟ ଉତ୍ସବ ପାଳନ କରାଯାଇଛି । ବହୁ ସଂଖ୍ୟାରେ ଲୋକେ ପାରମ୍ପରିକ ବସ୍ତ୍ର ପରିଧାନ କରି ଅସ୍ତ୍ରଶସ୍ତ୍ର ଧରି ନାଚି ନାଚି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ବିଶ୍ୱରଞ୍ଜନ କହଁର, ଉମାକାନ୍ତ କହଁର, ଦେବରାଜ କହଁର, ବୁଦ୍ଧଦେବ କହଁର, ଦୀନବନ୍ଧୁ କହଁର ପ୍ରମୁଖ ଏଥିରେ ସହଯୋଗ କରିଥିଲେ । ସୂଚନାଯୋଗ୍ୟ, ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ବନବାସୀ କଲ୍ୟାଣ ଆଶ୍ରମ ଦ୍ୱାରା କୁଇ କ୍ଲାମ୍ବୁ ଫୁଟବଲ ପ୍ରତିଯୋଗିତା ଗତ ୨୯ ତାରିଖରୁ ଆରମ୍ଭ ହୋଇ ୧୦ରେ ସରିଥିଲା ।

# ବିଜେଡିର ସଭ୍ୟ ସଂଗ୍ରହ ପ୍ରସ୍ତୁତି ବୈଠକ

ଡୁମୁଡ଼ିବନ୍ଧ,୧୯।୯(ଡି.ଏନ.ଏ.)

ଡୁମୁଡ଼ିବନ୍ଧ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ସଭ୍ୟ ସଂଗ୍ରହ ପାଇଁ ଏକ ପ୍ରସ୍ତୁତି ବୈଠକ ଆମ୍ବେଡକର ଛକ ସ୍ଥିତ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ଲକ ବିଜେଡି ସଭାପତି ପ୍ରମୋଦ କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର ସମ୍ମାନିତ ଅତିଥି ଭାବରେ ପୂର୍ବତନ ବିଧାୟକ ରାଜୀବ ପାତ୍ର, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପାତ୍ର, ବ୍ଲକ ବିଜେଡି ମହିଳା ମୋର୍ଚ୍ଚାର ସଭାନେତ୍ରୀ ମୟନ୍ତୀ ପାଟମାଝୀ, ଏସସି ସେଲର ଜିଲା ଉପସଭାପତି ଅମିୟ କୁମାର ପରାସେଟ, ସହସମ୍ପାଦକ ବଙ୍ଗାଳି ବଡ଼ସେଟ୍, ପୂର୍ବତନ ସଭାପତି ରାଜକିଶୋର ବାରିକ, ବରିଷ୍ଠ



ବୈଠକରେ ଆଲୋଚନା ଚାଲିଛି।

କର୍ମୀ ଶ୍ୟାମ ସୁନ୍ଦର ବଡ଼ସେଟ୍, ଜୋହନ ବାରିକ, ଉମେଶ ଚନ୍ଦ୍ର ଦଣ୍ଡସେନା ପ୍ରମୁଖ ଯୋଗଦେଇଥିଲେ। ବୈଠକରେ କିପରି ସଭ୍ୟ ସଂଗ୍ରହ କରାଯିବ ସେ ନେଇ ବିଧାୟକ କହଁର ଓ ପୂର୍ବତନ ବିଧାୟକ ପାତ୍ର ଉପସ୍ଥିତ କର୍ମୀମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଡୁମୁଡ଼ିବନ୍ଧ ବ୍ଲକର ୧୧ ପଞ୍ଚାୟତର ସଭାପତି, ସରପଞ୍ଚ, ସମିତିସଭ୍ୟାସଭ୍ୟ ଓ ବରିଷ୍ଠ କର୍ମୀମାନେ ଉପସ୍ଥିତ ଥିଲେ।

## ଜୁଆ ଆଡ୍ଡାରେ ଚଢ଼ାଉ, ୬ ଗିରଫ

ପାଟପୁର,୧୯।୯(ଡି.ଏନ.ଏ.)

ପାଟପୁର ଥାନା ରଘୁନାଥପୁର ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡାରେ ଗୁରୁବାର ସନ୍ଧ୍ୟାରେ ପୋଲିସ ଚଢାଉ କରିଥିଲା। ସେମାନଙ୍କ ନିକଟରୁ ଦୁଇ ମୁଠା ତାସ, ୧୦,୧୩୦ ଟଙ୍କା ଜବତ କରାଯାଇଛି। ରଘୁନାଥପୁର ଗ୍ରାମ ନିକଟ ନଡିଆ ତୋଟା ନିକଟରେ ଜୁଆଆଡ୍ଡା ଚାଲିଥିବା ନେଇ ପୋଲିସ ଖବର ପାଇ ଚଢାଉ କରିଥିଲା । କେଶ ନଂ.୧୮୮/୧୯ରେ ମାମଲା ରୁଜୁ କରାଯାଇଥିବା ପାଟପୁର ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ବେଗୁନିଆପଡ଼ା,୧୯।୯(ଡି.ଏନ.ଏ.)

ବେଗୁନିଆପଡ଼ା ସ୍ଥିତ ରାଜପୁରଠାରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଗୁରୁବାର ବିଦ୍ୟାଳୟ ପରିସରରେ ଭାରପ୍ରାପ୍ତ ଅଧକ୍ଷା ଲକ୍ଷ୍ମୀପ୍ରିୟା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଅତି କମ୍ ସମୟରେ ବେଶ ଉନ୍ନତି କରିଥିବା ବେଳେ ଛାତ୍ରୀଛାତ୍ରମାନଙ୍କର ଉତ୍ତମ ଶିକ୍ଷା ପାଇଁ ସମସ୍ତେ ଚେଷ୍ଟା କରିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଏବିଇଓ ରବି ନାରାୟଣ ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗ ଦେଇଥିଲେ।

# ଗୁଣାତ୍ମକ ବିହନ ତାଲିମ୍ ଶିବିର

**ଫୁଲବାଣୀ ଅଫିସ, ୧୯।୯:** କ.ନୂଆଗାଁ ବ୍ଲକ୍ ବଣ୍ଡଗୁଡ଼ା ପଞ୍ଚାୟତ ସଭାଗୃହରେ ବିହନ ପରିଚାଳନା ଶୀର୍ଷକ ଏକ ଦିନିକିଆ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଣ୍ଡଗୁଡ଼ା, ସାରଙ୍ଗଡ଼, ଜିରିଡିକିଆ ପଞ୍ଚାୟତର ପୁରୁଷ ଓ ମହିଳା ଚାଷୀ ଯୋଗଦେଇ ନିଜର ଧାନ ବିହନକୁ କିପରି ସାଧାରଣ ଜ୍ଞାନ କୌଶଳରେ ବିଶୋଧନ କରି ବ୍ୟବହାର କରିପାରିବ ସେ ସମ୍ପର୍କରେ ତାଲିମ୍ ନେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରା ଯୋଗଦେଇ ବିଭିନ୍ନ ଜ୍ଞାନ କୌଶଳ ବ୍ୟବହାର କରି ଅଧିକ ଅମଳ କରିବାକୁ ଚାଷୀଙ୍କୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ନାଏବ ସରପଞ୍ଚ ଜୀବେଶ୍ୱର ପ୍ରଧାନ ଓ ପୂର୍ବତନ ସରପଞ୍ଚ ଲାମ୍ବୁରା ପ୍ରଧାନ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ଆନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ରର ଆଶିଷ କୁମାର ମହାପାତ୍ର ବିହନ ସଂଗ୍ରହର ଉପାୟ, ବିଶୋଧନର ସାଧାରଣ ପ୍ରକ୍ରିୟା ବିଷୟରେ ଚାଷୀଙ୍କୁ ବୁଝାଇଥିଲେ । ଏହି ଅବସରରେ ଅଂଶଗ୍ରହଣକାରୀଙ୍କୁ ସାରଙ୍ଗଡ଼ ଓ ବଣ୍ଡଗୁଡ଼ା ପଞ୍ଚାୟତରେ କ୍ଷେତ୍ର ପରିଦର୍ଶନ କରାଯାଇ ବିହନ ବିଶୋଧନ ପ୍ରକ୍ରିୟା ଉପରେ ତାଲିମ ପ୍ରଦାନ କରାଯାଇଥିଲା । ସ୍ୱାତୀ କର୍ମୀ ବିଶ୍ୱରଞ୍ଜନ କର କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସମ୍ପାଦକ ଇଂ. ହରିଶଙ୍କର ରାଉତ ଚାଷୀମାନଙ୍କୁ ଆଗାମୀ ଦିନର କାର୍ଯ୍ୟପନ୍ଥା ନିର୍ଦ୍ଧାରଣରେ ଯୁବପିଢ଼ିମାନଙ୍କୁ ଆଗକୁ ଆଣିବା ପାଇଁ ଆହ୍ୱାନ ଦେଇଥିଲେ । କର୍ମୀ ଦେବରାଜ ପ୍ରଧାନ ଓ ପ୍ରଭାତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




ତାଲିମ ଶିବିରରେ ଉପସ୍ଥିତ ଚାଷୀ।

# ଗର୍ଭଧାରଣ ପୂର୍ବ ପର ନିଦାନ କୌଶଳ ସମ୍ପର୍କିତ ବୈଠକ

ଫୁଲବାଣୀ ଅଫିସ, ୧୯।୯

ଗର୍ଭଧାରଣ ପୂର୍ବ ଓ ପ୍ରସୂତି ପୂର୍ବ ନିଦାନ କୌଶଳ(ଲିଙ୍ଗ ଚୟନ ନିଷେଧ) ଅଧିନିୟମ ସମ୍ପର୍କୀତ ଉପଦେଷ୍ଟା ପରିଷଦ ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ସମୀର କୁମାର ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ । ଅକ୍ଟୋବର ୬ରେ ଅନୁଷ୍ଠିତ ବୈଠକର ବିବରଣୀ ସମ୍ପର୍କରେ ପ୍ରଥମେ ଆଲୋଚନା କରାଯାଇଥିଲା।

ବାଲିଗୁଡ଼ା ଓ ଫୁଲବାଣୀରେ ରେଡିଓଲୋଜିଷ୍ଟ ପଦବୀ ପୂରଣ ପାଇଁ ବିଜ୍ଞାପନ ଦିଆ ଯାଇଥିଲା। ମାତ୍ର ନିର୍ଦ୍ଦିଷ୍ଟ ତାରିଖରେ କେହି ଜଣେ ବି ମୌଖିକ ପରୀକ୍ଷା ଦେବା ପାଇଁ ଆସିଲେ ନାହିଁ। ପୂର୍ବ ପ୍ରସ୍ତାବ ଅନୁଯାୟୀ ବାଲିଗୁଡ଼ା ଉପଖଣ୍ଡ ସଦର ମହକୁମାରେ ଅଲଟ୍ରାସାଉଣ୍ଡ କ୍ଲିନିକ୍ ପଞ୍ଜୀକୃତ ପାଇଁ ମେଶିନ୍‌ର ମେକ୍



ବୈଠକରେ ଉପସ୍ଥିତି ଅଧିକାରୀ ଓ ଅନ୍ୟମାନେ ।

ଓ ମଡେଲ୍ ବ୍ୟତୀତ ଅନ୍ୟ ଦରକାରୀ କାଗଜ ପତ୍ର ସଂଗ୍ରହ କରାଯାଇଛି । ସେଗୁଡ଼ିକୁ କନ୍ଧମାଳ ଜିଲାପାଳ ତଥା ଗର୍ଭଧାରଣ ପୂର୍ବ ଓ ପ୍ରସୂତି ପୂର୍ବ ନିଦାନ କୌଶଳର ପ୍ରାଧିକୃତ ଅଧିକାରୀଙ୍କ ଅନୁମୋଦନ ପାଇଁ ପଠାଯାଇଛି। ଉପଦେଷ୍ଟା ପରିଷଦର ଅନ୍ୟତମ ସଦସ୍ୟ ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ ଏହି ବୈଠକକୁ ନିୟମିତ ଭାବେ ଆହ୍ୱାନ କରିବା ସହିତ ତାଲିମ ପ୍ରାପ୍ତ ରେଡିଓଲୋଜିଷ୍ଟ ପଦବୀ ପୂରଣ ଲାଗି ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡା. ପି. କେ. ତ୍ରିପାଠୀ, ବରିଷ୍ଠ ଶଲ୍ୟ ଚିକିତ୍ସା ପରାମର୍ଶଦାତା ଡା. ସି. ନାରାୟଣ ସୁବୁଦ୍ଧି, ବରିଷ୍ଠ ପରାମର୍ଶଦାତା(ସ୍ତ୍ରୀ ଓ ପ୍ରସୂତୀ) ଡା. ଅଭୟ କୁମାର ପଟ୍ଟନାୟକ, ବରିଷ୍ଠ ମେଡିସିନ୍ ପରାମର୍ଶଦାତା ଡା. ବିଦ୍ୟାଧର ପାତ୍ର, ବରିଷ୍ଠ ଶିଶୁରୋଗ ପରାମର୍ଶଦାତା ଡା. ଦୋଳମଣି ପ୍ରଧାନ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା କାର୍ଯ୍ୟକ୍ରମ ପରିଚାଳକ ବୁଲୁନାଥ ସାହୁ, ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଇନା' ର କର୍ମକର୍ତ୍ତାଙ୍କ ସମେତ ଉପଦେଷ୍ଟା ପରିଷଦର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ସଂକ୍ଷେପରେ

### କୁପୋଷଣ ସଚେତନତା




ଜୟପୁର,୧୯।୯(ନି.ପ୍ର.): ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ସେବା ଯୋଜନା ଏବଂ ୟୁଥ୍ ରେଡକ୍ରସ ତରଫରୁ କିଶୋରୀ ଛାତ୍ରୀଙ୍କୁ କୁପୋଷଣ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ୟୁଥ୍ ରେଡକ୍ରସ କାଉନସେଲର କନକଲତା ମହାପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟର ଗୃହ ବିଜ୍ଞାନ ଆସୋସିଏଟ ପ୍ରଫେସର ମନୋରମା ଦେବୀ ଛାତ୍ରୀଙ୍କୁ କୁପୋଷଣର କାରଣ ଓ ଭୟାବହତା ସମ୍ବନ୍ଧରେ ଜଣାଇଥିଲେ। ପୁଷ୍ଟିହୀନତା, ରକ୍ତହୀନତାରୁ ମୁକ୍ତି ପାଇବା ପାଇଁ ଖାଦ୍ୟର କ୍ୟାଲୋରି ପରିମାଣ, ଜୀବସାର, ଭିଟାମିନ, ସ୍ନେହସାର ଥିବା ଖାଦ୍ୟ ଖାଇବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ମନୋରଞ୍ଜନ ପ୍ରଧାନ, ସିଦ୍ଧାନନ୍ଦ ପ୍ରଧାନ, ରାଜଲକ୍ଷ୍ମୀ ଭୋଳ ଉପସ୍ଥିତ ଥିଲେ।

### ମଇଁଷି ଦ୍ୱାରା ଧାନ ଫସଲ ନଷ୍ଟ

ଗୋପାଳପୁର,୧୯।୯: ରଙ୍ଗେଇଲୁଣ୍ଡା ବ୍ଲକର ୫ ପଞ୍ଚାୟତରେ ହୋଇଥିବା ଧାନ ଫସଲରେ କିଛି ଲୋକ ମଇଁଷି ପୁରାଇ ନଷ୍ଟ କରୁଥିବା ନେଇ ଗୁରୁବାର ଗ୍ରାମବାସୀ ଗୋଳନ୍ଥରା ଥାନାରେ ଅଭିଯୋଗ କରିଛନ୍ତି। ମାର୍କଣ୍ଡି, ମେଣ୍ଢରାଜପୁର, କେଲୁଆପୁଲି, ଇନ୍ଦ୍ରାକ୍ଷୀ ଓ ଅନ୍ୟ ପଞ୍ଚାୟତର ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିଲେ। ଖୁବଶୀଘ୍ର ଏହାର ସମାଧାନ କରାଯିବ ବୋଲି ପୋଲିସ କହିଥିଲା। ଅପରପକ୍ଷରେ ତତଡାପୁଲି ଗ୍ରାମର ଲୋକ ସେହି ଅଞ୍ଚଳରେ ମଇଁଷି ବାନ୍ଧୁଥିଲେ। ବର୍ତ୍ତମାନ ସେଠାରେ ମଇଁଷି ବାନ୍ଧିବୁ ନାହିଁ ବୋଲି ଲିଖିତ ଭାବେ ଥାନାରେ ଜଣାଇଥିଲେ।

### ଅଭିଭାବକ ସମ୍ମିଳନୀ

ଜୟପୁର,୧୯।୯(ନି.ପ୍ର.): ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୩ ସ୍ତରରେ ତିନିଦିନିଆ ଶିକ୍ଷକ-ଶିକ୍ଷାର୍ଥୀ-ଅଭିଭାବକ ସମ୍ମିଳନୀ ଉଦ୍‌ଘାଟିତ ହୋଇଛି । କଲେଜ ଅଧ୍ୟକ୍ଷା ମନୋରମା ଦେବୀ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରି ଅଭିଭାବକଙ୍କୁ ସେମାନଙ୍କ ଗୁରୁ ଦାୟିତ୍ୱ ସମ୍ବନ୍ଧରେ ପରାମର୍ଶ ଦେଇଥିଲେ। ଅଧ୍ୟାପକ ମନୋରଞ୍ଜନ ପ୍ରଧାନ ସ୍ୱାଗତ ଭାଷଣ ଦେଇ ଅଭିଭାବକଙ୍କୁ ଶିକ୍ଷା ବିକାଶର ମୁଖ୍ୟସ୍ତମ୍ଭ ବୋଲି କହିବା ସହ ପିଲାଙ୍କ ବିକାଶ ପାଇଁ ସେମାନଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ଇତିହାସ ବିଭାଗର ମୁଖ୍ୟ କନକଲତା ମହାପାତ୍ର ସରକାରଙ୍କ ଉପସ୍ଥାନ ସମ୍ବନ୍ଧୀୟ ନିୟମ ସମ୍ବନ୍ଧରେ ଅବଗତ କରାଇଥିବା ବେଳେ ଅର୍ଥଶାସ୍ତ୍ର ବିଭାଗର ମୁଖ୍ୟ ବିବେକାନନ୍ଦ ସୁନା ପିଲାମାନେ ସୁନ୍ଦର କାର୍ଯ୍ୟ ପାଇଁ ସଫଳ ପ୍ରଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ । ଓଡ଼ିଆ ବିଭାଗୀୟ ମୁଖ୍ୟ ଡମ୍ବରୁଧର ଦାସ, ଶିକ୍ଷା ବିଭାଗର ମୁଖ୍ୟ ଶିବ ପ୍ରସାଦ ଜେନା ଓ ରାଜନୀତି ବିଜ୍ଞାନ ମୁଖ୍ୟ ଡ. ସିଦ୍ଧାନନ୍ଦ ପ୍ରଧାନ କଲେଜର ବିକାଶ ପାଇଁ ଅଭିଭାବକଙ୍କ ସାମୂହିକ ସହଯୋଗ କାମନା କରିଥିଲେ।

### ଜମିରେ ରୋଗପୋକ ନିୟନ୍ତ୍ରଣ ତାଲିମ

କୋରାପୁଟ,୧୯।୯(ସ୍ୱ.ପ୍ର.): ଖରିଫ୍ ଋତୁରେ ଜମିରେ ଇ-ପେଷ୍ଟ ପଦ୍ଧତିରେ ରୋଗପୋକ ନିୟନ୍ତ୍ରଣ ପାଇଁ ବୁଧବାର କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ଜିଲା କୃଷି ବିଭାଗ ପକ୍ଷରୁ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥି ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା କୃଷି ଉପନିର୍ଦ୍ଦେଶକ ପ୍ରଦୀପ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କୋରାପୁଟ କୃଷି ଅଧିକାରୀ ସୁବ୍ରତ ରଥ, ନାରାୟଣପାଟଣା କୃଷି ଅଧିକାରୀ ପିଭି ରାଓ, ନନ୍ଦପୁର କୃଷି ଅଧିକାରୀ ସଞ୍ଜୟ ଦଳେଇ, ବୈଜ୍ଞାନିକ ଲିଙ୍ଗରାଜ ଦୀପ ଉପସ୍ଥିତ ଥିଲେ। ଇ-ପେଷ୍ଟ ଆପ୍ ଜରିଆରେ ଜମିରେ ଲାଗିଥିବା ବିଭିନ୍ନ ପୋକର ଫୋଟ ଉଠାଇ ମୋବାଇଲ ଯୋଗେ କିପରି ରାଜ୍ୟର କୃଷି ବିଭାଗକୁ ପଠାଯାଇପାରିବ ଓ ଏହାର ନିରାକରଣ କରାଯିବ, ସେନେଇ ୧୪ଟି ବ୍ଲକର କୃଷି ଅଧିକାରୀ ଓ କର୍ମଚାରୀଙ୍କୁ ବିଶେଷଜ୍ଞମାନେ ପ୍ରଶିକ୍ଷଣ ଦେଇଥିଲେ।

# ହିତାଧିକାରୀଙ୍କୁ ଯୋଜନାର ଲାଭ ଦେଇପାରୁନି ପ୍ରଶାସନ

କୁନ୍ଦୁରା,୧୯।୯(ଡି.ଏନ୍.ଏ.)

**କୁନ୍ଦୁରା ବ୍ଲକ**
- ଏସିସିସି ତାଲିକାରେ ନାହିଁ ଯୋଗ୍ୟ ବ୍ୟକ୍ତିଙ୍କ ନାମ
- ୨୦୧୧ ସର୍ଭେକୁ ଧରି କାମ ଚଳାଇଛି ପ୍ରଶାସନ
- ଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ ଦେଲେ ମନ୍ତ୍ରୀ



୨୦୧୯ ସୁଦ୍ଧା କୁନ୍ଦୁରା ବ୍ଲକରେ ବାସ କରୁଥିବା ଲୋକସଂଖ୍ୟା ପ୍ରାୟ ଏକ ଲକ୍ଷ ହେବ। ଏହାର ୮୦ ପ୍ରତିଶତ ଗରିବ ଶ୍ରେଣୀର ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୦ରୁ ୪୦ ପ୍ରତିଶତ ଲୋକଙ୍କର ଏସିସିସି ତାଲିକାରେ ନାମ ନାହିଁ । ବିଭିନ୍ନ ସମୟରେ ଲଗାଣ ବର୍ଷାରେ ଅନେକ ଲୋକଙ୍କ ଘର ଭାଙ୍ଗୁଛି। ରାଜସ୍ୱ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗପତ୍ର ଦିଆଯାଉଥିଲେ ମଧ୍ୟ ବିପନ୍ନଙ୍କୁ ଥଇଥାନ ସୁବିଧା ମିଳୁନାହିଁ। ଗରିବ ଲୋକ ବିକଳ ହୋଇ ତହସିଲଦାରଙ୍କ ନିକଟକୁ ଗଲେ ପଲିଥିନ ମଧ୍ୟ ଦିଆଯାଉନାହିଁ। ଗତ ଲଗାଣ ବର୍ଷାରେ କୁନ୍ଦୁରା, ଡଙ୍ଗରପାଉଁଶୀ, ଲିମା, ଭୁଜାଙ୍ଗଗୁଡ଼ା, କେରିମିଟି, ଦିଗାପୁର ଅଞ୍ଚଳରେ ଅନେକ ଘର ଭାଙ୍ଗିଥିବା ତହସିଲଦାର ଭିକ୍ଟର ସୋରେନ ସ୍ୱୀକାର କରିଥିଲେ ମଧ୍ୟ କ୍ଷତିଗ୍ରସ୍ତଙ୍କୁ ପଲିଥିନ କିମ୍ବା ଆର୍ଥିକ ସହାୟତା ଦିଆଯାଇନାହିଁ। ତହସିଲଦାରଙ୍କ ନିକଟରେ ଅନେକ ସମୟରେ ଲୋକ ଘର ଭାଙ୍ଗିବା, ଜମିପଟ୍ଟା, ଜଙ୍ଗଲ ଜମିପଟ୍ଟା, ବେଆଇନ ବାଲି, ପଥର ଚାଲାଣ ସମ୍ପର୍କରେ ଅଭିଯୋଗ କରିଥିଲେ ବି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନ ଥିଲା। କୁନ୍ଦୁରାରୁ ୩ କିମି ଦୂର ପଖନାଗୁଡ଼ା ଗ୍ରାମର ରାଜେନ୍ଦ୍ର ପ୍ରଧାନ ଝିଅକୁ ଡେଙ୍ଗୁ ହୋଇଥିବା ଆଶଙ୍କାରେ କଟକ ନେଇଥିଲେ। ଫେରିବାବେଳେ ଘର ଭାଙ୍ଗିଯାଇଥିବା ଦେଖିବା ପରେ ତହସିଲଦାରଙ୍କୁ ଦରଖାସ୍ତ କରିଥିଲେ ମଧ୍ୟ ଏଯାବତ୍ କ୍ଷତିପୂରଣ ମିଳିନାହିଁ। ୨୦୧୭ରେ କୁନ୍ଦୁରା ବ୍ଲକ ଡଙ୍ଗରପାଉଁଶୀ ପଞ୍ଚାୟତ ଅଧୀନରେ ଥିବା ଭେଜାହାଣ୍ଡି ଗ୍ରାମର ରାମଚନ୍ଦ୍ର ଖଟି ଏବଂ ଗୁପ୍ତା ଖଟିଙ୍କ ପୁଅର ବାହାଘର ଦିନ ଘର ପୋଡ଼ି ପାଉଁଶ ହୋଇଗଲା । ନବନିଯୁକ୍ତ ବିଡିଓ ଡଙ୍ଗରପାଉଁଶୀ ପଞ୍ଚାୟତ ପରିଦର୍ଶନରେ ଯାଇଥିବା ବେଳେ ରାମଚନ୍ଦ୍ରଙ୍କ ପରିବାର ବାଉଁଶଘେରରେ ଦିନ କାଟୁଥିବା ଦେଖିଥିଲେ। ପରିବାର ଲୋକେ ଜିଲାପାଳଙ୍କ ସ୍ୱତନ୍ତ୍ର ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିବା ପରେ ବିଜୁ ପକ୍କାଘର ଯୋଜନାରେ ତାଙ୍କୁ ସାମିଲ କରି କାର୍ଯ୍ୟାଦେଶ ଦେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ବେଳେ ତାହା ପାଣିର ଗାର ହୋଇଛି।

୨୦୧୧ରେ ସର୍ଭେ କରାଯାଇଥିବା ଏସିସିସି ରିପୋର୍ଟ ତାଲିକା ପ୍ରସ୍ତୁତିରେ ପଛରେ ପଡ଼ିଛି ବ୍ଲକ ପ୍ରଶାସନ। ଆଦିବାସୀ, ଦଳିତ, ସାଧାରଣ ବର୍ଗର ସଠିକ୍ ତାଲିକା ପ୍ରଶାସନ ପାଖରେ ନ ଥିବାବେଳେ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ମିଳୁନାହିଁ। ଜାତିଭିତ୍ତିକ ତ୍ରୁଟି ଥିବା ନେଇ ପାଖନାଗୁଡ଼ା ଗ୍ରାମବାସୀ ୨୦୧୧ରୁ ଜଣାଇଥିବା ବେଳେ ପ୍ରଶାସନ ଏହାକୁ ଚାପି ଦେଇଛି । ସେହିଭଳି ଲିମା ପଞ୍ଚାୟତ ଗୁଣ୍ଡାଗୁଡ଼ା ଗ୍ରାମର ସନସାଇ ପରଜା ଆବାସ ପାଇଥିଲେ ମଧ୍ୟ ୫ ହଜାର ଟଙ୍କା ଲାଞ୍ଚ ଦେଇ ନ ପାରିବାରୁ ଘର ସ୍ଲାବ ପଡ଼ିଥିଲେ ମଧ୍ୟ କାମ ଅଧିକ ଆଗେଇପାରୁ ନାହିଁ। ବ୍ୟାଙ୍କ ଜମାଖାତାରେ ତାଙ୍କ ନାମରେ ପଇଠ ହୋଇଥିଲେ ମଧ୍ୟ ବ୍ଲକ ପ୍ରଶାସନ ସେହି ଟଙ୍କା ଉଠାଇବା ପାଇଁ ଦେଉନାହିଁ। ଗତ ୫ ତାରିଖ ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ପଦ୍ମିନୀ ଦିଆନ କୁନ୍ଦୁରା ଗସ୍ତରେ ଆସିଥିବା ବେଳେ ହିତାଧିକାରୀ ଜଣକ ଗୁହାରି କରିଥିଲେ। ଏହିସବୁ ବ୍ୟତୀତ ଜାତିଗତ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ବାସିନ୍ଦା ପ୍ରମାଣପତ୍ର, ବସ୍ତିବାସିନ୍ଦା ପଟ୍ଟା, ଜଙ୍ଗଲଜମି ପଟ୍ଟା ଦେବାରେ ବ୍ଲକ ଓ ତହସିଲ ପ୍ରଶାସନ ଅବହେଳା କରୁଥିବା ନେଇ ମନ୍ତ୍ରୀଙ୍କ ପାଖରେ ବହୁ ଅଭିଯୋଗ ପହଞ୍ଚିଥିଲା। ଅନ୍ୟପକ୍ଷରେ ଆବାସ ଯୋଜନା, ଏମ୍‌ଜିଏନ୍‌ଆରଇଜିଏସ୍ ଏବଂ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଲାଭ ଲୋକଙ୍କ ପାଖରେ ପହଞ୍ଚାଇବାରେ ବ୍ଲକ ପ୍ରଶାସନ ବିଫଳ ହୋଇଛି। ମନ୍ତ୍ରୀ ଏଥିରେ ବିଡିଓ ଓ ତହସିଲଦାରଙ୍କ ଉପରେ ଭୀଷଣ ବିରକ୍ତ ହେବା ସହ ଦୀର୍ଘ ଦିନ ହେବ କୁନ୍ଦୁରା ବ୍ଲକରେ ଯାହା ଘଟିଆସୁଛି, ତାହାକୁ ଆଉ କରିବାକୁ ଦିଆଯିବନି ବୋଲି କହିଛନ୍ତି।

■ ବିରୋଧୀଦଳ ନେତାଙ୍କୁ ଭେଟିଲା ମିଟର ରିଡର ସଂଘ

# ଉଚ୍ଛେଦ ନିଷ୍ପତ୍ତିର ପୁନର୍ବିଚାର ଦାବି

ଦାମନଯୋଡ଼ି,୧୯।୯(ଡି.ଏନ୍.ଏ.)


ବିରୋଧୀଦଳ ନେତାଙ୍କୁ ମିଟର ରିଡର ସଂଘ ଦାବିପତ୍ର ଦେଉଛି ।

ସାଉଥ୍‌କୋରେ ମିଟର ରିଡର ଭାବେ ବୌଦ୍ଧ, କନ୍ଧମାଳ, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଏବଂ ନବରଙ୍ଗପୁର ଜିଲାର ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ପାର୍ଟଟାଇମ୍ କାମ କରୁଛନ୍ତି। ସେମାନେ ମାସିକ ୪ ହଜାର ୫ଶହ ଟଙ୍କା ବେତନରେ ୧୫ ବର୍ଷ ହେବ ପରିବାର ଚଳାଇ ଆସୁଛନ୍ତି। ବର୍ତ୍ତମାନ ରାଜ୍ୟ ସରକାର ଓଡ଼ିଶାରେ ଏଭଳି କାର୍ଯ୍ୟ କରୁଥିବା ୧୨ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକଙ୍କୁ ଉଚ୍ଛେଦ କରି ଏହି ଦାୟିତ୍ୱ ଏସ୍ଏଚ୍‌ଜିକୁ ଦେବା ପାଇଁ ଯୋଜନା କରୁଛନ୍ତି। ଏହା ଜାଣିବା ପରେ ମିଟର ରିଡର ଭାବେ କାର୍ଯ୍ୟରତ ଶ୍ରମିକମାନେ ଏହାକୁ ବିରୋଧ କରିଛନ୍ତି। ବିରୋଧୀଦଳ ନେତା ପ୍ରଦୀପ୍ତ ନାୟକ ଦାମନଯୋଡ଼ି ଗସ୍ତରେ ଆସିଥିବା ବେଳେ ତାଙ୍କୁ ନାଲ୍‌କୋ ଅତିଥିଭବନରେ ଭେଟି ସ୍ମାରକପତ୍ର ଦେବା ସହ ସରକାର ଏହାର ପୁନଃ ବିଚାର କରିବା ପାଇଁ ସାଉଥ୍‌କୋ ମିଟର ରିଡର ଶ୍ରମିକ ସଂଘ ଦାବି କରିଛି। ନଚେତ୍ ସେମାନେ ସପରିବାର ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ବିରୋଧୀଦଳ ନେତାଙ୍କୁ ସ୍ମାରକପତ୍ର ଦେବା ବେଳେ ଆନନ୍ଦ ରାଓ, ହରିହର ଶତପଥୀ, ଜଗଦୀଶ ସାହୁ, ଅଶ୍ୱିନୀ ପାଢ଼ୀ, ହେମନ୍ତ ପାଣିଗ୍ରାହୀ, ସନ୍ତୋଷ ପଟ୍ଟନାୟକ, ଆନନ୍ଦ ନେପାକ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

ବୋରିଗୁମ୍ମା,୧୯।୯(ଡି.ଏନ୍.ଏ.)

ବୋରିଗୁମ୍ମା ଥାନା ଅନ୍ତର୍ଗତ ପେରାହାଣ୍ଡି ଗ୍ରାମରେ ଜଣେ ବ୍ୟକ୍ତି ବିଦ୍ୟୁତ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ମୃତ ବ୍ୟକ୍ତିଙ୍କ ନାମ ରତନ ହରିଜନ (୫୬)। ଘଟଣା ଅନୁସାରେ ରତନ ଗୁରୁବାର ସକାଳ ୧୦ଟାରେ ନିଜ ଜମିକୁ ସାର ପକାଇବାକୁ ଯାଇଥିଲେ। ସେହି ସମୟରେ ଜମିରେ ୩୩ କେଭି ଲାଇନ ବିଦ୍ୟୁତ ତାର ଛିଣ୍ଡି ପଡ଼ିଥିବା ବେଳେ ରତନ ତାହା ସଂସ୍ପର୍ଶରେ ଆସିଯାଇଥିଲେ। ସେ ଘରକୁ ନ ଫେରିବାରୁ ପୁଅ ମହେଶ୍ୱର ଜମିକୁ ଯାଇ ଦେଖିଲା ବେଳକୁ ବାପାଙ୍କ ଦେହରେ ପ୍ରାଣ ନଥିଲା। ଏନେଇସେ ଥାନାରେ ଏତଲା ଦେଇଥିଲେ। ଆଇଆଇସି ସଞ୍ଜୟ ମଣ୍ଡଳଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ସୁଜାତା ବୁଡେକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର ପରେ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛନ୍ତି। ଏନେଇ ଥାନାରେ କେସ ନଂ ୧୪/୨୦୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଗୁରୁକୁଳରେ ଯଜ୍ଞାହୁତି ଦେଲେ କେନ୍ଦ୍ରମନ୍ତ୍ରୀ

■ ଦରମା ବୃଦ୍ଧି ପାଇଁ ସ୍ମାରକପତ୍ର ଦେଲା ହାଲ୍ ଶ୍ରମିକ ସଙ୍ଗଠନ



ସ୍ୱାଗତ ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ବକ୍ତବ୍ୟ ରଖୁଛନ୍ତି ।

ସେମିଳିଗୁଡ଼ା,୧୯।୯(ସ୍ୱ.ପ୍ର.)

କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଗୁରୁବାର ସେମିଳିଗୁଡ଼ା ବ୍ଲକ କୁନ୍ଦୁଲି ପଞ୍ଚାୟତରେ ଥିବା ଗୁରୁକୁଳ ଆଶ୍ରମ ପରିଦର୍ଶନ କରିଛନ୍ତି। ସେଠାରେ ଅନୁଷ୍ଠିତ ଯଜ୍ଞରେ ଆହୂତି ଦେବା ସହ ଆଶ୍ରମ ଅନ୍ତେବାସୀଙ୍କୁ ଜ୍ଞାନ ଦେଇଥିଲେ। ଆଶ୍ରମର ମୁଖ୍ୟ ଆଚାର୍ଯ୍ୟ ବିନୟ କୁମାର ବୈଦିକ ପରିଚାଳନା କରିଥିଲେ। କେନ୍ଦ୍ରମନ୍ତ୍ରୀ ସେଠାରୁ ଫେରିବା ପରେ ଦାମନଯୋଡ଼ି ଛକ ନିକଟରେ ସେମିଳିଗୁଡ଼ା ମଣ୍ଡଳ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ସେ ସୁନାବେଡ଼ା ମହିଳା ମହାବିଦ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ଅଳସି ଫୁଲ ଆଉ ଦେଓମାଳି ଗୀତରେ ସ୍ୱାଗତ କରାଯାଇଥିଲା। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବର୍ଜନ କରିବା ଓ ଜଳର ସଂରକ୍ଷଣ ପାଇଁ ଉପସ୍ଥିତ ଛାତ୍ରୀ ଓ ଅନ୍ୟମାନଙ୍କୁ ଶପଥ ପାଠ କରାଇବା ସହ ଛାତ୍ରୀମାନେ ଗ୍ରାମାଞ୍ଚଳରେ ବୁଲିବୁଲି ଏଭଳି ସଚେତନତା ବାର୍ତ୍ତା ଦେବା ପାଇଁ ଉପଦେଶ ଦେଇଥିଲେ। ସେଠାରେ ହାଲ୍ ଶ୍ରମିକ ସଙ୍ଗଠନ ତଥା ଏଚ୍ଏଏମ୍ଏଓ୍ ପକ୍ଷରୁ କର୍ମଚାରୀଙ୍କ ଦରମା ବୃଦ୍ଧି ପାଇଁ ପ୍ରତିରକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ଦିଆଯାଇଥିଲା।

# ପ୍ଲାଷ୍ଟିକ ବର୍ଜନ ପାଇଁ ସଚେତନତା

କୋରାପୁଟ,୧୯।୯(ସ୍ୱ.ପ୍ର.):



ପୂର୍ତ୍ତ ବିଭାଗ ପକ୍ଷରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ।

କୋରାପୁଟ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଭାରତ ଗଠନ ଓ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ବୁଧବାର ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । କୋରାପୁଟ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ କିଶୋର କୁମାର ନନ୍ଦଙ୍କ ନେତୃତ୍ୱରେ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଏସ୍‌ଡିଓ ମଧୁସ୍ମିତା ସାମଲ, ସହକାରୀ ଯନ୍ତ୍ରୀ ଶରତ ଚନ୍ଦ୍ର ପାତ୍ର, ପୂର୍ତ୍ତ ବିଭାଗର କର୍ମଚାରୀ ଓ ଠିକାଦାରମାନେ ସାମିଲ ହୋଇଥିଲେ। ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ରଙ୍କୁ ପ୍ଲାଷ୍ଟିକ ବର୍ଜନ କରିବା, ପଲିଥିନ ବ୍ୟବହାର ନ କରିବା, ପରିବେଶକୁ ସବୁବେଳେ ସ୍ୱଚ୍ଛ ରଖିବା ପାଇଁ ସଚେତନ କରିବା ସହ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପଡ଼ିଥିବା ପଲିଥିନ ଓ ବର୍ଜ୍ୟବସ୍ତୁ ସଫା କରିଥିଲେ। ଏହି ଅବସରରେ ଆୟୋଜିତ ଏକ ସଚେତନତା ସଭାରେ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ନନ୍ଦ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ।

# ଷ୍ଟେଶନ ଅଞ୍ଚଳରୁ ୬୦ ପକେଟ ଗୁଟ୍‌ଖା ଜବତ

କୋରାପୁଟ,୧୯।୯(ସ୍ୱ.ପ୍ର.)

କୋରାପୁଟ ଷ୍ଟେଶନ ଅଞ୍ଚଳରେ ଥିବା ବିଭିନ୍ନ ଦୋକାନରେ ବେଆଇନ ଭାବେ ବିକ୍ରି କରାଯାଉଥିବା ୬୦ରୁ ଉର୍ଦ୍ଧ୍ୱ ପକେଟ୍ ଗୁଟ୍‌ଖା ଜବତ କରିଛି ଜିଏସ୍‌ଟି ବିଭାଗ। ଦୀର୍ଘଦିନ ହେଲା କୋରାପୁଟ ସହରରେ ଜିଏସ୍‌ଟି ନ ଦେଇ ବେଆଇନ ଭାବେ ବହୁ ଗୁଟ୍‌ଖା ବିକ୍ରି କରାଯାଉଥିଲା। ଏହି ଖବର ପାଇ ଗୁରୁବାର ଜୟପୁରସ୍ଥିତ ଜିଏସ୍‌ଟି ବିଭାଗ ସ୍ଥାନୀୟ ରେଲୱେ ଷ୍ଟେସନ ଅଞ୍ଚଳରେ ବିଭିନ୍ନ ଦୋକାନ ଉପରେ ଚଢ଼ାଉ କରାଯାଇ ଜିଏସ୍‌ଟି ଫାଙ୍କି ବେଆଇନ ଭାବେ ବିକ୍ରି କରାଯାଉଥିବା ପ୍ରାୟ ୬୦ ପକେଟ ବିଭିନ୍ନ କଂପାନୀର ଗୁଟ୍‌ଖା ଜବତ କରିଛି। ଚଢ଼ାଉ ବେଳେ କୋରାପୁଟ ଟାଉନ ଥାନା ଅଧିକାରୀ କ୍ଷିରେଶ୍ୱର ସାହୁଙ୍କ ନେତୃତ୍ୱରେ ପୋଲିସ ଟିମ୍ ଉପସ୍ଥିତ ଥିଲା।

# ସହରବାସୀଙ୍କୁ ଡରାଉଛି ଚୋରିଭୟ

■ ୩ ଦିନରେ ଲଗାତର ବିଭିନ୍ନ ସ୍ଥାନରୁ ଚୋରି

ସେମିଳିଗୁଡ଼ା,୧୯।୯(ସ୍ୱ.ପ୍ର.)

କୋରାପୁଟ ଜିଲାର ସେମିଳିଗୁଡ଼ା ଓ ସୁନାବେଡ଼ା ସହରରେ ଚୋରଙ୍କ ଆତଙ୍କରାଜ ବଢ଼ିବାରେ ଲାଗିଛି। ପୋଲିସ ନୂଆ ମୋଟର ଆଇନ ପଛରେ ପଡ଼ିଥିବା ବେଳେ ଚୋରମାନେ ନିଜ କାମ ନିର୍ଭୟରେ କରିବାରେ ଲାଗିଛନ୍ତି। ପ୍ରଥମେ ସେମିଳିଗୁଡ଼ା ସହରରେ ଥିବା ପ୍ରଦୀପ ଫାଷ୍ଟଫୁଡ୍ ଦୋକାନରେ ବିଳମ୍ବିତ ରାତ୍ରିରେ ୨ଟି ଗ୍ୟାସ ସିଲିଣ୍ଡର, ଖାଦ୍ୟ ସାମଗ୍ରୀ ଓ ୧୦ ହଜାର ଟଙ୍କା ଚୋରି ହୋଇଥିଲା। ସୁନାବେଡ଼ା ଥାନାରେ ଏନେଇ ଏତଲା ହୋଇଥିଲେ ମଧ୍ୟ ପୋଲିସ ଚୋରମାନଙ୍କ ସନ୍ଧାନ ପାଇପାରି ନାହିଁ। ଏହାର ଦିନକ ପରେ ଗତ ୧୭ ତାରିଖରେ ଶାସ୍ତ୍ରୀନଗର ସ୍ଥିତ ଜଣେ ଦୋକାନ ମାଲିକଙ୍କ ପ୍ଲେଜର ସ୍କୁଟି (ଓଡି ୧୦ଜି ୬୪୧୩) ଚୋରି ଯାଇଥିବା ସୁନାବେଡ଼ା ଥାନାରେ ଏତଲା ଦିଆଯାଇଥିଲା। ଏହାର ମଧ୍ୟ ଟେର୍ ପାଇନାହିଁ ପୋଲିସ। ସେହି ୧୭ ତାରିଖ ବିଳମ୍ବିତ ରାତିରେ ସେମିଳିଗୁଡ଼ା ସହରର ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ମୋଟର ପାର୍ଟସ ଦୋକାନ ଆଗରୁ କଳା ରଙ୍ଗର ମହିନ୍ଦ୍ରା ସ୍କର୍ପିଓ (ଓଡି ୧୦ଏଚ୍ ୨୩୪୫)ର ପଛ ଗ୍ଲାସ ଭାଙ୍ଗି ଭିତରେ ପଶି ଗାଡ଼ିଟିକୁ ନେବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ ଦୁର୍ବୃତ୍ତ। ଗାଡ଼ିଟିରେ ଇଲେକ୍ଟ୍ରୋନିକ୍ସ ସିଷ୍ଟମ ଥିବାରୁ ସେମାନେ ଏହାକୁ ନେଇ ନପାରି ଏହାର କାଗଜ ପତ୍ର ନେଇ ପଳାଇଛନ୍ତି। ପୋଲିସ ତୁରନ୍ତ ଏ ଦିଗରେ କଡ଼ା ପଦକ୍ଷେପ ନେବାକୁ ଦାବି ହୋଇଛି।

■ ଗଞ୍ଜାମ ଏନ୍ଏସି: ମିଳିନି ଆବାସ

# ଭଙ୍ଗା କୁଡ଼ିଆରେ ବୃଦ୍ଧା ଲକ୍ଷ୍ମୀଙ୍କ ପରିବାର

ଗଞ୍ଜାମ,୧୯।୯(ଡି.ଏନ.ଏ.)


ଭଙ୍ଗା ଘରେ ଦଳିତ ବୃଦ୍ଧା ଲକ୍ଷ୍ମୀ।

ସରକାର ଗରିବଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ଭୂମି ବା ବାସହୀନଙ୍କୁ ରାଜ୍ୟ ସରକାର ମୋ ପଟ୍ଟା ମୋ ଅଧିକାରରେ ଜାଗା ଦେଇ ଘର ନିର୍ମାଣ କରି ଯୋଗାଇ ଦେଉଛନ୍ତି। କିନ୍ତୁ କେତେକ ସ୍ଥାନରେ ତାହା କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହେଉଛି। ଏହା ଦେଖିବାକୁ ମିଳିଛି ଗଞ୍ଜାମ ଏନ୍ଏସି ୱାର୍ଡ ନଂ. ୯ ବରପଲି ଗ୍ରାମରେ। ଉକ୍ତ ଗ୍ରାମରେ ଦୀର୍ଘ ୭୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଦଳିତ ବିଧବା ବୃଦ୍ଧା ଲକ୍ଷ୍ମୀ ନାୟକ (୭୦)। ସ୍ୱାମୀ ଅରକ୍ଷିତ ୩୪ ବର୍ଷରୁ ଉର୍ଦ୍ଧ୍ୱ ହେବ ଆରପାରିକୁ ଚାଲିଗଲେଣି। ଲକ୍ଷ୍ମୀଙ୍କ ପରିବାର କହିଲେ ପୁଅ ବୋହୂ ଓ ନାତି ନାତୁଣୀ ୨ ଜଣ। ଛପର ଭଙ୍ଗା ଘରେ ପାଲ ପକାଇ ପରିବାର ସହ ରୁହନ୍ତି। ବର୍ଷାଦିନ ହେଲେ ଘରର ଚାରିଆଡୁ ପାଣି ଗଳେ। ଥାଳି ଦ୍ୱାରା ଉକ୍ତ ପାଣିକୁ ଘରରୁ ବାହାର କରିବାକୁ ପଡ଼େ ବୋଲି ବୃଦ୍ଧା କୁହନ୍ତି। ଘର ଶୁଖିବା ପର୍ଯ୍ୟନ୍ତ ଅନ୍ୟ ଦାଣ୍ଡ ପିଣ୍ଡାରେ ବସିବାକୁ ପଡ଼ିଥାଏ। ବର୍ତ୍ତମାନ ପୁଅର ଝିଅର ଗୋଟିଏ ଝିଅ ଜନ୍ମ ହୋଇଛି। ସେହି ଭଙ୍ଗା ଘରେ କଅଁଳା ଛୁଆଟିକୁ ଧରି ରହିବାକୁ ପଡୁଛି। କେତେବେଳେ ଉକ୍ତ ଘର ଭାଙ୍ଗି ପଡ଼ିବ କହିହେବ ନାହିଁ। ଏନ୍ଏସି ପ୍ରଶାସନ ପକ୍ଷରୁ ସହରାଞ୍ଚଳ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିନାହିଁ। ଏ ନେଇ ଏନ୍ଏସି କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ସେ କହିଛନ୍ତି। ଏଥିସହିତ ଭତ୍ତା ବୃଦ୍ଧି କରାଯାଉନି ବୋଲି ସେ ଅଭିଯୋଗ କରିଛନ୍ତି । ଖବର ପାଇ ପୂର୍ବତନ ଏମ୍‌ପି ପ୍ରତିନିଧି ସୁଧୀର କୁମାର ପାଢ଼ୀ ଲକ୍ଷ୍ମୀଙ୍କ ପରିବାରକୁ ଭେଟିଛନ୍ତି। ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ତହସିଲଦାରଙ୍କ ସହ ଆଲୋଚନା କରିବେ ବୋଲି ପାଢ଼ୀ ଲକ୍ଷ୍ମୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ଏନ୍ଏସି ଇଓ ସନୀଲ କୁମାର ଟୁଡୁଙ୍କୁ ପଚାରିବାରେ ସେମିତି କିଛି ଖବର ମୋ ପାଖରେ ନାହିଁ। ତଥାପି କ'ଣ ହୋଇଛି ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



"ଆସନ୍ତାବର୍ଷ ଯେମିତି ହେଲେ ବି ଇଦ୍‌ରେ ମୋର ଗୋଟେ ଫିଲ୍ମ ମୁକ୍ତିଲାଭ ହେବା।"
-ସଲମାନ୍ ଖାନ୍,
ବଲିଉଡ୍ ସୁପରଷ୍ଟାର

# କ୍ୟାନ୍ସର ପୀଡ଼ିତାଙ୍କ ବିଶ୍ୱ ରେକର୍ଡ



## ବିଶାଳ ଇଂଲିଶ୍ ଚ୍ୟାନେଲକୁ କ୍ରମାଗତ ୪ଥର ପହଁରି ସାରା ଥୋମାସ୍‌ଙ୍କ ରେକର୍ଡ

**ଲଣ୍ଡନ:** ଜୀବନରେ ଅସମ୍ଭବ ବୋଲି କିଛି ନାହିଁ। ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ ଥିଲେ ସବୁକିଛି ସମ୍ଭବ। କାରଣ କ୍ୟାନସର ଭଳି ମାରାତ୍ମକ ରୋଗରେ ପୀଡ଼ିତ ହୋଇ, ସେଥିରୁ ମୁକୁଳି, ପୁଣି ନିଜ ଜୀବନର ଲକ୍ଷ୍ୟ ପୂରଣ କରିବା ଭଳି ଏକ ଉଦାହରଣ ଦେଖିବା ପରେ ଆପଣ ହୁଏତ କହିବେ, "ସତରେ ଜୀବନରେ କିଛି ଅସାଧ୍ୟ ନୁହେଁ।" ୩୭ ବର୍ଷୀୟା ଆମେରିକୀୟ ମହିଳା ସାରା ଥୋମସ୍ ଇଂଲିଶ୍ ଚ୍ୟାନେଲକୁ ଲଗାତର ୪ଥର ପହଁରି ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ସାରା ଗତ ରବିବାର ସକାଳୁ ଏହି ଲକ୍ଷ୍ୟ ସହ ପହଁରା ଆରମ୍ଭ କରିଥିବାବେଳେ ୫୪ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ନେଇ ଏହି ରେକର୍ଡ ସୃଷ୍ଟି କରିଛନ୍ତି। ଅଲ୍‌ଟ୍ରା ମାରାଥନ୍ ସ୍ୱିମର୍ ସାରା ଥୋମସ୍ ସ୍ତନ କର୍କଟରେ ପୀଡିତ ଥିଲେ ଓ ଗତବର୍ଷ ଅର୍ଥାତ ୨୦୧୮ରେ ତାଙ୍କ ଚିକିତ୍ସା ଶେଷ ହୋଇଛି। ସାରା ନିଜର ଏହି ବିଜୟକୁ କର୍କଟ ରୋଗରୁ ମୁକ୍ତି ପାଇଥିବା ସମସ୍ତ ବ୍ୟକ୍ତିଙ୍କୁ ଉତ୍ସର୍ଗ କରିଛନ୍ତି। ସୂଚନାଯେ, ସାରା ପ୍ରଥମ ବ୍ୟକ୍ତି ଭାବେ ଇଂଲିଶ୍ ଚ୍ୟାନେଲ୍‌କୁ କ୍ରମାଗତ ୪ଥର ପହଁରି ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ନିଜର ଅନ୍ତିମ ରାଉଣ୍ଡ ଶେଷ କରୁଥିବା ସମୟରେ ଏକ ବିରାଟ ବଡ଼ ଜୁଆର ତାଙ୍କ ଉପରକୁ ମାଡ଼ି ଆସି ପଛକୁ ଫିଙ୍ଗି ଦେଇଥିଲା, କିନ୍ତୁ ମଙ୍ଗଳବାର ସକାଳ ପ୍ରାୟ ୬.୩୦ ମିନିଟ ସମୟରେ ସେ ଏହି ଚ୍ୟାଲେଞ୍ଜ ପୂରଣ କରିଥିଲେ। ଏଭଳି ଏକ ବିଶ୍ୱ ରେକର୍ଡ ସୃଷ୍ଟି କରିବା ପରେ ସାରା କହିଛନ୍ତି, "ଆମେ ସତରେ ଏହା ସମ୍ପୂର୍ଣ୍ଣ କରିପାରିଛୁ ବୋଲି ମୁଁ ବିଶ୍ୱାସ କରିପାରୁନି। ଲୁଣିଆ ପାଣି କାରଣରୁ ଏହି ଯାତ୍ରା ଆହୁରି କଷ୍ଟଦାୟକ ଥିଲା। ଅନେକ ଲୋକ ମୋତେ ଦେଖା କରିବାକୁ ବେଳାଭୂମି ନିକଟକୁ ଆସିଥିଲେ, ମୋତେ ଅଭିନନ୍ଦନ ଜଣାଇଥିଲେ। କିନ୍ତୁ ଅନେକ ଲୋକ ଆଶ୍ଚର୍ଯ୍ୟ ଚକିତ ଥିବା ମୁଁ ଅନୁଭବ କରିଥିଲି।" ପ୍ରକାଶ ଥାଉ କି, ପୂର୍ବରୁ କେବଳ ୪ଜଣ ସ୍ୱିମର୍ ବିଶାଳ ଇଂଲିଶ୍ ଚ୍ୟାନେଲକୁ କ୍ରମାଗତ ତିନିଥର ପହଁରି ସାରିଛନ୍ତି। ତେବେ କ୍ରମାଗତ ୪ ଥର ପହଁରି ପ୍ରଥମ ବ୍ୟକ୍ତି ଭାବେ ସାରା ଥୋମସ୍ ଏହି ରେକର୍ଡ ଭାଙ୍ଗିଛନ୍ତି।

# ଆଈ ହେଲେ ରବିନା

**ମୁମ୍ବାଇ:** ଶୁଣିଲେ ଆଶ୍ଚର୍ଯ୍ୟ ହେବେ ନିଶ୍ଚିତ। ବଲିଉଡ୍ ଅଭିନେତ୍ରୀ ରବିନା ଟଣ୍ଡନ ଏବେ ଆଈ ହୋଇଛନ୍ତି। ତାଙ୍କ ପାଳିତ କନ୍ୟା ଛାୟା ଏକ ଶିଶୁ ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି। ଏନେଇ ରବିନା ଖୁସି ହେବା ସହ ବହୁ ଉତ୍ସାହିତ ମଧ୍ୟ ଅଛନ୍ତି। ନାତି ଘରକୁ ଆସିବା ପରେ ରବିନା ଧୁମ୍‌ଧାମ୍‌ରେ ତାଙ୍କୁ ସ୍ୱାଗତ କରିଛନ୍ତି। ତାଙ୍କ ଘରେ ଏବେ ଖୁସିର ମାହୋଲ ଦେଖାଦେଇଛି। ନାତି ହେବା ଖବର ଓ ଘରକୁ ଆସିବାର ଫଟୋ ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ନିକଟରେ ଝିଅ ଛାୟାଙ୍କ ପାଇଁ ସେ ଏକ ବେବି ଶାୱାର ପାର୍ଟିର ଆୟୋଜନ କରିଥିଲେ। ଉକ୍ତ ପାର୍ଟିର ଫଟୋ ମଧ୍ୟ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଥିଲା। ପ୍ରକାଶଥାଉ କି, ୧୯୯୧ରେ 'ପଥର କେ ଫୁଲ୍' ଫିଲ୍ମରୁ କ୍ୟାରିୟର ଆରମ୍ଭ କରିଥିବା ରବିନା 'ଲାଡ୍‌ଲା', 'ଦିଲ୍‌ୱାଲେ', 'ମୋହରା', 'ଖିଲାଡିଓଁ କା ଖିଲାଡ଼ି', 'ଜିଦ୍', 'ବଡେ ମିୟାଁ ଛୋଟେ ମିୟାଁ', 'ଦୁଲ୍ହେ ରାଜା' ଭଳି ଅନେକ ଲୋକପ୍ରିୟ ଫିଲ୍ମରେ ନିଜର ଅଭିନୟ ଯାଦୁ ଦେଖାଇଛନ୍ତି। ଏଥିଲାଗି ତାଙ୍କୁ ଅନେକ ପୁରସ୍କାର ଓ ସମ୍ମାନ ମଧ୍ୟ ମିଳିଛି।



# ବ୍ଲୋଶମଙ୍କୁ ଆଇରନ୍‌ମ୍ୟାନ୍ ମୁକୁଟ



ଜେଟ୍ ଏୟାରୱେଜର ପୂର୍ବତନ ମହିଳା କର୍ମଚାରୀ

**ବେଙ୍ଗାଲୁରୁ:** ଜେଟ୍ ଏୟାରୱେଜର ପୂର୍ବତନ ମହିଳା କର୍ମଚାରୀ ବ୍ଲୋଶମ ଫର୍ନାଣ୍ଡିଜ୍ ଦୁନିଆର ସବୁଠୁ କଠିନ ଦିନିକିଆ ସହନଶୀଳ ପ୍ରତିଯୋଗିତା କୋପେନହାଜେନରେ ଭାଗନେଇ ଲୌହମାନବ (ଆଇରନମ୍ୟାନ) ଟ୍ରାଇଥଲନ ମୁକୁଟ ପିନ୍ଧିଛନ୍ତି। ଏହି ୩୬ ବର୍ଷିୟା ମହିଳା ବ୍ଲୋଶମ ଭାରତର ଏକମାତ୍ର ପ୍ରତିଯୋଗୀ, ଯିଏ ଅଗଷ୍ଟ ୮ରେ ଆୟୋଜିତ ଏହି ପ୍ରତିଯୋଗିତାରେ ଭାଗ ନେଇ ସଫଳତା ଅର୍ଜନ କରିଛନ୍ତି। ବ୍ଲୋଶମ ଦୁଇବର୍ଷ ହେବ ଟ୍ରାଇଥଲନ ହେବା ପାଇଁ ପ୍ରଶିକ୍ଷଣ ନେଉଥିଲେ। ଏଥିପାଇଁ ଅନ୍‌ଲାଇନ୍ ପ୍ଲାଟଫର୍ମ କ୍ରାଉଡେରାରୁ ସେ କ୍ରାଉଡଫଣ୍ଡିଂ ଅଭିଯାନ ମାଧ୍ୟମରେ ୨ ଲକ୍ଷ ଟଙ୍କା ଯୋଗାଡ଼ କରିଥିଲେ। ଏ ସମ୍ପର୍କରେ ବ୍ଲୋଶମ କୁହନ୍ତି, ଏପ୍ରିଲରେ ସେ ଶେଷଥର ପାଇଁ ଫ୍ଲାଇଟରେ ଡ୍ୟୁଟି କରିଥିଲେ। ହେଲେ ମାର୍ଚ୍ଚ ମାସରୁ ତାଙ୍କୁ ଦରମା ମିଳି ନ ଥିଲା। ରୋଜଗାରର ଅନ୍ୟ କୌଣସି ମାଧ୍ୟମ ନ ଥିବା ବେଳେ ସଞ୍ଚିତ ଅର୍ଥ ବି ସରିଆସିଥିଲା। ତେଣୁ ସ୍ୱପ୍ନ ପୂରଣ କରିବାକୁ କ୍ରାଉଡଫଣ୍ଡିଂକୁ ମାଧ୍ୟମ କରିଥିଲେ ବୋଲି ବ୍ଲୋଶମ କହିଛନ୍ତି। କଲ୍ୟାଣ ନଗର ନିବାସୀ ବ୍ଲୋଶମଙ୍କୁ ୧୩ ଘଣ୍ଟା ୨୨ ମିନିଟ୍ ୫୦ ସେକେଣ୍ଡରେ ୩.୮ କିମି ପହଁରା, ୧୮୦ କିମି ସାଇକେଲ ଚାଳନା ଓ ୪୨.୨ କିମିରୁ ଅଧିକ ଦୌଡ଼ିବାକୁ ପଡ଼ିଥିଲା। ଏହି ସଫଳତା ପାଇବା ପରେ ବ୍ଲୋଶମ କହିଛନ୍ତି, ଯଦି ମୁଁ ଚାକିରି ଛାଡ଼ି ନ ଥାନ୍ତି, ତେବେ ମୋର ପ୍ରକୃତ ଆବେଗ ପଛରେ ଯିବା କଥା ଭାବି ନଥାନ୍ତି।

# ୭୫ ବର୍ଷରେ ଡ୍ରାଇଭିଂ ଲାଇସେନ୍ସ

**କାନ୍‌ବେରା:** ଅଷ୍ଟ୍ରେଲିଆର ପିଲବରା ଅଞ୍ଚଳରେ ଥିବା ହେଡ୍‌ଲ୍ୟାଣ୍ଡରେ ରହନ୍ତି ବିନ୍ନି ଶୌମ୍ପି(୭୫)। ଏହି ବୟସରେ ସେ ଏବେ ଡ୍ରାଇଭିଂ ଲାଇସେନ୍ସ କରି ଆସିଛନ୍ତି ଚର୍ଚ୍ଚାକୁ। ନିକଟରେ ସେ ଡ୍ରାଇଭିଂ ଲାଇସେନ୍ସ କରିଥିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହୋଇଥିଲା। ବ୍ଲଡ୍‌ୟୁଡ ଟ୍ରି ଆସୋସିଏଶନ ନାମକ ଏକ ସଂସ୍ଥା ଏ ବିଷୟରେ ସୋସିଆଲ ମିଡିଆରେ ସୂଚନା ଦେଇଥିଲେ। ଅସଲ କଥା ହେଲା ବିନ୍ନି ତାଙ୍କ ବଡ ଭଉଣୀଙ୍କୁ ରେଗୁଲାର ହସ୍ପିଟାଲ ଚେକ୍ ପାଇଁ ନେବାକୁ, ମାର୍କେଟ ନେବାକୁ ଅବା ସି ବିଚ୍ ବୁଲାଇ ନେବାକୁ ନିଜେ ଏଇ ଡ୍ରାଇଭିଂ ଲାଇସେନ୍ସ କରିଥିବା କହିଛନ୍ତି। ବିନ୍ନି କେବେ କମ୍ପ୍ୟୁଟର ଚଲାଇ ଜାଣି ନ ଥିବା ବେଳେ ସେ କମ୍ପ୍ୟୁଟର ମାଧ୍ୟମରେ ଡ୍ରାଇଭିଂ ଟେଷ୍ଟ ଦେଇ ଏହି ଲାଇସେନ୍ସ ହାସଲ କରିଛନ୍ତି।



# 'ସ୍କୁଲ ଷ୍ଟ୍ରାଇକ୍ ଫର୍ କ୍ଲାଇମେଟ୍'ର ସ୍ରଷ୍ଟା ଗ୍ରେଟା




## ପରିବେଶ ସୁରକ୍ଷା ଅଭିଯାନ ଦେଇଛି ବିଶ୍ୱବ୍ୟାପୀ ଖ୍ୟାତି

**ଷ୍ଟକ୍‌ହୋମ:** ୨୦୧୮ ଅଗଷ୍ଟ ୨୦। ଖରାଛୁଟି ପରେ ଖୋଲିଥିଲା ସ୍କୁଲ। ସ୍ୱିଡେନ ପାର୍ଲାମେଣ୍ଟ ସମ୍ମୁଖରେ ଏକାକୀ ଛିଡ଼ା ହୋଇଥିଲେ ଜଣେ ସ୍କୁଲ ଛାତ୍ରୀ। ହାତରେ ଧରିଥିଲେ ପ୍ଲାକାର୍ଡ, ଯେଉଁଥିରେ ଦର୍ଶାଯାଇଥିଲା 'ସ୍କୁଲ ଷ୍ଟ୍ରାଇକ୍ ଫର୍ କ୍ଲାଇମେଟ୍'। ଖୁବ୍ ସଂକ୍ଷିପ୍ତ ଭାବେ ଲେଖାଯାଇଥିବା ସେହି ଗୋଟିଏ ଧାଡ଼ିରେ ପ୍ରତିଫଳନ ହୋଇଥିଲା ବିଶ୍ୱବାସୀ ନୀରବରେ ଭୋଗୁଥିବା ସମସ୍ୟାର ଚିତ୍ର। ଏହାପରେ ଯାହା ଘଟିଗଲା ତାହା ଇତିହାସ। ମାତ୍ର ୧୫ ବର୍ଷ ବୟସରୁ ବିଶ୍ୱବାସୀଙ୍କୁ ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନର ଗହନ ପାଠ ପଢ଼ାଇଥିବା ଏହି କୁନି ପରିବେଶବିତ୍ ଜଣକ ହେଲେ ଗ୍ରେଟା ଥନ୍‌ବର୍ଗ।


୨୦୧୮ ଅଗଷ୍ଟ ୨୦ ପୂର୍ବରୁ ଗ୍ରେଟା ଥିଲେ ଜଣେ ଅପରିଚିତ ଚେହେରା। କେହି ତାଙ୍କୁ ଜାଣି ନ ଥିଲେ କି ଚିହ୍ନି ବି ନ ଥିଲେ। ହେଲେ ପରିବେଶ ସୁରକ୍ଷା ପାଇଁ ତାଙ୍କର ନିଆରା ଅଭିଯାନ ଏବେ ତାଙ୍କୁ ବିଶ୍ୱବ୍ୟାପୀ ଦେଇଛି ପରିଚିତି। ମନୁଷ୍ୟକୃତ କାରଣରୁ ସବୁଜ ପରିବେଶ ଆଜି ଧ୍ୱଂସାଭିମୁଖୀ। ଏହାକୁ ଖେଳିବୁଲିବା ବୟସରେ ହୃଦୟଙ୍ଗମ କରିପାରିଛନ୍ତି ଗ୍ରେଟା।

ହଠାତ୍ କାଳ୍ପନିକ ଜୀବନଶୈଳୀରୁ ବାସ୍ତବବାଦୀ ହୋଇଯାଇଥିବା ଗ୍ରେଟାଙ୍କ କହିବା କଥା, ଜଳବାୟୁ ପରିବର୍ତ୍ତନ ଏବଂ ଏହାକୁ ନେଇ ଆସନ୍ନ ଗମ୍ଭୀର ସମସ୍ୟାକୁ ରାଜନେତାମାନେ ହୃଦୟଙ୍ଗମ କରିପାରୁନାହାନ୍ତି। ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ମଧ୍ୟ ନିଆଯାଉନାହିଁ। ଏହା ତାଙ୍କ ମନରେ ଦାରୁଣ ଆଘାତ ଦେଇଥିଲା। ଫଳରେ ସେ ସ୍କୁଲରୁ ଛୁଟି ନେଇ ଏହାର ପ୍ରତିବାଦ କରିବାକୁ ବାହାରିପଡ଼ିଥିଲେ। ଏହାପରେ ଏଥିରେ ଯୋଡ଼ି ହୋଇଗଲେ ବିଭିନ୍ନ ଛାତ୍ର ସଙ୍ଗଠନ। ସବୁଆଡୁ ତାଙ୍କର ଏହି ଅଭିଯାନକୁ ମିଳିଲା ଅକୁଣ୍ଠ ସମର୍ଥନ। ବିଭିନ୍ନ ସ୍ଥାନରେ ଜଳବାୟୁ ପରିବର୍ତ୍ତନକୁ ବେଖାତିର କରିଚାଲିଥିବା ରାଜନେତାଙ୍କ ବିରୋଧରେ ଆରମ୍ଭ ହେଲା ପ୍ରତିବାଦ। ଅଭିଯାନକୁ ଆହୁରି ଶାଣିତ କରିବାକୁ ସେ ଆରମ୍ଭ କଲେ 'ଫ୍ରାଇଡେ ଫର ଫ୍ୟୁଚର'। ପରିବେଶ ପ୍ରତି ଏପରି ଭଲପାଇବା କାରଣରୁ ତାଙ୍କୁ ୨୦୧୮ରେ ଯୁକ୍ତରାଷ୍ଟ୍ର ଆମେରିକାରେ ଆୟୋଜିତ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ଉଦ୍‌ବୋଧନ ଦେବାକୁ ମିଳିଥିଲା ସୁଯୋଗ। ସେ ସମ୍ମିଳନୀରେ ରଖିଥିବା ଅଭିଭାଷଣ ତଥାକଥିତ ରାଷ୍ଟ୍ରନାୟକମାନଙ୍କ ଚିନ୍ତା ବଢ଼ାଇଦେଲା। ଏହାକୁ ଗମ୍ଭୀରତାର ସହ ନେଲେ ପରିବେଶବିତ୍, ଛାତ୍ର। ପ୍ରତି ସପ୍ତାହରେ ବିଭିନ୍ନ ସ୍ଥାନରେ ପ୍ରତିବାଦ ସଭା ହେଲା। ବିରୋଧ ପ୍ରଦର୍ଶନ କରାଗଲା। ଏବେ ଏହି ଅଭିଯାନରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଏବଂ ପରିବେଶବିତ୍ ଯୋଡ଼ି ହୋଇଗଲେଣି। ଅକାଟ୍ୟ ତଥ୍ୟ ଉପସ୍ଥାପନା ପାଇଁ ଗ୍ରେଟା ସବୁଠି ପରିଚିତ। ସେ ନିଜ ଅଭିଭାଷଣରେ ରଖୁଥିବା ତଥ୍ୟକୁ ଆଧାର କରି ପରିବେଶ ସୁରକ୍ଷା ଏବଂ ତାପମାତ୍ରା ହ୍ରାସ ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। କେବଳ ଏତିକି ନୁହେଁ, ପ୍ରଥମେ ନିଜଠୁ ଆରମ୍ଭ ନ୍ୟାୟରେ ସେ ନିଜ ପରିବାର ସଦସ୍ୟଙ୍କ ଜୀବନ ଶୈଳୀ ମଧ୍ୟ ପରିବର୍ତ୍ତନ କରିସାରିଛନ୍ତି। ଏଥିରେ ମାଂସ ବର୍ଜନ, ବିମାନରେ ଯାତ୍ରା ବନ୍ଦ ଭଳି ନିୟମ ଲାଗୁ ହୋଇଛି। ୨୦୧୯ରେ ଟାଇମ୍ସ ମାଗାଜିନ ଗ୍ରେଟାଙ୍କୁ କଭର ପୃଷ୍ଠାରେ ସ୍ଥାନିତ କରିଥିଲା। ଏହା ଶୀର୍ଷକ ରହିଥିଲା 'ନେକ୍ସ୍ଟ ଜେନେରେଶନ ଲିଡର'। ତାଙ୍କ ଜୀବନଗାଥାକୁ ଆଧାର କରି ୩୦ ମିନିଟ୍ ଅବଧିର ଏକ ଡକ୍ୟୁମେଣ୍ଟାରୀ ମଧ୍ୟ ପ୍ରସ୍ତୁତ ହୋଇଛି। ସୂଚନାଯୋଗ୍ୟ, ଗ୍ରେଟାଙ୍କ ଜନ୍ମ ୨୦୦୩ରେ ହୋଇଥିଲା। ତାଙ୍କ ମା' ମେଲିନା ଏର୍ନମ୍ୟାନ ଜଣେ ଅପେରା ଗାୟିକା। ବାପା ସ୍ୱାନ୍ତ ଥନ୍‌ବର୍ଗ ଜଣେ ଅଭିନେତା।

# ଦୁର୍ଘଟଣାର ୨୦ ବର୍ଷ ପରେ କ୍ଷତିପୂରଣ

**ଅହମ୍ମଦାବାଦ:** ଦୁର୍ଘଟଣାରେ ଜଣେ ପଙ୍ଗୁ ହୋଇଯିବା ପରେ ଦୀର୍ଘ ଦୁଇ ଦଶନ୍ଧି ପରେ କ୍ଷତିପୂରଣ ପାଇବା ଘଟଣା ଏବେ ସାମନାକୁ ଆସିଛି। ଗୁଜରାଟର ଅହମ୍ମଦାବାଦରେ ରହୁଥିବା ମନୀଷ ଖ୍ରୀଷ୍ଟି ଏକ ଦୁର୍ଘଟଣାରେ ପଙ୍ଗୁ ହୋଇଯିବା ପରେ କ୍ଷତିପୂରଣ ପାଇବାକୁ ମିର୍ଜାପୁର ଗ୍ରାମୀଣ ନ୍ୟାୟାଳୟରେ ମାମଲା ଦାଏର କରିଥିଲେ ଏବଂ ଏଥିପାଇଁ ତାଙ୍କୁ ୨୦ ବର୍ଷ ଅପେକ୍ଷା କରିବାକୁ ପଡିଥିଲା। ଏବେ ସେହି ପ୍ରତୀକ୍ଷାର ଅନ୍ତ ଘଟିଛି। କୋର୍ଟ ଦୁଇ ବୀମା କମ୍ପାନୀକୁ କ୍ଷତିପୂରଣ ବାବଦ ୩୦.୪୬ ଲକ୍ଷଟଙ୍କା ସୁଧ ସହ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୯ ବର୍ଷ ବୟସରେ ମନୀଷ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ମନୀଷ ଇଣ୍ଡିଆନ ଅଏଲ କର୍ପୋରେଶନ କମ୍ପାନୀର ଚାର୍ଜମ୍ୟାନ ଥିଲେ। ସେ ଏକ ବସ୍‌ରେ ଫେରୁଥିବାବେଳେ ନଭେମ୍ବର ୧୩, ୧୯୯୯ରେ ଅହମ୍ମଦାବାଦ- ସାନନ୍ଦ ରାଜପଥରେ ସେହି ବସ ସହ ଟ୍ରକର ମୁହାଁମୁହିଁ ଧକ୍କା ହେବା ପରେ ମନୀଷ ଗୁରୁତର ଆହତ ହୋଇଥିଲେ । ଚିକିତ୍ସା ପରେ ତାଙ୍କ ଅଣ୍ଟାଠାରୁ ଗୋଡ ପର୍ଯ୍ୟନ୍ତ କିଛି ବି କାମ କରି ନ ଥିଲା। ସେ ୯୦ ପ୍ରତିଶତ ବିକଳାଙ୍ଗ ହୋଇଗଲେ। ଦୁର୍ଘଟଣା ପରେ ଗାଡି ମାଲିକ ମନୀଷଙ୍କୁ କ୍ଷତିପୂରଣ ନ ଦେବାରୁ ୨୦୦୦ରେ ସେ କୋର୍ଟର ଆଶ୍ରୟ ନେଇଥିଲେ । ୩୦ ଲକ୍ଷ ଟଙ୍କାର କ୍ଷତି ପୂରଣ ଦେବାକୁ ସେ ଦାବି କରିଥିଲେ। ମନୀଷଙ୍କ ବିକଳାଙ୍ଗତା ପାଇଁ ଉଭୟ ଗାଡି ମାଲିକଙ୍କୁ ଦାୟୀ କରି ତାଙ୍କ ବୀମା କମ୍ପାନୀକୁ କ୍ଷତି ପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।






ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଗୋଟେ ଦୁଇଟି ଜିଲାରେ ପାଗ ମେଘୁଆ ରହିବା ସହ ବର୍ଷା ଓ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୦ | ୨୪.୧ |
| ଚାନ୍ଦବାଲି | ୩୫.୭ | ୨୬.୮ |
| କଟକ | ୩୩.୪ | ୨୩.୬ |
| ପାରାଦ୍ୱୀପ | ୩୩.୦ | ୨୭.୭ |
| ଭୁବନେଶ୍ୱର | ୩୩.୨ | ୨୫.୪ |
| ଗୋପାଳପୁର | ୩୪.୦ | ୨୭.୦ |
| ପୁରୀ | ୩୩.୦ | ୨୫.୮ |
| ଅନୁଗୋଳ | ୩୪.୧ | ୨୧.୬ |
| ବାରିପଦା | ୩୧.୦ | ୨୬.୦ |
| ଝାରସୁଗୁଡ଼ା | ୩୩.୦ | ୨୪.୬ |
| କେନ୍ଦୁଝର | ୩୦.୫ | ୨୩.୬ |
| ସମ୍ବଲପୁର | ୩୩.୫ | ୨୪.୩ |
| ସୁନ୍ଦରଗଡ଼ | ୨୯.୦ | ୨୦.୦ |
| ହୀରାକୁଦ | ୩୧.୭ | ୨୪.୫ |
| ତାଳଚେର | ୩୨.୩ | ୨୪.୬ |
| ଭବାନୀପାଟଣା | ୩୨.୨ | ୨୪.୫ |
| ବଲାଙ୍ଗୀର | ୩୨.୦ | ୨୫.୫ |
| କୋରାପୁଟ | ୨୬.୩ | ୨୦.୬ |
| ଫୁଲବାଣୀ | ୨୯.୪ | -- |
| ଟିଟିଲାଗଡ଼ | ୩୨.୪ | ୨୧.୧ |
| ମାଲକାନଗିରି | ୩୧.୦ | -- |
| ସୋନପୁର | ୩୩.୮ | ୨୧.୦ |
| ଦାରିଙ୍ଗିବାଡ଼ି | ୨୬.୫ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

## ଇତିହାସର ଆଇନାରେ

### ସେପ୍ଟେମ୍ବର ୨୦ର ପ୍ରମୁଖ ଘଟଣା

୨୦୦୮ ସେପ୍ଟେମ୍ବର ୨୦ରେ ପାକିସ୍ତାନର ରାଜଧାନୀ ଇସ୍‌ଲାମାବାଦରେ ଏକ ବିସ୍ଫୋରକ ବୋଝେଇ ଟ୍ରକ ମାରିଅଟ୍ ହୋଟେଲ ସମ୍ମୁଖରେ ବିସ୍ଫୋରଣ ହେବାରୁ ଏଥିରେ ୫୪ ଜଣ ପ୍ରାଣ ହରାଇଥିଲେ। ଏହି ଆତଙ୍କବାଦୀ ବିସ୍ଫୋରଣରେ ୨୬୬ ଲୋକ ଆହତ ମଧ୍ୟ ହୋଇଥିଲେ। ପ୍ରଧାନମନ୍ତ୍ରୀଙ୍କ ବାସଭବନର ଅଳ୍ପ ଦୂରରେ ଏହି ବିସ୍ଫୋରଣ କରାଯାଇଥିଲା।

୨୦୧୮ ସେପ୍ଟେମ୍ବର ୨୦ରେ ପୂର୍ବ ଆଫ୍ରିକୀୟ ଦେଶ ତାଞ୍ଜାନିଆର ଭିକ୍ଟୋରିଆ ହ୍ରଦରେ ଏକ ଡଙ୍ଗା ବୁଡ଼ିଯିବା ଫଳରେ ୧୩୬ ଯାତ୍ରୀ ପ୍ରାଣ ହରାଇଥିଲେ। କେତେକ ନିଖୋଜ ଥିବାବେଳେ ସେମାନଙ୍କ ପତ୍ତା ମିଳି ନ ଥିଲା। ୧୦୧ ଯାତ୍ରୀ ନେବାର କ୍ଷମତା ଥିବା ଏହି ଡଙ୍ଗାରେ ପ୍ରାୟ ୩୦୦ ଯାତ୍ରୀ କରୁଥିଲେ ବୋଲି ଜଣାପଡ଼ିଛି। ମାତ୍ର ୩୭ ଜଣଙ୍କୁ ଉଦ୍ଧାର କରାଯାଇଥିଲା।

# ନିଆଁଲଗା ଚିକିତ୍ସା



**ବେଜିଂ:** ଔଷଧ ତଥା ଚେରମୂଳି ଦ୍ୱାରା ରୋଗର ଚିକିତ୍ସା କରାଯାଉଥିବା ସମସ୍ତେ ଜାଣନ୍ତି। ହେଲେ ଦେହରେ ନିଆଁ ଲଗାଇ ରୋଗର ଚିକିତ୍ସା କରାଯାଉଥିବା ବିଷୟରେ କେବେ ଶୁଣିଛନ୍ତି ? ହୁଏତ ନା। ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ କଥାଟି ସତ। ଚୀନ୍‌ରେ ୧୦୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ଏହି ପଦ୍ଧତିରେ ଚିକିତ୍ସା କରାଯାଉଛି। ଏହାକୁ 'ଫାୟାର ଥେରାପୀ' ବା 'ଅଗ୍ନୀ ଚିକିତ୍ସା' ବୋଲି କୁହାଯାଏ। ଏହି ଥେରାପୀ ଦ୍ୱାରା ଚିନ୍ତା, ଅବସାଦ, ବଦହଜମୀ, ବାନ୍ଧ୍ୟପଣଠାରୁ ଆରମ୍ଭକରି କ୍ୟାନ୍ସର ପର୍ଯ୍ୟନ୍ତ ରୋଗରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। ବିଶେଷକରି ବଡ଼ ତଥା ଦୁରାରୋଗ୍ୟ ରୋଗ ପାଇଁ ଅଧିକ ଅର୍ଥ ଖର୍ଚ୍ଚ କରିବା ସମସ୍ତଙ୍କ ପକ୍ଷେ ସମ୍ଭବପର ନୁହେଁ। ଏଥିପାଇଁ ଫାୟାର ଥେରାପୀକୁ ଉପଯୁକ୍ତ ଏବଂ ଶସ୍ତା ବୋଲି କୁହାଯାଏ। ଚୀନ୍‌ରେ ଅନେକ ବଡ଼ ରୋଗରୁ ମୁକ୍ତି ପାଇଁ ଏହି ଥେରାପୀ ବ୍ୟବହାର ହୋଇଥାଏ।

ଏହି ପଦ୍ଧତିରେ ଲୋକଙ୍କ ଉପଚାର କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଝାଙ୍ଗ୍ ଫାଙ୍ଗ ବେଶ୍ ଲୋକପ୍ରିୟ। ଝାଙ୍ଗଙ୍କ କହିବା ଅନୁସାରେ ଫାୟାର ଥେରାପୀ ମାନବ ଇତିହାସରେ ୪ର୍ଥ ବଡ କ୍ରାନ୍ତି। ସେ ବେଜିଂର ଏକ ଛୋଟ ଆପାର୍ଟମେଣ୍ଟରେ ଉପରୋକ୍ତ ରୋଗର ଚିକିତ୍ସା କରିଥାନ୍ତି। ଏକ ୱେବ୍‌ସାଇଟ୍ ଅନୁସାରେ, ପ୍ରଥମେ ରୋଗୀ ପିଠିରେ ଚେରମୂଳିରେ ପ୍ରସ୍ତୁତ ଏକ ଲେପ ଲଗାଯାଇ ତାହାକୁ ଏକ ଚାଦରରେ ଘୋଡ଼ାଇ ଦିଆଯାଏ। ଏହା ଉପରେ ପାଣି ଏବଂ ମଦ ଛିଞ୍ଚି ନିଆଁ ଲଗାଯାଏ। ଏହିପରି ରୋଗର ଚିକିତ୍ସା ହୋଇଥାଏ। ଏହା ଦ୍ୱାରା ଶରୀରର ଉପରସ୍ତରକୁ ଗରମକରି ଭିତରୁ ଥଣ୍ଡାକୁ ଦୂର କରାଯାଇଥାଏ। ତେବେ ଏହି ଥେରାପୀ ନେଉଥିବା ବ୍ୟକ୍ତିଙ୍କ ନିକଟରେ ଏଥିପାଇଁ ସାର୍ଟିଫିକେଟ ଥିବା ଆବଶ୍ୟକ ହୋଇଥାଏ।

କେନ୍ଦ୍ରୀୟ ପରାମର୍ଶଦାତା ବୋର୍ଡ ବୈଠକ

# ଅଧିକ ପ୍ରାକ୍-ଶୈଶବ ପୁନର୍ବାସ କେନ୍ଦ୍ର ପ୍ରତିଷ୍ଠା ଦାବି

ଭୁବନେଶ୍ୱର,୧୯।୯(ବ୍ୟୁରୋ)




ବୈଠକରେ ଉପସ୍ଥିତ କେନ୍ଦ୍ର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଥାବର ଚାନ୍ଦ ଗେହ୍‌ଲଟ ଓ ଅନ୍ୟମାନେ।

କେନ୍ଦ୍ର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରଣାଳୟ ଆନୁକୂଲ୍ୟରେ କେନ୍ଦ୍ରୀୟ ପରାମର୍ଶଦାତା ବୋର୍ଡର ୩ୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯୋଗଦେଇ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ରାଜ୍ୟ ତରଫରୁ ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି। ଗୁରୁବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଅନୁଷ୍ଠିତ ଏହି ବୈଠକରେ ସେ ଭିନ୍ନକ୍ଷମ ଶିଶୁମାନଙ୍କ ଅଭିବୃଦ୍ଧି ଉଦ୍ଦେଶ୍ୟରେ ଓଡ଼ିଶାରେ ଦୁଇଟି ପ୍ରାକ୍-ଶୈଶବ ପୁନର୍ବାସ କେନ୍ଦ୍ର ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏହାସହ ଭୁବନେଶ୍ୱରଠାରେ ଭିନ୍ନକ୍ଷମଙ୍କ ଲାଗି ଏକ କ୍ରୀଡ଼ା କେନ୍ଦ୍ର ସ୍ଥାପନ କରିବା ପାଇଁ ପଣ୍ଡା କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି। ରାଜ୍ୟରେ ଭିନ୍ନକ୍ଷମଙ୍କ ସଶକ୍ତୀକରଣ ପାଇଁ କେନ୍ଦ୍ର ସରକାର ଅଧିକ ପଦକ୍ଷେପ ଗ୍ରହଣ କରିବାକୁ ସେ କହିଛନ୍ତି।

ଏହି ବୈଠକରେ କେନ୍ଦ୍ର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଥାବର ଚାନ୍ଦ ଗେହ୍‌ଲଟ ଅଧ୍ୟକ୍ଷତା କରିଥିବାବେଳେ ମନ୍ତ୍ରୀ ପଣ୍ଡା ଓଡ଼ିଶା ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ରାଜ୍ୟରେ ଆଉ ୩ଟି ଜିଲାରେ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଖୋଲିବା ପାଇଁ କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଛି। ଏହା ଉପରେ କେନ୍ଦ୍ର ସରକାର ତ୍ୱରିତ ପଦକ୍ଷେପ ନେବାକୁ ସେ କହିଥିଲେ। ଓଡ଼ିଶାରେ ସାର୍ବଜନୀନ ଭିନ୍ନକ୍ଷମ ପରିଚୟ ପତ୍ର ପ୍ରଦାନ ବ୍ୟବସ୍ଥାରେ ବିଶେଷ ଅଗ୍ରଗତି ପରିଲକ୍ଷିତ ହୋଇଛି। 'ଆସେସିବୁଲ୍ ଇଣ୍ଡିଆ' ଯୋଜନାରେ ରାଜ୍ୟର ସରକାରୀ କୋଠାବାଡ଼ିକୁ ଭିନ୍ନକ୍ଷମଙ୍କ ଯାତାୟାତ ଏବଂ ପ୍ରବେଶ ସୁଗମ କରିବା ଉଦ୍ଦେଶ୍ୟରେ ର୍‍ୟାମ୍ପ ନିର୍ମାଣ କରାଯାଇଛି। ରାଜଧାନୀ ଭୁବନେଶ୍ୱରରେ ଚିହ୍ନଟ ହୋଇଥିବା ୨୦୩ଟି ସରକାରୀ କୋଠା ମଧ୍ୟରୁ ୧୧୭ଟିରେ ର୍‍ୟାମ୍ପ ନିର୍ମାଣ କାମ ଶେଷ ହୋଇଛି ଏବଂ ସେଥିପାଇଁ ରାଜ୍ୟ ବଜେଟ୍‌ରୁ ବ୍ୟୟ କରାଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସୋସିଆଲ୍ ଅଡିଟ୍ ପାଇଁ 'ସୋସାଇଟି ଫର ସୋସିଆଲ୍ ଅଡିଟ୍, ଆକାଉଣ୍ଟବିଲିଟି ଆଣ୍ଡ୍ ଟ୍ରାନ୍ସପରେନ୍ସି' (ଓସାଟ୍)କୁ ନିୟୋଜିତ କରାଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ଭିନ୍ନକ୍ଷମ ଅଧିକାର ନିୟମାବଳୀ-୨୦୧୮ ପ୍ରଣୟନ କରାଯାଇଛି ଓ ୨୦୧୮ରେ ରାଜ୍ୟ ଉପଦେଷ୍ଟା ବୋର୍ଡ ଗଠନ କରାଯାଇଥିବା ପଣ୍ଡା ସୂଚନା ଦେଇଥିଲେ। ସେହିଭଳି ଓଡ଼ିଶାରେ ଭିନ୍ନକ୍ଷମ ହିତାଧିକାରୀମାନଙ୍କୁ ପେନ୍‌ସନ୍ ପ୍ରଦାନ ବ୍ୟବସ୍ଥାରେ ଉଲ୍ଲେଖଯୋଗ୍ୟ ପ୍ରଗତି ହୋଇଥିବା ସେ କହିଥିଲେ। ବୈଠକରେ ପରାମର୍ଶଦାତା ବୋର୍ଡର ସଦସ୍ୟମାନଙ୍କ ସମେତ ବିଭିନ୍ନ ରାଜ୍ୟର ବିଭାଗୀୟ ମନ୍ତ୍ରୀ ଓ ପଦାଧିକାରୀମାନେ ଉପସ୍ଥିତ ଥିଲେ।

ବ୍ରାଣ୍ଡ୍ ଓଡ଼ିଶାର ପ୍ରସାର ପାଇଁ ନୂଆ ଅଭିଯାନ

# ଓଡ଼ିଶା ନୁହେଁ...ଓଡ଼ିଶା ଆଃ

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ପ୍ରଥମେ 'ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ'। ଆଉ ଏବେ 'ଓଡ଼ିଶା ଆଃ'। ରାଜ୍ୟ ଏବଂ ଦେଶ ବାହାରେ ବ୍ରାଣ୍ଡ୍ ଓଡ଼ିଶାର ପ୍ରମୋଶନ ପାଇଁ ଜୋରଦାର ଉଦ୍ୟମ ଚଳାଇଛି ରାଜ୍ୟ ପର୍ଯ୍ୟଟନ ବିଭାଗ। ଓଡ଼ିଶାକୁ ଭାରତର ଏକ ପ୍ରମୁଖ ପର୍ଯ୍ୟଟନ ହବ୍‌ରେ ପରିଣତ କରିବାକୁ ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ଆରମ୍ଭ ହୋଇଛି ନୂଆ କ୍ୟାମ୍ପେନ୍ 'ଓଡ଼ିଶା ଆଃ'। ଏକ ଅଭିନବ ଢଙ୍ଗରେ ଡିଜାଇନ୍ ହୋଇଥିବା ଏହି କ୍ୟାମ୍ପେନ୍ ଏବେ ଦିଲ୍ଲୀ ଏବଂ ବମ୍ବେର ମେଟ୍ରୋ ଷ୍ଟେଶନ ଏବଂ ବିମାନ ବନ୍ଦରରେ ଦେଖିବାକୁ ମିଳୁଛି।

୨୦୧୮ରେ ଭୁବନେଶ୍ୱରରେ ଆୟୋଜିତ ହୋଇଥିବା ପୁରୁଷ ହକି ବିଶ୍ୱକପ୍‌ରେ ଓଡ଼ିଶାକୁ ଦେଶ ଓ ବିଦେଶରେ କ୍ରୀଡ଼ା ରାଜଧାନୀଭାବେ ଦର୍ଶାଯାଇଥିଲା। କ୍ରୀଡ଼ା ସହ ପର୍ଯ୍ୟଟନକୁ ଯୋଡ଼ି ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ରାଜ୍ୟ ସରକାର ନୂଆ ନୂଆ କ୍ୟାମ୍ପେନ୍ ଆରମ୍ଭ କରିଥିଲେ। 'ଓଡ଼ିଶା-ବେଷ୍ଟ୍ କେପ୍ଟ୍ ସିକ୍ରେଟ୍' ପରେ 'ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ' କ୍ୟାମ୍ପେନ୍ ଆରମ୍ଭ ହୋଇଥିଲା, ଯାହାକି ଦେଶ ବାହାରେ ବିଶେଷଭାବେ ଆଦୃତ ହୋଇଥିଲା। ଏହି 'ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ' କ୍ୟାମ୍ପେନ୍‌ର ଡିଜାଇନ୍ କରିଥିବା ଏସ୍‌ତିବି କ୍ରିଏଶନ୍‌ର ପ୍ରତିଷ୍ଠାତା ତଥା କ୍ରିଏଟିଭ୍ ଡିରେକ୍ଟର ସଚିନ ଦାସ ବର୍ମା ଏହି ନୂଆ କ୍ୟାମ୍ପେନ୍ 'ଓଡ଼ିଶା ଆଃ'ର ମଧ୍ୟ ଡିଜାଇନ୍ କରିଛନ୍ତି। ନିକଟରେ ଦିଲ୍ଲୀ ଏବଂ ମୁମ୍ବାଇ ବିମାନ ବନ୍ଦରରେ ଏହି ନୂଆ କ୍ୟାମ୍ପେନ୍ ଲୋକାର୍ପିତ ହୋଇଥିବାବେଳେ ମୁମ୍ବାଇ ମେଟ୍ରୋରେ ମଧ୍ୟ ଦେଖିବାକୁ ମିଳିଛି। ଧୀରେ ଧୀରେ ଏହାକୁ ଦେଶ ଓ ବିଦେଶର ପ୍ରମୁଖ ଏୟାରପୋର୍ଟରେ ପ୍ରଦର୍ଶନ କରାଯିବ। ଏହାସହ ବିଭିନ୍ନ ଗଣମାଧ୍ୟମ ଜରିଆରେ ପ୍ରମୋଟ କରିବାକୁ ବିଭାଗ ଯୋଜନା କରିଛି। ତେବେ କେରଳ, ଗୋଆ, ଆସାମ ଭଳି ଟୁରିଜମ୍ ବ୍ରାଣ୍ଡ୍ ସହ ତାଳ ଦେବାକୁ ଓଡ଼ିଶା ଏହି କେମ୍ପନ୍ ଆରମ୍ଭ କରିଥିବା କୁହାଯାଇଛି। ଏହାସହ ଓଡ଼ିଶା ପ୍ରତି ପର୍ଯ୍ୟଟକଙ୍କର ଥିବା ଚିନ୍ତାଧାରାରେ ଏହା ପରିବର୍ତ୍ତନ ଆଣିବ। ପୁରୀ, କୋଣାର୍କ, ଭୁବନେଶ୍ୱର ଛଡ଼ା ଓଡ଼ିଶାରେ ଦେଖିବାକୁ ଓ ଅନୁଭୂତ କରିବାକୁ ଅନେକ କିଛି ରହିଛି। ଏହାସହ ଓଡ଼ିଶାର ଆଦିବାସୀ ପର୍ଯ୍ୟଟନ, ବିଚ୍ ଟୁରିଜମ୍, ବନ୍ୟଜନ୍ତୁ ପର୍ଯ୍ୟଟନ, ପାରମ୍ପରିକ ଓଡ଼ିଆ ଖାଦ୍ୟ ପର୍ଯ୍ୟଟକଙ୍କୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଦେବାର କ୍ଷମତା ରଖିଛି। ଓଡ଼ିଶାର କଳା, ସଂସ୍କୃତି, ପ୍ରାକୃତିକ ସୌନ୍ଦର୍ଯ୍ୟ, ଚାଲିଚଳଣି, ନୃତ୍ୟ, ସଙ୍ଗୀତ ଜଣେ ପର୍ଯ୍ୟଟକଙ୍କୁ ଆଃ ଅନୁଭୂତି ଦେଉଥିବାବେଳେ ନୂଆ ଅଭିଯାନକୁ ତଦନୁଯାୟୀ ପ୍ରସ୍ତୁତ କରାଯାଇଛି।

**PARADIP PORT TRUST**

**E-TENDER CALL NOTICE**

Name of the Work: **"03rd Dry Docking / Repairs of tug TARINI of Paradip Port Trust at Paradip"**. Estimated cost put to tender : **Rs.1,19,32,100/-**. Last date & time of submission of tender through on-line bidding is **1500 hours on Dt.15.10.2019.** For details, please log on to the Website : **https://eprocure.gov.in/eprocure/app.**

**Deputy Conservator**

PPT/PR/338/19-20, Dt.19.09.2019

नालको NALCO

**National Aluminium Company Limited**
**(A Government of India Enterprise)**
Smelter Plant, Nalco Nagar, Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

**TENDER NOTICE**

E-tenderNo: SMLT/404/1000044256,Dt.11/09/2019
Bids invited from Indian manufacturers for Manufacture & supply of 240 sets of Flue Wall Bricks for Anode Baking Furance – I. The last date & time of bid submission: Dt 10/10/2019, 10:00am (Bid opening date: 12/10/2019).Tender documents will be available at **https://eprocure.gov.in/eprocure/app** and **www.nalcoindia.com.** Any corrigendum/addendum will be published in websites only.

**DGM (Materials)**

# ପ୍ରଯୁକ୍ତିବିଦ୍ୟା ଦ୍ୱାରା ଉଚ୍ଚଶିକ୍ଷାର ବିକାଶ କରାଯିବ

ନାକ୍ ମାନ୍ୟତା ପାଇଁ ପ୍ରସ୍ତୁତ ହେଉଛି ରୋଡ୍ ମ୍ୟାପ୍

**ଭୁବନେଶ୍ୱର, ୧୯।୯(ବ୍ୟୁରୋ):** ମହାବିଦ୍ୟାଳୟଗୁଡ଼ିକ ନାକ୍ ମାନ୍ୟତା ପାଇବା ଦିଗରେ ଇଣ୍ଟରନାଲ୍ କ୍ୱାଲିଟି ଆସ୍ୟୁରାନ୍ସ ସେଲ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଏହାକୁ ଅଧିକ କ୍ରିୟାଶୀଳ ଓ ସୁଦୃଢ଼ କରାଯିବା ପାଇଁ ପଦକ୍ଷେପ ନିଆଯାଇଛି। ମହାବିଦ୍ୟାଳୟଗୁଡ଼ିକ ନାକ୍ ମାନ୍ୟତା ପାଇବା ଦିଗରେ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟଗୁଡ଼ିକର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଶିକ୍ଷାନୁଷ୍ଠାନମାନଙ୍କରେ ୫'ଟି'କୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ସହିତ ଇ-ଗଭର୍ନାନ୍ସ ଓ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ କରି ଉଚ୍ଚଶିକ୍ଷାର ବିକାଶ କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି। ଗୁରୁବାର ପୁସ୍ତକ ଭବନରେ ଆୟୋଜିତ ବିଶ୍ୱବିଦ୍ୟାଳୟଗୁଡ଼ିକର ଉଚ୍ଚ ପଦାଧିକାରୀସ୍ତରୀୟ ବୈଠକରେ ମନ୍ତ୍ରୀ ସାହୁ ଅଧ୍ୟକ୍ଷତା କରି କହିଥିଲେ, ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ଯେପରି ଅଧିକରୁ ଅଧିକ ନାକ୍ ମାନ୍ୟତା ପାଇବେ ସେ ଦିଗରେ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯାଉଛି। ଶିକ୍ଷାନୁଷ୍ଠାନରେ ମାନବସମ୍ବଳ ବିକାଶ କେନ୍ଦ୍ରଗୁଡ଼ିକର କାର୍ଯ୍ୟକାରିତା, ପରିଚାଳନା ଓ ନାକ୍ ମାନ୍ୟତା ସମ୍ବନ୍ଧରେ ସମୀକ୍ଷା କରିବା ଅବସରରେ ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ଅଧ୍ୟାପକମାନଙ୍କ ନିୟମିତ ପ୍ରଶିକ୍ଷଣ ଆବଶ୍ୟକ। ଏଥିପାଇଁ ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର, ବିଶ୍ୱବ୍ୟାଙ୍କ ପ୍ରକଳ୍ପ ନିର୍ଦ୍ଦେଶକ ପରମେଶ୍ୱରନ୍ ବି, ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ ଏବଂ ପ୍ରଫେସର ସସ୍ମିତ ପାଣି ପ୍ରମୁଖ ନାକ୍ ମାନ୍ୟତା ଓ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧିର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ଶିକ୍ଷା ଓ ଅନୁସନ୍ଧାନ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ସମେତ ବିଜବେ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ରାଜଧାନୀ କଲେଜ ଭୁବନେଶ୍ୱର ପଦାଧିକାରୀମାନେ ଯୋଗଦେଇଥିଲେ।

## ନିରୁଦ୍ଦିଷ୍ଟ ବୃଦ୍ଧାଙ୍କ ସମ୍ପର୍କରେ ସୂଚନା



ମାନସିକ ବିକାରଗ୍ରସ୍ତ ବୃଦ୍ଧା ଗତ ତା.୧୯।୦୭।୨୦୧୯ରୁ ବୀରମହାରାଜପୁର ପୁଲିସଙ୍କ ଦ୍ୱାରା ରାସ୍ତାରୁ ଉଦ୍ଧାର ହୋଇ ବୀରମହାରାଜପୁର ସ୍ୱଧାର ଗୃହରେ ଅଛନ୍ତି। ଉକ୍ତ ବୃଦ୍ଧା ତାଙ୍କର କୌଣସି ପରିଚୟ ଯଥା ନାମ ଓ ଠିକଣା ଦେଇପାରୁନାହାନ୍ତି। ଯଦି ତାଙ୍କର ସମ୍ପର୍କୀୟ ଅଥବା ବନ୍ଧୁବାନ୍ଧବ ଅଛନ୍ତି, ସେମାନେ ନିମ୍ନ ଦୂରଭାଷ ଯୋଗେ ଯୋଗାଯୋଗ କରିପାରିବେ।

**ଦୂରଭାଷ ନଂ.-୮୪୫୮୦୭୦୬୧୯, ୯୪୩୭୭୮୮୬୧୯**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OPTCL Lifeline of Odisha
EHT (O&M) DIVISION, JAYANAGAR-764005 CIN: U40102OR2004SGC007553

**NOTICE INVITING TENDER**

Sealed Tenders are invited by the undersigned from registered Contractors having valid Licence, I.T PAN No and GST Registration Certificate for Tender Call No : 10 **Uprooting & cleaning of grass, wild shrubs including cutting of small bushes at different grid S/S, under EHT(O&M) Division, Jayanagar and Different R & M works of 132KV and 220KV TL S/D Jayanagar. Cost of Tender Papers** are of Rs.672.00 and Rs.448.00 (non-refundable) in shape of Cash & **EMD** @1% of quoted amount in the shape of DD/Cash for Tender call No 10. **Sale of Tender Documents** from Dt.18.09.2019 to upto 12:00 Noon of Dt.27.09.2019. **Last Date of Submission of Tender** on or before Dt.27.09.2019 upto 04:00PM. **Tenders Will be Opened** on Dt.27.09.2019 at 04:30 PM.

**Corrigendum if any will be published in the website only.**

Sd/-
**DGM (Ele.)**

Please connect us: optcl.odisha optcl_odisha energyodisha

ODISHA HYDRO POWER CORPORATION LIMITED
OHPC
**BALIMELA HYDRO ELECTRIC PROJECT, POST:- BALIMELA**
**DIST.- MALKANGIRI (ODISHA): PIN: 764051**
**Phones: 06861-232581 (O)/232641 (R) : FAX:06861-232541**
**E-Mail unit.head_balimela@yahoo.com CIN No : U401010R1995SGC003963**

**NOTICE INVITING TENDER NO. P-13 (H)/ 6340 /2019-20/ DATED: 18.09.2019.**

No.CAD-399 :- Sealed tenders in two parts are invited, for supply of industrial safety shoes and formal shoes to BHEP, Balimela as mention below by reputed shoe Manufactures / Authorized Distributors / Dealers of (i) Lee- Copper, (ii) BATA, (iii) LIBERTY, (iv) ACME (v) RAHAMAN, (vi) REEBOK or any reputed make of equivalent quality having prior experience of supplying 150 pair of shoes or more in a single order within last 3 years.

| Gr. | Description of materials | Qty | Estimated Cost | Cost of tender paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website. | Last date & Time of receipt of Tender. | Date & Time of opening of bid |
|---|---|---|---|---|---|---|---|---|
| A | Industrial Safety Shoes (Executive & Non-executives) | 204 | Rs. 4,08,000/- | 2360/- (2000/-+ GST@18%) | Rs.4100/- | 21.09.2019 To 01.10.2019 | 01.10.2019 Upto 13.00 hrs | 01.10.2019 At 16.30 hrs. |
| B | Formal Shoes (Executive & Non-executives) | 29 | Rs. 58,000/- | 708/- (600/-+ GST@18%) | Rs.600/- | 21.09.2019 To 01.10.2019 | 01.10.2019 Upto 13.00 hrs | 01.10.2019 At 16.30 hrs. |

**N.B :-** The tenderer can participate either for one of the Group or both the Groups separately. For details of the tender documents, terms & conditions please visit our website **www.ohpcltd.com**

**Sd./- Chief General Manager (Electrical) BHEP, Balimela**

04019/11/0042/1920

**ଓଡ଼ିଶା ସରକାର**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

**ଅଧିସୂଚନା**

No.RDM-LAC-KNJ-0019-2019/18356 RDM, Dated: 01.JUL.2019

No.V-57 :- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା-ପଦ୍ମପୁର (ଅତିରିକ୍ତ), ଥାନା-ଆନନ୍ଦପୁର, ସଂ.୧୦୭, ତହସିଲ-ଆନନ୍ଦପୁର, ଜିଲ୍ଲା-କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.**୧.୨୧** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act-2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ଆନନ୍ଦପୁର କେନାଲ ଡିଭିଜନ, କେନ୍ଦୁଝର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ଆନନ୍ଦପୁର।
୬. **ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଆନନ୍ଦପୁର | ପଦ୍ମପୁର (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨.୪୬ | ଏ. ୧.୨୧ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସାଳପଡା କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– ବ୍ରହ୍ମାନନ୍ଦ ବେହେରା, ଯୁଗ୍ମ ଶାସନ ସଚିବ**

**LAND SCHEDULE**

Addl. Land Acquisition for Construction of Anandapur Barrage Project (Baitarani Left Bank Canal) of Vill - Padmapur, Tahasil - Anandapur, P.S.- Anandapur No.-107, Dist.- Keonjhar, L.A. Case No.20/18

| କ୍ର. ନଂ. | ଖାତା ନଂ. | ଜମି ମାଲିକଙ୍କ ନାମ, ଜାତି, ବାସସ୍ଥାନ | ପ୍ଲଟ୍ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୮ | ଅଙ୍କୁର ଖଟୁଆ, ପି-ଶଙ୍କର ଖଟୁଆ, ଜା-ତେଲି, ବା-ନିଜଗାଁ | ୫୯୦/୪୩୨୮ | ବାଜେଫସଲ-୧ | ୦.୫୦ | ୦.୦୪ |
| ୨ | ୧୫୮ | ଗୋବର୍ଦ୍ଧନ ସାହୁ, ରଘୁ ସାହୁ, ପି-ଚନ୍ଦ୍ର ସାହୁ, ଜା-ତେଲି, ବା-ନିଜଗାଁ। | ୧୩୭୯/୪୪୨୭ | ବାଜେଫସଲ-୧ | ୦.୮୬ | ୦.୦୭ |
| ୩ | ୨୬୫ | ନଟବର ସାହୁ, ଜଟାଧାରୀ ସାହୁ, ନରହରି ସାହୁ, ରାମଚନ୍ଦ୍ର ସାହୁ, ପି-ରଙ୍କ ସାହୁ, ଜା-ତେଲି, ବା-ନିଜଗାଁ। | ୧୪୬୧/୪୩୧୩ | ବାଜେଫସଲ-୧ | ୦.୦୯ | ୦.୦୯ |
| ୪ | ୫୩୪ | ସତ୍ୟବାଦୀ ସାହୁ, ପି-ଦର୍ଶନ ସାହୁ, ଜା-ତେଲି, ବା-ନିଜଗାଁ। | ୧୩୮୪ | ବାଜେଫସଲ-୧ | ୦.୮୧ | ୦.୮୧ |
| ୫ | ୬୨୧/୬୫୨ | ଧୋବେଇ ସାହୁ, ପି-ନରି ସାହୁ, ଜା-ତେଲି, ବା-ନିଜଗାଁ। | ୪୪୪/୫୦୦୪ | ଶାରଦ-୨ | ୦.୧୧ | ୦.୧୧ |
| ୬ | ୬୨୧/୮୫୬ | କୁଶରଞ୍ଜନ ସାହୁ, ପି-ଜଟାଧାରୀ ସାହୁ, ଜା-ତେଲି, ବା-ପଦ୍ମପୁର। | ୪୬୧/୫୧୯୧ | ଘରବାରି | ୦.୦୯ | ୦.୦୯ |
| | | | | ମୋଟ ଅଧିଗ୍ରହଣ ରକବା ଏ | | ୧.୨୧ |

24001/14/0154/1920

No. V-64:

**ଓଡ଼ିଶା ସରକାର**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

**ଅଧିସୂଚନା**

**No RDM-LAC-KNJ-0022-2019/** 20602 **R&DM, Dated** 20 JUL 2019

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛିକି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ଦକ୍ଷିଣ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- **ଅତାସାହି**, ଥାନା- ଘଷିପୁରା ସଂ- ୬୧, ତହସିଲ- ଘଷିପୁରା, ଜିଲ୍ଲା- କେନ୍ଦୁଝର ରେ ନିମ୍ନ ତଫସିଲ ମତେ ପ୍ରାୟ **ଏ ୦.୫୨** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧- ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ- ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ଦକ୍ଷିଣ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ |
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ଆନନ୍ଦପୁର ବ୍ୟାରେଜ ଡିଭିଜନ, କେନ୍ଦୁଝର ।
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ :- ସାର୍ବଜନୀନ ଉଦ୍ଦେଶ୍ୟରେ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ଦକ୍ଷିଣ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ କାର୍ଯ୍ୟକାରି କରିବା ।
୪- ସାମାଜିକ ପ୍ରଭାବ ମୂଲ୍ୟାୟନ ର ସାରାଂଶ :- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ :- ଉପ-ଜିଲ୍ଲା ପାଳ, ଆନନ୍ଦପୁର ।
୬- ଜମି ର ବିବରଣୀ:-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଘଷିପୁରା | ଅତାସାହି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ ୦.୯୭ | ଏ ୦.୫୨ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସାଳପଡା, କେନ୍ଦୁଝରଙ୍କ କାର୍ଯ୍ୟାଳୟ ରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରା ଯାଇ ପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/-ଅତିରିକ୍ତ ଶାସନ ସଚିବ

LAND SCHEDULE

Land Acquisition for excavation of Baitarani Right Bank Canal of Anandapur Barrage Project of Vill – Atasahi, Tahasil – Ghasipura, P.S. – Ghasipura No. – 61, Dist – Keonjhar. L.A. Case No. – 26/18

| କ୍ର.ନଂ | ଖାତା ନଂ | ଜମି ମାଲିକଙ୍କ ନାମ - ଜାତି , ବାସସ୍ଥାନ | ପ୍ଲଟ୍ ନଂ | କିସମ | ମୋଟ ରକବା | ଅଧିଗ୍ରହଣ ରକବା |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| ୧ | 62 | ଗୌରାଙ୍ଗ ନାହାକ, ପି- ବନମାଳି ନାହାକ, ଧର ନାହାକ, ପି- ରାମ ନାହାକ, ରଘୁ ସାହୁ, ପି- ଲକ୍ଷ୍ମଣ ସାହୁ, ଫଗୁ ସାହୁ, ବିକଳ ସାହୁ, ପି- ସପନ ସାହୁ, ମିଛୁ ନାହାକ, ନକୁଳ ନାହାକ, ଶଙ୍କି ସାହୁ, ମାଳି ସାହୁ, ପି- ଲକ୍ଷ୍ମଣ ସାହୁ, ଭରତ ନାହାକ, ପି- ବିକଳ ନାହାକ, ରଘୁ ନାହାକ, ପଗୁ ନାହାକ, ନସୁ ନାହାକ, ପି- ରଙ୍କ ନାହାକ, ଭାଇଗ ନାହାକ, ପି- ଡିକ ନାହାକ, ଧନି ସାହୁ, ପି- ଭିମ ସାହୁ, କୁରୁପ ସାହୁ, କରୁଣା ସାହୁ, ପି- ରତନ ସାହୁ, ଜଗବନ୍ଧୁ ସାହୁ, ପି- ମଧୁ ସାହୁ, ହଗର ସାହୁ, ବିକଳ ସାହୁ, ପି- ନିଶାକର ସାହୁ, ଚିନ୍ତାମଣି ନାଏକ, ଗଙ୍ଗାଧର ନାଏକ, ଲକ୍ଷ୍ମୀଧର ନାଏକ, ପି- ଗୋପି ନାଏକ, ଜା- ତେଲି, ବା- ନିଜଗାଁ । | 3142 | ଶାରଦ - ୨ | 0.61 | 0.16 |
| ୨ | 190 | ବୋଧି ସାହୁ, ପି- ଦଧି ସାହୁ, ମାୟା ସାହୁ, ପି- ଧନି ସାହୁ, ଚୈତନ୍ୟ ସାହୁ, ପି- କୃର୍ତି ସାହୁ, ସାଧୁ ସାହୁ, ପି – ରଘୁ ସାହୁ, କିର୍ତନ ସାହୁ, ଚୈତନ୍ୟ ସାହୁ, କାଶିନାଥ ସାହୁ, ପି- ରାମ ସାହୁ, ନିଶାକର ସାହୁ, ପି- ଭଗି ସାହୁ, ନିଶାକର ନାଏକ, ପି- ସଦା ନାଏକ, ପାର୍ବତୀ ନାଏକ, ସ୍ୱା- ଶୁକ ନାଏକ, ପାତୀ ସାହୁ, କେଲୁଣୀ ସାହୁ, ପି- ଶୁକ ସାହୁ, ଅମୃତ ନାହାକ, ଫକିର ନାହାକ, ଭାଇଗ ନାହାକ, ପି- ଧନୀ ନାହାକ, ବଡେଇ ନାଏକ, ପି- ଅଇଁଠୁ ସାହୁ, ଫଗୁ ସାହୁ, ପି- ରତନ ସାହୁ, ଜା- ଗୁଡିଆ, ଚିନ୍ତାମଣୀ ନାଏକ, ଗଙ୍ଗାଧର ନାଏକ, ଲକ୍ଷ୍ମୀଧର ନାଏକ, ପି- ଗୋପି ନାଏକ, ଜା- ତେଲି, ବା- ନିଜଗାଁ । | 3143 | ଶାରଦ - ୨ | 0.36 | 0.36 |
| | | | | | ମୋଟ ଅଧିଗ୍ରହଣ ରକବା ଏ | 0.52 |

24001/14/0161/1920

**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
**SANTARAPUR, BHUBANESWAR - 751002**
Tel - MD 0674 - 2340573, PBX - 2340170, Fax – 2340096

**TENDER CALL NOTICE**

No- OSSC/ Engg- 52/2019

**No. CAD-402:-** The Managing Director, Odisha State Seeds Corporation Ltd invites Percentage Rate Tenders through ONLINE MODE only for the works "CONSTRUCTION OF SEMI COVERED DRYING YARD AT DIFFERENT SEED PROCESSING PLANT LOCATION OF OSSC LTD, clubbed under each Seed Production Zone of OSSC Ltd, from eligible contractors.

The details of location of work, estimated amount, cost of Tender Document, EMD and other criteria can be seen in the Detailed Tender Call Notice posted in Website of Govt of Odisha www.tenderodisha.gov.in. The last date of uploading of tender to tender portal is dt. 09.10.2019.

*Sd./- Sri JR Mishra OAS (S)*
*Managing Director*

01045/11/0014/1920

**CUTTACK DEVELOPMENT AUTHORITY**
C.D.A.
Arunodaya Market, Link Road, Cuttack - 753012 (Odisha)

**No.11989 /CDA / Dated : 19.09.2019**

**QUOTATION CALL NOTICE**

Cuttack Development Authority, Cuttack invites sealed quotations from the Regd. Travel Agencies / Service providers those who intend to supply the Petrol operated vehicles on monthly hire basis with driver for official purpose which shall confirm to terms and conditions **(Annexure - II).**

The quotation complete in all respect should reach the undersigned on or before dt.30.09.2019 to 5.00 P.M. and shall be opened on dt.01.10.2019 at 3.00 P.M. The details are available in CDA office during office hours from dt.21.09.2019 to dt.27.09.2019 on working days or in our website cdacuttack.nic.in w.e.f dt.21.09.2019.

**Secretary**



ନିର୍ମଳ କୁମାର ମିଶ୍ର

# ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍



IAAF World Championships DOHA 2019

**ଅଲିମ୍ପିକ୍ସ ପରେ ବିଶ୍ୱ ଆଥଲେଟିକ୍ ଚାମ୍ପିୟନଶିପ୍ ଦ୍ୱିତୀୟ ଶ୍ରେଷ୍ଠ କ୍ରୀଡ଼ା ମହାକୁମ୍ଭର ମାନ୍ୟତା ପାଇଛି। ଏହି ମେଗା ଇଭେଣ୍ଟର ୧୭ତମ ସଂସ୍କରଣ ଏଥର କାତାର ରାଜଧାନୀ ଦୋହାରେ ଆୟୋଜନ ହେବ। ସେପ୍ଟେମ୍ବର ୨୭ ତାରିଖରୁ ଆରମ୍ଭ ହୋଇ ଏହା ଅକ୍ଟୋବର ୬ ତାରିଖରେ ଶେଷ ହେବ। ଦୋହାର ଖଲିଫା ଅନ୍ତର୍ଜାତୀୟ ଷ୍ଟାଡିୟମରେ ଏହାର ଆୟୋଜନ ହେବ...**

ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୧୭ତମ ସଂସ୍କରଣ କାତାର୍ ରାଜଧାନୀ ଦୋହାଠାରେ ଚଳିତ ମାସ ୨୭ତାରିଖରୁ ଆରମ୍ଭ ହେବ। ଏହା ଅକ୍ଟୋବର ମାସ ୬ତାରିଖ ପର୍ଯ୍ୟନ୍ତ ଚାଲିବ। ଇଣ୍ଟରନାଶନାଲ୍ ଆସୋସିଏଶନ୍ ଅଫ୍ ଆଥ୍ଲେଟିକ୍ସ ଫେଡେରେଶନ୍ (ଆଇଏଏଏଫ୍) ଦ୍ୱାରା ଆୟୋଜିତ ଏହି ମେଗା ଇଭେଣ୍ଟ ବିଶ୍ୱସ୍ତରୀୟ ଆଥଲେଟମାନଙ୍କର ବେଶ୍ ପସନ୍ଦର ପ୍ରତିଯୋଗିତା ରୂପେ ଲୋକପ୍ରିୟତା ହାସଲ କରିଛି । ଅଲିମ୍ପିକ୍ସ ପରେ ଏହା ବିଶ୍ୱର ଦ୍ୱିତୀୟ ଶ୍ରେଷ୍ଠ ଆଥଲେଟିକ୍ସ ପ୍ରତିଯୋଗିତାର ମାନ୍ୟତା ପାଇଛି। ଏହା ପ୍ରତି ୪ବର୍ଷରେ ଥରେ ଅନୁଷ୍ଠିତ ହୋଇଆସୁଛି। ଅଲିମ୍ପିକ୍ସ ପରି ଏହି ମେଗା ପ୍ରତିଯୋଗିତାରେ ଅନେକ ଷ୍ଟାର ଆଥଲେଟଙ୍କ ସମାଗମ ଏହି ପ୍ରତିଯୋଗିତାକୁ ଆକର୍ଷଣୀୟ କରିବା ସହିତ ବିଶ୍ୱସ୍ତରୀୟ ପ୍ରତିଯୋଗୀମାନଙ୍କୁ ରେକର୍ଡ ସ୍ଥାପନ କରିବା ପାଇଁ ସହାୟକ ହୋଇଥାଏ। ଏସିଆ ମହାଦେଶର ତଥା ମଧ୍ୟପ୍ରାଚ୍ୟ ଦେଶ କାତାର ରାଜଧାନୀ ଦୋହାଠାରେ ଥିବା ଖଲିଫା ଇଣ୍ଟରନ୍ୟାଶନାଲ୍ ଷ୍ଟାଡିୟମରେ ପ୍ରତିଯୋଗିତାର ସବୁ ଇଭେଣ୍ଟ ଆୟୋଜନ ହେବ। ସୂଚନାଯୋଗ୍ୟ ଯେ, ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତା ୫ମ ଥର ପାଇଁ ଏସିଆ ମହାଦେଶରେ ଅନୁଷ୍ଠିତ ହେବାକୁ ଯାଉଛି। ପୂର୍ବରୁ ଜାପାନର ଟୋକିଓଠାରେ ୨ଥର, ଚାଇନା ଏବଂ ସାଉଥ୍ କୋରିଆରେ ଏହି ସମ୍ମାନଜନକ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଛି। ୨୦୧୭ ମସିହାରେ ଲଣ୍ଡନଠାରେ ଏହି ପ୍ରତିଯୋଗିତାର ୧୬ତମ ସଂସ୍କରଣ ଅନୁଷ୍ଠିତ ହୋଇଥିଲା। ବିଡିଂ ପ୍ରକ୍ରିୟାରେ ୨୦୧୪ ମସିହା ନଭେମ୍ବର ୧୮ତାରିଖରେ ଆଇଏଏଏଫର ବାର୍ଷିକ ବୈଠକ ମୋନାକୋ ସହରଠାରେ ଅନୁଷ୍ଠିତ ହୋଇଥିଲା। ଆୟୋଜକ ତାଲିକାରେ ବାର୍ସିଲୋନା (ସ୍ପେନ), ଦୋହା (କାତାର), ୟୁଜେନ୍ (ୟୁଏସ୍ଏ) ସହର ସାମିଲ ହୋଇଥିଲେ ମଧ୍ୟ କାତାର୍ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ କରିବା ପାଇଁ ସୁଯୋଗ ପାଇଥିଲା। ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଏହି ମେଗା ଚାମ୍ପିୟନଶିପ୍ ବେଶ୍ ଗୁରୁତ୍ୱ ବହନ କରୁଛି। ଆଇଏଏଏଫ୍ ର ଟେକ୍‌ନିକାଲ କମିଟିର ଘୋଷଣା କ୍ରମେ ଏହି ପ୍ରତିଯୋଗିତା ପାଇଁ ଅଂଶଗ୍ରହଣ କରୁଥିବା ଆଥଲେଟମାନେ ସେମାନଙ୍କର ବିଶ୍ୱ ର୍‍ୟାଙ୍କିଙ୍ଗ୍ ମାନ୍ୟତା ଆଧାରରେ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଏଥିସହିତ ଆଇଏଏଏଫ ଦ୍ୱାରା ଘୋଷିତ ଷ୍ଟାଣ୍ଡାର୍ଡ ଟାଇମିଂ ସହିତ ୨୦୦୯ରେ ଡାଇମଣ୍ଡ ଲିଗ୍‌ର ପ୍ରଦର୍ଶନ ଏବଂ ଫଳାଫଳ ଅନୁସାରେ ମଧ୍ୟ ବିଶ୍ୱସ୍ତରୀୟ ପ୍ରତିଯୋଗୀମାନେ 'ୱାଇଲ୍ଡ କାର୍ଡ ଏଣ୍ଟ୍ରି' ମାଧ୍ୟମରେ ମଧ୍ୟ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରିବେ।

**୧୭ତମ ସଂସ୍କରଣ**

**ଦେଶ:** କାତାର
**ଭେନ୍ୟୁ:** ଦୋହା
**ଷ୍ଟାଡିୟମ:** ଖଲିଫା ଅନ୍ତର୍ଜାତୀୟ ଷ୍ଟାଡିୟମ
**ତାରିଖ:** ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୬
**ଆୟୋଜକ:** ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ ଫେଡେରେଶ (ଆଇଏଏଏଫ୍)
**ଅଂଶଗ୍ରହଣ କରିବେ:** ଆଇଏଏଏଫ୍‌ର ୨୧୪ଟି ମେମ୍ବର ଫେଡେରେଶନର ସଦ୍ୟର ଆଥଲେଟ।

ଉଭୟ ପୁରୁଷ ଏବଂ ମହିଳା ବିଭାଗରେ ରନିଂ ରେସ୍ (୧୦୦ମି., ୨୦୦ମି., ୪୦୦ମି., ୧୫୦୦ମି, ୫୦୦୦ମି) ସହିତ ମାରାଥନ ହର୍ଡଲ୍ସ, ଡେକାଥେଲନ୍, ଷ୍ଟିପଲଚେଜ୍, ହାଇଜମ୍ପ, ପୋଲଭୋଲ୍ଟ, ଶଟ୍‌ପୁଟ୍, ଜାଭେଲିନ୍ ଥ୍ରୋ, ରିଲେ ରେସ ପରି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ୨୧୪ଟି ମେମ୍ବର୍ସ ଫେଡେରେଶନର ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିବେ। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦେଶ ରୁଷିଆନ୍ ଆଥଲେଟିକ ଫେଡେରେଶନ୍‌କୁ ଆଇଏଏଏଫ୍ ବାସନ୍ଦ କରିଛି। କାରଣ ଏହାର ଅଧିକାଂଶ ଆଥଲେଟ୍ ଡୋପ୍ ଟେଷ୍ଟରେ ବିଫଳ ହୋଇଥିବାରୁ ରୁଷିଆ ଏହାର ଦୃଢ ପ୍ରତିବାଦ କରିବା ସହିତ ଏପରି ଏକ ସମ୍ମାନଜନକ ବିଶ୍ୱସ୍ତରୀୟ ପ୍ରତିଯୋଗିତାରୁ ନିଜକୁ ଦୂରେଇ ରଖିଛି। ବର୍ତ୍ତମାନ ଉଭୟ ପୁରୁଷ ଏବଂ ମହିଳା ଟ୍ରାକ ଆଣ୍ଡ୍ ଫିଲ୍ଡ ରେକର୍ଡ ରହିଛି। ପୁରୁଷ ୧୦୦ମି. ପାଇଁ ୧୦.୧୦ ସେକେଣ୍ଡ ରହିଛି। ଏବଂ ୧୧.୨୪ ସେକେଣ୍ଡ ମହିଳା ୧୦୦ମି. ପାଇଁ ରହିଛି। ପୁରୁଷ ୨୦୦ ମିଟର ରେସ୍ ପାଇଁ ରେକର୍ଡ ୨୦.୪୦ ସେକେଣ୍ଡ ରହିଛି। ସେହିପରି ୨୩.୨୮ ସେକେଣ୍ଡ ମହିଳାଙ୍କ ପାଇଁ ରହିଛି। ପୁରୁଷ ୪୦୦ ମିଟରରେ ରେକର୍ଡ ୪୫.୩୦ସେକେଣ୍ଡ ରହିଛି । ସେହିପରି ମହିଳା ୪୦୦ମି. ରେସ ପାଇଁ ରେକର୍ଡ ୫୧.୮୦ ସେକେଣ୍ଡ ରହିଛି। ଏହି ପ୍ରତିଯୋଗିତାଗୁଡିକ ପାଇଁ ସମଗ୍ର ବିଶ୍ୱରୁ ୪୮ଜଣ ଲେଖାଏଁ ପ୍ରତିଯୋଗୀ ରହିଥିବା ବେଳେ ମହିଳା ୨୦୦ମିଟର ପାଇଁ ୫୬ ଜଣ ଭାଗ ନେଇ ପାରିବେ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ପ୍ରଥମ ସଂସ୍କରଣ ସ୍ୱିଡେନଠାରେ ଅନୁଷ୍ଠିତ ହୋଇଥିବା ବେଳେ ଗୋଟିଏ ଇଭେଣ୍ଟ ପାଇଁ ୨୦ଟି ସଭ୍ୟ ଦେଶରୁ ମାତ୍ର ୪୨ଜଣ ପ୍ରତିଯୋଗୀ ଭାଗନେଇଥିଲେ। ୨୦୧୭ ମସିହାରେ ଏହାର ୧୬ତମ ସଂସ୍କରଣ ଗ୍ରେଟ୍ ବ୍ରିଟେନ୍‌ର ଲଣ୍ଡନଠାରେ ୪ଅଗଷ୍ଟ ରୁ ୧୩ ଅଗଷ୍ଟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦୫ଟି ଦେଶରୁ ୪୮ଟି ଇଭେଣ୍ଟ ପାଇଁ ୨୦୩୬ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଆମେରିକା ଏହି ସଂସ୍କରଣର ପଦକ ତାଲିକାରେ ଶୀର୍ଷରେ ରହିଥିଲା। ଆମେରିକା ମୋଟ୍ ୩୦ଟି ପଦକ (୧୦ଟି ସ୍ୱର୍ଣ୍ଣ, ୧୧ଟି ରୌପ୍ୟ, ୯ଟି ବ୍ରୋଞ୍ଜ) ହାସଲ କରିଥିଲା। ସେହିପରି କେନିଆ ମୋଟ୍ ୧୧ଟି ପଦକ ସହ ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଥିଲା। କେନିୟା ୫ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ, ୪ଟି ବ୍ରୋଞ୍ଜ୍ ପଦକ ଜିତିଥିଲା। ସେହିପରି ଦକ୍ଷିଣ ଆଫ୍ରିକା ୧୦ ପଦକ ସହ ତୃତୀୟ ସ୍ଥାନରେ ରହିଥିଲା। ଦକ୍ଷିଣ ଆଫ୍ରିକା ୭ଟି ସ୍ୱର୍ଣ୍ଣ, ୧ଟି ରୌପ୍ୟ, ୨ଟି ବ୍ରୋଞ୍ଜ ପଦକ ହାସଲ କରିଥିଲା। ଭାରତ କୌଣସି ପଦକ ଜିତିବାକୁ ସକ୍ଷମ ହୋଇ ନ ଥିବା ବେଳେ ୪୨ଟି ଦେଶ ୧୪୫ଟି ପଦକ ହାସଲ କରିବାକୁ ସକ୍ଷମ ହୋଇଥିଲେ। ଆୟୋଜକ ଦେଶ ଗ୍ରେଟ ବ୍ରିଟେନ ୬ଷ୍ଠ ସ୍ଥାନରେ ରହିଥିଲା।

ଆମେରିକାର ଜଷ୍ଟିନ ଗାଟଲିନ୍ ୧୦୦ମିଟର ରେସରେ ପୁରୁଷ ବିଭାଗରେ ୯.୯୨ ସେକେଣ୍ଡରେ ଗୋଲଡ ମେଡାଲ ହାସଲ କରିଥିବା ବେଳେ ୨୦୦ମିଟରରେ ତୁର୍କୀର ରାମିଲ ଗଲିଏଭ୍ ୨୦.୦୯ ସେକେଣ୍ଡରେ ସ୍ୱର୍ଣ୍ଣ ଏବଂ ୪୦୦ମିଟର ରେସ୍‌ରେ ସାଉଥ ଆଫ୍ରିକାର ୱାଡେଭାନ୍ ନିଏକେର୍କ ୪୩.୯୮ ସେକେଣ୍ଡରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ମହିଳା ବିଭାଗର ୧୦୦ମିଟର ରେସ୍‌ରେ ଆମେରିକାର ଟୋରିବୋୱି ୧୦.୮୫ ସେକେଣ୍ଡରେ ସ୍ୱର୍ଣ୍ଣ ପଦକ ପାଇଥିଲେ।

ଏପର୍ଯ୍ୟନ୍ତ ଅନୁଷ୍ଠିତ ୧୬ଟି ସଂସ୍କରଣରେ ଆମେରିକା ପଦକ ତାଲିକାରେ ୧୫୬ଟି ସ୍ୱର୍ଣ୍ଣ, ୧୦୫ଟି ରୌପ୍ୟ ଏବଂ ୯୧ଟି ବ୍ରୋଞ୍ଜ୍ ସହ ମୋଟ ୩୫୨ଟି ପଦକ ସହ ଶୀର୍ଷରେ ରହିଛି। କେନିଆ ୫୫ଟି ସ୍ୱର୍ଣ୍ଣ, ୪୮ଟି ରୌପ୍ୟ ଏବଂ ୩୭ଟି ବ୍ରୋଞ୍ଜ୍ ସହ ମୋଟ ୧୪୦ଟି ପଦକ ପାଇ ଦ୍ୱିତୀୟ ଏବଂ ରୁଷିଆ ୪୩ଟି ସ୍ୱର୍ଣ୍ଣ, ୫୨ଟି ରୌପ୍ୟ ଏବଂ ୪୮ଟି ବ୍ରୋଞ୍ଜ୍ ସହ ମୋଟ ୧୪୩ଟି ପଦକ ସହ ୩ୟ ସ୍ଥାନରେ ରହିଛି।

ଏସିଆ ମହାଦେଶରୁ ସବୁଠାରୁ ସଫଳ ଦେଶ ରୂପେ ଚାଇନା ୧୬ଟି ସ୍ୱର୍ଣ୍ଣ, ୨୨ଟି ରୌପ୍ୟ ଏବଂ ୧୮ଟି ବ୍ରୋଞ୍ଜ୍ ସହ ମୋଟ ୫୬ଟି ପଦକ ପାଇ ଶୀର୍ଷରେ ରହିଛି। ଭାରତର ପ୍ରଦର୍ଶନ ଏହି ମେଗା ଇଭେଣ୍ଟରେ ନିହାତି ମାମୁଲି ରହିଛି। ସମସ୍ତ ସଂସ୍କରଣରୁ ଗୋଟିଏ ରୌପ୍ୟ ଏବଂ ୧ଟି ବ୍ରୋଞ୍ଜ୍ ପାଇଛି। ଏହା ବିଶ୍ୱସ୍ତରୀୟ ଆଥ୍ଲେଟ ସୃଷ୍ଟି କରିବାରେ ଆମ ଦେଶର ଦୁର୍ବଳତାକୁ ପଦାରେ ପକାଇଛି। ଆଇଏଏଏଫ୍‌ର ୧୦୧ଟି ଦେଶ ଏପର୍ଯ୍ୟନ୍ତ ପଦକ ପାଇଥିବା ବେଳେ ମୋଟ ୨୧୯୮ଟି ପଦକ ବିଭିନ୍ନ ଇଭେଣ୍ଟରେ ଆଥଲେଟମାନେ ପାଇଛନ୍ତି। ଆଇଏଏଏଫ ଇତିହାସରେ ଜାମାଇକା ତାରକା ସ୍ପ୍ରିଣ୍ଟର ଉସେନ୍ ବୋଲ୍ଟ ସର୍ବାଧିକ ୧୪ଟି ମେଡାଲ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ହାସଲ କରି ରେକର୍ଡ ସ୍ଥାପନ କରିଛନ୍ତି। ସେହିପରି କାର୍ଲ ଲୁଇସ୍ ମାଇକେଲ ଜନସନ୍ ଅନେକ ରେକର୍ଡ ସ୍ଥାପନ କରିଥିବା ବେଳେ ଆଲିସନ୍ ଫେଲିକ୍ସ ମହିଳା ବିଭାଗରେ ରେକର୍ଡ ୧୬ଟି ପଦକ ସହ ଆଗରେ ରହିଛନ୍ତି।

ଏଥର ୧୭ତମ ସଂସ୍କରଣ ପାଇଁ ଆଥଲେଟିକ୍ସ ଫେଡେରେଶନ୍ ଅଫ ଇଣ୍ଡିଆ ଭାରତୀୟ ଦଳ ଘୋଷଣା କରିଛି। ୧୪ଟି ଇଭେଣ୍ଟ ପାଇଁ ୨୫ଜଣ ଆଥଲେଟଙ୍କ ନାମ ଘୋଷଣା କରାଯାଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ଭାରତୀୟ ସ୍ପ୍ରିଣ୍ଟର ଦୂତୀ ଚାନ୍ଦଙ୍କ ନାମ ଏହି ତାଲିକାରେ ନାହିଁ। କାରଣ ମହିଳା ବିଭାଗରେ ୧୦୦ମିଟର ପାଇଁ ମୋଟ ୪୮ ଜଣ ପ୍ରତିଯୋଗୀ ଭାଗନେବେ। ମାତ୍ର ୧୦୦ମିଟର ରେସ୍ ପାଇଁ ଟାଇମିଂ ରହିଛି ୧୧.୨୪ ସେକେଣ୍ଡ। ଦୂତୀଙ୍କ ବ୍ୟକ୍ତିଗତ ରେକର୍ଡକୁ ଆଧାର କରି ଆଇଏଏଏଫ ୱାଇଲ୍ଡ କାର୍ଡ ଏଣ୍ଟ୍ରି ମାଧ୍ୟମରେ ଦୂତୀ ଚାନ୍ଦଙ୍କୁ ସୁଯୋଗ ଦେଇପାରେ। ଏଥର ଭାରତ ପଦକ ତାଲିକାରେ ସଫଳତା ପାଇବ ବୋଲି ଆଶା କରାଯାଇପାରେ।

# ରୋମାଞ୍ଚକ ଆଶେସ୍

ବିଶ୍ୱର ସବୁଠାରୁ ହାଇପ୍ରୋଫାଇଲ ଟେଷ୍ଟ ସିରିଜର ମାନ୍ୟତା ପାଇଥିବା ଆଶେସ ଏଥର ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ବିଶ୍ୱ କ୍ରିକେଟର ଦୁଇ ସର୍ବ ପୁରାତନ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ଆଶେସ୍‌ରେ ପରସ୍ପରକୁ କଡ଼ା ଟକ୍କର ଦେଇଥିଲେ। ୫ଟି ଟେଷ୍ଟ, ୧୬୪୮ ଓଭର ଓ ୨୨ ଦିନ କ୍ରିକେଟ ଖେଳାଯିବା ପରେ ମଧ୍ୟ କୌଣସି ଦଳ ବିଜେତା ହୋଇ ପାରି ନ ଥିଲେ। ୨୦୦୧ ପରେ ଇଂଲଣ୍ଡ ମାଟିରେ ଅଷ୍ଟ୍ରେଲିଆ ଆଶେସ ଜିତିବାର ସୁଯୋଗ ହାସଲ କରିଥିଲା। ତେବେ ଅନ୍ତିମ ଟେଷ୍ଟରେ ବିଜୟୀ ହୋଇ ଇଂଲଣ୍ଡ ଅଷ୍ଟ୍ରେଲିଆ ଆଶାକୁ ଧୂଳିସାତ୍ କରିଥିଲା। ଦୀର୍ଘ ୪୭ ବର୍ଷ ପରେ ଆଶେସ ଇତିହାସରେ ଆଉ ଏକ ସିରିଜ ଡ୍ର ହୋଇଛି।

ଆଶେସ ଇତିହାସରେ ଏପର୍ଯ୍ୟନ୍ତ ୬ଟି ସିରିଜ ଅମୀମାଂସିତ ଭାବେ ଶେଷ ହୋଇଛି। ଏହି ସିରିଜ ୧୯୩୮ରେ ଇଂଲଣ୍ଡରେ ୧-୧ରେ ଅମୀମାଂସିତ ରହିଥିଲା। ଏହାପରେ ୧୯୬୨/୬୩ରେ ଅଷ୍ଟ୍ରେଲିଆରେ ଖେଳାଯାଇଥିବା ସିରିଜ ୧-୧ରେ ଡ୍ର ରହିଥିଲା। ପୁଣି ୧୯୬୫/୬୬ରେ ଏହି ସିରିଜ ଅଷ୍ଟ୍ରେଲିଆରେ ଖେଳାଯାଇଥିଲା ଓ ଏହା ୧- ୧ରେ ଡ୍ର ରହିଥିଲା। ଏହାପରେ ୧୯୬୮ରେ ଇଂଲଣ୍ଡରେ ଖେଳାଯାଇଥିବା ଆଶେସ ୧-୧ରେ ଅମୀମାଂସିତ ରହିଥିଲା। ସେହିପରି ୧୯୭୨ରେ ଅନୁଷ୍ଠିତ ଆଶେସ ୨-୨ରେ ଡ୍ର ରହିଥିଲା। ଏଥର ୨୦୧୯ ଆଶେସ ମଧ୍ୟ ୨-୨ରେ ଅମୀମାଂସିତ ରହିଛି। ମୋଟ ଉପରେ ୬ଟି ଆଶେସ ଡ୍ର ରହିଛି।

ଏଥର ଆଶେସ୍‌ରେ ଅଭିଜ୍ଞ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍‌ଙ୍କ ପ୍ରଭୁତ୍ୱ ଦେଖିବାକୁ ମିଳିଥିଲା। ସାରା ସିରିଜରେ ସେ ଅବିଶ୍ୱସନୀୟ ପ୍ରଦର୍ଶନ କରିଥିଲେ। ବଲ୍ ଟ୍ୟାମ୍ପରିଂ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଗୋଟିଏ ବର୍ଷ ବାସନ୍ଦ ହୋଇ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ଉଚ୍ଚକୋଟୀର ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ଏଥର ସେ ୪ଟି ମ୍ୟାଚ୍ ଖେଳି ୭ଟି ଇନିଂସରେ ୧୧୦. ୫୭ ରନ ହାରରେ ୭୭୪ ରନ ସଂଗ୍ରହ କରିଥିଲେ। ଏଥିରେ ତାଙ୍କର ୩ଟି ଲେଖାଏ ଶତକ ଓ ଅର୍ଦ୍ଧଶତକ ସାମିଲ ଥିଲା। ୨୧୧ ତାଙ୍କର ଉଚ୍ଚତମ ସ୍କୋର ଥିଲା। ରନ ସଂଗ୍ରହ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ସ୍ମିଥ୍ ପଞ୍ଚମ ସ୍ଥାନରେ ରହିବେ। କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ଡନ୍ ବ୍ରାଡମ୍ୟାନ ୫ଟି ମ୍ୟାଚ୍ ଖେଳି ୭ଟି ଇନିଂସରୁ ୧୩୯. ୧୪ ରନ ହାରରେ ସର୍ବାଧିକ ୯୭୪ ରନ ସଂଗ୍ରହ କରି ଶୀର୍ଷରେ ରହିଛନ୍ତି। ସେହିପରି ଆଲିଷ୍ଟର କୁକ୍ ଏହାପୂର୍ବରୁ ୫ଟି ମ୍ୟାଚ୍‌ରୁ ୭ଟି ଇନିଂସ ଖେଳି ୭୬୬ ରନ ସଂଗ୍ରହ କରି ଷଷ୍ଠ ସ୍ଥାନରେ ରହିଛନ୍ତି। ସେହିପରି ଇଂଲଣ୍ଡର ୱାଲି ହାମଣ୍ଡ ୫ଟି ମ୍ୟାଚ୍ ଖେଳି ୯ଟି ଇନିଂସରୁ ୧୧୩.୧୨ ରନ ହାରରେ ୯୦୫ ରନ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆର ମାର୍କ ଟେଲର ୬ଟି ମ୍ୟାଚ୍ ଖେଳି ୧୧ଟି ଇନିଂସରୁ ୮୩.୯୦ ରନ ହାରରେ ୮୩୯ ରନ କରି ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ଡନ୍ ବ୍ରାଡମ୍ୟାନ ଅନ୍ୟଏକ ଆଶେସ୍‌ରେ ୫ଟି ମ୍ୟାଚ୍ ଖେଳି ୯ଟି ଇନିଂସରୁ ୯୦ ୮୧୦ ରନ କରି ଚତୁର୍ଥ ସ୍ଥାନରେ ରହିଛନ୍ତି।



**ଆଶେସ- ୨୦୧୯**

ଫଳାଫଳ: ୨-୨ରେ ଡ୍ର
ଇଂଲଣ୍ଡ ଅଧିନାୟକ: ଜୋ ରୁଟ୍
ଅଷ୍ଟ୍ରେଲିଆ ଅଧିନାୟକ: ଟିମ୍ ପେନ୍
ସର୍ବାଧିକ ସ୍କୋରର: ଷ୍ଟିଭ୍ ସ୍ମିଥ୍ (୭୭୪)
ଇଂଲଣ୍ଡର ସର୍ବାଧିକ ସ୍କୋରର: ବେନ୍ ଷ୍ଟୋକ୍ସ (୪୪୧)
ସର୍ବାଧିକ ଉଇକେଟ: ପ୍ୟାଟ୍ କୁମିନ୍ସ (୨୯)
ସର୍ବାଧିକ ଉଇକେଟ (ଇଂଲଣ୍ଡ): ଷ୍ଟୁଆର୍ଟ ବ୍ରଡ (୨୩)

**ଦୀର୍ଘ ୪୭ ବର୍ଷ ପରେ ହାଇପ୍ରୋଫାଇଲ ଆଶେସ ସିରିଜ ଅମୀମାଂସିତ ଭାବେ ଶେଷ ହୋଇଛି। ଏଥର ଆଶେସ ଅସାଧାରଣ ପ୍ରଦର୍ଶନ ପାଇଁ ନୁହଁ ବରଂ ରୋମାଞ୍ଚ ପାଇଁ ପ୍ରଶଂସକଙ୍କ ମନରେ ରହିବ। ତେବେ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍ ଓ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସଙ୍କ ପ୍ରଦର୍ଶନ ଐତିହାସିକ ଥିଲା। ଟେଷ୍ଟ ପଦାର୍ପଣ କରିଥିବା ବିଶ୍ୱକପ୍ ହିରୋ ତଥା ଇଂଲଣ୍ଡ ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ମଧ୍ୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଡ଼ା ସଂଘର୍ଷପୂର୍ଣ୍ଣ ଏହି ସିରିଜ ୨-୨ରେ ଅମୀମାଂସିତ ରହିଥିଲା...**



ଅଷ୍ଟ୍ରେଲିଆ ଦଳ

ସଦ୍ୟ ସମାପ୍ତ ଆଶେସରେ ଅଷ୍ଟ୍ରେଲୀୟ ବୋଲରଙ୍କ ପ୍ରଦର୍ଶନ ଇଂଲଣ୍ଡ ବୋଲରଙ୍କଠାରୁ ଅପେକ୍ଷାକୃତ ଭଲ ହୋଇଥିଲା। ଦୁଇ ଦ୍ରୁତ ବୋଲର ପ୍ୟାଟ କୁମିନ୍ସ ଓ ଜୋଶ ହାଜେଲଉଡ ୯୪ଟି ଉଇକେଟରୁ ୪୯ଟି ଅକ୍ତିଆର କରିଥିଲେ। ୨୦.୫୩ ରନ ହାରରେ ପ୍ରତ୍ୟେକ ୪୫.୬ଟି ବଲ୍‌ରେ ଏହି ଦୁଇ ବୋଲର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ତେବେ ଇଂଲଣ୍ଡ ପେସ୍ ଯୋଡି ଷ୍ଟୁଆର୍ଟ ବ୍ରଡ ଓ ଜୋଫ୍ରା ଆର୍ଚର ମଧ୍ୟ ବେଶି ପଛରେ ପଡି ନ ଥିଲେ। ଏହି ଯୋଡି ୨୩.୫୩ ରନ ହାରରେ ୪୪.୨ ଷ୍ଟ୍ରାଇକ ରେଟ୍‌ରେ ୪୫ଟି ଉଇକେଟ ଅକ୍ତିଆର କରିଥିଲେ। ତେବେ ସିରିଜର ଓପନରମାନଙ୍କୁ ବେଶ୍ ସଂଘର୍ଷ କରିଥିବାର ଦେଖାଯାଇଥିଲା। ରୋରି ବର୍ନ୍ସ ୫ଟି ମ୍ୟାଚ୍ ଖେଳି ୧୦ଟି ଇନିଂସରୁ ୩୯.୦୦ ରନ ହାରରେ ୩୯୦ ରନ କରି ସଫଳତମ ଓପନର ସାବ୍ୟସ୍ତ ହୋଇଛନ୍ତି। ସେ ଗୋଟିଏ ଶତକ ଓ ୨ଟି ଅର୍ଦ୍ଧଶତକ ହାସଲ କରିଥିଲେ ଓ ତାଙ୍କର ସର୍ବାଧିକ ସ୍କୋର ୧୩୩ ଥିଲା। ସେହିପରି ଜୋ ଡେନ୍‌ଲି ୨ଟି ମ୍ୟାଚ୍ ଖେଳି ୪ଟି ଇନିଂସରୁ ୪୧.୨୫ ରନ ହାରରେ ୧୬୫ ରନ କରିଥିଲେ। ବିସ୍ଫୋରକ ଓପନର ଡେଭିଡ ୱାର୍ନର ସାଂଘାତିକ ଭାବେ ବିଫଳ ହୋଇଛନ୍ତି। ୫ଟି ମ୍ୟାଚ୍ ଖେଳି ୧୦ଟି ଇନିଂସରୁ ୯.୫୦ ରନର ହାରରେ ୯୫ ରନ ସଂଗ୍ରହ କରିଥିଲେ। ସେହିପରି ମାର୍କସ ହାରିସ, ଜାସନ ରଏ ଓ କାମେରନ ବ୍ୟାଙ୍କ୍ରଫ୍ଟ ମଧ୍ୟ ବିଫଳ ହୋଇଥିଲେ।

ବିଦିକିଆ ବିଶ୍ୱକପ୍ ଚାମ୍ପିୟନ ଇଂଲଣ୍ଡ ଏଥର ଆଶେସ ପ୍ରଥମ ଟେଷ୍ଟରେ ୨୫୧ ରନରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ସ୍ମିଥ୍ ପ୍ରଥମ ଇନିଂସରେ ୧୪୪ ଓ ଦ୍ୱିତୀୟ ଇନିଂସରେ ୧୪୨ ରନର ଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଟେଷ୍ଟ କିନ୍ତୁ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଇଂଲଣ୍ଡ ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଏଥିରେ ଡେବ୍ୟୁ କରିଥିଲେ। ୧୧୫ ରନର ଉପଯୋଗୀ ଶତକୀୟ ଇନିଂସ ଖେଳି ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଦଳକୁ ପରାଜୟରୁ ରକ୍ଷା କରିବା ସହ ମ୍ୟାଚ୍ ଡ୍ର' ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହାପରେ ସଂଘର୍ଷପୂର୍ଣ୍ଣ ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ବେନ୍ ଷ୍ଟୋକ୍ସଙ୍କ ୧୩୫ ରନର ଐତିହାସିକ ଅପରାଜିତ ଶତକ ବଳରେ ୧ ଉଇକେଟରେ ବିଜୟୀ ହୋଇଥିଲା। ଷ୍ଟୋକ୍ସ ମଧ୍ୟ ଏହି ମ୍ୟାଚ୍‌ରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ତେବେ ଚତୁର୍ଥ ଟେଷ୍ଟରେ ଅଷ୍ଟ୍ରେଲିଆ ୧୮୫ ରନରେ ବିଜୟୀ ହୋଇ ୨-୧ରେ ଅଗ୍ରଣୀ ହାସଲ କରିଥିଲା। ପ୍ରଥମ ଇନିଂସରେ ୨୧୧ରନର ଦ୍ୱିଶତକ ଓ ଦ୍ୱିତୀୟ ଇନିଂସରେ ୮୨ ରନ କରି ସ୍ମିଥ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲା। ପଞ୍ଚମ ତଥା ଅନ୍ତିମ ଆଶେସ ଟେଷ୍ଟରେ ଇଂଲଣ୍ଡ ୧୩୫ ରନରେ ବିଜୟୀ ହୋଇ ସିରିଜ୍ ଡ୍ର ରଖିଥିଲା। ପ୍ରଥମ ଇନିଂସରେ ୬ ଉଇକେଟ ନେଇଥିବା ଆର୍ଚରଙ୍କ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଷ୍ଟୋକ୍ସ ଓ ସ୍ମିଥ୍ ମିଳିତ ଭାବେ ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

**ସମୟ**

ତ୍ରିରାଷ୍ଟ୍ରୀୟ ଟି୨୦ ସିରିଜରେ
ଗୋଟିଏ ମ୍ୟାଚ୍‌ରେ ଷଣ୍ଢ
ଇଂଲଣ୍ଡରେ ନେଦରଲାଣ୍ଡକୁ ହରାଇ
ହିଷ୍ଟ୍ରି କଲା ସ୍କଟଲାଣ୍ଡ
ମୁନିସ- କାଇଲ ମୁଣ୍ଡ
ଦୁଇ ଶ' ରନର ପାର୍ଟନରଶିପ୍
ଥାର୍ଡ ବିଗ୍ ରେକର୍ଡ ଧଣ୍ଡ।।।୧


ବିଶ୍ୱ ଫୁଟଭଲି ଚାମ୍ପିୟନଶିପ୍ ଚାଲେ
ବ୍ୟାଙ୍କକ୍‌ଠି ଦେଖ୍ ଚାଇ
ରେଫରି ଦାୟିତ୍ୱ ତୁଲାଏ ସୁଜିତ୍
ଆମରି ଓଡ଼ିଆ ଭାଇ
କୃତୀ ଖେଳାଳିଙ୍କ ପାଇଁ
ଆଜି ମୋ ରାଇଜ ନାଁ ବାସ ଚହଟେ
ଦେଶ ବିଦେଶରେ ଯାଇ।।।୨

ଓସିଏର କର୍ମକର୍ତ୍ତା ନିର୍ବାଚନ
ପାଇଁ ବଢୁଅଛି ତାତି
ଆଶୀର୍ବାଦ ପୁଅ ସଞ୍ଜୟ ଲଢୁଛି
ସିଏ ସମ୍ପାଦକ ପ୍ରାର୍ଥୀ
କିଏ ହେବ ସଭାପତି
ପଙ୍କଜ ହେବ କି ହେବ ପୁଣି ନବ
ସମୟ କହିବ ସାଥୀ।।।୩

-ସୁବାସ ଚନ୍ଦ୍ର ପ୍ରଧାନ

| Dollar | Sensex | Nifty | Gold | Silver |
|---|---|---|---|---|
| 71.34 (↑ 10) | 36, 093.80 (↓ 470.41) | 10,704.80 (↓ 135.85) | 38,454.00 (↓ ₹ 270) | 47, 310.00 (↓ ₹380) |

ଦେଶର ଗାଡ଼ି ସ୍କ୍ରାପିଙ୍ଗ୍ ନୀତି ସମ୍ପର୍କରେ କ୍ୟାବିନେଟ ନିଷ୍ପତ୍ତି ନେବ। ସଡ଼କ ପରିବହନ ଏବଂ ଅର୍ଥ ମନ୍ତ୍ରଣାଳୟ ଏହି ନୀତିର ଚିଠାକୁ ଇତିମଧ୍ୟରେ ଅନୁମୋଦନ କରିସାରିଛି।
**–ନୀତିନ ଗଡ଼କରୀ, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ**



ଡାଲମିଆ ସିମେଣ୍ଟ ଏହାର ଚେନ୍ନାଇ ପ୍ଲାଣ୍ଟକୁ କାର୍ବନ ମୁକ୍ତ କରିବା ଲାଗି ବ୍ରିଟେନ କମ୍ପାନୀ କାର୍ବନ ସଲ୍ୟୁସନ୍ସ ସହ ଚୁକ୍ତି ସ୍ୱାକ୍ଷର କରିଛି। **–ମହେନ୍ଦ୍ର ସିଂଘି, ଡାଲମିଆ ସିମେଣ୍ଟ(ଭାରତ) ଏମ୍‌ଡି–ସିଇଓ**



## ସଂକ୍ଷେପରେ

■ ଆଜି ଜିଏସ୍‌ଟି କାଉନସିଲ୍ ବୈଠକ

### ଟିକସ ହ୍ରାସ ନେଇ ହୋଇପାରେ ନିଷ୍ପତ୍ତି

ନୂଆଦିଲ୍ଲୀ,୧୯-୯:ଜିଏସ୍‌ଟି କାଉନସିଲ୍‌ର ୩୭ତମ ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ଗୋଆରେ ବସିବାକୁ ଯାଉଛି। ଟିକସ ଆୟ ହ୍ରାସ ପାଉଥିବାବେଳେ ଅର୍ଥନୀତିକୁ ଗତିଶୀଳ କରିବା ନେଇ ଟିକସ ବୋଝ ହ୍ରାସ କରିବା ନେଇ ବୈଠକରେ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଜିଏସ୍‌ଟି ରିଟର୍ନ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇପାରେ। ଦେଶର ଆର୍ଥିକ ବିକାଶ ହାର ପ୍ରଥମ ତ୍ରୈମାସରେ ୫%ରେ ପହଞ୍ଚିଥିବା ବେଳେ କାଉନସିଲ୍ ବୈଠକର ନିଷ୍ପତ୍ତି ବିଶେଷ ଗୁରୁତ୍ୱବହନ କରୁଛି। ତେବେ ମାନ୍ଦାବସ୍ଥାକୁ ଦୃଷ୍ଟିରେ ରଖି ବିସ୍କୁଟ, ହୋଟେଲ, ଦୈନନ୍ଦିନ ବ୍ୟବହାରରେ ଆସୁଥିବା ସାମଗ୍ରୀ ନିର୍ମାତା ସମେତ ବହୁ ଉଦ୍ୟୋଗ ଜିଏସ୍‌ଟି ହ୍ରାସ ପାଇଁ ଦାବି ଜଣାଇଛନ୍ତି। ଜିଏସ୍‌ଟି ହ୍ରାସ ହେଲେ ଚାହିଦା, ବ୍ୟବହାର ବଢ଼ିବ ଏବଂ ଅର୍ଥନୀତି ଗତିଶୀଳ ହେବ ବୋଲି ଯୁକ୍ତି ଦର୍ଶାଯାଉଛି। ତେବେ ଜିଏସ୍‌ଟି ହ୍ରାସକୁ ବହୁ ରାଜ୍ୟ ବିରୋଧ କରୁଛନ୍ତି। ସେମାନଙ୍କ ମତରେ କେନ୍ଦ୍ରର କ୍ଷତିପୂରଣ ପ୍ରଦାନ ପରିମାଣ ଦିନକୁ ଦିନ ହ୍ରାସ ପାଉଛି। ଏଭଳି କ୍ଷେତ୍ରରେ ଜିଏସ୍‌ଟି ହ୍ରାସ କରାଗଲେ ରାଜ୍ୟମାନଙ୍କର ଆୟ ବହୁ ପରିମାଣରେ କମିଯିବ। ଇତିମଧ୍ୟରେ ଫିଟ୍‌ମେଣ୍ଟ କମିଟି ବିସ୍କୁଟ ଠାରୁ ଆରମ୍ଭ କରି ଅଟୋ,ହୋଟେଲ ସେକ୍ଟର ଆଦିରେ ଜିଏସ୍‌ଟି ହ୍ରାସ ନ କରିବାକୁ ସୁପାରିସ୍ କରିଛନ୍ତି। ଉକ୍ତ ବୈଠକରେ ଜିଏସ୍‌ଟି ଆଇନରେ ସଂଶୋଧନ ନେଇ ଆଲୋଚନା ହୋଇପାରେ। କାରଣ ୩୭୦ ଅନୁଚ୍ଛେଦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀର ଓ ଲଦାଖକୁ ଜିଏସ୍‌ଟି ପରିସରଭୁକ୍ତ କରିବାକୁ ହେବ।

### ନିବେଶକ ହରାଇଲେ ୧.୬୫ ଲକ୍ଷ କୋଟି

ମୁମ୍ବାଇ,୧୯-୯: ଆମେରିକା ଫେଡେରାଲ ରିଜର୍ଭ ପକ୍ଷରୁ ସୁଧ ହାର ହ୍ରାସ ସମ୍ପର୍କରେ ଘୋଷଣା ବିଦେଶ ସମେତ ଭାରତୀୟ ଷ୍ଟକ୍ ବଜାରରେ ଏହାର ପ୍ରତିକୂଳ ପ୍ରଭାବ ଦେଖିବାକୁ ମିଳିଥିଲା। ଗୁରୁବାର ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସ ୪୭୦.୪୧ ପଏଣ୍ଟ ହ୍ରାସ ପାଇ ୩୬,୦୯୩.୪୭ରେ ଏବଂ ୫୦ ଶେୟାର ବିଶିଷ୍ଟ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ୧୩୫.୮୫ ପଏଣ୍ଟ ହ୍ରାସ ପାଇ ୧୦,୭୦୪.୮୦ରେ ବନ୍ଦ ହୋଇଛି। ଫଳରେ ବଜାରରେ ତାଲିକାଭୁକ୍ତ କମ୍ପାନୀଙ୍କ ପୁଞ୍ଜି ୧,୬୫,୪୩୭.୯୧ କୋଟି ହ୍ରାସ ପାଇ ୧,୩୮,୫୪,୪୩୯.୪୧ କୋଟି ଟଙ୍କା ହୋଇଛି। ଜିଓଜିତ୍ ଫାଇନାନ୍ସିଆଲ ସର୍ଭିସେସ୍‌ର ପ୍ରମୁଖ ବିଶ୍ଳେଷକ ବିନୋଦ ନାୟର କହିଛନ୍ତି ଯେ, ବିଦେଶୀ ସଂସ୍ଥାଗତ ନିବେଶକଙ୍କ ପକ୍ଷରୁ ଅର୍ଥ ଉଠାଣ ଜାରି ରହିଛି। ସେହିପରି ଭବିଷ୍ୟତରେ ସୁଧ ହାର ହ୍ରାସ ନେଇ ଫେଡେରାଲ ପକ୍ଷରୁ ସ୍ପଷ୍ଟ ସଙ୍କେତ ଦିଆ ନ ଯିବାରୁ ନିବେଶକ ହତୋତ୍ସାହିତ ହୋଇଥିଲେ। ଅନୁରୂପ ଭାବେ ଦେଶରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ଆଶାଜନକ ନ ରହିବା ମଧ୍ୟ ନିବେଶକଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥିଲା।

### ନୀରବ ମୋଦିଙ୍କ ହାଜତ ମିଆଦ ବୃଦ୍ଧି

ଲଣ୍ଡନ,୧୯-୯: ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ହାଜତ ମିଆଦକୁ ସ୍ଥାନୀୟ ଅଦାଲତ ଗୁରୁବାର ଅକ୍ଟୋବର ୧୭ ଯାଏ ବୃଦ୍ଧି କରିଛନ୍ତି। ଗୁରୁବାର ତାଙ୍କର ହାଜତ ମିଆଦ ପୂରି ଯାଉଥିଲା। ବ୍ରିଟେନର ୱାଣ୍ଡସୱର୍ଥ ଜେଲ୍‌ରେ ବନ୍ଦ ଥିବା ନୀରବଙ୍କୁ ପ୍ରତ୍ୟର୍ପଣ ପାଇଁ ଆସନ୍ତାବର୍ଷ ମେ'ରେ ଶୁଣାଣି ହେବ। ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ମହାଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ନୀରବଙ୍କୁ ଗୁରୁବାର ଭିଡ଼ିଓ ଲିଙ୍କ୍ ଜରିଆରେ ବ୍ରିଟେନ ଅଦାଲତରେ ହାଜର କରାଯାଇଥିଲା। ୱେଷ୍ଟମିନ୍‌ଷ୍ଟର ମାଜିଷ୍ଟ୍ରେଟ୍ ଜଷ୍ଟିସ୍ ଟ୍ୟାନ୍ ଇକରମ୍ ମାମଲାର ଶୁଣାଣି କରିଥିଲେ। ଆସନ୍ତା ଶୁଣାଣି ବେଳେ ପ୍ରତ୍ୟର୍ପଣ ମାମଲାର ଶୁଣାଣି ତାରିଖ ଧାର୍ଯ୍ୟ କରାଯିବ ବୋଲି ବିଚାରପତି କହିଛନ୍ତି। ଆସନ୍ତାବର୍ଷ ମେ ୧୧ରୁ ପ୍ରତ୍ୟର୍ପଣ ମାମଲାର ଶୁଣାଣି ପାଇଁ ପ୍ରାରମ୍ଭିକ ଭାବେ ତାରିଖ ସ୍ଥିର କରାଯାଇଛି। ତେବେ ଭାରତ ସରକାର ଓ ନୀରବ ମୋଦି ଏହାକୁ ଅଦ୍ୟାବଧି ସ୍ୱୀକାର କରିନାହାନ୍ତି। ଆସନ୍ତା ୫ ଦିନ ମଧ୍ୟରେ ଏ ସମ୍ପର୍କରେ ଜଣାଇବାକୁ ବିଚାରପତି ସମ୍ପୃକ୍ତ ପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


■ ଭାରତର ଅର୍ଥନୀତି ମଜଭୁତ୍: ଶକ୍ତିକାନ୍ତ

# ବାଣିଜ୍ୟ ହ୍ରାସକୁ ନେଇ ବଢ଼ୁଛି ଚିନ୍ତା

ମୁମ୍ବାଇ,୧୯–୯

ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଦେଶର ବାଣିଜ୍ୟ ହ୍ରାସକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ତେବେ ସେ ଏହା ମଧ୍ୟ କହିଛନ୍ତି ଯେ, ବିଶ୍ୱ ସ୍ତରରେ ଏବେ ସୁଦ୍ଧା ମାନ୍ଦାବସ୍ଥା ସ୍ଥିତି ଉପୁଜି ନାହିଁ। ବିଶ୍ୱରେ ବିପଦ ବଢ଼ିବା ସତ୍ତ୍ୱେ ଦେଶର ଅର୍ଥବ୍ୟବସ୍ଥା ମଜଭୁତ୍ ସ୍ଥିତିରେ ରହିଛି, କାରଣ ଦେଶର ମୋଟ ଋଣ ମଧ୍ୟରୁ କେବଳ ୧୯.୭%ବିଦେଶୀ ଋଣ ରହିଛି। ସେ କହିଛନ୍ତି ଯେ, ଆସନ୍ତା ୧୨ ମାସ ପର୍ଯ୍ୟନ୍ତ ଭାରତର ମୁଦ୍ରାସ୍ଫୀତି ହାର ୪% ତଳେ ରହିବ।

ବ୍ଲୁମ୍‌ବର୍ଗ ଇଣ୍ଡିଆ ଇକୋନୋମିକ ଫୋରମ୍ ବୈଠକରେ ଯୋଗ ଦେଇ ସେ କହିଛନ୍ତି ଯେ, ବିଶ୍ୱ ସ୍ତରରେ ଅନେକ ପ୍ରକାର ଆହ୍ୱାନ ରହିଛି। ତନ୍ମଧ୍ୟରେ ବାଣିଜ୍ୟକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ସେ କହିଛନ୍ତି ଯେ, ବଡ଼ ଦେଶଗୁଡ଼ିକ ମଧ୍ୟରେ ବାଣିଜ୍ୟକୁ ନେଇ ଉତ୍ତେଜନା ଲାଗି ରହିଥିବାରୁ ବଡ଼ ଅର୍ଥବ୍ୟବସ୍ଥା ଉପରେ ଏହାର ପ୍ରଭାବ ପଡିଥାଏ। ଶକ୍ତିକାନ୍ତ କହିଛନ୍ତି ଯେ, ବିଶ୍ୱ ବାଣିଜ୍ୟ ପରିବେଶ ଏବେ ଆହ୍ୱାନପୂର୍ଣ୍ଣ ରହିଛି। ବିଶ୍ୱ ସ୍ତରରେ ବିକାଶ ହାର ହ୍ରାସ ପାଉଛି ଏବଂ କେନ୍ଦ୍ରୀୟ ବ୍ୟାଙ୍କ ନିଜର ମୁଦ୍ରାନୀତିକୁ ସରଳ କରୁଛନ୍ତି। କିନ୍ତୁ ଏହା ସତ ଯେ, ଏବେ ସୁଦ୍ଧା ବିଶ୍ୱରେ ମାନ୍ଦାବସ୍ଥା ଆସିନାହିଁ। ସେ କହିଛନ୍ତି ଯେ, ବିଶ୍ୱ ଆହ୍ୱାନର ଆଘାତରୁ ଦେଶର ଅର୍ଥବ୍ୟବସ୍ଥାକୁ ବଞ୍ଚାଇବା ଏବଂ ଢ଼ାଞ୍ଚାଗତ ସୁଧାର ଲାଗି ସରକାରଙ୍କୁ ବଜେଟରେ ନିର୍ଦ୍ଧାରିତ ଖର୍ଚ୍ଚକୁ ଆରମ୍ଭ କରିବାକୁ ହେବ। ଆର୍ଥିକ ବୃଦ୍ଧିକୁ ଗତିଶୀଳ କରିବାକୁ ଯାଇ ମାନ୍ଦାବସ୍ଥାର ଚକ୍ରର ମୁକାବିଲା ପାଇଁ ଅଧିକ ରାଜସ୍ୱ ବ୍ୟୟର ଅବକାଶ ନାହିଁ। ଶକ୍ତିକାନ୍ତ କହିଛନ୍ତି ଯେ, ଫେଡେରାଲ ରିଜର୍ଭର ନୀତିଗତ ସୁଧ ହାର ହ୍ରାସ ଯୋଗୁ ଦେଶରେ ନଗଦ ପ୍ରବାହକୁ ଗତି ମିଳିବ। କିନ୍ତୁ ଏଭଳି ପୁଞ୍ଜି ପ୍ରବାହକୁ ନେଇ ଆମକୁ ସତର୍କ ରହିବାକୁ ହେବ। ସୌଦି ଆରବର ତୈଳ ଖଣି ଉପରେ ହୋଇଥିବା ଡ୍ରୋନ ଆକ୍ରମଣ ପରେ ଦେଶରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବୃଦ୍ଧି ପାଇବାର ସମ୍ଭାବନା ଯଥେଷ୍ଟ ରହିଛି ବୋଲି ସେ କହିଛନ୍ତି। ତେବେ ମୁଦ୍ରାସ୍ଫୀତି ଓ ବିତ୍ତୀୟ ନିଅଣ୍ଟ ଉପରେ ଏହାର ସୀମିତ ପ୍ରଭାବ ପଡିବ ବୋଲି ସେ ମନେ କରୁଛନ୍ତି ବୋଲି ଗଭର୍ନର କହିଛନ୍ତି। ତେବେ ସେ ଏହା ମଧ୍ୟ କହିଛନ୍ତି ଯେ, ଡ୍ରୋନ ଆକ୍ରମଣ ପରେ ସୌଦି ଆରବର ତୈଳ ଉତ୍ପାଦନ କ୍ଷମତାକୁ ନେଇ ଏବେ ସୁଦ୍ଧା ଅସ୍ଥିରତା ରହିଛି ବୋଲି ସେ ଚେତାଇ ଦେଇଛନ୍ତି। ସେ କହିଛନ୍ତି ଯେ, ଆର୍ଥିକ କ୍ଷେତ୍ରରେ ବହୁ ଆହ୍ୱାନ ସତ୍ତ୍ୱେ ଡଲାର ତୁଳନାରେ ଟଙ୍କାର ଅସ୍ଥିରତା ସୀମିତ ରହିଛି। ପ୍ରଥମ ତ୍ରୈମାସରେ ଟଙ୍କାର ମୂଲ୍ୟ ସାମାନ୍ୟ ବଢ଼ିଥିବା ବେଳେ ଅଗଷ୍ଟରେ ଏହା ସାମାନ୍ୟ କମିଛି। ଦେଶର ବାଣିଜ୍ୟ ସମ୍ପର୍କରେ ଉଲ୍ଲେଖ କରି ଶକ୍ତିକାନ୍ତ କହିଛନ୍ତି ଯେ, କେତେକ ଉଚିତ୍ ପଦକ୍ଷେପ ନିଆଯିବା କାରଣରୁ ଦେଶର ଅର୍ଥନୀତି ସୁଦୃଢ଼ ରହିଛି। ଏଥିଯୋଗୁ ବିଶ୍ୱରେ ଦେଖାଦେଇଥିବା ମାନ୍ଦାବସ୍ଥାର ଝଟ୍‌କାରୁ ଭାରତ ଦୂରେଇ ରହିଛି। ଦେଶର ଆମଦାନୀ ଓ ରପ୍ତାନି ଅନୁପାତରେ ଉନ୍ନତି ଆସିଥିବା ବେଳେ ରପ୍ତାନି କ୍ଷେତ୍ରରେ ଆହୁରି କେତେକ କ୍ଷେତ୍ର ଉଦ୍‌ବେଗଜନକ ସ୍ଥିତିରେ ରହିଛି ବୋଲି ସେ କହିଛନ୍ତି। ଚାହିଦା ଓ ପୁଞ୍ଜିନିବେଶ ହ୍ରାସ ଯୋଗୁ ବର୍ତ୍ତମାନ ଦେଶରେ ମାନ୍ଦାବସ୍ଥା ଦେଖାଦେଇଛି ବୋଲି ଉଲ୍ଲେଖ କରି ଗର୍ଭନର କହିଛନ୍ତି ଯେ, ଚାହିଦା କମ୍ ଯୋଗୁ ଆମଦାନୀ ମଧ୍ୟ କମିଛି।



ଶକ୍ତିକାନ୍ତ ଦାସ

■ ମୋଟ୍ ବିଦେଶୀ ଋଣ ମାତ୍ର ୧୯.୭%
■ ଆସନ୍ତା ୧୨ ମାସରେ ମୁଦ୍ରାସ୍ଫୀତି ୪% ତଳେ ରହିବ
■ ଅଶୋଧିତ ତୈଳ ଦରବୃଦ୍ଧିର ପ୍ରଭାବ ବିଶେଷ ପଡିବ ନାହିଁ

# ସାନିଟାରି ପ୍ୟାଡ୍ ବ୍ୟବହାର କରୁଛନ୍ତି ରାଜ୍ୟର ୧୩% ମହିଳା

ଭୁବନେଶ୍ୱର,୧୯–୯(ବ୍ୟୁରୋ)

ସାନିଟାରି ପ୍ୟାଡ୍ ବ୍ୟବହାର କ୍ଷେତ୍ରରେ ପଛୁଆ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶା କିଛିଟା ଆଗୁଆ ରହିଛି। ଏଠାରେ ମହିଳାଙ୍କ ମଧ୍ୟରେ ପ୍ୟାଡ୍ ବ୍ୟବହାର ପରିମାଣ ପ୍ରାୟ ୧୨ରୁ ୧୩%। ସେହିଭଳି ରାଜ୍ୟରେ ଆଦିବାସୀ ବହୁଳ ଅଞ୍ଚଳରେ ଏଭଳି ପ୍ରଡକ୍ଟ ବ୍ୟବହାର ନେଇ ସଚେତନତା ବିଶେଷ ଭାବେ ପହଞ୍ଚିପାରି ନାହିଁ। ଓଡ଼ିଶାରେ ଅଧିକରୁ ଅଧିକ ଆଉଟଲେଟରେ ଏହି ପ୍ରଡକ୍ଟଗୁଡ଼ିକୁ ପହଞ୍ଚାଇବା ନେଇ ପଦକ୍ଷେପ ନିଆଯାଉଛି। ସାନିଟାରି ପ୍ୟାଡ୍ ବ୍ୟବହାର ନେଇ ସଚେତନତା ବୃଦ୍ଧି ଲାଗି ବିଭିନ୍ନ କ୍ୟାମ୍ପେନ ହାତକୁ ନିଆଯାଇଛି ବୋଲି ନାଇନ ସାନିଟାରି ପ୍ୟାଡ କମ୍ପାନୀର ସିଇଓ ରିଚା ସିଂ କହିଛନ୍ତି। ଏଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଓଡ଼ିଶା ସମେତ ପଞ୍ଜାବ ଏଜୁକେଶନ ବୋର୍ଡ, ନ୍ୟାଶନାଲ ହେଲ୍‌ଥ କମିଶନ ସହ ମିଳିତ ହୋଇ ଉତ୍ତର ପ୍ରଦେଶରେ ସାନିଟାରି ନାପକିନ ବ୍ୟବହାରକୁ ଉତ୍ସାହିତ କରାଯାଉଛି। ସେହିଭଳି ଆଗାମୀ ଦିନରେ ଏଠାରେ ସରକାର ଏବଂ ଆଶା କର୍ମଚାରୀଙ୍କ ସହ ମିଶି କାମ କରିବାକୁ ଯୋଜନା ରଖିଛୁ। ଏବେ ଓଡ଼ିଶାରେ ୬ରୁ ୭ ହଜାର ଷ୍ଟୋରରେ କମ୍ପାନୀର ପ୍ରଡକ୍ଟ ଉପଲବ୍ଧ ହେଉଛି। ବର୍ତ୍ତମାନ ପ୍ରଡକ୍ଟର ଗୁଣବତ୍ତାକୁ ନେଇ ସଚେତନତା ମଧ୍ୟ ସୃଷ୍ଟି କରାଯାଉଛି।

ସେ କହିଛନ୍ତି ଯେ, ବର୍ତ୍ତମାନ ଦେଶର ୧୮% ମହିଳା ଏବଂ ଯୁବତୀଙ୍କ ନିକଟରେ ସାନିଟାରି ନାପକିନ ପହଞ୍ଚିଛି। ଏବେ ବି ସିଂହଭାଗ ମହିଳାଙ୍କ ନିକଟରେ ଏହି ପ୍ରଡକ୍ଟ ପହଞ୍ଚି ନାହିଁ। ଏମାନଙ୍କ ନିକଟରେ ପ୍ରଡକ୍ଟ ପହଞ୍ଚାଇବା ଯୋଜନା ରହିଛି। ସେହିଭଳି ଏନ୍‌ଜିଓ ଏବଂ ସରକାରଙ୍କ ସହାୟତାରେ ଶସ୍ତାରେ ପ୍ୟାଡ୍ ଯୋଗାଇବାକୁ ଯୋଜନା ରଖିଛୁ। କମ୍ପାନୀ ବର୍ତ୍ତମାନ ସାରା ଦେଶରେ ୨୦୦ କୋଟି ଟଙ୍କାର କାରବାର କରୁଛି। ଆଗାମୀ ୫ ବର୍ଷରେ ୧୦୦୦ କୋଟି ଟଙ୍କାର ବ୍ୟବସାୟ ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି।

**ସାନିଟାରି ପ୍ୟାଡ୍ ବ୍ୟବହାର ନେଇ ସଚେତନତା ସୃଷ୍ଟି କରୁଛି ନାଇନ୍**



ରିଚା ସିଂ

# ପାନାସୋନିକ ପକ୍ଷରୁ ଡିଲରମିଟ୍

ଭୁବନେଶ୍ୱର,୧୯–୯

ପାନାସୋନିକ ପକ୍ଷରୁ ଏହାର ପଶ୍ଚିମ ଓଡ଼ିଶା ଡିଲରଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ ଜିଲା ପାଇଁ ପାନାସୋନିକର ବିତରକଭାବେ କାର୍ଯ୍ୟ କରୁଥିବା ମେସର୍ସ ଦୂରଦର୍ଶନର ବିଭିନ୍ନ ଡିଲର ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ କମ୍ପାନୀର ନୂଆ ରେଞ୍ଜର ଏଲ୍‌ଇଡି, ରେଫ୍ରିଜରେଟର, ୱାଶିଂ ମେଶିନ, ମାଇକ୍ରୋୱେଭ, ଭିଡ଼ିଓ ଡୋର ଫୋନ ଏବଂ ବ୍ୟାଟେରି କେୟାର ପ୍ରଡକ୍ଟର ପ୍ରଦର୍ଶନ କରାଯାଇଥିଲା। ଦୂରଦର୍ଶନର ପ୍ରୋପ୍ରାଇଟର ଏମ୍.ଡି.ସୈଫୁଦ୍ଦିନ, ଅନିଲ ଅଗ୍ରୱାଲ, କିଶନ ଅଗ୍ରୱାଲ, ଅମରେଶ ଗିରି, କମଲେଶ ଗିରି, ଅଜିତ ମୁଦୁଲି, ଏମ୍.ଡି. ସିଜାଉଦ୍ଦିନଙ୍କୁ ବିଭିନ୍ନ କ୍ଷେତ୍ରରେ ସଫଳତା ଲାଗି ସମ୍ମାନିତ କରାଯାଇଥିଲା। ପାନାସୋନିକ ପକ୍ଷରୁ ଓଡ଼ିଶା, ବିହାର, ଝାଡଖଣ୍ଡ ବାଣିଜ୍ୟ ମୁଖ୍ୟ ସନ୍ତୋଷ ସାମନ୍ତରାଏ, ଓଡ଼ିଶା ମୁଖ୍ୟ ଦୁର୍ଗେଶ ଶୁକ୍ଳା, ମାର୍କେଟିଂ ମ୍ୟାନେଜର ଏସ୍ .କେ. ରଫିକୁଆଲା, ଏରିଆ ମ୍ୟାନେଜର ଦେବାଶିଷ ନାୟକ, ଏରିଆ ମ୍ୟାନେଜର ସର୍ଭିସ ଶିବ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




**ଖାଲି ପଡିଛି ଆର୍‌ବିଆଇ ଡେପୁଟି ଗଭର୍ନର ପଦ**

### ଅର୍ଥ ମନ୍ତ୍ରଣାଳୟକୁ ମିଳିଛି ୧୦୦ ଆବେଦନ

ନୂଆଦିଲ୍ଲୀ,୧୯–୯

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ଡେପୁଟି ଗଭର୍ନର ପଦ ଦୀର୍ଘ ଦିନ ହେଲା ଖାଲିପଡିଛି। ନିଜର କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହେବା ପୂର୍ବରୁ ବିରାଲ ଆଚାର୍ଯ୍ୟଙ୍କ ଅଚାନକ ଇସ୍ତଫା ପରେ ଏହି ପଦଟି ଖାଲି ପଡିଛି। ଏହି ଖାଲି ପଦବୀ ପୂରଣ ପାଇଁ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଆବେଦନ ଆହ୍ୱାନ କରାଯିବା ପରେ ପ୍ରାୟ ୧୦୦ ଆବେଦନକାରୀ ଏଥିପାଇଁ ଆଗେଇ ଆସିଛନ୍ତି। ଏହି ଆବେଦନଗୁଡ଼ିକୁ ଉଚ୍ଚସ୍ତରୀୟ କମିଟିକୁ ପଠାଯିବ ଏବଂ ସେମାନେ ଉଚିତ୍ ପ୍ରାର୍ଥୀଙ୍କୁ ଚୟନ କରିବେ।

# ଅର୍ଥନୀତିକୁ ନେଇ ଟୁଇଟରରେ ଅର୍ଥମନ୍ତ୍ରୀ–ବାୟୋକନ ମୁଖ୍ୟ ମୁହାଁମୁହିଁ

ନୂଆଦିଲ୍ଲୀ,୧୯–୯

ଦେଶର ଆର୍ଥିକ ପରିସ୍ଥିତିକୁ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏବଂ ବାୟୋକନ ଲିମିଟେଡ ମୁଖ୍ୟ କିରଣ ମଜୁମଦାର ସ' ଗୁରୁବାର ଟୁଇଟରରେ ମୁହାଁମୁହିଁ ହୋଇଥିଲେ। ମିଡିଆ ଏହାକୁ ତର୍କ ବୋଲି ଉଲ୍ଲେଖ କରିଥିଲେ ସୁଦ୍ଧା କିରଣ ଏହାକୁ ଆଲୋଚନା ବୋଲି କହିଛନ୍ତି। ବାସ୍ତବରେ ଇ–ସିଗାରେଟକୁ ନିଷେଧ କରାଯିବା ନେଇ କିରଣଙ୍କ ଏକ ଟୁଇଟ୍‌ରୁ ଏହି ବିବାଦ ଆରମ୍ଭ ହୋଇଥିଲା। ଇ–ସିଗାରେଟ ବ୍ୟାନ୍ ସମ୍ପର୍କରେ ଅର୍ଥମନ୍ତ୍ରୀ ସୀତାରାମନ୍ ଘୋଷଣା କରିବାକୁ ନେଇ କିରଣ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଇ–ସିଗାରେଟ ବ୍ୟାନ୍ କରିବା ଘୋଷଣା ସ୍ୱାସ୍ଥ୍ୟମନ୍ତ୍ରୀ କରିବା ଉଚିତ ନ ଥିଲା କି ବୋଲି ଗୁରୁବାର ସକାଳେ ତାଙ୍କର ଟୁଇଟ୍‌ରେ ପ୍ରଶ୍ନ କରିଥିଲେ। ଗୁଟ୍‌ଖାକୁ ବ୍ୟାନ୍ କରିବା ଭଲ ହେବ ନାହିଁକି ବୋଲି ସେ ଆଉ ଏକ ପ୍ରଶ୍ନ ଦୋହରାଇଥିଲେ। ଅର୍ଥନୀତିକୁ ପୁନର୍ବାର ଠିକ୍ ରାସ୍ତାକୁ ଆଣିବା ଲାଗି ଅର୍ଥ ମନ୍ତ୍ରଣାଳୟ ପଦକ୍ଷେପ ଘୋଷଣା କରିବା ଉଚିତ ହେବ ବୋଲି ସେ କହିଛନ୍ତି। ତେବେ ସାଧାରଣତଃ ଟୁଇଟରରେ ଏଭଳି ଯୁକ୍ତିତର୍କରୁ ନିଜକୁ ଦୂରେଇ ରଖୁଥିବା ସୀତାରାମନ୍ ବାୟୋକନ ମୁଖ୍ୟଙ୍କ ଟୁଇଟ୍‌ର ଜବାବ ଅତ୍ୟନ୍ତ ଶାଳୀନତାର ସହ ଦେଇଛନ୍ତି। ସେ ନିଜ ପ୍ରତିକ୍ରିୟାରେ କ୍ରମାଗତ ୩ ଟୁଇଟ୍ କରିଛନ୍ତି।

# ଗ୍ରାହକଙ୍କ ୪୧ ବର୍ଷର ବିଶ୍ୱାସ ସହ ବଢ଼ୁଛୁ

ଆସିଛି ପାର୍ବଣ ଋତୁ। ଏହି ସମୟରେ ବିଭିନ୍ନ ପ୍ରଡକ୍ଟ କ୍ରୟ କଲେ ଶୁଭ ବୋଲି ସାଧାରଣରେ ବିଶ୍ୱାସ ରହିଛି। ବିଭିନ୍ନ ପ୍ରଡକ୍ଟ ମଧ୍ୟରେ କଞ୍ଜ୍ୟୁମର ଡ୍ୟୁରେବଲ୍‌ର ଗୁରୁତ୍ୱ ସ୍ୱତନ୍ତ୍ର। ରାଜ୍ୟରେ ଏହି ପ୍ରଡକ୍ଟ ଯୋଗାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଡିଲରଶିପଗୁଡ଼ିକ ଏବେ ପ୍ରସ୍ତୁତ। ଏ କ୍ଷେତ୍ରରେ ରାଜ୍ ଇଲେକଟ୍ରୋନିକ୍ସ ଏକ ପରିଚିତ ବ୍ରାଣ୍ଡ ନାମ। ପାର୍ବଣରେ ବିକ୍ରି ପ୍ରସ୍ତୁତି, ପ୍ରଡକ୍ଟ କ୍ରୟ ନେଇ ଲୋକଙ୍କ ରୁଚି, ଶୋ'ରୁମର ସେବା ଯୋଗାଣ ସମ୍ପର୍କରେ ଏହାର ସ୍ୱତ୍ୱାଧିକାରୀ ପ୍ରକାଶ ବିଶ୍ୱାଳ(ଟୁଟୁ ଭାଇ)ଙ୍କ ସହ 'ଧରିତ୍ରୀ'ର ସାକ୍ଷାତ୍‌କାର।.....

**ରାଜ୍ ଇଲେକ୍‌ଟ୍ରୋନିକ୍ସ ରାଜ୍ୟରେ କିଭଳି ଉପସ୍ଥିତି ଜାହିର କରିଛି ?**

■ ରାଜ୍ୟରେ ରାଜ୍ ଇଲେକ୍‌ଟ୍ରୋନିକ୍ସ ଉପସ୍ଥିତିକୁ ଦୃଢ କରି ପାରିଛି। ଭୁବନେଶ୍ୱରରେ ୫ ଷ୍ଟୋର, କଟକ, ଯାଜପୁର ରୋଡରେ ୨ ଷ୍ଟୋର, ଯାଜପୁର ଟାଉନ, ଭଦ୍ରକ, ବାଲେଶ୍ୱର, ରାଉରକେଲା, ଝାରସୁଗୁଡା, ଅନୁଗୋଳରେ ୨ ଏବଂ ତାଳଚେରରେ ନିଜସ୍ୱ ଷ୍ଟୋର ଦ୍ୱାରା ସେବା ଯୋଗାଣ ହେଉଛି। ଏହାବାଦ ଫ୍ରାଞ୍ଚାଇଜି ଷ୍ଟୋର ଦ୍ୱାରା ଜାରକା, ଜଳେଶ୍ୱର, ଯାଜପୁର ରୋଡ କେଶଦୁରାପାଳ, ବନ୍ତ ଭଳି ସ୍ଥାନଗୁଡିକରେ ଗ୍ରାହକଙ୍କ ପାଖରେ ପହଞ୍ଚି ପାରିଛୁ।




ପ୍ରକାଶ ବିଶ୍ୱାଳ

**ଗ୍ରାହକ ଆଦୃତି ପାଇବାରେ କେଉଁ ପ୍ରସଙ୍ଗଗୁଡିକ ସହାୟକ ହୋଇଛି ?**

■ ଗତ ୪୧ ବର୍ଷ ହେବ ଗ୍ରାହକଙ୍କୁ ସେବା ଯୋଗାଇ ଦେଉଛୁ। ରାଜ୍ ଇଲେକ୍‌ଟ୍ରୋନିକ୍ସ ଏବଂ ବିଶ୍ୱାଳ ସେଲ୍‌ସ ଓଡିଶାର ବିଶ୍ୱାସଯୋଗ୍ୟ ବ୍ରାଣ୍ଡ ନାମ ହୋଇ ପାରିଛି। ଏହି ବିଶ୍ୱାସ ସହ ଅଗ୍ରସର ହେଉଛୁ। ସେବାରେ ପ୍ରମୁଖ ସ୍ଥାନରେ ରହିବା ସହ ଲୋକଙ୍କୁ ତ୍ୱରିତ ସେବା ଯୋଗାଣକୁ ପ୍ରାଥମିକତା ଦେଉଛୁ। ଗ୍ରାହକ ଯେଭଳି କୌଣସି ଅସୁବିଧାର ସାମ୍ନା ନ କରନ୍ତି ତାକୁ ନିଜେ ପ୍ରତ୍ୟକ୍ଷ ଭାବେ ଦେଖିଥାଏ। ପ୍ରତ୍ୟକ୍ଷ ସମ୍ପର୍କରେ ରହି ଗ୍ରାହକଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ ଦେଇଥାଉ।

**ପାର୍ବଣରେ କ୍ରୟ ଉପରେ କେଉଁ ସବୁ ସ୍ୱତନ୍ତ୍ର ଅଫର ଷ୍ଟୋରରେ ଉପଲବ୍ଧ?**

■ ଚଳିତ ବର୍ଷ ପାର୍ବଣରେ ବିଭିନ୍ନ ଅଫର ଗ୍ରାହକଙ୍କ ଲାଗି ରହିଛି। ବର୍ତ୍ତମାନ ହାଇଏଣ୍ଡ ମଡେଲ ଭଲ ବିକ୍ରି ହେଉଛି। ଉକ୍ତ ମଡେଲଗୁଡ଼ିକ ଉପରେ ଅଫର ସହ ଅନ୍ୟ ଅଫର ଉପଲବ୍ଧ। ଏଲ୍‌ଜି ହାଇଏଣ୍ଡ ସାଇଡ୍ ବାଏ ସାଇଡ୍ ରେଫ୍ରିଜରେଟର ଉପରେ ମିନି ରେଫ୍ରିଜରେଟର ମାଗଣା ମିଳୁଛି। ୧୦ କେଜି ଫ୍ରଣ୍ଟଲୋଡିଂ ୱାଶିଂମେଶିନ କ୍ରୟରେ ଭ୍ୟାକୁମ କ୍ଲିନର ମାଗଣା ରହିଛି। ଏଲ୍‌ଜିର ୬୫ ଇଞ୍ଚ ଏବଂ ୫୫ ଇଞ୍ଚ ଏଲଇଡି କ୍ରୟରେ ଯଥାକ୍ରମ ୪୯,୯୦୦ ଏବଂ ୩୫,୯୦୦ ଟଙ୍କାର ସାଉଣ୍ଡ ବାର ରହିଛି। ଶୋ'ରୁମ ପକ୍ଷରୁ ଗିଫ୍ଟ ବ୍ୟବସ୍ଥା, ୩୨ ଇଞ୍ଚ ସ୍ମାର୍ଟ ଏବଂ ଉର୍ଦ୍ଧ୍ୱ ଉପରେ ଜିଓ ୱାଇଫାଇ ଡଙ୍ଗଲ ଦିଆଯାଉଛି। ଏଚ୍‌ଡିଏଫ୍‌ସି କାର୍ଡ, ଆଇସିଆଇସିଆଇ, ଆକ୍ସିସ କ୍ରେଡିଟ ଏବଂ ଡେବିଟ କାର୍ଡ ହୋଲ୍ଡରଙ୍କ ପାଇଁ ୯ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ ରହିଛି। ଏୟାର କଣ୍ଡିଶନର ଉପରେ ୧୦% କ୍ୟାଶ୍‌ବ୍ୟାକ୍ ଗ୍ରାହକ ପାଇବେ। ଫାଇନାନ୍ସ, ବ୍ରାଣ୍ଡ ଇଏମ୍‌ଆଇ ଏବଂ କ୍ୟାଶ ଦେଇ ଲୋକମାନେ ଏହି ପ୍ରଡକ୍ଟ କିଣିପାରିବେ। ଦୈନିକ ଭିତ୍ତିରେ ୩୩ ଟଙ୍କା ଦେଇ ଗ୍ରାହକ ମାସିକ ୯୯୯ ଟଙ୍କା ଇଏମ୍‌ଆଇରେ ୩୨ ଇଞ୍ଚର ଏଲ୍‌ଇଡି ନେଇ ପାରିବେ। ସେହିଭଳି ଦୈନିକ ୬୭ ଟଙ୍କା ବା ମାସିକ ୧୯୯୯ ଟଙ୍କାରେ ୪୩ ଇଞ୍ଚ, ଦୈନିକ ୧୦୦ ଟଙ୍କାରେ ୪୫ ଇଞ୍ଚ, ଦୈନିକ ୧୬୭ ଟଙ୍କା ଦେଇ ୫୫ ଇଞ୍ଚର ଟିଭି ନେବାକୁ ଗ୍ରାହକ ସକ୍ଷମ ହୋଇପାରିବେ। ଏ କ୍ଷେତ୍ରରେ ଏଚ୍‌ଡିଏଫ୍‌ସି କାର୍ଡ ହୋଲ୍ଡରମାନେ ୯ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ ପାଇବେ।

**ଓଡ଼ିଶା କଞ୍ଜ୍ୟୁମର ଡ୍ୟୁରେବୁଲ ବଜାରକୁ କିଭଳି ଦେଖୁଛନ୍ତି?**

■ ଓଡ଼ିଶାରେ ଏହି ବଜାର ଆଗାମୀ ଦିନରେ ଆହୁରି ଅଗ୍ରସର ହେବ। ବର୍ତ୍ତମାନ ୧୫% ଲୋକଙ୍କ ନିକଟରେ ଏହି ବର୍ଗର ପ୍ରଡକ୍ଟ ପହଞ୍ଚିଛି। ଆହୁରି ୮୫% ଲୋକଙ୍କ ପାଖରେ ଏହି ପ୍ରଡକ୍ଟ ଅପହଞ୍ଚ। ଲୋକଙ୍କ କ୍ରୟ ଆଶା ବଢୁଛି। ଗତ କିଛି ବର୍ଷ ତଳେ ଦେଶରେ ବାଇକ ନ ଥିବା ବେଳେ ଏବେ ଗାଁରେ ମଧ୍ୟ ପରିବାର ପିଛା ଏକାଧିକ ବାଇକ ଦେଖିବାକୁ ମିଳୁଛି। ଇଏମ୍‌ଆଇରେ ପ୍ରଡକ୍ଟ ଉପଲବ୍ଧ ହେଉଥିବାରୁ କଞ୍ଜ୍ୟୁମର ଡ୍ୟୁରେବୁଲ କ୍ରୟ ଏବେ କୌଣସି ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କ ନିକଟରେ ସୀମିତ ନାହିଁ। ବିଦ୍ୟୁତ୍ ସେବା ଏବଂ ଗ୍ରାମୀଣ ଭିତ୍ତିଭୂମି ବିକାଶ ଉକ୍ତ ବର୍ଗରେ ପ୍ରଡକ୍ଟ କ୍ରୟକୁ ପ୍ରୋତ୍ସାହିତ କରୁଛି।

**ନୂଆ ଟେକ୍ନୋଲୋଜି ପ୍ରଡକ୍ଟ ଚାହିଦାରେ କିଭଳି ପରିବର୍ତ୍ତନ ଦେଖୁଛନ୍ତି ?**

■ ନୂଆ ଟେକ୍ନୋଲୋଜି ପ୍ରଡକ୍ଟ ଆଡକୁ ଗ୍ରାହକ ଏବେ ଅଗ୍ରସର। ଲୋକମାନେ ଆଡଭାନ୍ସ ପ୍ରଡକ୍ଟକୁ ଅପ୍‌ଗ୍ରେଡ ହେଉଛନ୍ତି। ଏବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟିଭି, ଫ୍ରଷ୍ଟ ଫ୍ରି ରେଫ୍ରିଜରେଟର ସହ ଅନ୍ୟାନ୍ୟ ପ୍ରଡକ୍ଟ କ୍ରୟ ନେଇ ମନ ବଳାଉଛନ୍ତି।

**ପାର୍ବଣରେ ବିକ୍ରି କେମିତି ରହିବ ?**

■ ଏଥର ମଧ୍ୟ ଭଲ ବିକ୍ରି ନେଇ ଆଶାବାଦୀ ରହିଛି। ଚଳିତ ବର୍ଷ ପାର୍ବଣ ଲୋକଙ୍କ ପାଇଁ ଖୁସି ଆଉ ସମୃଦ୍ଧି ଆଣିଦେଉ। ରାଜ୍ ଇଲେକଟ୍ରୋନିକ୍ସ ପାର୍ବଣ ପାଇଁ ଗ୍ରାହକଙ୍କୁ ଶୁଭେଚ୍ଛା ଜଣାଉଛି।



“ବିଶ୍ୱ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟ ଲାଗି ଭଲରେ ପ୍ରସ୍ତୁତ ହୋଇ ଆସିଥିଲି । ଏହି ପ୍ରତିଯୋଗିତାରେ ପଦକ ଜିତିବା ମୋ ପାଇଁ ବଡ଼ ସଫଳତା ସଦୃଶ ।

–ଭିନେଶ ଫୋଗତ୍, ଷ୍ଟାର୍ ଭାରତୀୟ କୁସ୍ତିଯୋଦ୍ଧା



“ଅଷ୍ଟ୍ରେଲିଆ କ୍ରିକେଟ ଦଳରେ ବିଶ୍ୱର ଶ୍ରେଷ୍ଠ ବୋଲିଂ ଆଟାକ୍ ରହିଛି। ବର୍ତ୍ତମାନ ଦଳରେ ଥିବା ଖେଳାଳିମାନେ ଅଷ୍ଟ୍ରେଲିଆ କ୍ରିକେଟ୍ ପାଇଁ ନୂଆ ଯୁଗ ଆରମ୍ଭ କରିବେ।

– ଟିମ୍ ପେନ୍, ଅଷ୍ଟ୍ରେଲିଆ ଟେଷ୍ଟ ଅଧିନାୟକ

## ସଂକ୍ଷେପରେ

### ଫିଫା ମାନ୍ୟତାରେ ଭାରତର ଅବନତି

ଜୁରିକ୍, ୧୯।୯(ପି.ଟି.)- ଫୁଟ୍‌ବଲ୍‌ର ସର୍ବୋଚ୍ଚ ସଂସ୍ଥା ଫିଫା ପକ୍ଷରୁ ସଦ୍ୟ ପ୍ରକାଶିତ ବିଶ୍ୱ ମାନ୍ୟତାରେ ଭାରତର ଅବନତି ଦେଖିବାକୁ ମିଳିଛି। ଭାରତୀୟ ଫୁଟ୍‌ବଲ ଦଳ ଗୋଟିଏ ପାହ୍ୟା ତଳକୁ ଖସି ୧୦୪ତମ ସ୍ଥାନରେ ରହିଛି। ଇଗର ଷ୍ଟିମାକଙ୍କ ପ୍ରଶିକ୍ଷଣପ୍ରାପ୍ତ ଭାରତୀୟ ଦଳ ଗତ ଜୁଲାଇରୁ ନିୟମିତ ବ୍ୟବଧାନରେ ଅନ୍ତର୍ଜାତୀୟ ପ୍ରତିଯୋଗିତା ଖେଳିଆସୁଛି। ଗତ ସପ୍ତାହରେ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଭାରତ ଏସିଆ ଚାମ୍ପିୟନ କାତାର ବିପକ୍ଷରେ ଗୋଲଶୂନ୍ୟ ଭାବେ ଡ୍ର' ରଖିଥିଲା। ଭାରତକୁ ହରାଇ ନ ପାରିବା ସତ୍ତ୍ୱେ କାତାର ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୬୨ତମ ସ୍ଥାନ ବଜାୟ ରଖିଛି। ଫିଫା ବିଶ୍ୱକପ୍‌ର ୨ୟ ରାଉଣ୍ଡ ଯୋଗ୍ୟତା ପର୍ଯ୍ୟାୟରେ ଓମାନ, କାତାର, ବାଂଲାଦେଶ ଓ ଆଫଗାନିସ୍ତାନ ସହ ଭାରତ ଗ୍ରୁପ୍-ଇ'ରେ ସ୍ଥାନ ପାଇଛି। ବେଲ୍‌ଜିୟମ ଫିଫା ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନ ବଜାୟ ରଖିଥିବାବେଳେ ବ୍ରାଜିଲକୁ ପଛରେ ପକାଇ ଫ୍ରାନ୍ସ ୨ୟ ସ୍ଥାନ ଦଖଲ କରିଛି।

### ବିଶ୍ୱ ଚାମ୍ପିୟନଶିପ୍‌ରୁ ଓହରିଲେ ଡିବାବା

ପ୍ୟାରିସ୍, ୧୯।୯(ଏଏଫ୍‌ପି)- ୨୦୧୫ ଚାମ୍ପିୟନ ତଥା ବିଶ୍ୱ ରେକର୍ଡଧାରୀ ମହିଳା ୧୫୦୦ ମିଟର ଧାବିକା ଇଥିଓପିଆର ଗେଞ୍ଜେବେ ଡିବାବା ଆଘାତଜନିତ ସମସ୍ୟା ଲାଗି ଆଗାମୀ ବିଶ୍ୱ ଚାମ୍ପିୟନଶିପ୍‌ରୁ ଓହରି ଯାଇଛନ୍ତି। ପାଦରେ ଆଘାତ ଲାଗିଥିବା କାରଣରୁ ୨୮ ବର୍ଷୀୟା ଡିବାବା ଏହି ନିଷ୍ପତ୍ତି ନେଇଥିବା ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମ୍ ପୃଷ୍ଠାରେ ଉଲ୍ଲେଖ କରିଛନ୍ତି। ୨୦୧୫ରେ ଡିବାବା ବେଜିଂଠାରେ ୩ ମିନିଟ୍ ୫୦:୦୭ ସେକେଣ୍ଡ ସମୟ ନେଇ ୧୫୦୦ ମିଟର ଦୂରତାକୁ ଅତିକ୍ରମ କରିବା ସହ ବିଶ୍ୱ ଟାଇଟଲ୍ ଜିତିଥିଲେ। ମହିଳା ୧୫୦୦ ମିଟର ଦୌଡ଼ରେ ଏହା ବିଶ୍ୱର ଶ୍ରେଷ୍ଠ ଟାଇମିଂ ମାନ୍ୟତା ପାଇଛି। ତେବେ ଗତମାସରେ ଜୁରିକ୍ ଡାଇମଣ୍ଡ ଲିଗ୍ ସମୟରେ ତାଙ୍କ ପାଦରେ ଆଘାତ ଲାଗିଥିଲା। 'ଦୁର୍ଭାଗ୍ୟଜନକ ଭାବେ ଦୋହା ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିପାରୁନାହିଁ। ଦୃଢ଼ତାର ସହ ପ୍ରତ୍ୟାବର୍ତ୍ତନ ଲାଗି ପ୍ରସ୍ତୁତ ହେଉଛି' ବୋଲି ଡିବାବା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ସେପ୍ଟେମ୍ବର ୨୭ରୁ ଦୋହାଠାରେ ବିଶ୍ୱ ଚାମ୍ପିୟନଶିପ୍ ଆରମ୍ଭ ହେବ।

# 'ଆହତ ସମସ୍ୟାରୁ ମୁକୁଳି ଖେଳିବା ସହଜ ନ ଥିଲା'



ବେଙ୍ଗାଲୁରୁ, ୧୯।୯

ସୁଶୀଳା ଚାନୁ ପୁଖରାମବାମ। ଭାରତୀୟ ମହିଳା ହକିରେ ଏହା ଏକ ପରିଚିତ ନାମ। ୨୦୦୯ରେ ସିନିୟର ଦଳ ପକ୍ଷରୁ ପଦାର୍ପଣ କରିବା ପରଠାରୁ ସେ ଭାରତୀୟ ଦଳର ନିୟମିତ ସଦସ୍ୟା ପାଲଟି ଯାଇଥିଲେ। ମାତ୍ର ଆହତ ସମସ୍ୟା ଯୋଗୁ ସେ ୨ଥର ଲମ୍ବା ସମୟ ପାଇଁ ହକିଠାରୁ ଦୂରରେ ରହିଥିଲେ। ସେ ୨୦୧୬ରେ ପ୍ରଥମ ଏବଂ ୨୦୧୮ରେ ଦ୍ୱିତୀୟଥର ପାଇଁ ଆହତ ସମସ୍ୟାରେ ରହିଥିଲେ। ଫଳରେ ଗତବର୍ଷ ସେ ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ ଏବଂ ଏସିଆନ ଗେମ୍ସରେ ଖେଳିପାରି ନ ଥିଲେ। ମଣିପୁର ଜନ୍ମିତ ଏହି ମିଡ୍‌ଫିଲ୍ଡରଙ୍କ ପାଇଁ ଏହା କଷ୍ଟସାଧ ସମୟ ଥିଲା। ମାତ୍ର ସମସ୍ୟାରୁ ମୁକୁଳି ସେ ଏବେ ପୁଣି ଜାତୀୟ ଦଳର ଅଂଶବିଶେଷ ହୋଇପାରିଛନ୍ତି।

୨୦୧୮ରେ ଦ୍ୱିତୀୟଥର ପାଇଁ ଗୁରୁତର ଆହତ ପରେ ଭାରତୀୟ ଦଳକୁ ଫେରିବା ସହଜ ନ ଥିଲା। ହକିକୁ କ୍ୟାରିୟର କରୁଥିବା ପ୍ରତି ଖେଳାଳିଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ ଥିଲା। ମାତ୍ର ମୁଁ ଫିଟ୍ ନ ଥିବାରୁ ମହିଳା ହକି ବିଶ୍ୱକପ, ଏସିଆନ ଗେମ୍ସ ଓ ଏଏଚ୍‌ଏଫ ମହିଳା ଚାମ୍ପିୟନ୍ସ ଟ୍ରଫି ପରି ବଡ଼ ଟୁର୍ନାମେଣ୍ଟରେ ଖେଳିପାରି ନ ଥିଲି। ଏପରି ଟୁର୍ନାମେଣ୍ଟ ଗୁଡ଼ିକରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବା ସବୁ ଖେଳାଳିଙ୍କ ସ୍ୱପ୍ନ ରହିଥାଏ, ମାତ୍ର ମୋ ପକ୍ଷେ ତାହା ସମ୍ଭବ ହେଲାନି। ଏବେ ମୁଁ ଫିଟ୍ ହୋଇଛି ଏବଂ ଦେଶ ପକ୍ଷରୁ ଖେଳିବାକୁ ପ୍ରସ୍ତୁତ ବୋଲି ଚାନୁ କହିଛନ୍ତି। ଚାନୁଙ୍କ ନେତୃତ୍ୱରେ ଭାରତୀୟ ମହିଳା ହକି ଦଳ ୨୦୧୬ ରିଓ ଅଲିମ୍ପିକ୍ସରେ ଖେଳିଥିଲା। ଦୀର୍ଘ ୩୬ ବର୍ଷ ପରେ ଭାରତୀୟ ମହିଳା ଦଳ ଅଲିମ୍ପିକ୍ସ ଯୋଗ୍ୟତା ପାଇଥିଲା। ଏହି ବର୍ଷ ପ୍ରାରମ୍ଭରେ ଆଘାତ ପାଇଥିବା ଚାନୁଙ୍କ ପାଇଁ ଏପରି ଏକ ଟୁର୍ନାମେଣ୍ଟ ଖେଳିବା ସହଜ ନ ଥିଲା। ମାତ୍ର ଲଢୁଆ ମନୋଭାବସମ୍ପନ୍ନ ଏହି ହାଫ୍‌ବ୍ୟାକ୍ ଶୀଘ୍ର ଆହତ ସମସ୍ୟାରୁ ମୁକୁଳି ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। "୨୦୧୬ ମୋ ପାଇଁ ସବୁଠାରୁ କଷ୍ଟସାଧ ଥିଲା। କାରଣ ଏହା ଥିଲା ଅଲିମ୍ପିକ୍ କ୍ରୀଡ଼ାର ବର୍ଷ। ଅଲିମ୍ପିକ୍ସରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବା ମୋର ସ୍ୱପ୍ନ ରହିଥିଲା। ମେଡିକାଲ ଷ୍ଟାଫ୍‌ଙ୍କ କଠିନ ପରିଶ୍ରମ ଯୋଗୁ ମୁଁ ଫିଟ୍ ହେବାକୁ ସକ୍ଷମ ହେଲି। ଖାଲି ସେତିକି ନୁହେଁ, ଭାରତୀୟ ଦଳର ନେତୃତ୍ୱ ନେବା ମୋ ପାଇଁ ଗର୍ବର କଥା ଥିଲା। ଅଲିମ୍ପିକ୍ସରେ ଆମର ପ୍ରଥମ ମ୍ୟାଚ୍‌ରେ ଦଳର ନେତୃତ୍ୱ ନେବାର ଅଭିଜ୍ଞତା ଏବେ ମଧ୍ୟ ମୋ ମନରେ ସତେଜ ହୋଇ ରହିଛି। ଏହା ଅବିସ୍ମରଣୀୟ ବୋଲି ସୁଶୀଳା କହିଛନ୍ତି।

ସମ୍ପ୍ରତି ୨୭ ବର୍ଷରେ ପଦାର୍ପଣ କରିଥିବା ସୁଶୀଳା ୨୦୧୩ରେ ମନଚେନଗ୍ଲାଡ୍‌ବ୍ୟାକ୍‌ରେ ଅନୁଷ୍ଠିତ ଜୁନିୟର ମହିଳା ହକି ବିଶ୍ୱକପରେ ଭାରତର ନେତୃତ୍ୱ ନେଇଥିଲେ। ସେତେବେଳେ ଭାରତ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲା। ଏହା ତାଙ୍କ କ୍ୟାରିୟରର ସବୁଠାରୁ ଶ୍ରେଷ୍ଠ ମୁହୂର୍ତ୍ତ ଥିଲା ବୋଲି ସେ କହିଛନ୍ତି। "ଜର୍ମାନୀ ଜୁନିୟର ମହିଳା ହକି ବିଶ୍ୱକପରେ ବ୍ରୋଞ୍ଜ ପଦକ ଜିତିବା ମୋ ଜୀବନର ସବୁଠାରୁ ଶ୍ରେଷ୍ଠ ମୁହୂର୍ତ୍ତ । ବ୍ରୋଞ୍ଜ ମେଡାଲ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଆମେ ଇଂଲଣ୍ଡକୁ ଶୁଟ୍‌ଆଉଟରେ ପରାସ୍ତ କରିଥିଲୁ। ଆମେ ସମସ୍ତେ ଏହି ମ୍ୟାଚ୍ ପରେ ଖୁବ୍ ଖୁସି ହୋଇଯାଇଥିଲୁ। କାରଣ ବିଶ୍ୱର ଯେକୌଣସି ଦଳକୁ ଆମେ ହରାଇବାକୁ ସକ୍ଷମ ବୋଲି ଏହି ମ୍ୟାଚ୍ ପରେ ଆମର ଆତ୍ମବିଶ୍ୱାସ ହୋଇଥିଲା ବୋଲି ୨୦୦୩ରେ ମଣିପୁରର ପୋଷ୍ଟେରିଅର ହକି ଏକାଡେମୀରେ ଖେଳିବା ଆରମ୍ଭ କରିଥିବା ଚାନୁ ପ୍ରକାଶ କରିଛନ୍ତି।

ଆଗାମୀ ଦିନରେ ଆସିବାକୁ ଥିବା ଚ୍ୟାଲେଞ୍ଜ ସମ୍ପର୍କରେ ସେ କହିଛନ୍ତି ଯେ, ଆସନ୍ତା ବର୍ଷର ଅଲିମ୍ପିକ୍ସ ପାଇଁ ଆମେ ଯୋଗ୍ୟତା ଅର୍ଜନ କରିବୁ ବୋଲି ବିଶ୍ୱାସ ରହିଛି। ନିକଟ ଅତୀତରେ ମୁଁ କେତେକ ଟୁର୍ନାମେଣ୍ଟ ମିସ୍ କରିଛି। ମାତ୍ର ଏବେ ଭାରତୀୟ ଦଳରେ ସ୍ଥାନ ପାଇବା ସହ ଦଳକୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ସହାୟକ ହୋଇପାରିବି ବୋଲି ମୁଁ ଦୃଢ଼ ନିଶ୍ଚିତ। ଏବେ ଆମେ ଇଂଲଣ୍ଡ ଗସ୍ତରେ ଯାଇ ଶକ୍ତିଶାଳୀ ଗ୍ରେଟ୍‌ବ୍ରିଟେନ ଦଳ ସହିତ ଖେଳିବୁ। ଏହାପରେ ଓଡ଼ିଶାରେ ଅଲିମ୍ପିକ୍ସ ହକି କ୍ୱାଲିଫାୟର୍ସରେ ଆମେରିକାକୁ ଭେଟିବୁ। ତେଣୁ ଆଗାମୀ ଦୁଇମାସ ଗେମ୍ ଉପରେ ଫୋକସ କରି ଶ୍ରେଷ୍ଠ ପ୍ରଦର୍ଶନ ଦେବା ମୋର ଏକମାତ୍ର ଲକ୍ଷ୍ୟ ବୋଲି ସୁଶୀଳା ପ୍ରକାଶ କରିଛନ୍ତି।


ଭାରତୀୟ ମହିଳା ହକି ଦଳ ମାର୍ଲୋଠାରେ ଗ୍ରେଟ୍‌ବ୍ରିଟେନ ବିପକ୍ଷରେ ୫ଟି ମ୍ୟାଚ ଖେଳିବ। ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଏହି ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହେବ। ଏଥିପାଇଁ ଭାରତୀୟ ଦଳ ରବିବାର ଇଂଲଣ୍ଡ ଗସ୍ତ କରିବ।

**ଭାରତ-ଗ୍ରେଟ୍‌ବ୍ରିଟେନ ମ୍ୟାଚ୍ କାର୍ଯ୍ୟସୂଚୀ**

- ସେପ୍ଟେମ୍ବର ୨୭: ପ୍ରଥମ ମ୍ୟାଚ୍, ସମୟ: ରାତି ୧୦ଟା ୩୦
- ସେପ୍ଟେମ୍ବର ୨୯: ଦ୍ୱିତୀୟ ମ୍ୟାଚ୍, ସମୟ: ରାତି ୮ଟା
- ଅକ୍ଟୋବର ୧: ତୃତୀୟ ମ୍ୟାଚ୍, ସମୟ: ରାତି ୮ଟା
- ଅକ୍ଟୋବର ୨: ଚତୁର୍ଥ ମ୍ୟାଚ୍, ସମୟ: ରାତି ୮ଟା
- ଅକ୍ଟୋବର ୪: ପଞ୍ଚମ ମ୍ୟାଚ୍, ସମୟ: ଅପରାହ୍ଣ ୨ଟା

(ସମସ୍ତ ମ୍ୟାଚ୍ ଇଂଲଣ୍ଡର ମାର୍ଲୋଠାରେ ଅନୁଷ୍ଠିତ ହେବ)

## ବଜରଙ୍ଗ, ଦାହିୟାଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା



ବଜରଙ୍ଗ ପୁନିଆ

ନୁର୍-ସୁଲତାନ (କାଜାଖସ୍ତାନ), ୧୯।୯(ପି.ଟି.)

ଏଠାରେ ଚାଲିଥିବା ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପରାଜୟ ସତ୍ତ୍ୱେ ଷ୍ଟାର୍ ଭାରତୀୟ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ (୬୫ କିଗ୍ରା) ୨୦୨୦ ଟୋକିଓ ଅଲିମ୍ପିକ୍ସକୁ ଯୋଗ୍ୟତା ହାସଲ କରିଛନ୍ତି। ବଜରଙ୍ଗଙ୍କ ବ୍ୟତୀତ ଅନ୍ୟତମ ଭାରତୀୟ ରେସ୍‌ଲର ରବି ଦାହିୟା (୫୭)ଙ୍କୁ ମଧ୍ୟ ଅଲିମ୍ପିକ୍ସ ଟିକେଟ୍ ମିଳିଛି।

ପୁରୁଷ ୬୫ କିଗ୍ରା ବର୍ଗରେ ପୁନିଆ ଗୁରୁବାର ନର୍ଥ କୋରିଆର ଜଙ୍ଗ୍ ସନ୍‌ଙ୍କୁ ୮-୧ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିବା ସହ ଅଲିମ୍ପିକକୁ ଯୋଗ୍ୟତା ହାସଲ କରିଥିଲେ। କିନ୍ତୁ ସେମିଫାଇନାଲରେ ୨୫ ବର୍ଷୀୟ ଏହି ହରିୟାଣା ବକ୍ସରଙ୍କୁ ବିବାଦୀୟ ପରିସ୍ଥିତିରେ ପରାଜୟ ବରଣ କରିବାକୁ ପଡ଼ିଥିଲା। ସେମିଫାଇନାଲରେ ବଜରଙ୍ଗଙ୍କ ମୁକାବିଲା ଘରୋଇ ରେସ୍‌ଲର ଦଉଲେଟ୍ ନିୟାଜବେକୋଭଙ୍କ ସହ ହୋଇଥିଲା। ଉଭୟ ରେସ୍‌ଲର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ସମାନ ୯-୯ ପଏଣ୍ଟ ସ୍କୋର କରିଥିଲେ। ନିୟାଜବେକୋଭଙ୍କୁ ବାଉଟ୍‌ର ଏକ ଥ୍ରୋ'ରେ ଏକାଥରକେ ୪ ପଏଣ୍ଟ ମିଳିଥିବାରୁ ଶେଷରେ ତାଙ୍କୁ ରେଫରି ବିଜୟୀ ଘୋଷିତ କରିଥିଲେ। ସେହିଭଳି ମୁକାବିଲା ମଝିରେ ଘରୋଇ ରେସ୍‌ଲର ନିୟାଜବେକୋଭଙ୍କ ସପକ୍ଷରେ ରେଫରି କିଛି ନିଷ୍ପତ୍ତି ପ୍ରଦାନ କରିଥିଲେ। ଏହି ନିଷ୍ପତ୍ତିରେ ବଜରଙ୍ଗ କ୍ଷୁବ୍ଧ ହୋଇଥିବା ଜଣାପଡ଼ିଛି। ରେସ୍‌ଲିଂର ଏହି ସର୍ବୋଚ୍ଚ ପ୍ରତିଯୋଗିତାର ଗତ ସଂସ୍କରଣରେ ରୌପ୍ୟ ପଦକ ଜିତିଥିବା ବଜରଙ୍ଗ ଏବେ ଶୁକ୍ରବାର ବ୍ରୋଞ୍ଜ ପଦକ ପାଇଁ ଲଢ଼େଇ କରିବେ। ସେହିଭଳି ୫୭ କିଗ୍ରା ବର୍ଗର ସେମିଫାଇନାଲରେ ପ୍ରବେଶ କରିଥିବା ଅନ୍ୟତମ ଭାରତୀୟ ରେସ୍‌ଲର ରବି ଦାହିୟାଙ୍କୁ ମଧ୍ୟ ପରାଜୟର ସାମ୍ନା କରିବାକୁ ପଡ଼ିଛି। ସେ ୪-୬ରେ ବିଶ୍ୱ ଚାମ୍ପିୟନ ରୁଷିଆର ଜାଉର୍ ଉଗୁଏଭଙ୍କ ନିକଟରୁ ହାରିଯାଇଛନ୍ତି। ସେ ମଧ୍ୟ ଏବେ ବ୍ରୋଞ୍ଜ ପଦକ ବାଉଟ୍ ଖେଳିବେ।

■ ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ

## ଦୁଇ ପଦକ ନିଶ୍ଚିତ କଲେ ପ୍ରମୋଦ

ଭୁବନେଶ୍ୱର, ୧୯।୯(କ୍ରୀଡ଼ା ପ୍ରତିନିଧି)

ବ୍ୟାଙ୍କକ୍‌ଠାରେ ଚାଲିଥିବା ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ୨ଟି ପଦକ ଜିତିବା ନିଶ୍ଚିତ କରିଛନ୍ତି। ସେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ୪ର୍ଥ ଦିବସରେ ଅନୁଷ୍ଠିତ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରମୋଦ ଫ୍ରାନ୍ସର ମାଥ୍ୟୁ ଥୋମାସଙ୍କୁ ୨୧-୧୮, ୨୧-୧୯ ପଏଣ୍ଟରେ ପରାସ୍ତ କରିଛନ୍ତି। ଶୁକ୍ରବାର ସେ ଜାପାନର ଦାଇଶୁକେ ଫୁଜିହାରାଙ୍କୁ ସେମିଫାଇନାଲରେ ଭେଟିବେ। ସେହିପରି ଡବଲ୍ସରେ ପ୍ରମୋଦ ଓ ମନୋଜ ସରକାର ଯୋଡ଼ି କ୍ୱାର୍ଟର ଫାଇନାଲରେ ମାଥ୍ୟୁ ଥୋମାସ(ଫ୍ରାନ୍ସ) ଓ ନୀତେଶ କୁମାର(ଭାରତ) ଯୋଡ଼ିକୁ ୨୧-୧୭, ୨୨-୨୦ ପଏଣ୍ଟରେ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଛନ୍ତି। ଶୁକ୍ରବାର ଥାଇଲାଣ୍ଡ ଯୋଡ଼ି ଚାଓ୍ୱର୍ଟ କିଟିଚୋକ୍ୱାଟାନା ଓ ସାଙ୍ଗନିଲ ସିଙ୍ଘାଙ୍କୁ ଭେଟିବେ।



ପ୍ରମୋଦ ଭଗତ ଓ ମନୋଜ ସରକାର।

## ଆତଙ୍କବାଦୀ ଆକ୍ରମଣ ଭୟ ସତ୍ତ୍ୱେ ପାକିସ୍ତାନ ଯିବ ଶ୍ରୀଲଙ୍କା

କଲମ୍ବୋ, ୧୯।୯ (ଏଏଫ୍‌ପି)

ଆତଙ୍କବାଦୀ ଆକ୍ରମଣ ଭୟ ସତ୍ତ୍ୱେ ସୀମିତ ଓଭରବିଶିଷ୍ଟ ସିରିଜ ଖେଳିବା ଲାଗି ପାକିସ୍ତାନ ଗସ୍ତ କରିବ ବୋଲି ଶ୍ରୀଲଙ୍କା କ୍ରିକେଟ୍ (ଏସ୍‌ଏଲ୍) ପକ୍ଷରୁ ଗୁରୁବାର କୁହାଯାଇଛି। 'ପ୍ରତିରକ୍ଷା ମନ୍ତ୍ରୀଙ୍କ ନିକଟରୁ ଆମକୁ ସବୁଜ ସଙ୍କେତ ମିଳିବା ପରେ ଦଳ ମଙ୍ଗଳବାର ପାକିସ୍ତାନ ଗସ୍ତ କରିବ। ଆମର ପ୍ଲାନ୍ ଅନୁଯାୟୀ ଏହି ଗସ୍ତ ହେବ। ମୋ ସହିତ ଅଫିସାଲମାନେ ଦଳ ସହ ପାକିସ୍ତାନ ଗସ୍ତ କରିବେ' ବୋଲି ଶ୍ରୀଲଙ୍କା କ୍ରିକେଟ୍ ସମ୍ପାଦକ ମୋହନ ଡି ସିଲ୍‌ଭା କହିଛନ୍ତି। ଗତ ସପ୍ତାହରେ ତିନି ମ୍ୟାଚ୍‌ବିଶିଷ୍ଟ ଦିନିକିଆ ଓ ଟି୨୦ ସିରିଜ ଲାଗି ଶ୍ରୀଲଙ୍କା ଦଳ ଘୋଷଣା ହେବାର କିଛି ସମୟ ପରେ ଖେଳାଳିଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ନେଇ ଶ୍ରୀଲଙ୍କା ସରକାରଙ୍କୁ ସୂଚନା ମିଳିଥିଲା। ତେବେ ଶ୍ରୀଲଙ୍କା ପ୍ରତିରକ୍ଷା ମନ୍ତ୍ରୀ ଏହି ଘଟଣାର ତଦନ୍ତ କରି ସବୁଜ ସଙ୍କେତ ପ୍ରଦାନ କରିଛନ୍ତି। ପୂର୍ବରୁ ୨୦୦୯ରେ ଏକ ଟେଷ୍ଟ ସିରିଜ ସମୟରେ ଲାହୋରରେ ଶ୍ରୀଲଙ୍କା ଖେଳାଳିଙ୍କ ଉପରକୁ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ସେତେବେଳେ ୬ ଜଣ ଶ୍ରୀଲଙ୍କା ଖେଳାଳି ଏଥିରେ ଆଘାତପ୍ରାପ୍ତ ହୋଇଥିଲେ। ଏହି ଆକ୍ରମଣ ଘଟଣା ପରେ ପାକିସ୍ତାନକୁ ସେତେବେଳେ ବିଶ୍ୱରେ ବେଶ୍ ନିନ୍ଦିତ ହେବାକୁ ପଡ଼ିଥିଲା। ଏପରିକି କୌଣସି ଦଳ ପାକିସ୍ତାନ ଗସ୍ତରେ ଯିବାକୁ ରାଜି ହୋଇ ନ ଥିଲେ। ତେବେ ପ୍ରଥମଥର ଲାଗି ଶ୍ରୀଲଙ୍କା ଦଳ ପାକିସ୍ତାନ ଗସ୍ତରେ ଯିବାକୁ ରାଜି ହୋଇଛି। କିନ୍ତୁ ଲସିଥ୍ ମାଲିଙ୍ଗାଙ୍କ ସମେତ ୧୦ଜଣ ପ୍ରମୁଖ ସିଂହଳୀ କ୍ରିକେଟର୍ ସୁରକ୍ଷାଜନିତ କାରଣ ଲାଗି ପୂର୍ବରୁ ଏହି ଗସ୍ତରୁ ଓହରି ଯାଇଛନ୍ତି।

**ସିରିଜ କାର୍ଯ୍ୟସୂଚୀ**

- ପ୍ରଥମ ଦିନିକିଆ: କରାଚୀ, ସେପ୍ଟେମ୍ବର ୨୭
- ୨ୟ ଦିନିକିଆ: କରାଚୀ, ସେପ୍ଟେମ୍ବର ୨୯
- ୩ୟ ଦିନିକିଆ: କରାଚୀ, ଅକ୍ଟୋବର ୨
- ପ୍ରଥମ ଟି୨୦: ଲାହୋର, ଅକ୍ଟୋବର ୫
- ୨ୟ ଟି୨୦: ଲାହୋର, ଅକ୍ଟୋବର ୭
- ୩ୟ ଟି୨୦: ଲାହୋର, ଅକ୍ଟୋବର ୯

## ସନ୍ତୋଷ ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୧୯।୯(କ୍ରୀଡ଼ା ପ୍ରତିନିଧି)

ପଶ୍ଚିମବଙ୍ଗର କଲ୍ୟାଣୀଠାରେ ଚଳିତମାସ ୨୧ରୁ ୨୬ ପର୍ଯ୍ୟନ୍ତ ୭୪ତମ ସନ୍ତୋଷ ଟ୍ରଫି ଜାତୀୟ ସିନିୟର ପୁରୁଷ ଫୁଟ୍‌ବଲ(ପୂର୍ବାଞ୍ଚଳ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ) ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ଟୁର୍ନାମେଣ୍ଟ ପାଇଁ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ପକ୍ଷରୁ ଗୁରୁବାର ୨୦ ଜଣିଆ ଦଳ ଘୋଷଣା କରାଯାଇଛି। ଅର୍ପଣ ଲାକ୍ରାଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ବିହାର ଓ ପଶ୍ଚିମବଙ୍ଗ ସହିତ ଓଡ଼ିଶା ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛି। ଓଡ଼ିଶା ଦଳ ଏହାର ପ୍ରଥମ ମ୍ୟାଚ୍ ୨୨ ତାରିଖରେ ବିହାର ଏବଂ ପରବର୍ତ୍ତୀ ମ୍ୟାଚ୍ ୨୬ରେ ପଶ୍ଚିମବଙ୍ଗ ବିପକ୍ଷରେ ଖେଳିବ। ଓଡ଼ିଶା ଦଳ ସହ କୋଚ୍ ନିପେନ୍ଦ୍ର କୁମାର ଦାସ, ସହକାରୀ କୋଚ୍ ରାଜଶେଖର ପ୍ରଧାନ ଓ ମ୍ୟାନେଜର ଜ୍ଞାନରଞ୍ଜନ ବେହେରା କଲ୍ୟାଣୀ ଯାତ୍ରା କରିବେ।

ଓଡ଼ିଶା ଦଳ: ଫଗୁ ବାସ୍କେ, ଇଜାଜୁଦ୍ଦିନ ଖାଁ, ଶେଖ୍ ଶାହାବାଜ ଆଲାମ, ଡି. ଶ୍ରୀନାଥ, ସୁନୀଲ ମୁଣ୍ଡା, ମହମ୍ମଦ ଇମ୍‌ତିଆଜ, ଅର୍ପଣ ଲାକ୍ରା(ଅଧିନାୟକ), ରାଜୁ ବେସାର, ଅରବିନ ଲାକ୍ରା, ଅର୍ଜୁନ ନାଏକ, ରାଜେଶ ନାଏକ, ବିକି ସେଠୀ, ଚନ୍ଦ୍ର ମୁଦୁଲି, ମୁକେଶ ମିଞ୍ଜ, ବିଜୟ ଘଲାନ, ଅମର ଲାକ୍ରା, ସେକ୍ ଫରିଦ, ପ୍ରଶାନ୍ତ ଶ୍ରୀହରି, କାର୍ତ୍ତିକ ଚନ୍ଦ୍ର ଭୋଳା, ଏସ.କେ. ଗୌଶ। କୋଚ୍: ନିପେନ୍ଦ୍ର କୁମାର ଦାସ, ସହକାରୀ କୋଚ୍: ରାଜଶେଖର ପ୍ରଧାନ, ମ୍ୟାନେଜର: ଜ୍ଞାନରଞ୍ଜନ ବେହେରା।



ସନ୍ତୋଷ ଟ୍ରଫି ପାଇଁ ମନୋନୀତ ଓଡ଼ିଶା ଦଳର ଖେଳାଳିମାନେ।

## ଶ୍ରୀରାମଙ୍କୁ ଆର୍‌ସିବିର ବ୍ୟାଟିଂ, ବୋଲିଂ ଦାୟିତ୍ୱ

ନୂଆଦିଲ୍ଲୀ, ୧୯।୯(ପି.ଟି.)

ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଟ୍ରେନର ଶଙ୍କର ବସୁଙ୍କୁ ନୂଆ ଦାୟିତ୍ୱରେ ଦେଖିବାକୁ ମିଳିଛି। ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ସଂସ୍କରଣରେ ସେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଦଳର ଟ୍ରେନର ଭାବେ ଦେଖିବାକୁ ମିଳିବେ। ଆଇପିଏଲ୍‌ର ଆଗାମୀ ସିଜନ ଲାଗି ଆର୍‌ସିବି ଗୁରୁବାର ତାଙ୍କୁ ଦଳର ଟ୍ରେନର ଭାବେ ନିଯୁକ୍ତ କରିଛି। ଚଳିତ ବର୍ଷ ଆଇସିସି ଦିନିକିଆ ବିଶ୍ୱକପ୍ ଦଳରେ ସେ ଭାରତୀୟ ଦଳର ଟ୍ରେନର ରହି ସଫଳତାର ସହ କାର୍ଯ୍ୟ କରିଥିଲେ। ଭାରତୀୟ ଦଳ ସହ ୨୦୧୫ରେ ଯୋଗଦେବା ପୂର୍ବରୁ ବସୁ ବାଙ୍ଗାଲୋରର ଟ୍ରେନର ଦାୟିତ୍ୱରେ ରହିଥିଲେ। ଭାରତୀୟ କ୍ରିକେଟ୍‌ରେ ତାଙ୍କୁ ଶ୍ରେଷ୍ଠ ଟ୍ରେନର ଭାବେ ବିବେଚନା କରାଯାଏ। ବସୁଙ୍କ ବ୍ୟତୀତ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ବ୍ୟାଟିଂ କୋଚ୍ ଶ୍ରୀଧୀର ଶ୍ରୀରାମ ମଧ୍ୟ ଆର୍‌ସିବି ଦଳରେ ନିଯୁକ୍ତି ପାଇଛନ୍ତି। ସେ ଆର୍‌ସିବିର ବ୍ୟାଟିଂ ଓ ସ୍ପିନ୍ ବୋଲିଂ କୋଚ୍ ଦାୟିତ୍ୱରେ ରହିବେ। ଭାରତ ପକ୍ଷରୁ ୮ ଦିନିକିଆ ମ୍ୟାଚ୍ ଖେଳିଥିବା ଶ୍ରୀରାମ ଅଷ୍ଟ୍ରେଲିଆ ଦଳର ମଧ୍ୟ ସ୍ପିନ୍-ବୋଲିଂ କୋଚ୍ ଭାବେ କିଛିଦିନ କାର୍ଯ୍ୟ ତୁଲାଇଥିଲେ। ଅଷ୍ଟ୍ରେଲିଆର ଆଦାମ ଗ୍ରିଫିଥ୍‌ଙ୍କୁ ମଧ୍ୟ ଆର୍‌ସିବି ବୋଲିଂ କୋଚ୍ ଭାବେ ନିଯୁକ୍ତ କରିଛି। ସେହିଭଳି ଦକ୍ଷିଣ ଆଫ୍ରିକାର ଇଭାନ୍ ସ୍ପିଟଲୀଙ୍କୁ ଟିମ୍‌ର ଫିଜିଓଥେରାପିଷ୍ଟ ଦାୟିତ୍ୱ ମିଳିଛି। ଆର୍‌ସିବି ଏଥିପୂର୍ବରୁ ନ୍ୟୁଜିଲାଣ୍ଡର ପୂର୍ବତନ କୋଚ୍ ମାଇକ୍ ହେସନଙ୍କୁ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରିଛି।

# ନିର୍ବାଚନ ପୂର୍ବରୁ ଆଶୀର୍ବାଦ ଚେକ୍‌ମେଟ୍

କଟକ ଅଫିସ,୧୯।୯

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କର୍ମକର୍ତ୍ତା ନିର୍ବାଚନ ଲାଗି ଶୁକ୍ରବାର ହେଉଛି ପ୍ରାର୍ଥିପତ୍ର ଦାଖଲ ତାରିଖ। ଏହାର ଗୋଟିଏ ଦିନ ପୂର୍ବରୁ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରାଙ୍କୁ ଚେକ୍‌ମେଟ କରାଯାଇଛି । ସିବିଆଇ ହାତରେ ଧରାପଡ଼ିବା ପରେ ଆଶୀର୍ବାଦଙ୍କ ନେତୃତ୍ୱରେ ନିର୍ବାଚନୀ ରଣକୌଶଳ ପ୍ରସ୍ତୁତ କରିଥିବା ଗୋଷ୍ଠୀ ଏବେ ଚିନ୍ତାରେ। ଆଶୀର୍ବାଦ ନିର୍ବାଚନ ଲଢ଼ି ନ ଥାନ୍ତେ ସତ ହେଲେ ତାଙ୍କ ଉପସ୍ଥିତି ହିଁ ଏକ ଗୋଷ୍ଠୀ ପାଇଁ ବଳ ପାଲଟିଥିଲା। ଜାମିନ ଖାରଜ ହୋଇଥିବା ଯୋଗୁ ଆଶୀର୍ବାଦଙ୍କ ଲେଉଟାଣିକୁ ନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ। ଫଳସ୍ୱରୂପ ନିର୍ବାଚନୀ ଅଙ୍କକଷାରେ ଏବେ ବଡ଼ଧରଣର ପ୍ରଭାବ ପଡ଼ିବ ବୋଲି ଅନୁମାନ କରାଯାଉଛି ।

୨୦୧୭ ଜାନୁୟାରୀ ୪ ତାରିଖରେ ଲୋଧା କମିଟି ସୁପାରିସ କ୍ରମେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରିପ୍ରେକ୍ଷୀରେ ଆଶୀର୍ବାଦ ଓସିଏର ସମ୍ପାଦକ ପଦବୀରୁ ଗାଦିଚ୍ୟୁତ ହୋଇଥିଲେ। ଓସିଏରେ ଆଶୀର୍ବାଦଙ୍କର ଥିଲା ୧୬ ବର୍ଷର ରାଜୁତି। ୨୦୦୦ ଜୁନ୍ ୨୫ ତାରିଖରେ ଆଶୀର୍ବାଦ ଓସିଏ ସମ୍ପାଦକ ଭାବେ ପ୍ରଥମେ ଦାୟିତ୍ୱ ଗ୍ରହଣ କରିଥିଲେ। ପୂର୍ବରୁ ରାଜ୍ୟ କ୍ରୀଡ଼ା ଜଗତରେ ଜଣେ ଦକ୍ଷ ସଙ୍ଗଠକ ଭାବେ କାର୍ଯ୍ୟ ନିର୍ବାହ କରି ସେ ଓସିଏ ପାଇଁ ନିଜ ବାଟ ଫିଟାଇଥିଲେ। ଓସିଏ ଆସିବା ପୂର୍ବରୁ ରାଜ୍ୟ ଆଥ୍‌ଲେଟିକ ଆସୋସିଏଶନ ଓ ଓଡ଼ିଶା ଅଲିମ୍ପିକ ଆସୋସିଏଶନର ବିଭିନ୍ନ ପଦପଦବୀରେ ରହିଥିଲେ। ଭିନ୍ନ କାର୍ଯ୍ୟଶୈଳୀ ଯୋଗୁ ସେ କିଛିବର୍ଷ ଭିତରେ ଅପ୍ରତିଦ୍ୱନ୍ଦ୍ୱୀ ସଙ୍ଗଠକ ପାଲଟି ଯାଇଥିଲେ। ୨୦୦୪, ୨୦୦୮, ୨୦୧୨ ମସିହାରେ ଆଶୀର୍ବାଦ ଲଗାତର ଭାବେ ଓସିଏ ସମ୍ପାଦକ ପଦ ବଜାୟ ରଖିଥିଲେ। କ୍ରମାଗତ ଚାରିଥର ଓସିଏର ସମ୍ପାଦକ ହୋଇଥିବା ଆଶୀର୍ବାଦ ପଦବୀରୁ ହଟିବା ପରେ ମଧ୍ୟ ତାଙ୍କ ବିନା ଏହି କ୍ରୀଡ଼ା ସଂଘରେ କୌଣସି ନୂଆ ନିଷ୍ପତ୍ତି ହୋଇପାରୁ ନ ଥିଲା। ଅଭିଜ୍ଞତାକୁ ଦୃଷ୍ଟିରେ ରଖାଯାଇ ବିଭିନ୍ନ ବୈଠକରେ ତାଙ୍କୁ ଲୋଡ଼ାଯାଉଥିଲା। ହେଲେ ଆଗାମୀ ନିର୍ବାଚନ ପାଇଁ ସମ୍ବିଧାନ ସଂଶୋଧନ କରାଯାଉଥିବା ବେଳେ କ୍ଲବଗୁଡ଼ିକୁ ସମ୍ବିଧାନ ତାଲିକାରୁ ବାଦ୍ ଦିଆଯିବା ଘଟଣାରେ ଆଶୀର୍ବାଦଙ୍କର ବିରୋଧୀ ସୃଷ୍ଟି ହୋଇଥିଲେ। ବାଦ୍ ପଡ଼ିଥିବା କ୍ଲବର ସମ୍ପାଦକମାନେ ଆଶୀର୍ବାଦଙ୍କ ବିରୋଧରେ ଏକଜୁଟ ହୋଇଥିଲେ। ପୁନର୍ବାର କ୍ଲବଗୁଡ଼ିକୁ ଓସିଏର ସଦସ୍ୟତା ମିଳିବା ପରେ ମଧ୍ୟ ବିରୋଧୀ ଗୋଷ୍ଠୀ ଆଶୀର୍ବାଦଙ୍କ ସମର୍ଥିତ ଗୋଷ୍ଠୀ ବିପକ୍ଷରେ ନିର୍ବାଚନରେ ପ୍ରାର୍ଥୀ ଦେବାକୁ ଅଣ୍ଟାଭିଡ଼ିଥିଲେ। ଗତ ମଙ୍ଗଳବାର ଆଶୀର୍ବାଦ ପୁରୀଠାରେ ଏକ ବୈଠକ ଡାକିଥିଲେ, ଯେଉଁଥିରେ ନିର୍ବାଚନରେ ଭୋଟ ଅଧିକାର ପାଇଥିବା ୩୩ ସଦସ୍ୟ ଉପସ୍ଥିତ ଥିଲେ। ମ୍ୟାଜିକ୍ ନମ୍ବର ୩୭କୁ ଟପି ଆଶୀର୍ବାଦଙ୍କ ଗୋଷ୍ଠୀ ଆଗାମୀ ନିର୍ବାଚନରେ ବାଜିମାତ କରିବ ବୋଲି କୁହାଯାଇଥିଲା।

### ଓସିଏ ନିର୍ବାଚନ




ବିଭିନ୍ନ ସଦସ୍ୟଙ୍କୁ ନେଇ ଭିନ୍ନ ଭିନ୍ନ କ୍ଲବ ପ୍ରତିଷ୍ଠା କରିଥିବା ଆଶୀର୍ବାଦଙ୍କ ପରିଶ୍ରମ ଏବେ ପାଣିରେ ପଡ଼ିଛି ବୋଲି ଏକ ଜିଲା ସଂଘର ସମ୍ପାଦକ କହିଛନ୍ତି। ଆଶୀର୍ବାଦଙ୍କ ଅନୁପସ୍ଥିତିରୁ ଫାଇଦା ଉଠାଇବାକୁ ଚେଷ୍ଟା କରିବ ବିପକ୍ଷ ଗୋଷ୍ଠୀ। ଗେମ୍ ମାଷ୍ଟର ଆଶୀର୍ବାଦ ନ ଥିବା ଯୋଗୁ ବିଭିନ୍ନ ଅନୁବନ୍ଧିତ ୟୁନିଟ୍‌କୁ ହାତେଇ ଆଗାମୀ ନିର୍ବାଚନରେ ବିଜୟୀ ପାଇଁ ଚେଷ୍ଟା କରିବାକୁ ଏହି ଗୋଷ୍ଠୀ ଆଶା ରଖିଛି।

କେବଳ ଚିଟ୍‌ଫଣ୍ଡ ନୁହେଁ, ବିଭିନ୍ନ ଘଟଣାରେ ସିବିଆଇର ଜାଲ ଆଶୀର୍ବାଦଙ୍କୁ ଛନ୍ଦି ରଖିଥିଲା। ପୂର୍ବରୁ ବୟସ ଜାଲିଆତି ଅଭିଯୋଗ ପରେ ମଧ୍ୟ ଓସିଏରେ ସିବିଆଇ ପଶି ବିଭିନ୍ନ ଦସ୍ତାବିଜ ଜବତ କରିଥିଲା, ଯେଉଁଥିରେ ଆଶୀର୍ବାଦ ସିବିଆଇର ଦ୍ୱାରସ୍ଥ ହୋଇଥିଲେ। ଅଲିମ୍ପିକ ଆସୋସିଏଶନରେ ଜମି ଜାଲିଆତି, ବ୍ୟାପକ ଦୁର୍ନୀତି, ଅର୍ଥ ହେରଫେର ଘଟଣାରେ ମଧ୍ୟ ସିବିଆଇ ଆଶୀର୍ବାଦଙ୍କୁ ଟାର୍ଗେଟ କରିଥିଲା। ଯାହାଫଳରେ ଆଶୀର୍ବାଦ ରାଜ୍ୟ ଅଲିମ୍ପିକ ଆସୋସିଏଶନ ସମ୍ପାଦକ ପଦରୁ ହଟିଥିଲେ।

# ଶ୍ରୀଲଙ୍କା ସ୍ପିନର ଦନଞ୍ଜୟ ବାସନ୍ଦ



ଦୁବାଇ, ୧୯।୯(ପି.ଟି.)

ନିୟମ ବହିର୍ଭୂତ ବୋଲିଂ ଆକ୍ସନ ପାଇଁ ଶ୍ରୀଲଙ୍କା ଅଫ୍ ସ୍ପିନର ଆକିଲା ଦନଞ୍ଜୟଙ୍କୁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ୧୨ ମାସ ବାସନ୍ଦ କରିଛି। ତାଙ୍କ ବୋଲିଂ ଆକ୍ସନକୁ ଅନୁଧ୍ୟାନ କରାଯିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଅଗଷ୍ଟ ୧୪ରୁ ୧୮ ପର୍ଯ୍ୟନ୍ତ ଗାଲେଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ତାଙ୍କ ବୋଲିଂ ଆକ୍ସନର ବୈଧତାକୁ ନେଇ ପ୍ରଶ୍ନ ଉଠିଥିଲା। ଅଗଷ୍ଟ ୨୯ରେ ଚେନ୍ନାଇଠାରେ ବ୍ୟକ୍ତିଗତ ଭାବେ ତାଙ୍କ ବୋଲିଂ ଆକ୍ସନକୁ ଅନୁଧ୍ୟାନ କରାଯାଇଥିଲା। ଏଥିରେ ତାଙ୍କ ବୋଲିଂ ଆକ୍ସନ ଅବୈଧ ଥିବା ଜଣାପଡ଼ିଥିଲା। ଦନଞ୍ଜୟ ପ୍ରକୃତରେ ୨୦୧୮ ଡିସେମ୍ବରରେ ସସ୍‌ପେଣ୍ଡ ହୋଇଥିଲେ। ମାତ୍ର ପରେ ଏଥିରେ ପରିବର୍ତ୍ତନ ଆଣିବା ଲାଗି ପରାମର୍ଶ ଦିଆଯିବା ସହ ୨୦୧୯ ଫେବୃୟାରୀରେ ତାଙ୍କୁ ବୋଲିଂ କରିବାକୁ ଅନୁମତି ଦିଆଯାଇଥିଲା। 'ଗତ ୨ ବର୍ଷ ମଧ୍ୟରେ ଦନଞ୍ଜୟଙ୍କ ବୋଲିଂ ଆକ୍ସନକୁ ନେଇ ୨ ଥର ରିପୋର୍ଟ ହୋଇଛି। ପ୍ରଥମେ ତାଙ୍କୁ ସାମୟିକ ବାସନ୍ଦ କରାଯାଇଥିବାବେଳେ ଏବେ ସ୍ୱାଭାବିକ ଭାବେ ୧୨ ମାସ ପାଇଁ ସସ୍‌ପେଣ୍ଡ ହୋଇଛନ୍ତି'' ବୋଲି ଆଇସିସି ପକ୍ଷରୁ ପ୍ରକାଶ କରାଯାଇଛି। ଏକ ବର୍ଷ ବାସନ୍ଦ ପରେ ଦନଞ୍ଜୟ ତାଙ୍କ ବୋଲିଂ ଆକ୍ସନର ପୁନଃ ସମୀକ୍ଷା ପାଇଁ ଆଇସିସି ନିକଟରେ ଆବେଦନ କରିପାରିବେ।

### ଡ୍ର' ଅଭିମୁଖେ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ

# ମାର୍‌କ୍ରାମ, ମଲ୍‌ଡରଙ୍କ ଶତକ

ମହୀଶୂର, ୧୯।୯(ପି.ଟି.)

ଘରୋଇ ଭାରତ-ଏ ବିପକ୍ଷରେ ସ୍ଥାନୀୟ ଶ୍ରୀକାନ୍ତ ଦତ୍ତ ନରସୀମା ରାଜା ୱାଡିୟର ଗ୍ରାଉଣ୍ଡରେ ଚାଲିଥିବା ଅନ୍ତିମ ତଥା ୨ୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା-ଏ ବ୍ୟାଟିଂରେ ଦୃଢ଼ ଜବାବ ଦେଇଛି। ଭାରତ-ଏ'ର ସ୍କୋର ୪୧୭ ରନ୍ ଜବାବରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ଗୁରୁବାର ୩ୟ ଦିବସରେ ପ୍ରଥମ ଇନିଂସରେ ୪୦୦ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଛି। ଦକ୍ଷିଣ ଆଫ୍ରିକା-ଏ ପକ୍ଷରୁ ଅଧିନାୟକ ତଥା ଓପ୍‌ନର ଏଡେନ ମାର୍‌କ୍ରାମ ଓ ମଧ୍ୟକ୍ରମରେ ୱିଆନ ମଲଡର ଆକର୍ଷଣୀୟ ଶତକୀୟ ଇନିଂସ ଖେଳି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଦ୍ୱିତୀୟ ଦିବସ ଶେଷସୁଦ୍ଧା ୫ ଉଇକେଟ୍ ହରାଇ ୧୫୯ ରନ କରିଥିବା ଦକ୍ଷିଣ ଆଫ୍ରିକା-ଏ ଗୁରୁବାର ପ୍ରଭାବୀ ବ୍ୟାଟିଂ କରିଥିଲା। ବିଶେଷକରି ଅଧିନାୟକ ମାର୍‌କ୍ରାମ ଓ ମଲ୍‌ଡରଙ୍କ ଇନିଂସ ବେଶ୍ ପ୍ରଶଂସନୀୟ ରହିଥିଲା। ପୂର୍ବଦିନର ଅପରାଜିତ ସ୍କୋର ୮୩ ରନ୍‌ରୁ ବ୍ୟାଟିଂ ଆରମ୍ଭ କରିଥିବା ମାର୍‌କ୍ରାମ ୧୬୧ ରନ୍ (୨୫୩ ବଲ୍, ୨୦ ଚୌକା, ୨ ଛକା)କରି ମହମ୍ମଦ ସିରାଜଙ୍କ ଦ୍ୱାରା କ୍ଲିନ୍‌ବୋଲ୍ଡ ହୋଇଥିଲେ। ସେହିଭଳି ୨୧ ବର୍ଷୀୟ ଡାହାଣହାତୀ ବ୍ୟାଟ୍ସମ୍ୟାନ ମଲ୍‌ଡର ୧୩୧ ରନ୍ (୨୩୦ ବଲ୍, ୧୭ ଚୌକା, ୧ ଛକା)ର ଅପରାଜିତ ଇନିଂସ ଖେଳିଥିଲେ। ଉଭୟ ମାର୍‌କ୍ରାମ ଓ ମଲ୍‌ଡରଙ୍କ ମଧ୍ୟରେ ୫ମ ଉଇକେଟ୍ ଯୋଡ଼ିରେ ୧୫୫ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଭଗୀଦାରି ହୋଇଥିଲା। ଘରୋଇ ଦଳ ପକ୍ଷରୁ କୁଲଦୀପ ଯାଦବ ୪, ଶାହବାଜ ନଦୀମ ୩, ସିରାଜ ୨ ଓ ଶିବମ ଦୁବେ ଗୋଟିଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ୧୭ ରନ୍‌ର ଅଗ୍ରଣୀ ଲାଭ କରିଥିବା ରିଦ୍ଧିମାନ ଶାହଙ୍କ ନେତୃତ୍ୱାଧୀନ ଭାରତ-ଏ ଦ୍ୱିତୀୟ ଇନିଂସ ଆରମ୍ଭ କରି ଷ୍ଟମ୍ପ ଅପସାରଣ ସୁଦ୍ଧା ୬ ଓଭରରେ କୌଣସି ଉଇକେଟ୍ ନ ହରାଇ ୧୪ ରନ ସଂଗ୍ରହ କରିଛି। ଭାରତ-ଏ ଏବେ ମୋଟ୍ ଉପରେ ୩୧ ରନ୍‌ରେ ଅଗ୍ରଣୀ ରହିଛି। ଶୁକ୍ରବାର ଅନ୍ତିମ ଦିବସ ହୋଇଥିବାରୁ ମ୍ୟାଚ୍ ଡ୍ର' ରହିବା ଏକପ୍ରକାର ସ୍ପଷ୍ଟ ହୋଇଛି।



ଶତକ ହାସଲକାରୀ ଏଡେନ୍ ମାର୍‌କ୍ରାମ ଏକ ଡ୍ରାଇଭ ଶଟ୍ ଖେଳୁଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ଭାରତ-ଏ ପ୍ରଥମ ଇନିଂସ:** ୪୧୭ ଅଲ୍‌ଆଉଟ୍

**ଦକ୍ଷିଣ ଆଫ୍ରିକା-ଏ ପ୍ରଥମ ଇନିଂସ:** ୪୦୦ ଅଲ୍‌ଆଉଟ୍ (ମାର୍‌କ୍ରାମ ୧୬୧, ମଲ୍‌ଡର ୧୩୧*, ଭର୍ନନ ଫିଲାଣ୍ଡର ୨୧, କୁଲଦୀପ ୪/୧୨୧, ନଦୀମ ୩/୭୧)।

**ଭାରତ-ଏ ୨ୟ ଇନିଂସ:** ୧୪/୦, ୬ ଓଭର।

## କୋହଲି ଏକମାତ୍ର ଖେଳାଳି

ନୂଆଦିଲ୍ଲୀ,୧୯।୯: ଭାରତୀୟ ଅଧିନାୟକ ବିରାଟ କୋହଲି ନିଜ କ୍ୟାରିୟରରେ ଗୋଟିଏ ପରେ ଗୋଟିଏ ରେକର୍ଡ ଭାଙ୍ଗି ଚାଲିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ୭୨ ରନ୍‌ର ଅପରାଜିତ ଇନିଂସ ଯୋଗୁ କୋହଲିଙ୍କ ଟି୨୦ ଫର୍ମାଟରେ ଆଭରେଜ ୫୦ ଅତିକ୍ରମ କରିଛି। ଏଥିଯୋଗୁ କ୍ରିକେଟର ପ୍ରତ୍ୟେକ ଫର୍ମାଟରେ ୫୦ରୁ ଅଧିକ ଆଭରେଜରେ ରନ୍ କରୁବାରେ କୋହଲି ବିଶ୍ୱରେ ଏକମାତ୍ର ବ୍ୟାଟ୍ସମ୍ୟାନ ହୋଇପାରିଛନ୍ତି। ଏ ନେଇ ଆଇସିସି ଟୁଇଟ କରି ଜଣାଇଛି। ଟେଷ୍ଟରେ କୋହଲିଙ୍କ ଆଭରେଜ ୫୩.୧୪ ଥିବାବେଳେ ଦିନିକିଆରେ ୬୦.୩୧ ଓ ଟି୨୦ରେ ୫୦.୮୫ ହାରରେ ରନ୍ କରୁଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ୭୯ ଟେଷ୍ଟ, ୨୩୯ ଦିନିକିଆ ଓ ୭୧ ଟି୨୦ ଖେଳିଥିବା କୋହଲି ଏପର୍ଯ୍ୟନ୍ତ ଯଥାକ୍ରମେ ୬୭୪୯, ୧୧୫୨୦ ଓ ୨୪୪୧ ରନ୍ କରିସାରିଛନ୍ତି। ଏଥିପୂର୍ବରୁ ୨୦୧୭ରେ ମଧ୍ୟ ସମସ୍ତ ଫର୍ମାଟରେ ଭାରତୀୟ ଅଧିନାୟକଙ୍କ ଆଭରେଜ ୫୦ରୁ ଅଧିକ ଥିଲା।

**ଜନ୍ମଦିନ ଶୁଭେଚ୍ଛା**



**ଆରାଧ୍ୟା ମିଶ୍ର (ମିଣ୍ଟୁ)**
କାଳୁପଡ଼ାଘାଟ, ଖୋର୍ଦ୍ଧା
ତା-୨୫।୦୯।୨୦୧୪
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ
ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଶଶୀଦେବୀ ମିଶ୍ର, ବାପା, ମା, ପାପା, ମମି, ପରିବାର ବର୍ଗ ଓ ବନ୍ଧୁବାନ୍ଧବ.
ଧ-୧୪୪୦୮

**ଜନ୍ମଦିନର ଶୁଭେଚ୍ଛା**



**ପ୍ରାଂଶୁ (ସାଇ, ସୋନୁ)**
ମିଶ୍ରପଡ଼ା, ଅନୁଗୋଳ
ଜନ୍ମଦିନ ଶୁଭ ଅବସରରେ ଆମେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛାସହ:
ଜେପା, ଜେମା, ଆଈ, ବାପା, ମାମା ଓ ସାନଭାଇ ପ୍ରନୀଳ।
ଧ-୧୪୪୧୫

**ଜନ୍ମଦିନ ଶୁଭେଚ୍ଛା**



**ଶ୍ରୀଜିତା ମିଶ୍ର (ଶ୍ରୀ)**
କାଳୁପଡ଼ାଘାଟ, ଖୋର୍ଦ୍ଧା
ତା-୨୦।୧୦।୨୦୦୯
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ
ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଶଶୀଦେବୀ ମିଶ୍ର, ବାପା, ମା, ପାପା, ମମି, ପରିବାର ବର୍ଗ ଓ ବନ୍ଧୁବାନ୍ଧବ.
ଧ-୧୪୪୦୭

### ବିଶ୍ୱ ଭାରୋତ୍ତୋଳନ ଚାମ୍ପିୟନଶିପ୍

# ୨୦୦ କିଗ୍ରା ଭାର ଉଠାଇଲେ ମୀରାବାଈ

ପଟୟା, ୧୯।୯ (ପି.ଟି.)


ଭାରୋତ୍ତୋଳନ ଅବସରରେ ମୀରାବାଈ ଚାନୁ।

ପୂର୍ବତନ ଚାମ୍ପିୟନ ତଥା ଷ୍ଟାର୍ ଭାରୋତ୍ତୋଳିକା ମୀରାବାଈ ଚାନୁ (୪୯ କିଗ୍ରା) ତାଙ୍କ ଜାତୀୟ ରେକର୍ଡ ପ୍ରଦର୍ଶନଠାରୁ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଥାଇଲାଣ୍ଡର ପଟୟାଠାରେ ଚାଲିଥିବା ବିଶ୍ୱ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ପୋଡିୟମ ଫିନିଶ୍ କରିବାରେ ବିଫଳ ହୋଇଛନ୍ତି। ମହିଳା ୪୯ କିଗ୍ରା ବିଭାଗରେ ମୀରାବାଈ ଗୁରୁବାର ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରି ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ୨୫ ବର୍ଷୀୟା ଏହି ମଣିପୁର ଭାରୋତ୍ତୋଳିକା ସ୍ନାଚ୍‌ରେ ୮୭ କିଗ୍ରା ଭାର ଉଠାଇଥିଲେ। ସେହିଭଳି କ୍ଲିନ୍ ଆଣ୍ଡ ଜର୍କ ବିଭାଗରେ ୧୧୪ କିଗ୍ରା ଉଠାଇଥିଲେ। ଫଳରେ ମୋଟ୍ ଉପରେ ମୀରାବାଈ ୨୦୧ କିଗ୍ରା ଭାର ଉଠାଇବାରେ ସଫଳ ହୋଇଥିଲେ। ପୂର୍ବରୁ ସେ ୧୯୯ କିଗ୍ରା ଭାର ଉଠାଇ ଜାତୀୟ ରେକର୍ଡର ଅଧିକାରିଣୀ ରହିଥିଲେ। ଗତ ଏପ୍ରିଲରେ ଚାଇନାରେ ଅନୁଷ୍ଠିତ ଏସିଆନ୍ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ସେ ଏହି ୧୯୯ (୮୮+୧୧୧) କିଗ୍ରା ଭାର ଉଠାଇଥିଲେ। ଚାଇନାର ଜିଆଙ୍ଗ ହୁଇହୁଆ ୨୧୨ (୯୪+୧୧୮) କିଗ୍ରା ଭାର ଉଠାଇ ଏହି ଓଜନ ବର୍ଗରେ ନୂତନ ବିଶ୍ୱ ରେକର୍ଡ ସୃଷ୍ଟି କରିବା ସହ ସ୍ୱର୍ଣ୍ଣ ପଦକ ଅକ୍ତିଆର କରିଥିଲେ। ପୂର୍ବରୁ ଚାଇନାର ହୋଉ ଝିଉହି (୨୧୦ କିଗ୍ରା)ଙ୍କ ନାମରେ ବିଶ୍ୱ ରେକର୍ଡ ରହିଥିଲା।

## ଗ୍ରୁପ୍ 'ଡି'ରେ ସ୍ନେହା ଦ୍ୱିତୀୟ

ମହିଳା ୫୫ କେଜି ବର୍ଗରେ ଭାରୋତ୍ତୋଳନ କରିଥିବା ଓଡ଼ିଶାର ସ୍ନେହା ସୋରେନ ଗ୍ରୁପ୍ 'ଡି'ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ୧୮ ବର୍ଷୀୟା ସ୍ନେହା ମୋଟ ୧୭୩ କେଜି(୭୨ କେଜି + ୧୦୧ କେଜି) ଭାରୋତ୍ତୋଳନ କରି ୮ ପ୍ରତିଯୋଗୀ ବିଶିଷ୍ଟ ଗ୍ରୁପରେ ୨ୟ ସ୍ଥାନରେ ରହିଥିଲେ। ସ୍ନାଚ୍‌ରେ ସେ ୭୨ କେଜି ଭାର ଉଠାଇ ୫ମ ସ୍ଥାନ ପାଇଥିଲେ। ମାତ୍ର ସେ କ୍ଲିନ୍ ଆଣ୍ଡ ଜର୍କରେ ୧୦୧ କେଜି ଭାରୋତ୍ତୋଳନ କରି ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଦେଇଥିଲେ। ଗ୍ରୁପ 'ଏ'ର ପ୍ରତିଯୋଗିତା ପରେ ଓଭରଅଲ୍ ଷ୍ଟାଣ୍ଡିଂରେ ସ୍ନେହା କେଉଁ ସ୍ଥାନରେ ରହିବେ ତାହା ସ୍ପଷ୍ଟ ହେବ।

# ନିରାଶ କଲେ ଝିଲ୍ଲୀ ଦଳବେହେରା

ପଟୟା, ୧୯।୯ (ପି.ଟି.)

ଥାଇଲାଣ୍ଡର ପଟୟା ସହରରେ ବୁଧବାରଠାରୁ ଆରମ୍ଭ ହୋଇଥିବା ବିଶ୍ୱ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଆ ଝିଅ ଝିଲ୍ଲୀ ଦଳବେହେରା ନିରାଶ କରିଛନ୍ତି। ମହିଳା ୪୫ କିଗ୍ରା ବିଭାଗର ସ୍ନାଚ ସେକ୍ସନରେ ଝିଲ୍ଲୀ ଗୋଟିଏଥର ମଧ୍ୟ ସଫଳତାର ସହ ଭାର ଉଠାଇ ପାରି ନ ଥିଲେ। ନନ୍-ଅଲିମ୍ପିକ କାଟେଗୋରିରେ ଅଂଶଗ୍ରହଣ କରିଥିବା ୨୦ ବର୍ଷୀୟା ଖୋର୍ଦ୍ଧା ଝିଅ ଝିଲ୍ଲୀ ସ୍ନାଚର ୩ଟି ଯାକ ପ୍ରୟାସରେ ୬୮ କିଗ୍ରା ଭାରକୁ ଉଠାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। ଫଳରେ ସେ ଭାରୋତ୍ତୋଳନର ଏହି ସର୍ବୋଚ୍ଚ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଏସିଆନ ଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜୟିନୀ ଝିଲ୍ଲୀ ଏଥିପୂର୍ବରୁ କ୍ଲିନ୍ ଆଣ୍ଡ୍ ଜର୍କ ଇଭେଣ୍ଟର ପ୍ରଥମ ପ୍ରୟାସରେ ୮୮ କିଗ୍ରା ଭାର ଉଠାଇଥିଲେ। କିନ୍ତୁ ଏହାପରେ ୨ୟ ଓ ୩ୟ ପ୍ରୟାସରେ ଯଥାକ୍ରମେ ୯୨ ଓ ୯୩ କିଗ୍ରା ଭାରକୁ ଉଠାଇବାରେ ବିଫଳ ହୋଇଥିଲେ। ଫଳରେ ସେ ମୋଟ୍ ଉପରେ ଏହି ଓଜନ ବର୍ଗରେ ୮୮ କିଗ୍ରା (୦ କିଗ୍ରା+୮୮ କିଗ୍ରା) ଭାର ଉତ୍ତୋଳନ କରିପାରିଛନ୍ତି।

# ସିନ୍ଧୁ ହାରିଲେ

ଚାଙ୍ଗ୍‌ଝୋ(ଚାଇନା),୧୯।୯




ନୂଆକରି ବିଶ୍ୱ ଚାମ୍ପିୟନ ଟାଇଟଲ ହାସଲ କରିଥିବା ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ପିଭି ସିନ୍ଧୁ ଏଠାରେ ଚାଲିଥିବା ଚାଇନା ଓପନ ସୁପର ୧୦୦୦ ଟୁର୍ନାମେଣ୍ଟର ପ୍ରିକ୍ୱାର୍ଟର ଫାଇନାଲରୁ ପରାଜୟ ସହ ବିଦାୟ ନେଇଛନ୍ତି। ଗୁରୁବାର ଖେଳାଯାଇଥିବା ୩ ଗେମ୍ ବିଶିଷ୍ଟ ମ୍ୟାଚ୍‌ରେ ସିନ୍ଧୁ ଥାଇଲାଣ୍ଡର ପର୍ନପାୱି ଚୋଚୁୱଙ୍ଗଙ୍କଠାରୁ ହରିଯାଇଛନ୍ତି। ଅଲିମ୍ପିକ୍ ରୌପ୍ୟ ପଦକ ବିଜେତା ପ୍ରଥମ ଗେମ୍‌କୁ ୨୧-୧୨ ବ୍ୟବଧାନରେ ଜିତି ଥିବାବେଳେ ଦ୍ୱିତୀୟ ଗେମ୍ ୧୩-୨୧ ପରାସ୍ତ ହୋଇଥିଲେ। ତୃତୀୟ ଗେମ୍‌ରେ ଦୁଇ ଖେଳାଳିଙ୍କ ମଧ୍ୟରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ହେଲେ ଥାଇଲାଣ୍ଡ ଖେଳାଳି ୨୧-୧୯ ପଏଣ୍ଟରେ ଗେମ୍ ସହ ମ୍ୟାଚ୍ ଜିତି ନେଇଥିଲେ। ସେହିଭଳି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ପୁରୁଷ ଡବଲ୍ସ ଯୋଡ଼ିକୁ ମଧ୍ୟ ସମାନ ଫଳାଫଳର ସାମ୍ନା କରିବାକୁ ପଡ଼ିଛି। ରାଙ୍କିରେଡ୍ଡୀ-ଚିରାଗଙ୍କ ଯୋଡ଼ିକୁ ଜାପାନର ତାକାହାଶି ମାକୁରା ଓ କେଇଗୋ ସେନୋଡା ୧୯-୨୧, ୮-୨୧ ଗେମ୍‌ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ମିକ୍ସଡ୍ ଡବଲ୍ସ ବର୍ଗରେ ସାତ୍ତ୍ୱିକ ଓ ଅଶ୍ୱିନୀ ପୋନାପ୍ପାଙ୍କ ଯୋଡ଼ି ୭ମ ର୍ୟାଙ୍କ ଇଣ୍ଡୋନେସିଆର ପ୍ରବୀଣ ଜୋର୍ଡାନ ଓ ମେଲାଟି ଦେବା ଓକ୍ତାଭିଆଣ୍ଟିଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି।

# ସୁନ୍ଦରଗଡ଼ ସାଇ ଜିତିଲା ନାଲ୍‌କୋ କପ୍ ହକି



ଅତିଥିଙ୍କ ଗହଣରେ ନାଲ୍‌କୋ କପ୍ ହକି ଚାମ୍ପିୟନ ସୁନ୍ଦରଗଡ଼ ସାଇ ଦଳର ଖେଳାଳି।

କଟକ ଅଫିସ,୧୯।୯

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୧୭ତମ ନାଲ୍‌କୋ କପ୍ ରାଜ୍ୟ ହକି ଚାମ୍ପିୟନଶିପ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସୁନ୍ଦରଗଡ଼ ସାଇ ହଷ୍ଟେଲ ଓ ପୂର୍ବତଟ ରେଲୱେ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ସାଇ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ପ୍ରଥମ ଦୁଇଟିଯାକ କ୍ୱାର୍ଟର ଗୋଲଶୂନ୍ୟ ରହିବା ପରେ ୩ୟ କ୍ୱାର୍ଟରରେ ସେଲଭିଷ୍ଟାର ବାର୍ଲାଙ୍କ ନେତୃତ୍ୱାଧୀନ ସୁନ୍ଦରଗଡ଼ ସାଇ ହଷ୍ଟେଲ ଏକ ଗୋଲ ସ୍କୋର କରିଥିଲା। ୪୩ତମ ମିନିଟ୍‌ରେ ଅମିତ ରୋଶନ ଲାକ୍ରା ଉକ୍ତ ଗୋଲ ଦେଇଥିଲେ। ୪ର୍ଥ କ୍ୱାର୍ଟର ଗୋଲଶୂନ୍ୟ ରହିବା ଫଳରେ ଚାମ୍ପିୟନ ଟାଇଟଲ ସୁନ୍ଦରଗଡ଼ ସାଇ ହଷ୍ଟେଲ ଦଳକୁ ଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ନାଲ୍‌କୋର ଉତ୍ପାଦକ ନିର୍ଦ୍ଦେଶକ ଭି. ସୁବ୍ରମଣ୍ୟମ, ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ, ସିଏମ୍‌ସି କମିଶନର ଅନନ୍ୟା ଦାସ ଅତିଥି ଭାବେ ଯୋଗଦେଇଥିଲେ। ହକି ଓଡ଼ିଶା ସଭାପତି ଜଷ୍ଟିସ୍ ଏ.ଏସ୍. ନାଇଡୁ, ସମ୍ପାଦକ ପ୍ରତାପ ଶତପଥୀ, ଯୁଗ୍ମସମ୍ପାଦକ ପ୍ରଣବ ପଟ୍ଟନାୟକ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଅମ୍ପାୟର ବିଶ୍ୱରଞ୍ଜନ ଷଡ଼ଙ୍ଗୀ, ନିଶାନ ଜ୍ୟୋତି ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ସୁଜିତ କୁମାର ମଲ୍ଲିକ, ରାଜେଶ ଗୁପ୍ତା, ସନ୍ତୋଷ ସାହୁ, ନିରଞ୍ଜନ ଗୌଡ଼ ମ୍ୟାଚ୍ ପରିଚାଳନାରେ ସହାୟତା କରିଥିଲେ।

## ମନେ ପଡ଼ନ୍ତି

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା କିରଣବାଳା ବେହେରା**
ବାଇପାସ, ଭଦ୍ରକ ଆର.ସି. ବେହେରା ମେନ୍‌ସନ୍
ଆବିର୍ଭାବ: ୧୯।୦୪।୧୯୭୫
ତିରୋଧାନ: ୦୩।୧୦।୨୦୧୫
ଚାହୁଁ ଚାହୁଁ ୪ବର୍ଷ ବିତିଗଲା। "ମାମା" ଆମ୍ଭମାନଙ୍କୁ ବାପାଙ୍କ ଦାୟିତ୍ୱରେ ଛାଡ଼ି ଚାଲିଗଲ କେଉଁ ଅଜଣା ରାଇଜକୁ। ତୁମେ ଯେଉଁଠି ଥାଅନା କାହିଁକି ତୁମ ହୃଦୟର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦରୁ ଆମକୁ ବଞ୍ଚିତ କରିବ ନାହିଁ। ତୁମ ଆତ୍ମାର ସଦ୍‌ଗତି ହେଉ, ଆଜିର ଷଷ୍ଠି ତିଥିରେ ଏହାହିଁ ଆମ୍ଭମାନଙ୍କର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁଅ: ସୁମନ, ଝିଅ: ସ୍ନେହା, ହତଭାଗା ସ୍ୱାମୀ
ଧ-୧୪୪୧୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଅଭୟ କୁମାର ପ୍ରଧାନ**
ଚେୟାରମ୍ୟାନ, DAV ପବ୍ଲିକ ସ୍କୁଲ, ନୟାଗଡ଼
ଆବିର୍ଭାବ: ୦୫।୦୪।୧୯୭୦
ତିରୋଧାନ: ୧୦।୦୯।୨୦୧୯
ତୋର ଅଭାବରେ ଝୁରି ହେଉଛି ସାରା ପରିବାର। ଆଜି ଏକାଦଶାହରେ ପରିବାର ଓ ବନ୍ଧୁବର୍ଗ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଆତ୍ମାର ସଦ୍‌ଗତି ହେଉ।
ଶୋକସନ୍ତପ୍ତ:
ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୧୪୪୧୩

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ବୁଦ୍ଧ ଦେବ୍ ପଣ୍ଡା**
ଆବିର୍ଭାବ: ୦୪।୦୪।୧୯୫୨
ତିରୋଧାନ: ୩୦।୦୯।୨୦୧୮
ତୁମର ଆଦର୍ଶ ଆମ ଚଲାପଥରେ ସହାୟକ ହେଉ, ତୁମର ଶାଶ୍ୱତ ଆତ୍ମା ଚିରଶାନ୍ତି ଲାଭ କରୁ, ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ତ୍ରୀ: ବିଦେଶିନୀ ପଣ୍ଡା, ବଡ ପୁଅ: ପରିମଳ ପଣ୍ଡା, ଦ୍ୱିତୀୟ ପୁଅ: ରାଜୁ କିଶୋର ପଣ୍ଡା, ସାନ ପୁଅ: ବୀର କିଶୋର ପଣ୍ଡା, ବଡବୋହୂ: ଶମିତା ପଣ୍ଡା, ଦ୍ୱିତୀୟ ବୋହୂ: ଶୁଭ ସନ୍ଧ୍ୟା ରାଜଗୁରୁ, ସାନ ବୋହୂ: ସମୀକ୍ଷା ରଥ
ଧ-୧୪୪୧୮

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶୁକ୍ରବାର, ସେପ୍ଟେମ୍ବର ୨୦/୨୦୧୯ Berhampur, Friday, September 20/ 2019

ଧରାକୋଟ : ଭିତ୍ତିଭୂମି ନାହିଁ, ଜରାଜୀର୍ଣ୍ଣ ସ୍ଥିତିରେ ଗୋଦାମଗୃହ

# ଗଳୁଛି ପାଣି: ସାର, ବିହନ ନଷ୍ଟ

ଧରାକୋଟ,୧୯।୯(ଡି.ଏନ.ଏ.)

କୃଷକର ଆର୍ଥିକ ମାନଦଣ୍ଡ ବୃଦ୍ଧିରେ ସେବା ସମବାୟ ସମିତିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ହେଲେ ଦୀର୍ଘଦିନରୁ ସମବାୟ ସମିତି ଓ ଗ୍ରେନ୍‌ଗୋଲା(ସମବାୟ ମଣ୍ଡି)ରାଜ୍ୟପାଳଙ୍କ ଅନୁମୋଦନରେ କାର୍ଯ୍ୟ କରୁଥିଲେ ମଧ୍ୟ ଏମାନଙ୍କର ନିଜସ୍ୱ ଭିତ୍ତିଭୂମି ନାହିଁ। ସମ୍ପ୍ରତି ଆସିକା କେନ୍ଦ୍ରୀୟ ସମବାୟ ସମିତି ଧରାକୋଟ ଶାଖାର ନିଜସ୍ୱ ଗୃହ ନାହିଁ । ଏହା ଅଧୀନସ୍ଥ ୧୫ ସମବାୟ ସମିତି ମଧ୍ୟରୁ କେବଳ ଧବଳେଶ୍ୱର ସମବାୟ ସମିତି ପାଇଁ ରାଜସ୍ୱ ବିଭାଗ ସ୍ଥାନ ନିରୂପଣ କରି ଗୃହ ନିର୍ମାଣ ନିମନ୍ତେ ସ୍ଥାୟୀ ପଟ୍ଟା ପାଇଁ ଭଞ୍ଜନଗର ଉପଜିଲାପାଳଙ୍କ ନିକଟକୁ ପଠାଯାଇଛି। ଧରାକୋଟ, ମୁଣ୍ଡମରାଇ, ଢ଼ଉଗାଁ, ଆର. ଦାମୋଦରପଲ୍ଲୀ, ବରଡ଼ାବାଲି, ହରିପୁର, ରୁଗୁମୁ, ବାହାରପୁର, ମାଣିକ୍ୟପୁର, ବଳରାମପୁର, ଜଗମୋହନ, ଝରପାରି, ଜାହାଡ଼ା ଓ କଳାସୂତା ସମବାୟ ସମିତିର ନିଜସ୍ୱ ଗୃହ ପାଇଁ ଧରାକୋଟ ତହସିଲରେ ଆବେଦନ କରାଯାଇଥିଲେ ମଧ୍ୟ କିଛି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଭିତ୍ତିଭୂମି ଅଭାବରୁ ସମବାୟ ସମିତିର ନିଜସ୍ୱ ଗୃହ ସହ ଗୋଦାମ ଘର ମଧ୍ୟ ନାହିଁ । ରବି ଓ ଖରିଫ ଋତୁରେ ସମିତି ତରଫରୁ ଚାଷୀଙ୍କୁ ସାର, ବିହନ ଯୋଗାଇ ଦେବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି । କିନ୍ତୁ ସ୍ଥାୟୀ ଗୋଦାମ ଗୃହ ନ ଥିବାରୁ ଯେଉଁ ଅସ୍ଥାୟୀ ଘରେ ଏ ସବୁ ରଖାଯାଉଛି ସେଠାରେ ବର୍ଷା ପାଣି ପଶି ସାର ଓ ବିହନ ନଷ୍ଟ ହେଉଛି। ଦୀର୍ଘଦିନରୁ ନିର୍ମାଣ ହୋଇଥିବା କାର୍ଯ୍ୟାଳୟ ଓ ଗୋଦାମ ଗୃହ ଜରାଜୀର୍ଣ୍ଣ ସ୍ଥିତିରେ ପହଞ୍ଚିଛି । ଏହି ବିପଦ ସଙ୍କୁଳ ପରିସ୍ଥିତିରେ କର୍ମଚାରୀ ଓ ଚାଷୀମାନେ ବାଧ୍ୟହୋଇ ଏହାର ବ୍ୟବହାର କରୁଛନ୍ତି । ଏ ସମ୍ପର୍କରେ ସମବାୟ ବ୍ୟାଙ୍କ ଶାଖା ପରିଚାଳକ କହିଛନ୍ତି, ଆବେଦନ କରିଥିଲେ ମଧ୍ୟ ସ୍ଥାୟୀ ପଟ୍ଟା ନ ଥିବାରୁ ମଞ୍ଜୁର ଅନୁଦାନ ବିନିଯୋଗ ହୋଇପାରୁନାହିଁ । ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି ।



ବିପଦସଙ୍କୁଳ ଅବସ୍ଥାରେ ସମବାୟ ସମିତି କାର୍ଯ୍ୟାଳୟ ଓ ଗୋଦାମ ଗୃହ ।

# ଆଇସ୍‌କ୍ରିମ ବିକିଲେ ବୁଲି ବୁଲି

ସରକାରୀ ସହାୟତାରୁ ବଞ୍ଚିତ ଦିବ୍ୟାଙ୍ଗ ସୀମାଞ୍ଚଳ

କୋଦଳା,୧୯।୯(ଡି.ଏନ.ଏ.)

ଦିବ୍ୟାଙ୍ଗଙ୍କ ପାଇଁ ସରକାର ବହୁ ଯୋଜନା କରି ମୁଖ୍ୟସ୍ରୋତରେ ସାମିଲ କରିବାକୁ ଉଦ୍ୟମ ଚଳାଇଛନ୍ତି। ମାତ୍ର ଏବେ ବି ବହୁ ଦିବ୍ୟାଙ୍ଗ ସରକାରୀ ସହାୟତା ନପାଇ ହୀନସ୍ତା ହେଉଛନ୍ତି। ଏଭଳି ଦେଖିବାକୁ ମିଳିଛି ଗଞ୍ଜାମ ଜିଲା କୋଦଳା ଭାଇଗାସାହି ବାସିନ୍ଦା ସୀମାଞ୍ଚଳ ମୁଦୁଲି (୪୫)ଙ୍କ କ୍ଷେତ୍ରରେ। ସୀମାଞ୍ଚଳଙ୍କ ନିଜ ଗ୍ରାମ ଖଲ୍ଲିକୋଟ ବ୍ଲକ ବେଢଛେଲୁ ଗ୍ରାମର କୁମ୍ଭାର ସାହି। ପିଲାବେଳୁ ଦୁଇ ଗୋଡ଼ ଅଚଳ ହୋଇ ପଡିଥିଲା। ପରିବାର ଲୋକେ ଦଶବର୍ଷ ତଳେ ସୀମାଞ୍ଚଳଙ୍କୁ କୋଦଳା ଭାଇଗାସାହି ପଞ୍ଚୁ ମୁଦୁଲିଙ୍କ ଝିଅ ସହିତ ବିବାହ କରିଥିଲେ। ସୀମାଞ୍ଚଳଙ୍କ ଗୋଡ ଅଚଳ ଯୋଗୁ ସେ କାମଧନ୍ଦା କରି ପାରୁ ନ ଥିଲେ। ବିବାହର କିଛିମାସପରେ ପରିବାର ଲୋକେ ସୀମାଞ୍ଚଳ ଓ ତାଙ୍କ ପତ୍ନୀଙ୍କୁ ଭରଣପୋଷଣରେ ଅସମର୍ଥ ଅନୁଭବ କରି ଘରୁ ତଡି ଦେଇଥିଲେ। ଏପରିକି ପୈତୃକ ସମ୍ପତ୍ତିରୁ କିଛି ଭାଗ ମଧ୍ୟ ଦେଇ ନ ଥିଲେ। ସୀମାଞ୍ଚଳ ସ୍ତ୍ରୀଙ୍କୁ ଧରି ଶଶୁର ଘର ଗାଁ ଭାଇଗାସାହିକୁ ଚାଲି ଆସିଥିଲେ। ଏଠାରେ ସେ ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପରିବାର ସହ ଭଡାଘରେ ରହୁଛନ୍ତି। ଏବେ ତାଙ୍କର ଏକ ୬ ବର୍ଷର ଶିଶୁକନ୍ୟା ଅଛି। ପରିବାର ଚଳାଇବାକୁ ସୀମାଞ୍ଚଳ ଏକ ଦଦରା ତିନିଚକିଆ ସାଇକେଲରେ ଦିନକୁ କୋଡିଏରୁ ୩୦ କିମି ଯାଇ ଗାଁ ଗାଁ ବୁଲି ଆଇସ୍‌କ୍ରିମ ଓ ବମ୍ବେଲଡୁ ଆଦି ବିକ୍ରି କରୁଛନ୍ତି। ଯାହା ରୋଜଗାର ହେଉଛି ସେଥିରେ ବହୁ କଷ୍ଟରେ ପରିବାର ଚଳୁଛି। ଏଭଳି ପରିସ୍ଥିତିରେ ତାଙ୍କୁ ମାସେ ହେଲା ରାଶନକାର୍ଡ ଟିଏ ମିଳିଛି। ମାତ୍ର ଦିବ୍ୟାଙ୍ଗ ପ୍ରମାଣପତ୍ର, ଆବାସ ଯୋଜନାରେ ଘର ଖଣ୍ଡେ ମିଳିନାହିଁ ବୋଲି ଦୁଃଖର ସହ କୁହନ୍ତି ସୀମାଞ୍ଚଳ। ସ୍ଥାନୀୟ ପ୍ରଶାସନ, ଜନପ୍ରତିନିଧି ଓ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି।



ବ୍ୟବସାୟ ପାଇଁ ତିନିଚକିଆ ସାଇକେଲରେ ଯାଉଛନ୍ତି ସୀମାଞ୍ଚଳ।

# ନିର୍ମାଣାଧୀନ ପ୍ରକଳ୍ପ ଦେଖିଲେ ଉପଜିଲାପାଳ

ଗଞ୍ଜାମ,୧୯।୯(ଡି.ଏନ.ଏ.)

ଛତ୍ରପୁର ଉପ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ଗୁରୁବାର ଗଞ୍ଜାମ ଏନ୍‌ଏସିରେ ଚାଲିଥିବା ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ । ପ୍ରଥମେ ୪ନଂ. ୱାର୍ଡ ଗୋପୀନାଥ ମନ୍ଦିର ୱାଲ, ୬ ନଂ. ୱାର୍ଡ କଲ୍ୟାଣୀ ମଣ୍ଡପ ଓ କମ୍ୟୁନିଟି ହଲ, ୨ ନଂ. ୱାର୍ଡ କମ୍ୟୁନିଟି ହଲ, ୩ ନଂ. ୱାର୍ଡ ଦୁର୍ଗାଦେବୀ ସାହି ଡ୍ରେନ, ବାଲିସାହି କମ୍ୟୁନିଟି ହଲ, ୩ ନଂ. ୱାର୍ଡ ବଜାର ଗୌଡ଼ ସାହି କମ୍ୟୁନିଟି ହଲ ଏବଂ ପୁଇଁତୋଳା ସାଂସ୍କୃତିକ ହଲ ପରିଦର୍ଶନ କରିଥିଲେ। ସେଥିରୁ ୫ ପ୍ରକଳ୍ପର ବିଲ ମଞ୍ଜୁର କରିଥିବା ବେଳେ ଅନ୍ୟ ପ୍ରକଳ୍ପଗୁଡ଼ିକର ବୋର୍ଡ ଲେଖାଯିବା ପରେ ମଞ୍ଜୁର କରାଯିବ ବୋଲି ଉପଜିଲାପାଳ କହିଥିବା ଏନ୍‌ଏସି ଆକାଉଣ୍ଟାଣ୍ଟ ହରଜିତ ସାଥୁଆ ସୂଚନା ଦେଇଛନ୍ତି। ଉପଜିଲାପାଳ ପ୍ରକଳ୍ପ ଅନୁଧ୍ୟାନ ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ କୁମାର ଟୁଡ୍ଡୁ, କିରାଣି ଲକ୍ଷ୍ମୀ ପାଢ଼ୀ, ମିଲନ ମୋହନ ମୁର୍ମୁ ଓ ଟୁଟୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରେ ଉପଜିଲାପାଳ ପୃଷ୍ଟି ହୁମ୍ମା ଏସଏସଡି ହାଇସ୍କୁଲ ଯାଇ ପିଲାଙ୍କୁ ପାଠ ପଢ଼ାଇଥିଲେ ।

# ଧୂପକାଠି ଫ୍ୟାକ୍ଟ୍ରି ନାଁରେ ୩ ଲକ୍ଷ ଠକେଇ

ଦିଗପହଣ୍ଡି,୧୯।୯(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ବମକେଇ ଗାଁରେ ଧୂପକାଠି ଫ୍ୟାକ୍ଟ୍ରି ପ୍ରତିଷ୍ଠା କରାଇ ଦେବା ନାଁରେ ଜଗନ୍ନାଥ ପ୍ରଧାନଙ୍କଠାରୁ ବ୍ରହ୍ମପୁର ସହରର ଜଣେ ବ୍ୟକ୍ତି ପ୍ରାୟ ୩ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ବମକେଇ ଗାଁର ଜଗନ୍ନାଥ ଏନେଇ କେ.ନୂଆଗାଁ ଥାନାରେ ଏତଲା ଦେବା ପରେ ଆଇଆଇସି ମାଧବାନନ୍ଦ ନାୟକ ଘଟଣାର ତଦନ୍ତ କରି ମାମଲା ନଂ.୧୭୮/୧୯ ଦଫା ୪୨୦/୪୦୬ ଅନୁଯାୟୀ ଅଭିଯୁକ୍ତଙ୍କ ନାଁରେ ମକଦ୍ଦମା ରୁଜୁ କରିଛନ୍ତି। ଗତ ପ୍ରାୟ ୨ ବର୍ଷ ପୂର୍ବେ ଜଗନ୍ନାଥ ଓ ତାଙ୍କ ଅନ୍ୟ ଜଣେ ସାଙ୍ଗଙ୍କ ସରଳତାର ସୁଯୋଗ ନେଇ ବ୍ରହ୍ମପୁରର ଜଣେ ବ୍ୟକ୍ତି ଧୂପକାଠି ମେଶିନ ପ୍ରଭୃତି ସାମଗ୍ରୀ ବାବଦକୁ ପ୍ରାୟ ୩ ଲକ୍ଷ ଟଙ୍କା ଠକି ନେଇଥିଲେ। କିଛିଦିନ ପରେ ମେଶିନ ଖରାପ ହୋଇଯାଇଥିଲା। ଜଗନ୍ନାଥ ଏନେଇ ତାଙ୍କ ସହ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ସେ ଆଉ ତାଙ୍କୁ ଧରାଛୁଆଁ ଦେଉ ନ ଥିଲେ। ପରେ ଅର୍ଥ ଫେରସ୍ତ ମାଗିବାରୁ ସେ ତାଙ୍କୁ ଧମକ ଦେଉଥିବା ଏତଲାରେ ଉଲ୍ଲେଖ ରହିଛି।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ